# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୮/୨୦୨୫ (୧୬ ପୃଷ୍ଠା) Bhubaneswar, Friday, February 28/2025 Page 16 ₹ 7.00

୫୧ଶ ଭାଗ ୯୬ ସଂଖ୍ୟା VOLUME 51 ISSUE 96 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul


# ଉତ୍ତମ ଅଭିନୟର ଅବସାନ

## ଉତ୍ତମ ମହାନ୍ତି ଥିଲେ ଓଡ଼ିଆ ସିନେ ଜଗତର ଧ୍ରୁବତାରା : ମୁଖ୍ୟମନ୍ତ୍ରୀ



୨୩ ଡିସେମ୍ବର ୧୯୫୮ - ୨୭ ଫେବୃଆରୀ ୨୦୨୫

**ଗୁରୁଗ୍ରାମ(ଏଜେନ୍ସି),୨୭।୨**

ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ୬୬ ବର୍ଷୀୟ ଉତ୍ତମ କିଛିଦିନ ହେଲା ଲିଭର ସିରୋସିସ୍ ରୋଗରେ ପୀଡ଼ିତ ହୋଇ ହରିୟାଣାର ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ କେବଳ ଓଲିଉଡ୍ ନୁହେଁ, ଓଡ଼ିଶା ତଥା ଦେଶର ମନୋରଞ୍ଜନ ଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଉତ୍ତମ ମହାନ୍ତିଙ୍କୁ ଓଡ଼ିଆ ସିନେ ଜଗତର ଧ୍ରୁବତାରା ଭାବେ ଅଭିହିତ କରିଛନ୍ତି। ଉତ୍ତମଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ଏହି ଖବର ପ୍ରକାଶିତ ହେବା ପରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଉତ୍ତମଙ୍କ ଅଗଣିତ ପ୍ରଶଂସକ ତାଙ୍କ ମହାନ୍ ବ୍ୟକ୍ତିତ୍ୱକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାରେ ଲାଗିଛନ୍ତି।

୧୯୫୮ ଡିସେମ୍ବର ୨୩ରେ ବାରିପଦାରେ ଉତ୍ତମ ମହାନ୍ତିଙ୍କ ଜନ୍ମ। ବାରିପଦାର ଏମ୍‌କେସି ହାଇସ୍କୁଲରେ ସେ ମାଟ୍ରିକ ପଢ଼ା ଶେଷକରି ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଇଣ୍ଟରମିଡିଏଟ୍ ଓ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପାଠପଢ଼ା ବେଳୁ ଅଭିନୟ ପ୍ରତି ଉତ୍ତମଙ୍କର ଅହେତୁକ ଦୁର୍ବଳତା ପରବର୍ତ୍ତୀ ସମୟରେ ତାଙ୍କୁ ମନୋରଞ୍ଜନ ଦୁନିଆରେ ପ୍ରତ୍ୟକ୍ଷ ଅଭିନୟ ପାଇଁ ଟାଣିନେଇଥିଲା। ତେବେ ଉତ୍ତମ ସ୍ନାତକ ଶିକ୍ଷା ପରେ ଚାର୍ଟାର୍ଡ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଯାଇଥିଲେ। ୧୯୭୭ ମସିହାରେ ଅଭିମାନ ଚଳଚ୍ଚିତ୍ରରେ କ୍ୟାରିୟର ଆରମ୍ଭ କରିଥିବା ଉତ୍ତମ ପରବର୍ତ୍ତୀ ସମୟରେ ୧୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିପାରିଥିଲେ। ନିଝୁମ୍ ରାତିର ☞ପୃଷ୍ଠା-୨

**ଅଧିକ ରିପୋର୍ଟ, ଫଟୋ: ପୃଷ୍ଠା-୩**







# ଆସାମରେ ଭୂକମ୍ପ

**ଗୁଆହାଟୀ,୨୭।୨**

ଆସାମର କେନ୍ଦ୍ରୀୟ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫ ରହିଥିବାବେଳେ ଧନଜୀବନ ହାନିର ଖବର ମିଳିନାହିଁ। ଜାତୀୟ ଭୂକମ୍ପ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ବ୍ରହ୍ମପୁତ୍ରର ଦକ୍ଷିଣ ପାର୍ଶ୍ୱ ମୋରିଗାଁଓ ଜିଲାରେ ବୁଧବାର ରାତି ୨ଟା ୨୫ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର କେନ୍ଦ୍ରସ୍ଥଳ ଗୁଆହାଟୀଠାରୁ ୫୨ କିଲୋମିଟର ପୂର୍ବରେ ଏବଂ ୧୬ କିଲୋମିଟର ଗଭୀରରେ ବୋଲି ସିସ୍‌ମୋଲୋଜି ସେଣ୍ଟର ପକ୍ଷରୁ କୁହାଯାଇଛି। ଆସାମର ବିଭିନ୍ନ ଜିଲା ସମେତ ଅରୁଣାଚଳପ୍ରଦେଶ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ପଶ୍ଚିମବଙ୍ଗର କେତେକ ଅଞ୍ଚଳ ଏବଂ ଭୂଟାନ, ଚାଇନା ଓ ବାଂଲାଦେଶରେ ଏହାର କମ୍ପନ ଅନୁଭୂତ ହୋଇଥିଲା।

# କେନ୍ଦ୍ରୀୟ ଟିକସରୁ କମିବ ରାଜ୍ୟ ଭାଗ

**କେନ୍ଦ୍ରର ଯୋଜନା**

**ନୂଆଦିଲ୍ଲୀ,୨୭।୨**

କେନ୍ଦ୍ର ସରକାର କେନ୍ଦ୍ରୀୟ ଟିକସ ରାଜସ୍ୱରୁ ରାଜ୍ୟଗୁଡ଼ିକର ଭାଗ ହ୍ରାସ ପାଇଁ ଯୋଜନା ଚଳାଇଥିବା ଜଣାପଡ଼ିଛି। ଯୋଜନା ମୁତାବକ ରାଜ୍ୟଗୁଡ଼ିକର ଅଂଶଧନ ୪୧%ରୁ ୪୦%କୁ ଖସାଇ ଦିଆଯାଇପାରେ। ଏ ସମ୍ପର୍କିତ ପ୍ରସ୍ତାବ ଖୁବ୍‌ଶୀଘ୍ର ଷୋଡ଼ଶ ଅର୍ଥ କମିଶନଙ୍କୁ ଦିଆଯିବ। ମାର୍ଚ୍ଚ ଶେଷ ସୁଦ୍ଧା କେନ୍ଦ୍ର କ୍ୟାବିନେଟ ଏହାକୁ ଅନୁମୋଦନ କରିପାରେ। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ରଏଟର୍ସ ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ୨୦୨୬ ଆରମ୍ଭରୁ ସଂଘୀୟ ଟିକସ ଆବଣ୍ଟନରେ ରାଜ୍ୟଗୁଡ଼ିକର ଶେୟାରକୁ ୪୦%କୁ ହ୍ରାସ କରିପାରନ୍ତି। ଏପରି ହେଲେ କେନ୍ଦ୍ର ସରକାର ବିଭିନ୍ନ ଆବଶ୍ୟକତା ପୂରଣ ଏବଂ ଆର୍ଥିକ ମାନ୍ଦା ସ୍ଥିତିରେ ଖର୍ଚ୍ଚ କରିବା ପାଇଁ ଅତିରିକ୍ତ ୪.୦୩ ବିଲିୟନ ଡଲାର (୩୫,୧୭୭ କୋଟି ଟଙ୍କା) ପାଇବେ।

# ଆଜି ଗୋଟିଏ ସରଳରେଖାରେ ରହିବେ ୭ ଗ୍ରହ

**ୱାଶିଂଟନ୍, ୨୭।୨**



ସୌରଜଗତର ୭ ଗ୍ରହ ଶୁକ୍ରବାର ଗୋଟିଏ ସରଳରେଖାରେ ଥିବା ନେଇ ଆକାଶରେ ଦୃଶ୍ୟମାନ ହେବେ। ଏହି ବିରଳ ଜ୍ୟୋତିର୍ବିଜ୍ଞାନ ଘଟଣାକୁ ପ୍ଲାନେଟାରୀ ପରେଡ୍ ବା ପ୍ଲାନେଟାରୀ ଆଲାଇନ୍‌ମେଣ୍ଟ ବୋଲି କୁହାଯାଏ। ଶୁକ୍ରବାର ସନ୍ଧ୍ୟା ସମୟରେ ଆକାଶରେ ଏକାସହ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍, ନେପ୍‌ଚୁନ୍ ଗ୍ରହ ଗୋଟିଏ ସରଳରେଖାରେ ଦେଖାଯିବେ। ଆମେରିକୀୟ ମହାକାଶ ସଂସ୍ଥା ନାସା ଅନୁଯାୟୀ, ଏପରି ବିରଳ ପ୍ଲାନେଟାରୀ ପରେଡ୍ ଘଟଣା ପ୍ରତିବର୍ଷ ଦେଖିବାକୁ ମିଳି ନ ଥାଏ। ଆସନ୍ତା ୨୦୪୦ ପର୍ଯ୍ୟନ୍ତ ଏହିପରି ପ୍ଲାନେଟାରୀ ପରେଡ୍ ଦେଖିବାକୁ ମିଳିବ ନାହିଁ। ନାସା ଅନୁଯାୟୀ, ସୂର୍ଯ୍ୟାସ୍ତର ଠିକ୍ ପରେ ସନ୍ଧ୍ୟା ସମୟରେ ଆକାଶରେ ସମସ୍ତ ଗ୍ରହକୁ ଏକ ନିର୍ଦ୍ଦିଷ୍ଟ ସରଳରେଖାରେ ଥିବାର ଦେଖିବାକୁ ମିଳିବ। ଶୁକ୍ରବାର ସନ୍ଧ୍ୟା ସମୟରେ ମାତ୍ର କିଛି ଘଣ୍ଟା ପାଇଁ ଏହି ବିରଳ ଜ୍ୟୋତିର୍ବିଜ୍ଞାନ ଘଟଣାକୁ ଦେଖାଯାଇ ପାରିବ ବୋଲି ନାସା କହିଛି। ତେବେ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି ଗ୍ରହକୁ ଖାଲି ଆଖିରେ ଦେଖାଯାଇପାରିବ। ସେହିପରି ୟୁରେନସ୍ ଏବଂ ନେପ୍‌ଚୁନ୍ ଗ୍ରହକୁ ଦେଖିବା ପାଇଁ ଟେଲିସ୍କୋପ୍ କିମ୍ବା ବାଇନୋକୁଲାରର ବ୍ୟବହାର କରିବାକୁ ପଡ଼ିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# 'ଜନସଂଖ୍ୟା ନିୟନ୍ତ୍ରଣ କ'ଣ ଦୋଷ'

**ସୀମା ପୁନଃ ନିର୍ଦ୍ଧାରଣ ବିବାଦ**

**ଶାହାଙ୍କ କଥା ଭରସାଯୋଗ୍ୟ ନୁହେଁ: ସିଦ୍ଧାରାମାୟା**

**ବେଙ୍ଗାଲୁରୁ,୨୭।୨**



ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ ଉପରେ ତାମିଲନାଡୁ ସମେତ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ତେଜିବାରେ ଲାଗିଛି। ଲୋକ ସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ହେଲେ ଦକ୍ଷିଣ ଭାରତର କୌଣସି ରାଜ୍ୟକୁ ଆସନ ସଂଖ୍ୟା ହରାଇବାକୁ ପଡ଼ିବ ନାହିଁ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିବାବେଳେ ଗୁରୁବାର ଏହାକୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କଡ଼ା ସମାଲୋଚନା କରିଛନ୍ତି। ସିଦ୍ଧାରାମାୟା କହିଛନ୍ତି, ଶାହାଙ୍କ ସଫେଇ ଭରସାଯୋଗ୍ୟ ନୁହେଁ। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏଥିରେ ପ୍ରଭାବିତ ହେବ ନାହିଁ ବୋଲି କହିବା ଭୁଲ୍। କେନ୍ଦ୍ର ସରକାରଙ୍କ ସୀମା ନିର୍ଦ୍ଧାରଣ ଯୋଜନାରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ହ୍ରାସ ପାଇବ। କେନ୍ଦ୍ରର ଏଭଳି ପାତରଅନ୍ତର ନୀତି ବିରୋଧରେ ସମନ୍ୱିତ ଓ ମିଳିତ ଲଢ଼େଇର ଆବଶ୍ୟକ ବୋଲି ସେ କହିଛନ୍ତି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର କହିଥିଲେ, ଜନସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ କରାଗଲେ ରାଜ୍ୟ ଉପରେ ଖଣ୍ଡା ଝୁଲିବା ଥୟ। ତେଣୁ ଏହା ଉପରେ ଆଲୋଚନା ପାଇଁ ଷ୍ଟାଲିନ୍ ମାର୍ଚ୍ଚ ୫ରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ରାଷ୍ଟ୍ରମନ୍ତ୍ରୀ କୋଏମ୍ବାଟୁରରେ ବୁଧବାର ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ ବେଳେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି କହିଥିଲେ, ତାମିଲନାଡୁ ସମେତ ଦକ୍ଷିଣ ଭାରତର କୌଣସି ଆସନ କଟିବ ନାହିଁ। ଅର୍ଥାତ୍ ତାମିଲନାଡୁର ସଂସଦୀୟ ଉପସ୍ଥିତିରେ ହ୍ରାସ ହେବାକୁ ଯାଉନାହିଁ। ମୁଖ୍ୟମନ୍ତ୍ରୀ ଓ ତାଙ୍କ ପୁଅ ଉଦୟନିଧି ଷ୍ଟାଲିନ୍ କେତେକ ପ୍ରସଙ୍ଗ ଉଠାଇ ତାମିଲନାଡୁବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିସାରିଛନ୍ତି ଯେ, ଜନସଂଖ୍ୟା ଆଧାରରେ ଲୋକ ସଭା ଆସନଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଯୋଗୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଏମ୍‌ପିଙ୍କ ସଂଖ୍ୟା ହ୍ରାସ ପାଇବାକୁ ଯାଉନାହିଁ। ଡିଲିମିଟେଶନ୍ ସମୟରେ ଯଦି ଆସନ ସଂଖ୍ୟା ବଢ଼େ ତେବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ସମାନ ଅଧିକାର ପାଇବେ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷେ ଡିଏମ୍‌କେ ସୁପ୍ରିମୋ ଷ୍ଟାଲିନ୍ କହିଥିଲେ, ୨୦୨୬ ଜନସଂଖ୍ୟା ଆଧାରରେ ଲୋକ ସଭା ଆସନ ପୁନଃ ନିର୍ଦ୍ଧାରଣ କରାଯିବା ଅତ୍ୟନ୍ତ ବିପଜ୍ଜନକ। ଜନସଂଖ୍ୟା ନିୟନ୍ତ୍ରଣରେ ତାମିଲନାଡୁ ଭଳି ଦକ୍ଷିଣ ଭାରତୀୟ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। କିନ୍ତୁ ଏହି କାରଣରୁ ସଂସଦରେ ଆମ ଶକ୍ତି ହ୍ରାସ ଘଟିଲେ କ'ଣ କରାଯିବ? ଆମ ସ୍ୱରକୁ ସେମାନେ ଚପାଇଦେଲେ କ'ଣ କରିବା? ଏହା କେତେ ଯଥାର୍ଥ ବୋଲି ଷ୍ଟାଲିନ୍ ଏକ୍ସ'ରେ ପ୍ରଶ୍ନ କରିଥିଲେ। ସିଦ୍ଧାରାମାୟା ମଧ୍ୟ ସମାନ କଥା ଦୋହରାଇଛନ୍ତି। କର୍ଣ୍ଣାଟକ, ତେଲଙ୍ଗାନା, ତାମିଲନାଡୁ, କେରଳ ଓ ଆନ୍ଧ୍ରପ୍ରଦେଶର ଲୋକ ସଭା ଆସନ ହ୍ରାସ ପାଇଁ କେନ୍ଦ୍ର ପକ୍ଷରୁ ଷଡ଼ଯନ୍ତ୍ର ଚାଲିଛି। ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିଥିବା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକୁ କ'ଣ ଏହାର ପରିଣାମ ଭୋଗିବାକୁ ପଡ଼ିବ? 'ଜନସଂଖ୍ୟା ନିୟନ୍ତ୍ରଣ ଦୋଷ' କି ବୋଲି ସିଦ୍ଧାରାମାୟା ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ଏହି କ୍ଷେତ୍ରରେ ଅଧିକ ଆସନ ଦେବା ପାଇଁ ମସୁଧା ଚଳାଇଥିବା ସେ ସମାଲୋଚନା କରିଛନ୍ତି।

# ହିଟ୍ ଆଣ୍ଡ୍ ରନ୍: ଭାରତୀୟ ଛାତ୍ରୀ ସଙ୍କଟାପନ୍ନ

**ପରିବାରକୁ ତୁରନ୍ତ ଭିଜା ପାଇଁ ଆମେରିକାକୁ କହିଲା ଭାରତ**

**ନୂଆଦିଲ୍ଲୀ,୨୭।୨**


ନୀଲମ ଶିନ୍ଦେ

ଆମେରିକାରେ ପଢୁଥିବା ମହାରାଷ୍ଟ୍ର ସତାରା ଜିଲାର ୩୫ ବର୍ଷୀୟା ନୀଲମ ଶିନ୍ଦେ ହିଟ୍-ଆଣ୍ଡ୍-ରନ୍ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ଏବେ ସେ ଆମେରିକାର ଏକ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବାବେଳେ ତୁରନ୍ତ ଭିଜା ପାଇଁ ତାଙ୍କ ପରିବାରର ନିବେଦନକ୍ରମେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହି ଘଟଣାକୁ ୱାଶିଂଟନ ନିକଟରେ ଉଠାଇଛି। ଆବେଦନକାରୀ ପରିବାରକୁ ଜରୁରୀ ଭିଜା ମଞ୍ଜୁରୀ ପାଇଁ ଆମେରିକା କେତେକ ଔପଚାରିକତାକୁ ଅନୁଧ୍ୟାନ କରିବା ସହ ଶୁକ୍ରବାର ପୂର୍ବାହ୍ନ ୯ଟାରେ ଶିନ୍ଦେଙ୍କ ବାପାଙ୍କ ସହ ସାକ୍ଷାତ୍‌କାର ପାଇଁ ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲେଟ୍ ସମୟ ଦେଇଛି।

କାଲିଫର୍ଣ୍ଣିଆ ଷ୍ଟେଟ୍ ୟୁନିଭର୍ସିଟିରେ ସ୍ନାତକୋତ୍ତର ଡିଗ୍ରୀ କରୁଥିବା ନୀଲମଙ୍କ ଉପରେ ଗତ ୧୪ ତାରିଖରେ ଏକ ଚାରିଚକିଆ ଯାନ ମାଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କ ହାତଗୋଡ଼ ଭାଙ୍ଗିଥିବାବେଳେ କାଲିଫର୍ଣ୍ଣିଆର ଏକ ହସ୍ପିଟାଲରେ ସେ କୋମା ଅବସ୍ଥାରେ ରହିଛନ୍ତି। ସାଧାରଣତଃ ମେଡିକାଲ ଏମର୍ଜେନ୍ସିରେ ତୁରନ୍ତ ଭିଜା ମିଳିଯାଇଥାଏ। ତେବେ ନୀଲମ୍‌ଙ୍କ ପରିବାର କ୍ଷେତ୍ରରେ ଭିଜା ମିଳିବାରେ ବିଳମ୍ବର କାରଣ ଜଣାପଡ଼ିନାହିଁ। ଦୁର୍ଘଟଣା ଘଟିବାର ୪୮ ଘଣ୍ଟା ପରେ ଭିଜା ଆବେଦନ କରାଯାଇଥିଲେ ମଧ୍ୟ ଏବେ ବି ତାହା ବିଚାରାଧୀନ ରହିଛି।

# ବଜେଟ ଅଧିବେଶନରେ ଆସିପାରେ ୱାକ୍‌ଫ ବିଲ୍

**ନୂଆଦିଲ୍ଲୀ,୨୭।୨**

ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍‌ଙ୍କ ନେତୃତ୍ୱାଧୀନ ଯୁଗ୍ମ ସଂସଦୀୟ କମିଟି (ଜେପିସି) ପ୍ରସ୍ତାବିତ ପରିବର୍ତ୍ତନ ସହ ୱାକଫ୍ (ସଂଶୋଧନ) ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍ ଗତ ୧୯ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ମାର୍ଚ୍ଚ ୧୦ରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନର ଦ୍ୱିତୀୟ ଭାଗରେ ଏହି ବିଲ୍‌କୁ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇପାରେ। ଶାସକ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସଦସ୍ୟମାନଙ୍କ ସମସ୍ତ ସଂଶୋଧନ ପ୍ରସ୍ତାବକୁ ଜେପିସି କମିଟି ଅନୁମୋଦନ କରିଥିବାବେଳେ ବିରୋଧୀ ସଦସ୍ୟ ଦେଇଥିବା ସଂଶୋଧନ ପ୍ରସ୍ତାବକୁ ଖାରଜ କରିଦିଆଯାଇଥିଲା। ଗତ ୧୩ ତାରିଖରେ ଜେପିସି ରିପୋର୍ଟ ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥାପନ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାର ତୀବ୍ର ବିରୋଧ କରିଥିଲେ। ବିଲ୍‌ର ମୁଖ୍ୟ ବ୍ୟବସ୍ଥା ମଧ୍ୟରେ ରହିଛି ରାଜ୍ୟ ୱାକ୍‌ଫ ବୋର୍ଡଗୁଡ଼ିକରେ ଅନ୍ୟୂନ ୨ ଜଣ ଲେଖାଏ ଅଣମୁସଲମାନ ସଦସ୍ୟ ନିଯୁକ୍ତ କରିବା ଏବଂ କୌଣସି ସମ୍ପତ୍ତି ୱାକ୍‌ଫ ସମ୍ପତ୍ତି ହେବାକୁ ଯୋଗ୍ୟ କି ନୁହେଁ, ତାହା ସରକାରୀ ଅଧିକାରୀ ନିର୍ଦ୍ଧାରଣ କରିବାକୁ ଅନୁମତି।


ରୋମ୍‌ର ଜଣେ ଦୋକାନୀ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ପ୍ରତିମୂର୍ତ୍ତି ବିକ୍ରି ପାଇଁ ସଜେଇ ରଖିଛନ୍ତି।

# ଗାଡ଼ି ମଡ଼ାଇଦେବାରୁ ୧୦ ଆହତ

**ଇସ୍ରାଏଲ୍‌ରେ ଆତଙ୍କବାଦୀ ଆକ୍ରମଣ**

**ଜେରୁଜେଲମ୍,୨୭।୨**

ଜଣେ ଆତଙ୍କବାଦୀ ଗୁରୁବାର ଅପରାହ୍ନରେ ଇସ୍ରାଏଲ୍‌ର ପରଡେସ୍ ହନ୍ନା-କର୍‌କୁର ଛକ ନିକଟ ୬୫ ନମ୍ବର ହାଇୱେରେ ପଦଚାରୀଙ୍କ ଉପରକୁ ଗାଡ଼ି ମଡ଼ାଇ ଅନ୍ୟୂନ ୧୨ ଜଣଙ୍କୁ ଆହତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ଏବଂ ଅନ୍ୟ ୨ ଜଣ ଗୁରୁତର ରହିଛନ୍ତି। ଆକ୍ରମଣକାରୀ ୨ ଜଣ ପୋଲିସ ଅଫିସରଙ୍କୁ ସ୍କ୍ରୁ ଡ୍ରାଇଭରରେ ଆକ୍ରମଣ କରିଥିଲେ। ପୋଲିସ ଗୁଳିରେ ଆତଙ୍କବାଦୀ ନିହତ ହୋଇଛନ୍ତି। ଅପରାଧୀ ଜଣେ ୫୦ ବର୍ଷୀୟ ପାଲେଷ୍ଟିନୀୟ ହୋଇଥିବାବେଳେ ସେ ଉତ୍ତର ୱେଷ୍ଟବ୍ୟାଙ୍କରେ ବେଆଇନ ଭାବେ ରହୁଥିଲେ।

# ଅଭିନେତା ଜେନେ ହାକ୍‌ମ୍ୟାନ୍, ସ୍ତ୍ରୀ ମୃତ

**ୱାଶିଂଟନ୍, ୨୭।୨**


ଜେନେ ହାକ୍‌ମ୍ୟାନ୍ ଓ ତାଙ୍କ ସ୍ତ୍ରୀ ବେଟ୍‌ସି ଅର୍କାୱା

ପ୍ରଖ୍ୟାତ ଆମେରିକୀୟ ଅଭିନେତା ଜେନେ ହାକ୍‌ମ୍ୟାନ୍ (୯୫) ତାଙ୍କ ସ୍ତ୍ରୀ ବେଟ୍‌ସି ଅର୍କାୱା (୬୩) ଏବଂ ତାଙ୍କ କୁକୁରର ମୃତଦେହ ଗୁରୁବାର ତାଙ୍କ ନ୍ୟୁ ମେକ୍ସିକୋ ରାଜ୍ୟ ସାଣ୍ଟା ଫେସ୍ଥିତ ବାସଭବନରୁ ମିଳିଛି। ପୋଲିସ ହାକ୍‌ମ୍ୟାନଙ୍କ ଘରେ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିବା ପୋଲିସ କହିଛି। ବର୍ତ୍ତମାନ ସୁଦ୍ଧା ପୋଲିସ ଉଭୟଙ୍କର ମୃତ୍ୟୁର କାରଣକୁ ସ୍ପଷ୍ଟ କରିନାହିଁ। ୧୯୯୧ରେ ଉଭୟ ହାକ୍‌ମ୍ୟାନ ଓ ବେଟ୍‌ସି ବିବାହ କରିଥିଲେ। ହାକ୍‌ମ୍ୟାନ ହଲିଉଡ୍‌ରେ ନିଜ ୪ ଦଶକର କ୍ୟାରିୟରରେ 'ଫ୍ରେଞ୍ଚ୍ କନେକ୍ସନ', 'ସୁପରମ୍ୟାନ', 'ଦି ରୟାଲ ଟେନେବମ୍ସ' ଆଦି ପ୍ରସିଦ୍ଧ ଫିଲ୍ମରେ କାମ କରିଥିଲେ। ତାଙ୍କୁ 'ଦି ଫ୍ରେଞ୍ଚ କନେକ୍ସନ' ଫିଲ୍ମ ପାଇଁ ଓସ୍କାର ଆୱାର୍ଡ ମିଳିଥିଲା। ୨୦୦୪ରେ ସେ ଅବସର ନେଇ ହଲିଉଡ୍ ଇଣ୍ଡଷ୍ଟ୍ରିରୁ ଦୁରେଇ ଯାଇଥିଲେ।

**ଟ୍ରମ୍ପଙ୍କ ନୂଆ ନାଗରିକତ୍ୱ ଯୋଜନା**

# ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରୁ ଭାରତୀୟ ସ୍ନାତକଙ୍କୁ ନିଯୁକ୍ତ କରିପାରିବେ ଆମେରିକୀୟ କମ୍ପାନୀ

**ୱାଶିଂଟନ,୨୭।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ପ୍ରସ୍ତାବ ଦେଇଥିବା 'ଗୋଲ୍ଡ କାର୍ଡ'କୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି। ବିଶେଷକରି ଭାରତୀୟ ଆଇଟି ପ୍ରଫେସନାଲ ଏବଂ ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢୁଥିବା ଉଚ୍ଚଶିକ୍ଷିତମାନେ ଏଥିରେ ପ୍ରଭାବିତ ହେବେ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ୍ ଗୁରୁବାର କହିଛନ୍ତି, ଗୋଲ୍ଡ କାର୍ଡ ଯୋଜନାରେ ଆମେରିକୀୟ କମ୍ପାନୀଗୁଡ଼ିକ ହାର୍ଭାର୍ଡ ଓ ଷ୍ଟାଣ୍ଡଫୋର୍ଡ ଭଳି ବିଶ୍ୱବିଦ୍ୟାଳୟରୁ ଭାରତୀୟ ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ନିଯୁକ୍ତି ଦେଇପାରିବେ। ଚାଇନା ଓ ଜାପାନ ଭଳି ଧନୀ ରାଷ୍ଟ୍ରର ପିଲାମାନଙ୍କୁ ମଧ୍ୟ ଏହି ସୁଯୋଗ ମିଳିବ। ଟ୍ରମ୍ପ୍‌ଙ୍କ ଯୋଜନା ମୁତାବକ କୌଣସି ଧନୀ ଆପ୍ରବାସୀଙ୍କୁ ଆମେରିକାର ନାଗରିକତ୍ୱ ହାସଲ ପାଇଁ ୫ ନିୟୁତ ଡଲାର (ପ୍ରାୟ ୪୪ କୋଟି ଟଙ୍କା) ସେଠାକାର ଶିଳ୍ପ କ୍ଷେତ୍ରରେ ନିବେଶ କରିବାକୁ ପଡ଼ିବ। ଏହାଦ୍ୱାରା ଆମେରିକାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସମ୍ପୃକ୍ତ ଆପ୍ରବାସୀ ଗ୍ରୀନ୍‌କାର୍ଡ ଭଳି ଗୋଲ୍ଡକାର୍ଡ ପାଇପାରିବେ, ଯାହାକି ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ଆମେରିକାର ନାଗରିକତ୍ୱ ହାସଲର ଦ୍ୱାର ଫିଟାଇଦେବ। ଗୋଲ୍ଡକାର୍ଡର ଚୂଡ଼ାନ୍ତ ରୂପରେଖ ଆସି ନ ଥିଲେ ମଧ୍ୟ ଏଭଳି ୧୦ ଲକ୍ଷ କାର୍ଡ ବିକ୍ରି ପାଇଁ ଯୋଜନା ରହିଥିବା ଟ୍ରମ୍ପ୍ କହିଛନ୍ତି।

# ରାଜସ୍ଥାନରେ ସାମ୍ପ୍ରଦାୟିକ ଉତ୍ତେଜନା

**ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ**

**ଜୟପୁର,୨୭।୨**

ରାଜସ୍ଥାନର ବେୱର ଅଞ୍ଚଳରେ ଥିବା ଏକ ସ୍କୁଲ୍‌ର ଅନେକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଓ ବ୍ଲାକ୍‌ମେଲ୍ କରାଯିବା ସହ ଧର୍ମପରିବର୍ତ୍ତନ ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଗତ କିଛିଦିନ ମଧ୍ୟରେ ୩ଟି ଏତଲା ଦାଏର ହେବା ପରେ ଉକ୍ତ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ନ୍ୟାୟ ଦାବିକରି ଅନେକ ଅଞ୍ଚଳରେ ଦୋକାନ ବଜାର ବନ୍ଦ ରହିବା ସହ ରାଲି କରାଯାଇଛି। ପୋଲିସ ଜଣେ ପୂର୍ବତନ କାଉନ୍‌ସିଲରଙ୍କ ସମେତ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି।

ବେୱର ଜିଲାର ମସୁଦା ସହରରେ ସ୍କୁଲ୍ ଛାତ୍ରୀମାନଙ୍କୁ ଟାର୍ଗେଟେଡ୍ ଯୌନ ନିର୍ଯାତନା ଦିଆଯିବା ସହ ଅସଂଯତ ଅବସ୍ଥାର ଫଟୋ ଦେଖାଇ ସେମାନଙ୍କୁ ବ୍ଲାକ୍‌ମେଲ୍ କରାଯାଉଥିଲା। ସେମାନଙ୍କ ଧର୍ମ ପରିବର୍ତ୍ତନ କରିବା ପାଇଁ ଏକ ର୍ୟାକେଟ୍ କାର୍ଯ୍ୟ କରୁଥିବା ରିପୋର୍ଟ ପ୍ରକାଶ ପାଇଥିଲା। ୫ ଜଣ ପୀଡ଼ିତା ଛାତ୍ରୀଙ୍କ ପରିବାରର ଅଭିଯୋଗ ପରେ ୩ ନାବାଳକଙ୍କ ସମେତ ୧୧ ଜଣଙ୍କ ନାଁରେ ୩ଟି ଏତଲା ଦାଏର ହୋଇଛି।

# ଗାଜା କରିଡରରୁ ସୈନ୍ୟ ପ୍ରତ୍ୟାହାର କରିବାକୁ ମନାକଲା ଇସ୍ରାଏଲ୍

**ଜେରୁଜେଲମ୍,୨୭।୨**

ହମାସ୍ ସହ ଯୁଦ୍ଧବିରତି ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ୍ ଗାଜା ସୀମାର ବଫର ଜୋନ୍ ଭାବେ ପରିଚିତ ଫିଲାଡେଲ୍‌ଫି କରିଡରରୁ ସୈନ୍ୟ ପ୍ରତ୍ୟାହାର କରିନେବା ଲାଗି କଥା ହୋଇଥିଲା। ତେବେ ଜେରୁଜେଲମ୍ ସୈନ୍ୟ ପ୍ରତ୍ୟାହାର କରିନେବାକୁ ମନା କରିଦେଇଥିବାରୁ ଯୁଦ୍ଧବିରତି ଆଗକୁ ବଢ଼ିବା ନେଇ ଆଶଙ୍କା ଦେଖାଦେଇଛି। ଇସ୍ରାଏଲ୍‌ର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ହମାସ୍ ଆତଙ୍କବାଦୀଙ୍କ ଦ୍ୱାରା ଅସ୍ତ୍ରଶସ୍ତ୍ର ଚୋରା କାରବାର ରୋକିବା ପାଇଁ କରିଡରର ଗାଜା ପାର୍ଶ୍ୱରେ ସୈନ୍ୟଙ୍କ ଉପସ୍ଥିତି ଆବଶ୍ୟକ।

**୨୬/୧୧ ଆକ୍ରମଣ ମାମଲା**

# ଦିଲ୍ଲୀରେ ହେବ ତହଉର ରାଣାଙ୍କ ବିଚାର

**ନୂଆଦିଲ୍ଲୀ,୨୭।୨**

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତହଉର ରାଣାଙ୍କୁ ପ୍ରତ୍ୟର୍ପଣ ଲାଗି ଆମେରିକା ସହମତ ହେବା ପରେ ମୁମ୍ବାଇ କୋର୍ଟରୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ବିଚାର ସମ୍ପର୍କିତ ରେକର୍ଡ ମଗାଇଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଆବେଦନକ୍ରମେ ଜିଲା ଜଜ୍ ବିମଳ କୁମାର ଯାଦବ ରେକର୍ଡ ଯୋଗାଇଦେବା ନିମନ୍ତେ ମୁମ୍ବାଇ କୋର୍ଟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜାନୁଆରୀ ୨୧ରେ ରାଣାଙ୍କ ଶେଷ ଅପିଲ୍‌କୁ ଆମେରିକା ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ରହିଥିବା ଆଇନଗତ ପ୍ରତିବନ୍ଧକ ଦୂର ହୋଇଛି। ପାକିସ୍ତାନ ଆତଙ୍କବାଦୀମାନେ ୨୦୦୮ ନଭେମ୍ବର ୧୧ରେ ମୁମ୍ବାଇରେ ଆକ୍ରମଣ କରି ୧୬୬ ଜଣଙ୍କ ଜୀବନ ନେଇଥିଲେ।

# ଅଭିଯୁକ୍ତଙ୍କ ପୋଷ୍ଟର ଜାରି

**ପୁଣେ ଏମ୍‌ଏସ୍‌ଆର୍‌ଟିସି ବସ୍‌ରେ ବଳାତ୍କାର ଘଟଣା**

**ପୁଣେ,୨୭।୨**

**ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର**


ଦତ୍ତାତ୍ରେୟ ରାମଦାସ ଗାଡେ

ପୁଣେସ୍ଥିତ ସ୍ୱରଗେଟ୍ ଜଙ୍କଶନ୍‌ରେ ବୁଧବାର ବସ୍‌କୁ ଅପେକ୍ଷା କରିଥିବା ଜଣେ ୨୬ ବର୍ଷୀୟା କର୍ମଜୀବୀ ମହିଳାଙ୍କୁ ମହାରାଷ୍ଟ୍ର ରାଜ୍ୟ ବସ୍ ପରିବହନ ନିଗମ(ଏମ୍‌ଏସ୍‌ଆର୍‌ଟିସି)ର ଏକ ବସ୍ ଭିତରେ ବଳାତ୍କାର କରାଯାଇଥିଲା। ଏହି ଘଟଣା ଦିଲ୍ଲୀର ନିର୍ଭୟା କାଣ୍ଡକୁ ମନେ ପକାଇଦେଇଥିବାବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଦତ୍ତାତ୍ରେୟ ରାମଦାସ ଗାଡେ ଫେରାର ଥିବାବେଳେ ଗୁରୁବାର ପୁଣେ ପୋଲିସ ତାଙ୍କର ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଇଛି।

ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ୧୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ଲକ୍ଷେ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ବିଧାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ମହାରାଷ୍ଟ୍ରର ଭାଜପା ନେତୃତ୍ୱାଧୀନ ମେଣ୍ଟ ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

ମହିଳା ଏକୁଟିଆ ଛିଡ଼ା ହୋଇଥିବାର ଦେଖି ଅଭିଯୁକ୍ତ ତାଙ୍କ ପାଖକୁ ଆସି ବସ୍‌ଟି ସତାରା ଯିବ ବୋଲି କହି ତାଙ୍କୁ ଏକ ଖାଲି ବସ୍ ଭିତରକୁ ନେଇଯାଇଥିଲେ। ସେଠାରେ ସେ ମହିଳାଙ୍କ ପାଟିକୁ ବନ୍ଦ କରି ବଳାତ୍କାର କରିଥିଲେ। ଏହାପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ପୀଡ଼ିତା ଅନ୍ୟ ଏକ ବସ୍ ଯୋଗେ ଗାଁକୁ ଯାଇ ଜଣେ ବାନ୍ଧବୀଙ୍କ ସହ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ।

ଅଭିଯୁକ୍ତ ଦତ୍ତାତ୍ରେୟଙ୍କ ନାଁରେ ଅଧଡଜନ ଚୋରି, ଡକାୟତି ଓ ଛିନ୍‌ତାଇ ମାମଲା ରହିଛି। ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ବଳାତ୍କାର ଘଟିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯିବା ନେଇ ପୋଲିସର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୁକ୍ତ ଆଖୁ କ୍ଷେତରେ ଲୁଚିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଥିବାବେଳେ ତାଙ୍କୁ ଖୋଜି ବାହାର କରିବା ପାଇଁ ପୋଲିସ ସ୍ନିଫର ଡଗ୍ ଓ ଡ୍ରୋନ୍ ନିୟୋଜିତ କରିଛି।

# ଆଜି ଭାରତ-ଇୟୁ ଉଚ୍ଚସ୍ତରୀୟ ବୈଠକ



**ନୂଆଦିଲ୍ଲୀ,୨୭।୨ :** ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେ ୟେଲେନ୍ ଗୁରୁବାର ୨ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ନୂଆଦିଲ୍ଲୀସ୍ଥିତ ରାଜଧାନୀରେ ମହାତ୍ମା ଗାନ୍ଧୀଙ୍କ ସମାଧିରେ ସେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଉର୍ସୁଲା ପ୍ରତିନିଧି ସ୍ତରୀୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଭାରତ, ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ରଣନୈତିକ ସହଯୋଗିତା, ବାଣିଜ୍ୟ, କାରିଗରି, ଜଳବାୟୁ ପରିବର୍ତ୍ତନ ଏବଂ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା ହୋଇପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆର୍ଥିକ ନୀତିକୁ ନେଇ ବିଶ୍ୱବ୍ୟାପୀ ଚିନ୍ତା ବଢୁଥିବାବେଳେ ଉର୍ସୁଲାଙ୍କ ଏହି ଗସ୍ତ ବିଶେଷ ଗୁରୁତ୍ୱ ବହନ କରେ।

# ବାର୍ଡ ଫ୍ଲୁରେ ୩ ବିଲେଇ ମୃତ

**ଭାରତରେ ପ୍ରଥମ**

**ଭୋପାଳ, ୨୭।୨**

ମଧ୍ୟପ୍ରଦେଶର ଛିନ୍ଦୱାରାରେ ଗୃହପାଳିତ ବିଲେଇଙ୍କଠାରେ ବାର୍ଡ ଫ୍ଲୁ (ଏଚ୍‌୫ଏନ୍‌୧) ମାମଲା ସାମ୍ନାକୁ ଆସିଛି। ଏପରି ମାମଲା ଭାରତରେ ପ୍ରଥମ ଥର ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ବାର୍ଡ ଫ୍ଲୁ ପଜିଟିଭ ହୋଇ ଛିନ୍ଦୱାରା ଜିଲା ବଡ଼ଗୋନା ଜୋଶୀ ଗ୍ରାମର ୩ଟି ବିଲେଇଙ୍କ ମୃତ୍ୟୁ ଘଟିଛି। ମୃତ ବିଲେଇମାନଙ୍କ ନିକଟରୁ ବାର୍ଡ ଫ୍ଲୁର ନମୁନା ମିଳିଥିବା ଛିନ୍ଦୱାରା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗ୍ରାମରେ ଥିବା କୁକୁଡ଼ା ଫାର୍ମରୁ ବାର୍ଡ ଫ୍ଲୁର ୫ଟି ନମୁନା ପଜିଟିଭ୍ ମିଳିଛି। ବଡ଼ଗୋନା ଜୋଶୀ ଗ୍ରାମର ୧ କି.ମି. ପରିଧି ମଧ୍ୟରେ ଥିବା ଅଞ୍ଚଳକୁ ସଂକ୍ରମିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସଂକ୍ରମିତ ଅଞ୍ଚଳରେ ଥିବା ଚିକେନ ଦୋକାନ ଏବଂ କୁକୁଡ଼ା ଫାର୍ମଗୁଡ଼ିକୁ ବନ୍ଦ କରାଯାଇଛି।

ତେବେ ପ୍ରାଣୀମାନଙ୍କ ନିକଟରେ ଦେଖାଯାଉଥିବା ବିଭିନ୍ନ ରୋଗକୁ ନେଇ ଗବେଷଣା କରୁଥିବା ସଙ୍ଗଠନ 'ଆଇସିଏଆର୍-ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ ଡିଜିଜେସ୍'ର ବୈଜ୍ଞାନିକଙ୍କ ଅନୁଯାୟୀ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ସୀମା ଛିନ୍ଦୱାରା ଏବଂ ନାଗପୁର ନିକଟବର୍ତ୍ତୀ ଅଞ୍ଚଳରେ କିଛି ବିଲେଇଙ୍କଠାରେ ବାର୍ଡ ଫ୍ଲୁ ମାମଲା ସାମ୍ନାକୁ ଆସିଛି। ସଂକ୍ରମିତ ବିଲେଇଙ୍କ ନିକଟରେ ଅତ୍ୟଧିକ ଜ୍ୱର, ଭୋକ ହ୍ରାସ, ଆଳସ୍ୟ ଆଦି ଲକ୍ଷଣ ରହିଥିବା ଜଣାପଡ଼ିଛି। ସାଧାରଣତଃ ପକ୍ଷୀମାନଙ୍କୁ ସଂକ୍ରମିତ କରୁଥିବା ଏଚ୍‌୫ଏନ୍‌୧ ଭାଇରସ୍ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ମଧ୍ୟ ବ୍ୟାପିବାରେ ଲାଗିଛି, ଯାହା ମଣିଷଙ୍କ ପାଇଁ ଚିନ୍ତାର ବିଷୟ ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେବେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ବ୍ଲାଡ୍ ଫ୍ଲୁ ବ୍ୟାପିବାର କାରଣ ସମ୍ପର୍କରେ ସମ୍ପ୍ରତି ବୈଜ୍ଞାନିକମାନଙ୍କର ଅନୁସନ୍ଧାନ ଜାରି ରହିଛି।

# ଅନ୍ୟ ଜାତିରେ ବିବାହ | ମୃତଦେହକୁ ମିଳିଲାନି କାନ୍ଧ



ଖଟିଆରେ ଥିବା ପ୍ରକାଶଙ୍କ ମୃତଦେହକୁ ସ୍ତ୍ରୀ ରୀତା ଓ ନାବାଳିକା ଝିଅ ଶ୍ମଶାନକୁ ବୋହି ନେଉଛନ୍ତି।

**ଜାତିକୁ ନେଇ ଦେଖାଦେଉଥିବା ଭେଦଭାବ ଦୂର କରିବା ପାଇଁ ରାଜ୍ୟ ସରକାର ଅନ୍ୟ ଜାତିରେ ବିବାହକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ଅଢ଼େଇ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ହେଲେ ଆଜି ବି ଅନ୍ୟ ଜାତିରେ ବିବାହକୁ ଲୋକେ ଗ୍ରହଣ କରିପାରୁନାହାନ୍ତି। ଏହାକୁ ନେଇ କେତେକ ପରିବାର ସାମାଜିକ ବାସନ୍ଦ ଭୋଗୁଛନ୍ତି। ଏପରି କି ବାସନ୍ଦ ପରିବାରର କାହାରି ମୃତ୍ୟୁ ହେଲେ ମୃତଦେହକୁ କାନ୍ଧ ଦେବାକୁ ପଡ଼ୋଶୀ, ସମ୍ପର୍କୀୟ ଓ ବନ୍ଧୁବାନ୍ଧବ ଆସୁନାହାନ୍ତି। ଏଭଳି ଏକ ଘଟଣା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ଘଟିଛି। ସାମାଜିକ ବାସନ୍ଦ ଭୋଗୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ସ୍ତ୍ରୀ ଓ ନାବାଳିକା ଝିଅ ଖଟିଆରେ ଶଶ୍ମାନକୁ ବୋହିନେଇ ସତ୍କାର କରିଛନ୍ତି। ସାମାଜିକ ବାସନ୍ଦ ଭଳି କଳଙ୍କିତ ପ୍ରଥାକୁ ବିଲୋପ ପାଇଁ ସରକାର ସୁଚିନ୍ତିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହାସହ ଏଭଳି ଅସମୟରେ ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇବା ଜରୁରୀ ହୋଇପଡ଼ିଛି।**

**ବଣ୍ଡା, ୨୭।୨ (ପରିକ୍ଷିତ ସାହୁ)**

ରକ୍ତ ସମ୍ପର୍କ ଉପରେ ଭାରିପଡ଼ିଗଲା ଜାତିପ୍ରଥା। ସମାଜରୁ ବାସନ୍ଦ ଓ ଜରିମାନା ଭୟରେ ପାଖ ମାଡ଼ିଲେନି କେହି। ମୃତଦେହକୁ କାନ୍ଧ ଦେବା ତ ଦୂରର କଥା ଛୁଇଁବାକୁ ଆଗେଇ ଆସିଲେନି ପରିବାର ସଦସ୍ୟ। ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ ସାହିଭାଇ ସାଜିଲେ ଦେଖଣାହାରି। ଖବର ପାଇଥିଲେ ବି ପ୍ରଶାସନ, ପୋଲିସ ପକ୍ଷରୁ ବଢ଼ି ନ ଥିଲା ସହାୟତାର ହାତ। ଶେଷରେ ନାବାଳିକା ଝିଅ ସହାୟତାରେ ଖଟିଆରେ ଥିବା ସ୍ୱାମୀଙ୍କ ମୃତଦେହକୁ ମଶାଣି ଯାଏ ବୋହି ନେଇଥିଲେ ସ୍ତ୍ରୀ। ପଡ଼ୋଶୀ ଅଞ୍ଚଳର କେତେଜଣ ଯୁବକ କାଠ ଯୋଗାଡ଼ କରିଦେବା ପରେ ଜୁଇରେ ଜଳିଥିଲା ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶରଧାମୁଣ୍ଡା ଗ୍ରାମରେ ରହୁଥିବା ପ୍ରକାଶ ପ୍ରଧାନ (୪୫)ଙ୍କ ମୃତଦେହ। ମାନବିକତାର ତଣ୍ଟି ଚିପିଦେଲା ଭଳି ଗୁରୁବାର ଅନୁଗୋଳ ଜିଲାରେ ଘଟିଥିବା ☞ପୃଷ୍ଠା-୨

# ବିଶ୍ୱକୁ ୯୨% ୟୁଏସ୍ଏଆଇଡି ହ୍ରାସ

**ପୂର୍ବରୁ ଆମେରିକା ପକ୍ଷରୁ ବିଭିନ୍ନ ରାଷ୍ଟ୍ରକୁ ଦିଆଯାଇ ଆସୁଥିବା ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭେଲପମେଣ୍ଟ (ୟୁଏସ୍ଏଆଇଡି) ବିଦେଶୀ ସହାୟତାର ଚୁକ୍ତିକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ୯୨% ପର୍ଯ୍ୟନ୍ତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଉପରେ ରହିଥିବା ଆଇନଗତ କଟକଣାକୁ ବୁଧବାର ରାତିରେ ସୁପ୍ରିମକୋର୍ଟ ହଟାଇଦେଇଛନ୍ତି। ଏଥିଯୋଗୁ ସାରା ବିଶ୍ୱକୁ ଆମେରିକାଠାରୁ ସହାୟତା ବାବଦକୁ ମିଳୁଥିବା ପ୍ରାୟ ୬୦ ବିଲିୟନ୍ ଡଲାର ଖର୍ଚ୍ଚକାଟ୍ କରାଯାଇପାରିବ ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକା ଇତିହାସରେ କୌଣସି ରାଷ୍ଟ୍ରପତି ଏତେ ପରିମାଣର ସହାୟତା ବାତିଲ କରି ନ ଥିଲେ। ଏହି ଆର୍ଥିକ ସ୍ରୋତ ବନ୍ଦ ହେବା ଦ୍ୱାରା ଭାରତ ସମେତ ବିଶ୍ୱର ବିଭିନ୍ନ ଭାଗରେ ଆମେରିକା ପକ୍ଷରୁ ଚାଲିଥିବା ଅନେକ ପ୍ରକଳ୍ପ ଓ ମାନବୀୟ ସହାୟତା କାର୍ଯ୍ୟକ୍ରମ ବହୁଳ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ଉପୁଜିଲାଣି।**

**ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ମୋହର**

**ୱାଶିଂଟନ/ନୂଆଦିଲ୍ଲୀ, ୨୭।୨**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ 'ଆମେରିକା ଫାଷ୍ଟ' ନୀତି ଆପଣାଇଥିବାବେଳେ ଏବେ ଏଥିରେ 'ଏଡ୍ ଲାଷ୍ଟ'କୁ ଯୋଡ଼ି ଦେଇଛନ୍ତି। ଜାନୁଆରୀ ୨୦ରେ ଟ୍ରମ୍ପ ନିଜ ଦ୍ୱିତୀୟ ପାଳି ଆରମ୍ଭ କରିବା ମାତ୍ରେ ଖର୍ଚ୍ଚକାଟ୍ ସମ୍ପର୍କିତ ଏକ ଏକ୍ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ସେ ୟୁଏସ୍ଏଆଇଡିରୁ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଦିଆଯାଉଥିବା ସହାୟତାକୁ 'ବେକାର ଅନ୍ତର୍ଜାତୀୟ ଖର୍ଚ୍ଚ' ଭାବେ ଅଭିହିତ କରିଥିଲେ। ଟ୍ରମ୍ପ କହିଥିଲେ, ଆମେରିକାଠାରୁ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ମିଳୁଥିବା ଆର୍ଥିକ ସହାୟତାକୁ ବର୍ତ୍ତମାନ ୯୦ ଦିନ ପର୍ଯ୍ୟନ୍ତ ବନ୍ଦ କରାଯିବ। ଆଗକୁ କେଉଁ କାର୍ଯ୍ୟକ୍ରମ ଜାରି ରହିବ ଓ କେଉଁଠି ବନ୍ଦ ହେବା ଯୋଗ୍ୟ ଅନାବଶ୍ୟକ ଖର୍ଚ୍ଚ ହେଉଛି, ତାହା ଏହି ଅବଧି ମଧ୍ୟରେ ତାଙ୍କ ପ୍ରଶାସନ ଅନୁଧ୍ୟାନ କରିବ। ତେବେ ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ କେତେଜଣ ବ୍ୟକ୍ତି ଓ ସଙ୍ଗଠନ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୱାଶିଂଟନ ଡିଷ୍ଟ୍ରିକ୍ଟ ଜଜ୍ ଆମିର ଅଲୀ ଏହି ଅର୍ଡର ଉପରେ ବୁଧବାର ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ କଟକଣା ଜାରି କରିଥିଲେ। ଟ୍ରମ୍ପ ପ୍ରଶାସନ ତତ୍କାଳ ଏକ ଏମର୍ଜେନ୍ସି ପିଟିଶନ୍ ଦାଖଲ କରି ଏଥିରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସ ବୁଧବାର ଫେଡେରାଲ ଜଜ୍ ଆମିର ଅଲୀଙ୍କ ରାୟ ଉପରେ ରୋକ୍ ଲଗାଇଛନ୍ତି। ସେ ଏନେଇ ରାୟ ପ୍ରକାଶ କରିବା ସହ ପ୍ରତିବାଦୀ ପକ୍ଷଙ୍କୁ ଶୁକ୍ରବାର ସୁଦ୍ଧା ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏହି ଖର୍ଚ୍ଚ କାଟ୍ ଯୋଗୁ ଆମେରିକା ପାଣ୍ଠିରେ ଚାଲିଥିବା ଅନେକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ। ପାଣ୍ଠି



ଡୋନାଲ୍ଡ ଟ୍ରମ୍ପ

ଆଗମନ ହଠାତ୍ ବନ୍ଦ ହୋଇଯିବା ଫଳରେ ବିଶ୍ୱବ୍ୟାପୀ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା, ମାନବୀୟ ସହାୟତା ପଦକ୍ଷେପ, ଅଣଲାଭକାରୀ ସଂସ୍ଥାଗୁଡ଼ିକ ବିଶେଷ ପ୍ରଭାବିତ ହେବ। କାରଣ ୬୦ ବିଲିୟନ୍ ଡଲାର ମୂଲ୍ୟର ୫,୮୦୦ ବିଦେଶୀ ସହାୟତା କଣ୍ଟ୍ରାକ୍ଟକୁ ବନ୍ଦ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ, ୧୯୬୧ରେ ୧୦,୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ଶ୍ରମଶକ୍ତିକୁ ନେଇ ୟୁଏସ୍ଏଆଇଡି ପ୍ରତିଷ୍ଠା କରାଯାଇଥିଲା। ଏହି ପାଣ୍ଠିକୁ ବନ୍ଦ କରାଯିବା ପରେ ଆମେରିକାରେ ୧,୬୦୦ କର୍ମଚାରୀ ଛଟେଇ ହେଲେଣି। ଅନେକ ଷ୍ଟାଫ୍ ଛୁଟିରେ ଚାଲିଯାଇଛନ୍ତି। ଏହାର ପ୍ରଭାବ କେବଳ ଆମେରିକାରେ ସୀମିତ ହୋଇ ରହିବ ନାହିଁ। ଭାରତର ଅନେକ ବେସରକାରୀ ସଙ୍ଗଠନ(ଏନ୍ଜିଓ), ସିଭିଲ୍ ସୋସାଇଟି ବିଦେଶୀ ପାଣ୍ଠି

## ପ୍ରଭାବିତ ହେବ ଭାରତୀୟ ପ୍ରକଳ୍ପ, ମାନବୀୟ ସହାୟତା

ଉପରେ ନିର୍ଭରଶୀଳ। ବିଶେଷକରି ଆମେରିକାରୁ ଆସୁଥିବା ଆର୍ଥିକ ସହାୟତାକୁ ନେଇ ଭାରତୀୟ ଏନ୍ଜିଓଗୁଡ଼ିକ ଅଧିକ କ୍ରିୟାଶୀଳ ହୋଇଥାଆନ୍ତି। ଏପରି କି ଭାରତ ସରକାର ମଧ୍ୟ ଆମେରିକୀୟ ସହାୟତା ପାଇଥାଆନ୍ତି। ଏ ସମ୍ପର୍କରେ ସାଧାରଣ ଜନତା ଅବଗତ ହେବାର ଅବକାଶ ନ ଥାଏ। ଉଦାହରଣ ସ୍ୱରୂପ ଭାରତରେ ମତଦାନ ହାର ବୃଦ୍ଧି ପାଇଁ ପୂର୍ବର ଜୋ ବାଇଡେନ୍ ପ୍ରଶାସନ ୟୁଏସ୍ଏଆଇଡିରୁ ୨୧ ନିୟୁତ ଡଲାର (୧୮୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା) ଦେଉଥିଲେ। ବିଲିୟନେୟାର ଏଲନ୍ ମସ୍କଙ୍କ ଅଧକ୍ଷତାରେ ଗଠିତ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପକ୍ଷରୁ ଗତ ୧୫ ତାରିଖରେ ଭାରତରେ ଭୋଟର ଟର୍ନଆଉଟ୍ ପାଇଁ ଉକ୍ତ ସହାୟତା ବନ୍ଦ କରାଯିବା ପରେ ଏହି ବିଷୟ ସାମ୍ନାକୁ ଆସିଥିଲା। ଏପରି କି ୨୧ ନିୟୁତ ଡଲାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଯାଇଥିବା ମଧ୍ୟ କହିବାକୁ ଟ୍ରମ୍ପ ପଛାଇ ନ ଥିଲେ, ଯାହାକି ଭାରତରେ ଏକ ନୂଆ ରାଜନୈତିକ ବିତର୍କକୁ ଜନ୍ମ ଦେଇଛି।

# ମା'ହେଲେ ୧୦ମ ଶ୍ରେଣୀ ଛାତ୍ରୀ

**ଯାଜପୁର, ୨୭।୨ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରାମପୁର ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ବୁଧବାର ରାତି ପ୍ରାୟ ୨ଟା ସମୟରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ମା' ଓ ନବଜାତ ଶିଶୁକନ୍ୟା ସୁସ୍ଥ ଅଛନ୍ତି। ଉଭୟଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଚ୍ଚତର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଲିଗାଲ ଅଫିସର ତୃପ୍ତିମୟୀ ପଣ୍ଡା ବରୀ ରାମଚନ୍ଦ୍ରପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ବରୀ ଥାନାରେ ଏକ ମାମଲା(ନଂ.୮୦/୨୦୨୫) ରୁଜୁ କରାଯାଇଛି। ବରୀ ଥାନା ପୋଲିସ ଏହି ମାମଲାରେ ସଂପୃକ୍ତ ଥିବା ସନ୍ଦେହ କରି ଚନ୍ଦନପୁର ଗ୍ରାମର ଚିଙ୍କୁ ଜେନା ନାମକ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଜିଲା ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଲିଗାଲ ଅଫିସର ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ଚଳିତ ମାଟ୍ରିକ ପରୀକ୍ଷାର ୨ଟି ବିଷୟରେ ପରୀକ୍ଷା ଦେଇ ସାରିଛନ୍ତି। ତେବେ ବୁଧବାର ରାତିରେ ଛାତ୍ରୀ ଜଣକ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକା ଛାତ୍ରୀ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସମ୍ପୃକ୍ତ ଛାତ୍ରୀଙ୍କ ସହିତ କେହି ଶାରୀରିକ ସମ୍ପର୍କ ସ୍ଥାପନ କରିବା ପରେ ସେ ଗର୍ଭବତୀ ଥିଲେ। ଏହା ସମାଜ ପାଇଁ କଳଙ୍କିତ ବିଷୟ ହୋଇଛି। ଏଭଳି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ☞ପୃଷ୍ଠା-୨

# ହିନ୍ଦୀ ଯୋଗୁ ୨୫ ଉତ୍ତର ଭାରତୀୟ ଭାଷା ନଷ୍ଟ ହୋଇଛି: ଷ୍ଟାଲିନ୍

**ନୂଆଦିଲ୍ଲୀ, ୨୭।୨**

ହିନ୍ଦୀ ଭାଷାକୁ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ଜବରଦସ୍ତ ଲଦିଦିଆଯାଉଥିବା ଅଭିଯୋଗ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗୁରୁବାର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଉତ୍ତର ଭାରତର ୨୫ଟି ଆଞ୍ଚଳିକ ଭାଷାକୁ ହିନ୍ଦୀ ଏବଂ ସଂସ୍କୃତ ଧ୍ୱଂସ କରିଦେଇଥିବା ସେ କହିଛନ୍ତି। ସେହି ଭାଷାଗୁଡ଼ିକ ମଧ୍ୟରେ ରହିଛି ଭୋଜପୁରୀ, ମୈଥିଳୀ, ଅୱଧି, ବ୍ରଜ, ବୁନ୍ଦେଲି, ଗଢ଼ୱାଲି, କୁମାଓନି, ମାଗାହି, ମାରୱାଡ଼ି, ମାଲ୍ଭ, ଛତିଶଗଡ଼ୀ, ସାନ୍ତାଳୀ, ଅଙ୍ଗିକା, ହୋ, ଖରିଆ, କୁରମାଲି, କୁରୁଖ, ମୁଣ୍ଡାରି ଓ ଆହୁରି ଅନେକ ଭାଷା। ଉତ୍ତର ଭାରତର ବାସ୍ତବ ଆଞ୍ଚଳିକ ଭାଷାଗୁଡ଼ିକ ଏବେ ବଞ୍ଚିବା ପାଇଁ



ଏମ୍.କେ. ଷ୍ଟାଲିନ୍

ସଂଘର୍ଷ କରୁଛନ୍ତି। ଅଖଣ୍ଡ ହିନ୍ଦୀ ପରିଚୟ ପୁରାତନ ମାତୃଭାଷାକୁ ମାରିଦେଉଛି ବୋଲି ଷ୍ଟାଲିନ୍ କହିଛନ୍ତି। ଉତ୍ତରପ୍ରଦେଶ ଓ ବିହାର କଦାପି ହିନ୍ଦୀର ମୁଖ୍ୟ ଭୂଖଣ୍ଡ ନ ଥିଲା। ସେଠାର ବାସ୍ତବ ଭାଷା ଏବେ ଅତୀତ ଅବଶେଷ ହୋଇ ରହିଥିବା ଷ୍ଟାଲିନ୍ ଏକ୍ସ'ରେ ଲେଖିଛନ୍ତି। ଶତାଧିକ ବର୍ଷର ଦ୍ରାବିଡ଼ୀୟ ଆନ୍ଦୋଳନ ସଚେତନତା ସୃଷ୍ଟି ଏବଂ ବିଭିନ୍ନ ଆନ୍ଦୋଳନ ଜରିଆରେ ତାମିଲ ଓ ଏହାର ସଂସ୍କୃତିକୁ ସୁରକ୍ଷା ଦେଇଆସିଥିବା ଡିଏମ୍କେ ମୁଖ୍ୟ କହିଛନ୍ତି। ଜାତୀୟ ଶିକ୍ଷା ନୀତି (ଏନ୍ଇପି)ରେ ତ୍ରିଭାଷୀ ନୀତିକୁ ନେଇ ଷ୍ଟାଲିନ୍ କେନ୍ଦ୍ରକୁ ତୀବ୍ର ସମାଲୋଚନା କରିଛନ୍ତି। ଅନେକ ଶହ ବର୍ଷ ଧରି ଜାତିଗତ ଶତ୍ରୁତା ରଖି ଆକ୍ରମଣକାରୀମାନେ ଅନନ୍ୟ ତାମିଲ ସଂସ୍କୃତିକୁ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ତ୍ରିଭାଷୀ ନୀତିରେ ଅନ୍ୟ ଭାରତୀୟ ଭାଷା ତୁଳନାରେ ହିନ୍ଦୀ କିମ୍ବା ସଂସ୍କୃତକୁ ପ୍ରାଥମିକତା ଦିଆଯାଉଛି। ହିନ୍ଦୀ ହେଉଛି ମାସ୍କ ଏବଂ ସଂସ୍କୃତ ଲୁଚିଥିବା ମୁହଁ ବୋଲି ଷ୍ଟାଲିନ୍ ଦଳୀୟ ନେତା ଓ କର୍ମୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି।

## ପହିଲାରୁ ପ୍ରାଣୀଙ୍କୁ ମାଗଣା ଚିକିତ୍ସା, ଟିକା: ମନ୍ତ୍ରୀ

**ଭୁବନେଶ୍ୱର, ୨୭।୨ (ଅନୁରାଧା ମହାରଣା)**

ମାର୍ଚ୍ଚ ପହିଲାରୁ ପ୍ରାଣୀମାନଙ୍କୁ ମାଗଣା ଚିକିତ୍ସା ସହ ଟିକାକରଣ କରାଯିବ। ଏନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ମନ୍ତ୍ରୀ 'ଏକ୍ସ'ରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ରାଜ୍ୟବାସୀଙ୍କ ଅନୁରୋଧକ୍ରମେ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଗୋରୁ, ଛେଳି ଓ ମେଣ୍ଢା ଆଦିଙ୍କ କ୍ଷେତ୍ରରେ ଚିକିତ୍ସା ନିଃଶୁଳ୍କ ରହିବ। ଏହି ନିଷ୍ପତ୍ତି ଦ୍ୱାରା ପ୍ରାଣୀ ସମ୍ପଦର ସୁରକ୍ଷା ସହ ଚାଷୀ ଭାଇଭଉଣୀମାନେ ମଧ୍ୟ ଉପକୃତ ହୋଇପାରିବେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ନୂଆ ସଂସ୍ଥା ଆବଶ୍ୟକ







# ଚନ୍ଦ୍ରର ସ୍ପଷ୍ଟ ଚିତ୍ର ପଠାଇଲା 'ବ୍ଲୁ ଘୋଷ୍ଟ'

**ୱାଶିଂଟନ, ୨୭।୨**

ଆମେରିକୀୟ ଘରୋଇ ଏରୋସ୍ପେସ୍ କମ୍ପାନୀ 'ଫାୟାରଫ୍ଲାଏ ଏରୋସ୍ପେସ୍'ର 'ବ୍ଲୁ ଘୋଷ୍ଟ' ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ନିଜ ଲକ୍ଷ୍ୟର ନିକଟତର ହେବାରେ ଲାଗିଛି। ଅବତରଣ କରିବାର କିଛିଦିନ ପୂର୍ବରୁ ଏହା ଚନ୍ଦ୍ରର ବିସ୍ତୃତ ଭିଜୁଆଲ ପଠାଇଛି, ଯାହାକୁ ଫାୟାରଫ୍ଲାଏ ଏରୋସ୍ପେସ୍ ପକ୍ଷରୁ ଏକ୍ସ'ରେ ଶେୟାର କରାଯାଇଛି। ଚଳିତ ମାସରେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିଥିବା ଏହି ଲୁନାର ଲାଣ୍ଡର ୧୨୦ କି.ମି. ଉପରୁ ଉକ୍ତ ଫୁଟେଜକୁ ରେକର୍ଡ କରିଥିଲା। ଏହି ଫୁଟେଜ୍ରେ ଚନ୍ଦ୍ରର ବିସ୍ତୃତ ଦୃଶ୍ୟକୁ ଦେଖିବାକୁ ମିଳିଛି, ଯେଉଁଥିରେ ଏହାର ଦୁର୍ଗମ ଏବଂ ଅସମତଳ ଭୂମି ସହ ବିଭିନ୍ନ ଗର୍ତ୍ତ ଥିବା ସ୍ଥାନକୁ ଦେଖିବାକୁ ମିଳିଛି।



ସେହିପରି ଏହି ଭିଡିଓରେ ଚନ୍ଦ୍ରର ଲୁକ୍କାୟିତ ପାର୍ଶ୍ୱକୁ ଦେଖିବାକୁ ମିଳିଛି, ଯାହାକୁ ପୂର୍ବରୁ କେବେ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଚନ୍ଦ୍ରର ଏହି ଲୁକ୍କାୟିତ ପାର୍ଶ୍ୱ ପୃଥିବୀରୁ ଦୃଶ୍ୟମାନ ହୁଏନାହିଁ ବୋଲି ବୁଧବାର 'ବ୍ଲୁ ଘୋଷ୍ଟ'ର ଉପମୁଖ୍ୟ ଇଞ୍ଜିନିୟର ଯୋଶେଫ ମାର୍ଲିନ କହିଛନ୍ତି। ଚନ୍ଦ୍ରର ଚତୁଃପାର୍ଶ୍ୱରେ ବ୍ଲୁ ଘୋଷ୍ଟ ପରିକ୍ରମା କରୁଥିବା ସମୟରେ ଉକ୍ତ ଫୁଟେଜକୁ ନିଆଯାଇଛି। ଏହି ଫୁଟେଜରୁ ବୈଜ୍ଞାନିକମାନଙ୍କୁ ଚନ୍ଦ୍ର ଭୂବିଜ୍ଞାନ ବିଷୟରେ ମୂଲ୍ୟବାନ୍ ସୂଚନା ମିଳିଥିବା ଯୋଶେଫ କହିଛନ୍ତି। ସେ ଏହି ଫୁଟେଜକୁ ଭରପୂର ପ୍ରଶଂସା ମଧ୍ୟ କରିଛନ୍ତି। ଚନ୍ଦ୍ରର ଏପରି ବିସ୍ତୃତ ଦୃଶ୍ୟ ଦେଖିବାର ଅନୁଭୂତି ଅବିଶ୍ୱସନୀୟ ହୋଇଥିବା ସେ କହିଛନ୍ତି। ଆସନ୍ତା ମାର୍ଚ୍ଚ ୨ରେ ବ୍ଲୁ ଘୋଷ୍ଟ ମହାକାଶଯାନ ମାରେ କ୍ରିସିୟମରେ ଲାଣ୍ଡିଂ କରିବ ବୋଲି ତାରିଖ ସ୍ଥିର ହୋଇଥିବା ସେ ସୂଚନା ଦେଇଛନ୍ତି।

ଗତ ଜାନୁଆରୀ ୧୫ରେ ଫ୍ଲୋରିଡାର କେନେଡ଼ି ସ୍ପେସ୍ ସେଣ୍ଟରରୁ ବ୍ଲୁ ଘୋଷ୍ଟ ଲୁନାର ଲାଣ୍ଡରକୁ ଲଞ୍ଚ୍ କରାଯାଇଥିଲା। ସ୍ପେସ୍ ଏକ୍ସ'ର ଫାଲ୍କନ-୯ ରକେଟରୁ ଅଲଗା ହେବା ପରେ ଟେକ୍ସାସରେ ଥିବା ସ୍ପେସ୍ ଏକ୍ସ ମିଶନ ଅପରେଶନ ସେଣ୍ଟର ପକ୍ଷରୁ ଏହାର ଗତିବିଧି ଉପରେ ନଜର ରଖାଯାଇଛି। ଚନ୍ଦ୍ରକୁ ଯିବା ପୂର୍ବରୁ ଏହି ମହାକାଶଯାନ ୨୫ ଦିନ ପର୍ଯ୍ୟନ୍ତ ପୃଥିବୀର ପରିକ୍ରମା କରିଥିଲା। ପରେ ଏହାକୁ ଚନ୍ଦ୍ରର କକ୍ଷପଥରେ ପହଞ୍ଚିବାକୁ ୪ ଦିନ ସମୟ ଲାଗିଥିଲା। ଫେବୃଆରୀ ୧୩ରୁ ବ୍ଲୁ ଘୋଷ୍ଟ ଚନ୍ଦ୍ରର ପରିକ୍ରମା କରିଆସୁଛି। ଚନ୍ଦ୍ରରେ ବ୍ଲୁ ଘୋଷ୍ଟର ସଫଳ ପରିକ୍ରମା ଏବଂ ଏହାର ଆଗାମୀ ଲାଣ୍ଡିଂ ଚନ୍ଦ୍ର ସମ୍ବନ୍ଧିତ ବିଭିନ୍ନ ଗବେଷଣାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବୈଜ୍ଞାନିକମାନେ ବିଶ୍ୱାସ ରଖିଛନ୍ତି।

**ଆଜିର ମନ୍ତବ୍ୟ**

“ ୧୦୦ କୋଟି ଭାରତୀୟଙ୍କ ନିକଟରେ ଖର୍ଚ୍ଚ କରିବା ପାଇଁ ଅତିରିକ୍ତ ଆୟ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ବିକଶିତ ଭାରତ’ ସାଧାରଣ ଲୋକଙ୍କ ପକେଟକୁ ଖାଲିକରି ନିର୍ଦ୍ଦିଷ୍ଟ ବିଲିୟନେୟାରଙ୍କ ଟ୍ରେଜେରିରେ ଟଙ୍କା ଭର୍ତ୍ତି କରୁଛି। ସୃଷ୍ଟି ହୋଇପାରେ। **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧକ୍ଷ**

# ଆଜି କ’ଣ କେଉଁଠି

### ଭୁବନେଶ୍ୱର
- ରାଜ୍ୟସ୍ତରୀୟ କିଶୋରୀ-କିଶୋର ସମାବେଶ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୯ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ସର୍ଭେ ଭବନ, ଇଗ୍‌ନୋ ରୋଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫୁଲ ଓ ଫଗୁଣର ପ୍ରୀତି ପର୍ବ ବସନ୍ତ ଉତ୍ସବ: ବାସନ୍ତିକା, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ବେଦକର ସମାଜ ସେବା ଆସୋସିଏଶନ (ଆଶା) ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ମର୍ଡନ ଆର୍ଟ ଏକ୍‌ଜିବିଶନ ‘ଉତ୍କଳିକା’, ସ୍ଥାନ: ଲଳିତ କଳା ଏକାଡେମୀ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା।
- ବାଦୀ ପାଲା ପରିବେଷଣ, ସ୍ଥାନ: ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ରାତି ୭ଟା।

### କଟକ
- କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ଏମ୍‌କେସିଜି ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ପଣ୍ଡିତ ପାର୍କ ୱାର୍କର୍ସ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଚୌଦ୍ୱାର ପାଇକେରାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ପୀଠରେ ୫୩ତମ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପାଇକେରାପୁର, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ମହାପ୍ରଭୁଙ୍କ ବେଣ୍ଟନୀତି କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ବଲ୍ଲଭ, ସମୟ: ସକାଳ ୬ଟା।
- ଉସ୍ଥି ଫାଉଣ୍ଡେଶନ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପେଣ୍ଟକଟା ବେଳାଭୂମି, ସମୟ: ସକାଳ ୮ଟା ୩୦।
- ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ହରଚଣ୍ଡି ସାହି ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି, ସ୍ଥାନ: ସ୍ୱର୍ଗଦ୍ୱାର ବେଳାଭୂମି, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ସ୍ମାର୍ଟ ସ୍କୁଲ ଓ ପ୍ରିମିୟର ଇନ୍‌ଷ୍ଟିଚ୍ୟୁଟର ବାର୍ଷିକୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ,
- ସମୟ: ଅପରାହ୍ନ ୫ଟା ୩୦।
- ସୁଭଦ୍ରା ଶକ୍ତି ମେଳାର ବାର୍ଷିକୋତ୍ସବ, ସ୍ଥାନ: ତାଳବଣିଆ, ସମୟ: ସନ୍ଧ୍ୟା ୬ଟା।

### ବାଲେଶ୍ୱର
- ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜ୍ଞାନ ବିଭାଗର ଆଲୋଚନାଚକ୍ର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ଅପରାହ୍ନ ୨ଟା।

### ଭଦ୍ରକ
- ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ, ସ୍ଥାନ: ସାବରଙ୍ଗ ଏନ୍‌ଡିଏମ୍‌ଇ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଷ୍ଣୁବିନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଯନ୍ତୁଆଳି ଗ୍ରାମବାସୀଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବସନ୍ତ ଆଗମନୀ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: କୋଚିଲା ନଦୀପଠା, ଧୁଷୁରୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ମାତୃଭାରତୀ, ଧୁଷୁରୀ, ସମୟ: ଅପରାହ୍ନ ୩ଟା।

### କେନ୍ଦୁଝର
- ୯ମ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ବଡ଼ତିରା, ଛେନାପଦି, ସମୟ: ସକାଳ ୬ ଟା।
- ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୬ ଟା।
- ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜନଜାତି ଚାଷୀଙ୍କୁ ଯନ୍ତ୍ରପାତି ବଣ୍ଟନ, ସ୍ଥାନ: ଚମ୍ପୁଆ ଧରଣୀଧର ଭବନ, ସମୟ: ପୂର୍ବାହ୍ନ ୧୧ ଟା।
- କୃଷକ ସଚେତନତା ରଥ ଆରମ୍ଭ, ସ୍ଥାନ: କୃଷି ବିଭାଗ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୧ଟା।
- ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସାନ ଜାମୁପଶି, ପାଟଣା, ସମୟ: ଅପରାହ୍ନ ୨ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ : ବଡ଼ତିରା, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।

### ମୟୂରଭଞ୍ଜ
- ପ୍ରକୃତିକ ଚିକିତ୍ସା ଓ ଯୋଗ ଶିବିର, ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୯ଟା।
- ଜାଗର ମେଳା, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା, ସ୍ଥାନ:ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।

### ଗଞ୍ଜାମ
- କେମିକାଲ ବିପର୍ଯ୍ୟୟ ସମ୍ବନ୍ଧୀୟ ମକ୍‌ଡ୍ରିଲ, ସ୍ଥାନ: ଗଞ୍ଜାମ ଗ୍ରାସୀମ ଇଣ୍ଡଷ୍ଟ୍ରିଜ, ସମୟ: ସକାଳ ୯ଟା ୩୦।
- ଛତ୍ରପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

### ଢେଙ୍କାନାଳ
- ବିଧାନସଭା ଉନ୍ନୟନ କମିଟି ବୈଠକ (ପରଜଙ୍ଗ ନିର୍ବାଚନ ମଣ୍ଡଳୀ), ସ୍ଥାନ: କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।

### ଜଗତ୍‌ସିଂହପୁର
- ଟ୍ରଲି ଓ ରିକ୍ସା ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଓ ଅଷ୍ଟମପ୍ରହରୀ ନାମଯଜ୍ଞ, ସ୍ଥାନ: ବସ୍‌ଷ୍ଟାଣ୍ଡ ପାର୍କିଂ ଅଞ୍ଚଳ, ବଡ଼ପଡିଆ, ପାରାଦୀପ, ସମୟ: ସକାଳ ୬ଟା।
- ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ରାସାୟନିକ ବିପର୍ଯ୍ୟୟ ସମ୍ପର୍କିତ ମକ୍ ଏକ୍ସରସାଇଜ, ସ୍ଥାନ: ପିପିଏଲ୍ କାରଖାନା ପରିସର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଇତିହାସ ବିଭାଗର ବିକାଶ ଓ ଯୋଗ ଉପରେ ବହୁମୁଖୀ କର୍ମଶାଳା, ସ୍ଥାନ: ପାରାଦୀପ କଲେଜ ପରିସର, ନୂଆବଜାର, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଥପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମା’ ଛୁଆଳିଆ ପୀଠ, ଲୋକନାଥପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଜିଲା ପରିଷଦର ସାଧାରଣ ବୈଠକ, ସ୍ଥାନ:ଜିଲା ପରିଷଦର ସମ୍ମିଳନୀ କକ୍ଷ, ସମୟ:ସାଢ଼େ ୧୦ଟା।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ ୨ୟ ସେମି ଫାଇନାଲ ମ୍ୟାଚରେ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ବନାମ ପପୁଲାର କ୍ଲବ ମେଙ୍କାନାଳ , ସ୍ଥାନ: ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୩ଟା।
- ମହିଷାଶୁଣୀ ପୀଠରେ ଯାଗର ଯାତ୍ରାର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ଅପରାହ୍ନ ୪ଟା।

### ଯାଜପୁର
- ୫୧ତମ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଯାଜପୁର ରୋଡ଼ ସତ୍ୟନଗର ଗ୍ରାମ,ସମୟ : ସକାଳ ୬ଟା।

### ରାୟଗଡ଼ା
- ବଜେଟକୁ ନେଇ ବାଣିଜ୍ୟ ପରିବହନ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଆଲୋଚନା କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ,ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସିଙ୍ଗାରି ସେବାଶ୍ରମରେ ବାର୍ଷିକ ଉତ୍ସବ, ସ୍ଥାନ: ସେବାଶ୍ରମ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର
- ପଞ୍ଚାୟତ ସମିତି ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ, ସ୍ଥାନ: ବ୍ଲକ୍ ସଭାଗୃହ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପକ୍ଷରୁ ଜନସମ୍ପର୍କ ସମ୍ମିଳନୀ, ସ୍ଥାନ: ପୋଡାମ୍ବ ଗାଁ, ସମୟ: ମଧ୍ୟାହ୍ନ ୧୨ଟା।

### କୋରାପୁଟ
- ବ୍ଲକ୍‌ସ୍ତରୀୟ ଜଳ ବିଭାଜିକା ମହୋତ୍ସବ, ସ୍ଥାନ: କୋଲାର ପଞ୍ଚାୟତ ଗନିପୁଟ, ମାଳିଗୁଡା, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ପୁକାଲି ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ମାଲକାନଗିରି
- ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ, ସ୍ଥାନ: ଡିଏନ୍‌କେ. ଖେଳ ପଡିଆ, ମାଲକାନଗିରି, ସମୟ: ସନ୍ଧ୍ୟା ୬ ଟା।
- ପୋଲାଭରମ ପ୍ରକଳ୍ପକୁ ପ୍ରତିବାଦରେ ଗଣ ସମାବେଶ, ସ୍ଥାନ: ମୋଟୁ, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ଡେଙ୍ଗମଚା କ୍ରୀଡା ସଂସଦ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ଡେଙ୍ଗମଚା ଖେଳ ପଡିଆ, ସମୟ : ସକାଳ ୮ଟା।
- ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମୀକ୍ଷା ବୈଠକ, ସ୍ଥାନ : ସର୍କିଟ ହାଉସ, ସମୟ : ମଧ୍ୟାହ୍ନ ୧୨ଟା ୩୦।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା ୩୦।

### ବଲାଙ୍ଗୀର
- ଭୂମିହୀନଙ୍କ ଲୋଇସିଂହା ତହସିଲ ଘେରାଉ, ସ୍ଥାନ: ଲୋଇସିଂହା ତହସିଲ,ସମୟ: ପୂର୍ବାହ୍ନ ୧୦ ଟା।
- ଲୋଇସିଂହା ବ୍ଲକ ପଞ୍ଚାୟତ ସମିତି ବୈଠକ,ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ ଟା।
- ସୁଭଦ୍ରା ଶକ୍ତି ମେଳା , ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

### ରାଉରକେଲା
- ବାର୍ଷିକ କ୍ରୀଡ଼ା ତାଲିମ ଶିବିର, ୮ମ ଦିବସ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ଜାତୀୟ ବିଜ୍ଞାନ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ସକାଳ ୯ଟା ୩୦।
- ଜାତୀୟ ବିଜ୍ଞାନ ଦିବସ ପାଳନ ସମାରୋହ, ସ୍ଥାନ: ସେକ୍ଟର-୨ ସୁଶୀଳାବତୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି
- ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣା କରଣ ସମାଜ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଫଗୁ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ ବ୍ଲକ ମଥୁରା, ସମୟ: ଅପରାହ୍ନ ୪ଟା।

### ବୌଦ୍ଧ
- ଜିଲାସ୍ତରୀୟ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ ସମାରୋହ, ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ବିଦ୍ୟା ବିକାଶ ବିଦ୍ୟାଳୟର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ରୟାଲ ଭେନ୍ୟୁ, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ, ସ୍ଥାନ: ପ୍ରଧାନପାଟ ରୋଡ, ଦେବଗଡ଼ ବଡ଼ବଗିଚା, ସମୟ: ପୂର୍ବାହ୍ନ: ୧୧ଟା।

### ସୁବର୍ଣ୍ଣପୁର
- ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର, ସ୍ଥାନ: ଧର୍ମଶାଳା ଉପବଜାର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା ୩୦।

### ନୂଆପଡ଼ା
- ମାରାଗୁଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଲ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୮ଟା ୩୦।
- ମହାଶିବରାତ୍ରି ଉପଲକ୍ଷେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ରଜନା ଗାଁ, ସମୟ: ସକାଳ ୯ଟା ୩୦।

### ଝାରସୁଗୁଡ଼ା
- ଅମାବାସ୍ୟା ଉପଲକ୍ଷେ ପ୍ରବଚନ ଏବଂ ଭାଗବତ ପାଠ, ସ୍ଥାନ: କପିଳାସପୁର ଭାଗବତଗୁଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ଋତୁସ୍ରାବ ଜନିତ ସଚେତନତା ଶିବିର, ସ୍ଥାନ: ପୂଝାରୀପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଜମାପାଲି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।




# ପରୀକ୍ଷା କେନ୍ଦ୍ରରେ କପି: ୫ ଶିକ୍ଷକ ନିଲମ୍ବିତ

**ବଲାଙ୍ଗୀର,୨୭।୨**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ଥିତ ହଳଦୀ ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ବ୍ୟାପକ କପି କାରବାର ଚାଲିଥିବା ଅଭିଯୋଗ ନେଇ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ ଜଣ ସହକାରୀ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକମାନେ ହେଲେ ଉକ୍ତ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଉମେଶ ଚନ୍ଦ୍ର ବିଶ୍ୱାଳ, ସହକାରୀ ଶିକ୍ଷକ ବୈଜୟନ୍ତୀ ସୁବୁଦ୍ଧି, ସୋମନାଥ ଧଳ, ମନୋଜ କୁମ୍ଭାର ଓ କପିଳେଶ୍ୱର ବେହେରା। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ଠାରୁ ମିଳିଥିବା ସୂଚନା ମୁତାବକ, ଗତ ୨୪ ତାରିଖରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁରିବାହାଲ ବ୍ଲକ ଅନ୍ତର୍ଗତ ସିରୋଲ ସରକାରୀ ୟୁଜିଏଚ୍ଏସ୍ ପରୀକ୍ଷା କେନ୍ଦ୍ର ଏବଂ ହଳଦୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସେତେବେଳେ ହଳଦୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଅନେକ ଛାତ୍ରୀଛାତ୍ର ସ୍କୁଲର ୩ ଏବଂ ୪ ନମ୍ବର ଶ୍ରେଣୀ କକ୍ଷ ଝରକାରୁ କପି ଚିଟ୍ ଫିଙ୍ଗିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଫିଙ୍ଗାଯାଇଥିବା କପିଚିଟ୍ ପରୀକ୍ଷା ସମ୍ପର୍କିତ ବୋଲି ଜଣାପଡିଥିଲା। ସେହି ସ୍କୁଲର ୫ ଓ ୬ ନମ୍ବର ଶ୍ରେଣୀ କକ୍ଷର ସିସିଟିଭି ଯାଞ୍ଚ କଲାପରେ ସେଠାରେ ଛାତ୍ରୀଛାତ୍ର ବ୍ୟାପକ କପି କରୁଥିବା ଦେଖାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ମୃତଦେହକୁ ମିଳିଲାନି ...

ଏହି ଘଟଣା ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗର କାରଣ ହୋଇଛି।

ସୂଚନା ଅନୁଯାୟୀ, ଆଠମଲ୍ଲିକ ଥାନା ପେଣ୍ଡରାବସା ଗ୍ରାମର ପ୍ରକାଶଙ୍କ ଗୁରୁବାର ସକାଳ ୭ଟାରେ ମୃତ୍ୟୁ ହୋଇଥିଲା। ସେ କିଛି ମାସ ହେବ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ୨୦୧୦ ମସିହାରେ ପ୍ରକାଶ କିଶୋରନଗର ବ୍ଲକ ଶରଧାମୁଣ୍ଡା ଗ୍ରାମର ରୀତା ବିଶ୍ୱାଳଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଦୁହେଁ ଭିନ୍ନ ଜାତି ହୋଇଥିବାରୁ ଏହି ବିବାହକୁ ରୀତା ଓ ପ୍ରକାଶଙ୍କ ଜାତି ସମାଜ ଗ୍ରହଣ କରି ନ ଥିଲା। ଏପରିକି ଉଭୟଙ୍କ ସମାଜର ଲୋକମାନେ ରୀତା ଓ ପ୍ରକାଶଙ୍କୁ ବାସନ୍ଦ କରିବା ସହ ଜାତିର କୌଣସି କାର୍ଯ୍ୟରେ ସାମିଲ କରୁ ନ ଥିଲେ। ଏଥିସହ ଉଭୟଙ୍କ ପରିବାରର କୌଣସି ସଦସ୍ୟ ରୀତା ଓ ପ୍ରକାଶଙ୍କ ସହ ମିଶିଲେ ବାସନ୍ଦ ସହ ଜରିମାନା ଦେବେ ବୋଲି କୁହାଯାଇଥିଲା। ଫଳରେ ରୀତା ଓ ପ୍ରକାଶ ଶରଧାମୁଣ୍ଡାଠାରେ ଏକ ଘର ନିର୍ମାଣ କରି ରହିବା ସହ ପାଲା ଗାୟକଙ୍କ ସହଯୋଗୀ ଭାବେ କାମ କରୁଥିଲେ। ଉଭୟଙ୍କ ୨ଟି ଝିଅ ଓ ଗୋଟିଏ ପୁଅ ଥିବାବେଳେ ୨୦୨୦ ମସିହାରେ ପ୍ରକାଶ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କର ୨ଟି ଯାକ କିଡ୍‌ନୀ ଅଚଳ ହୋଇଯାଇଥିଲା। ୫ ବର୍ଷ ହେବ ବିଭିନ୍ନ ସମୟରେ ଚିକିତ୍ସିତ ହେଉଥିବା ପ୍ରକାଶ ଗୁରୁବାର ଆଖିବୁଜି ଦେଇଥିଲେ। ସ୍ତ୍ରୀ ରୀତା ଏ ସମ୍ପର୍କରେ ଶାଶୁଘର ଓ ବାପଘର ଲୋକଙ୍କୁ ସୂଚନା ଦେଇଥିଲେ। ଖବରପାଇ ଉଭୟ ପରିବାର ଲୋକମାନେ ଆସିଥିଲେ ହେଁ ଦୂରରୁ ଦେଖି ଚାଲିଯାଇଥିଲେ। ପରିବାର ସଦସ୍ୟଙ୍କ ଏପରି ବ୍ୟବହାର ରୀତା ଓ ପିଲାମାନଙ୍କୁ ଅଧିକ ଅସହାୟ କରିଦେଇଥିଲା। ସେମାନେ ମୃତଦେହ ପାଖରେ ବସି କାନ୍ଦୁଥିବା ଦେଖାଯାଇଥିଲା। ରୀତାଙ୍କ ଅସହାୟତା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ କିଶୋରନଗର ତହସିଲ ପ୍ରଶାସନକୁ ସୂଚନା ଦେଇଥିଲେ। କିନ୍ତୁ ପ୍ରଶାସନର କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ବଇଣ୍ଡା ଫାଣ୍ଡି ପୋଲିସ ଗାଁକୁ ଆସିଥିଲେ ମଧ କିଛି ସମୟ ପରେ ପଳାଇ ଯାଇଥିବା ଅଞ୍ଚଳବାସୀ କହିଛନ୍ତି। ପରେ ବଇଣ୍ଡା ଗ୍ରାମର ବିଜୟ ସାହୁ, ବିଷ୍ଣୁ ପ୍ରସାଦ ପ୍ରଧାନ, ସର୍ବେଶ୍ୱର ସାହୁ, ରାମ ବେହେରା, ଅଜିତ ପ୍ରଧାନ, ତ୍ରିଲୋଚନ ବେହେରା, ଗିରିଧାରୀ ପ୍ରଧାନ, ନୁନୁକାପଶି ସମିତି ସଭ୍ୟା ମାନସୀ ପ୍ରଧାନ ମୃତଦେହ ଦାହ ପାଇଁ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଡ଼ କରିଦେବା ପରେ ରୀତା ନାବାଳିକା ଝିଅଙ୍କ ସହାୟତାରେ ଖଟିଆରେ ଥିବା ମୃତଦେହକୁ ଶ୍ମଶାନ ଯାଏ ବୋହି ନେଇଥିଲେ। ସେଠାରେ ଜୁଇ ପ୍ରସ୍ତୁତ ହେବା ପରେ ପୁଅ ରାଜେଶ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ଏ ସମ୍ପର୍କରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା କହିଛନ୍ତି, ଜାତିପ୍ରଥାକୁ ନେଇ ଏପରି କଟକଣା ରହିବା ଠିକ୍ ନୁହେଁ। ଏହି ଘଟଣା ବ୍ଲକ ପ୍ରଶାସନର ଦୃଷ୍ଟିକୁ ଆସିନାହିଁ। ତୁରନ୍ତ ଏ ଦିଗରେ ତଦନ୍ତ କରାଯିବ ଓ ମୃତକଙ୍କ ପରିବାରକୁ କିଛି ସରକାରୀ ସହାୟତା ଯୋଗାଇ ଦିଆଯିବ।

### ମା’ହେଲେ ୧୦ମ...

ପକ୍ଷରୁ ଅନୁରୋଧ କରାଯାଇଛି। ବରୀ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀ ଓ ଅନ୍ୟ ଅଧିକାରୀମାନେ ଛାତ୍ରୀଙ୍କ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନାଙ୍କୁ ଘଟଣା ବିଷୟରେ ପଚରାଉଚୁରା କରିଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ ଜେନା କହିଛନ୍ତି, ଏହି ଘଟଣା ସମ୍ପର୍କରେ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ସିଡିପିଓ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଛି। କାର୍ଯ୍ୟାଳୟର ଲିଗାଲ ଅଫିସର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୨ ଦିନ ତଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ପରିସରରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଏକ ଶିଶୁକୁ ଜନ୍ମ ଦେଇଥିଲେ। ଏହିଘଟଣା ପରେ ବରୀର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମା’ ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

### ପହିଲାରୁ ପ୍ରାଣୀଙ୍କୁ ମାଗଣା ...

ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି। ଅନ୍ୟପଟେ ଆୟୁଷ୍ମାନ ଭାରତ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭଳି ୟୁନିଭର୍ସାଲ ହେଲ୍‌ଥ୍ ସ୍କିମ୍ ଲାଗୁ କରିବା ପାଇଁ ଦୁଗ୍ଧ ଚାଷୀ ସଂଗଠନ ଓଡ଼ିଶା ମିଲ୍କ ଫାର୍ମର୍ସ ଆସୋସିଏଶନ(ଓମ୍‌ଫା) ଦାବି କରିଛି। ଏନେଇ ଓମ୍‌ଫା ସଭାପତି ରବି ବେହେରା ମନ୍ତ୍ରୀ ମଲ୍ଲିକଙ୍କୁ ଚିଠି ଲେଖିଛନ୍ତି। ଗ୍ରାମାଞ୍ଚଳରେ ପ୍ରାଣୀସମ୍ପଦ ରୋଜଗାର ଏକ ମାଧ୍ୟମ ବୋଲି ସେ ଉଲ୍ଲେଖ କରିବା ସହ ନୂଆ ଭାଜପା ସରକାର ପ୍ରାଣୀଚାଷକୁ ପ୍ରୋତ୍ସାହିତ କରିବା ସହ ବିଭିନ୍ନ କ୍ଷେତ୍ରରେ ସବ୍‌ସିଡି ପ୍ରଦାନ କରୁଥିବା ସେ କହିଛନ୍ତି। ଅନେକ ସମୟରେ ପ୍ରାଣୀମାନେ ବିଭିନ୍ନ ରୋଗରେ ପଡୁଥିବାବେଳେ ଗରିବ ଚାଷୀମାନେ ସେମାନଙ୍କ ଚିକିତ୍ସା କରିବାରେ ସକ୍ଷମ ହେଉନାହାନ୍ତି। ତେଣୁ ସ୍ୱାସ୍ଥ୍ୟବୀମା ଦ୍ୱାରା ଏହି ସମସ୍ୟା ଦୂରହୋଇପାରିବ ବୋଲି ସେ କହିଛନ୍ତି।

### ଉତ୍ତମ ଅଭିନୟର ...

ସାଥୀ (୧୯୭୯), ଫୁଲଚନ୍ଦନ(୧୯୮୨), ଝିଅଟି ସୀତା ପରି (୧୯୮୩), ଦଣ୍ଡାବାଳୁଙ୍ଗା (୧୯୮୪) ଆଦି ଥିଲା ତାଙ୍କ ଅଭିନୀତ ବ୍ଲକ୍ ବଷ୍ଟର ଓଡ଼ିଆ ଚଳଚ୍ଚିତ୍ର। ଏତିକି ନୁହେଁ, ଉତ୍ତମ ସାରା ଆକାଶ, କଥା କହୁଥିଲେ ସଚିବନି, ପଣତ କାନି ଓ ଉତ୍ତରଦାୟୀ ଭଳି କେତୋଟି ଟେଲିଭିଜନ ଧାରାବାହିକରେ ମଧ ନିଜ ଅଭିନୟର ଚାତୁରୀ ଦେଖାଇ ଓଡ଼ିଶାର ଘରେ ଘରେ, ପୁରେ ପୁରେ ଲୋକପ୍ରିୟ ହୋଇଥିଲେ। ଉତ୍ତମ ୩୦ଟି ବଙ୍ଗଳାଭାଷୀ ଫିଲ୍ମ ଏବଂ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ର (ନୟା ଜହର)ରେ ଅଭିନୟ କରିଥିଲେ। ୨୦୨୨ରେ ମୁକ୍ତିଲାଭ କରିଥିବା ‘ବିଦ୍ୟାରାଣୀ’ ଥିଲା ତାଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର। ଉତ୍ତମ ମହାନ୍ତି ଓଡ଼ିଆ ସିନେମା ଜଗତରେ ଜଣେମାତ୍ର ଅଭିନେତା ଥିଲେ, ଯିଏକି ଦୀର୍ଘ ୨ ଦଶନ୍ଧି ଧରି ଓଲିଉଡ୍‌ରେ ରାଜ କରିଥିଲେ। ୧୯୮୦ ଦଶକ ଏବଂ ୯୦ ଦଶକରେ ତାଙ୍କ ଚଳଚ୍ଚିତ୍ରଗୁଡ଼ିକ ଗାଁଠୁ ସହରଯାଏ ଦର୍ଶକଙ୍କ ମନ ମୋହିବା ସହ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ଦେଖିବାକୁ ଗଲେ ଓଲିଉଡ୍‌ରେ ବ୍ୟବସାୟିକ ଫିଲ୍ମର ସଫଳତା ଉତ୍ତମ ମହାନ୍ତିଙ୍କଠାରୁ ଆରମ୍ଭ ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅଭିନୟର ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଥିବା ଉତ୍ତମଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ୧୯୯୯ରେ ମର୍ଯ୍ୟାଦାଜନକ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ୨୦୧୨ରେ ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ଆୱାର୍ଡ ଏବଂ ଅନେକ ଥର ସର୍ବଶ୍ରେଷ୍ଠ ଅଭିନେତା ଭାବେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ତମଙ୍କ ସ୍ତ୍ରୀ ଅପରାଜିତା ମହାନ୍ତି ଜଣେ ଆଗଧାଡ଼ିର ଅଭିନେତ୍ରୀ ହୋଇଥିବାବେଳେ ପୁଅ ବାବୁସାନ୍ ମଧ ସମ୍ପ୍ରତି ଓଲିଉଡ୍‌ରେ ଜଣେ ଲୋକପ୍ରିୟ ଅଭିନେତା ଭାବେ ସକ୍ରିୟ ରହିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ଉତ୍ତମଙ୍କ ପରଲୋକରେ ଶୋକବ୍ୟକ୍ତ କରି କହିଛନ୍ତି, ଏହି ମହାନ୍ ଅଭିନେତାଙ୍କ ଦେହାନ୍ତ ବିଷୟ ଜାଣି ସେ ଅତ୍ୟନ୍ତ ଦୁଃଖିତ। ତାଙ୍କ ବିୟୋଗ ଓଡ଼ିଆ କଳାଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଓଡ଼ିଆ କଳାଜଗତରେ ସେ ଛାଡ଼ିଯାଇଥିବା ଅଭିନୟର ଛାପ ତାଙ୍କୁ ସର୍ବଦା ଦର୍ଶକଙ୍କ ହୃଦୟରେ ଅମର କରି ରଖିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ମୁଖ୍ୟମନ୍ତ୍ରୀ ଏକ୍ସ’ରେ ପୋଷ୍ଟ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଲେଖିଛନ୍ତି, ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ଖବର ତାଙ୍କୁ ବ୍ୟଥିତ କରିଛି। ଉତ୍ତମଙ୍କ ବିୟୋଗ ଓଡ଼ିଆ ସିନେ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ମହାପ୍ରଭୁଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପ୍ରଭାତୀ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମଧ ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଆ ସିନେ ଜଗତର ଅଦ୍ୱିତୀୟ ନାୟକ ଉତ୍ତମ ମହାନ୍ତିଙ୍କ ଦେହାନ୍ତ ଖବର ସମଗ୍ର ଓଡ଼ିଶା ପାଇଁ ଶୋକ ଆଣିଦେଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ସମସ୍ୟା ମଧରେ ଗତିକରୁଥିଲେ ମଧ ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କଷ୍ଟକର ହେବ। ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସଭାସମିତିର ସୁବିଚାର ଦିଗରେ ସାହାଯ୍ୟ କରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ।

**ବୃଷ** ନିଜର ସହଜାତ ଗୁଣଧର୍ମାନୁଯାୟୀ ବନ୍ଧୁ ମାଧମରେ କର୍ମକ୍ଷେତ୍ରକୁ ହଲ୍‌ଚଲ୍ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବନାହିଁ। ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଯୋଗୁ ଘରୋଇ କାମଗୁଡିକ ବାଧାପ୍ରାପ୍ତ ହେବ। କଳା, କ୍ରୀଡ଼ା, ସଙ୍ଗୀତ ଓ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ସବୁ କିଛି ଠିକ୍ ଥିଲେ ମଧ ଶେଷ ପର୍ଯ୍ୟାୟର ବିବାଦୀୟ ସ୍ଥିତି ସଫଳତାକୁ ସ୍ଥଗିତ ରଖି ଦେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ରହିବ ନାହିଁ। ଆର୍ଥିକ, ପାରିବାରିକ ଓ ଆନୁଷ୍ଠାନିକ କ୍ଷେତ୍ର ମଧ ବିଶେଷ ଭଲ ରହି ନ ପାରେ। ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟହାସଲରେ ସମର୍ଥ ହେବେ।

**କର୍କଟ** ମନ ଯେମିତି ଚାହୁଁଛି ତଦନୁଯାୟୀ କାମ ନ ହୋଇପାରେ। କୌଣସି ବିଜାତୀୟ ବ୍ୟକ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେବେ। ଦୈହିକ ଦୁର୍ବଳତା ମନୋବଳକୁ କମାଇଦେବା କାରଣରୁ କର୍ମସମ୍ପାଦନରେ ପଛେଇଯିବେ। ଆର୍ଥିକ ଅନଟନ ଥିଲେ ମଧ ବନ୍ଧୁଙ୍କ ସହଯୋଗ ପରିସ୍ଥିତିକୁ ସମ୍ଭାଳି ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**ସିଂହ** ମାନସିକ ଅସ୍ଥିରତା କାରଣରୁ ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ପରସ୍ଥିତିରେ ପଡି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** ଦୀର୍ଘ ଦିନର ଆଶା ପୂରଣ ଦିଗରେ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ। ଭାଇଙ୍କ ଆରୋଗ୍ୟଲାଭ ପାଇଁ ଦେବାର୍ଚ୍ଚନା ସକାଶେ ତତ୍ପରତା ପ୍ରକାଶ ପାଇବ। ପାରିବାରିକ, ସାମାଜିକ ଓ ରାଜନୈତିକ ପତିଆରା ବୃଦ୍ଧି ପାଇବା ସମ୍ଭାବନା ରହିଛି।

**ତୁଳା** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସି ହେବେ। କିନ୍ତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସହକର୍ମୀଙ୍କ ସାହାଯ୍ୟ ଓ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** ପରିସ୍ଥିତିବିଶତଃ ଉପରିସ୍ଥଙ୍କ ସମ୍ମୁଖରେ ଭାବୁଥିବା କଥାଟି ପ୍ରକାଶ କରିବାରେ ପଛେଇଯିବେ। ଫଳତଃ ପାଇବା ସକାଶେ ଅନୁକୂଳ ସ୍ଥିତି ଥିଲେ ମଧ ସୁଯୋଗ ହାତଛଡ଼ା ହୋଇଯାଇପାରେ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ରଚନାତ୍ମକ କାର୍ଯ୍ୟ, ନୂତନ ଯୋଜନା ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିର ମୁକାବିଲା କରନ୍ତୁ, ଉପକାର ମିଳିବ। ଆପଣଙ୍କ ପ୍ରତିଷ୍ଠାକୁ ସହ୍ୟ କରି ନ ପାରି ନିଜ ଲୋକ ସମାଲୋଚନା କରିପାରନ୍ତି। ପାରିବାରିକ, ବ୍ୟବସାୟିକ କ୍ଷେତ୍ର, ନିର୍ମାଣାଧୀନ କାମ, ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ସମୟଟି ଅନୁକୂଳ ରହିବ। ଆଜିର ବନ୍ଧୁମିଳନ ସାଙ୍ଗକୁ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ମକର** ସମ୍ପର୍କୀୟଙ୍କ ସହଯାତ୍ରୀ ଭାବରେ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ସ୍ତ୍ରୀଙ୍କ ଉଦ୍ୟମରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିକୋଣରୁ ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିଛି କହି ନ ପାରିଲେ ମଧ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ** ସରକାରୀ ସ୍ତରରୁ ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, କଳା ସାହିତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗିତ କରିବେ।

**ମୀନ** ଅତୀତର ଅନାଲୋଚିତ ଘଟଣାବଳୀ ମନକୁ ଆନ୍ଦୋଳିତ କରିପାରେ। ଭାଗୁଆଳିଙ୍କ ଉପରେ ସନ୍ଦେହ ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ସୃଷ୍ଟି ହେବ। ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କଲେ ବିଳମ୍ବରେ ହେଉ ପଛେ କାର୍ଯ୍ୟ ସାଧିତ ହେବ। ସଭାସମିତିରେ ନୂତନ ଯୋଜନା ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ଫେବୃଆରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ। ସକାଳ ଘ.୦୬.୪୩ ମି. ଗତେ ଫାଲଗୁନ ଶୁକ୍ଳ ପ୍ରତିପଦା ଶୁକ୍ରବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ। ଘ.୦୧.୩୯ ମି. ଗତେ ପୂର୍ବଭାଦ୍ରପଦ ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ମି. ଗତେ ଘ.୦୬.୫୭ମି. ମଧ୍ୟେ, ଘ.୦୭.୪୩ମି. ଗତେ ଘ.୦୯.୦୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୨ମି. ଗତେ ଘ.୧୧.୫୯ମି. ମଧ୍ୟେ ରାହୁ କାଳ।

# ମୁଁ ଦଣ୍ଡାବାଳୁଙ୍ଗା...





ଏକ ଚଳଚ୍ଚିତ୍ରରେ ଅପରାଜିତାଙ୍କ ସହ

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଦୀର୍ଘ ୩ଦଶନ୍ଧି ଧରି ନିଜର ପତିଆରା ଜାହିର କରିଥିବା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଅଶୀ ଦଶକରେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ। ମନଛୁଆଁ ଅଭିନୟ ସାଙ୍ଗକୁ ଷ୍ଟାଇଲିସ୍ ଲୁକ୍ ପାଇଁ ସେ ଘରେଘରେ ପରିଚିତ ଥିଲେ। ୧୯୭୭ରେ 'ଅଭିମାନ' ଚଳଚ୍ଚିତ୍ରରୁ ଉତ୍ତମଙ୍କ ଅଭିନୟ କ୍ୟାରିଅର୍ ଆରମ୍ଭ ହୋଇଥିଲା। ୧୯୮୦ରେ ତାଙ୍କ ଅଭିନୀତ 'ଦଣ୍ଡାବାଳୁଙ୍ଗା' ଚଳଚ୍ଚିତ୍ର ତାଙ୍କୁ ଅନେକ ମାଇଲେଜ୍ ଦେଇଥିଲା। କେବଳ ନାୟକ ନୁହେଁ, ବଡ଼ଭାଇ, ବାପା ଭଳି ସମସ୍ତ ଭୂମିକାକୁ ଅତି ନିଖୁଣ ଭାବେ ନିଭାଇ ପାରୁଥିଲେ। 'ଦଣ୍ଡାବାଳୁଙ୍ଗା'ର କାଳିଆ ଚରିତ୍ର ହେଉ ଅବା 'ଉଦଣ୍ଡୀ ସୀତା'ର ସରପଞ୍ଚ ବାବୁ, ଗାଉଁଲି ଠାରୁ ସହରୀ ବାବୁ ପର୍ଯ୍ୟନ୍ତ ସମସ୍ତ ଭୂମିକାରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିଲେ ସୁପରଷ୍ଟାର୍ ଉତ୍ତମ। 'ପୁଅ ମୋର କଳା ଠାକୁର', 'କଳାମାଣିକ', 'କପାଳ ଲିଖନ', 'ଉଦଣ୍ଡୀ ସୀତା', 'ତୁଣ୍ଡ ବାଇଦ', 'ଝିଅଟି ସୀତାପରି', 'ସକଳ ତୀର୍ଥ ତୋ ଚରଣେ', 'ପରଦେଶୀ ଚଢ଼େଇ', 'ଜଗା ହାତରେ ପଘା', 'ଲକ୍ଷ୍ମଣରେଖା', 'କି ହେବ ଶୁଆ ପୋଶିଲେ' ଭଳି ୧୩୫ଟି ଚଳଚ୍ଚିତ୍ରରେ ସେ ରଖିଯାଇଛନ୍ତି ତାଙ୍କ ଅଭିନୟର ସ୍ୱାକ୍ଷର। ଏଥିସହ ୩୦ଟି ବଙ୍ଗଳା ଓ ହିନ୍ଦୀ ଫିଲ୍ମ 'ନୟା ଜହର'ରେ ଉତ୍ତମ ପରଦାକୁ ଆସିଥିଲେ। ସେହିପରି 'ଯେ ପକ୍ଷୀ ଉଡ଼େ ଯେତେ ଦୂର', 'ସାରା ଆକାଶ', 'ପଣତକାନି', 'ଉତ୍ତରଦାୟୀ' ଭଳି ଏକାଧିକ ଧାରାବାହିକରେ ତାଙ୍କ ଅଭିନୟ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁଥିଲା। ଏଥିସହିତ 'ଦଣ୍ଡାବାଳୁଙ୍ଗା' ଚଳଚ୍ଚିତ୍ରର 'ଦଣ୍ଡା ବାଳୁଙ୍ଗା ମୁଁ..', କନ୍ୟାଦାନ ଚଳଚ୍ଚିତ୍ରର 'ଗୋରୀ ଲୋ ଗୋରୀ..', 'ସିନ୍ଦୁର ମଥାରେ ତୋର'.., ଉଦଣ୍ଡୀ ସୀତାର 'ସରପଞ୍ଚ ବାବୁ..', ରଜନୀ ଗନ୍ଧାର 'ତୁ ମୋର ସ୍ୱପ୍ନର ସୁନେଲୀ ସନ୍ଧ୍ୟା..', ପରଦେଶୀ ଚଢ଼େଇର 'ମତେ ତ ନେଇଚି ଟାଣି..' ଭଳି ଅନେକ ହିଟ୍ ଗୀତ ଆଜିବି ଚିରସବୁଜ ହୋଇ ରହିଛି।

## ବାବୁସାନ୍‌ଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନେତା ଉତ୍ତମ ମହାନ୍ତିଙ୍କ ପରଲୋକ ଖବର ପାଇବା ପରେ ତାଙ୍କ ପୁଅ ତଥା ଅଭିନେତା ବାବୁସାନ୍ ମହାନ୍ତିଙ୍କ ସହ ଫୋନ୍‌ରେ କଥାହୋଇ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତଃ ଅଭିନେତାଙ୍କ ସହ ତାଙ୍କ ସମ୍ପର୍କ ଅତ୍ୟନ୍ତ ଭଲ ଥିଲା। ଉତ୍ତମଙ୍କ ଅନେକ ସିନେମା ତାଙ୍କୁ ପ୍ରଭାବିତ କରିଛି। ତାଙ୍କ ମରଶରୀର ଦିଲ୍ଲୀରୁ ଭୁବନେଶ୍ୱର ଆଣିବା ପାଇଁ ସବୁପ୍ରକାର ସହଯୋଗ କରାଯିବ ବୋଲି ବାବୁସାନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।



ସ୍ତ୍ରୀ ଅପରାଜିତା ଓ ପୁତ୍ର ବାବୁସାନଙ୍କ ସହ

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟରୁ ଅଭିନେତା

କଲେଜରେ ପଢ଼ିବା ମଞ୍ଚରେ ଅଭିନୟ କରି ବେଷ୍ଟ ଆକ୍ଟର ଭାବେ ପୁରସ୍କୃତ ହୋଇଥିଲେ ଉତ୍ତମ। ମାତ୍ର ଅଭିନେତା ହେବାକୁ ତାଙ୍କର ଇଚ୍ଛା ନ ଥିଲା। ୧୯୭୫ ମସିହା ବେଳକୁ ଲୁଧିଆନାରେ ଚାଟାର୍ଡ ଆକାଉଣ୍ଟାଣ୍ଟ ପାଠ ପଢୁଥିବାବେଳେ, ନିର୍ଦ୍ଦେଶକ ସାଧୁ ମେହେର ତାଙ୍କୁ ଚଳଚ୍ଚିତ୍ରରେ ନାୟକ ସାଜିବା ପାଇଁ ଅଫର୍ ଦେଇଥିଲେ। ଏନେଇ ସେ ଏକ ପତ୍ର ତାଙ୍କ ଘରକୁ ପଠାଇଥିଲେ। କିନ୍ତୁ ଉତ୍ତମଙ୍କ ପାଠପଢା ଚାଲିଥିବାରୁ ବଡ଼ଭାଇ ଏହି ପତ୍ରକୁ ଚିରି ଦେଇଥିଲେ। ପରବର୍ତ୍ତୀ ସମୟରେ ଉତ୍ତମ ମାସେ ଛୁଟିରେ ବାରିପଦା ନିଜ ଘରକୁ ଆସିଥିବାବେଳେ କାହାଣୀ ଲେଖକ ଆନନ୍ଦ ଶଙ୍କର ଦାସ ତାଙ୍କୁ ବାଧ କରି ସାଧୁ ମେହେରଙ୍କ ସହ ସାକ୍ଷାତ କରାଇଥିଲେ। ଉତ୍ତମଙ୍କ ସହ ସାକ୍ଷାତ୍‌କାର ପରେ ସାଧୁ ମେହେର ତାଙ୍କୁ ନାୟକ ଭାବେ ମନେ ମନେ ଗ୍ରହଣ କରି ନେଇଥିଲେ। ଉତ୍ତମଙ୍କ ଫଟୋଜେନିକ ଫେସ୍ ଓ ହିରୋମାର୍କା ଚେହେରା ଯୋଗୁଁ ସାଧୁ ମେହେର ଉତ୍ତମଙ୍କୁ ତାଙ୍କ 'ଅଭିମାନ' ଚଳଚ୍ଚିତ୍ରରେ ନେବା ପାଇଁ ଏକ ପ୍ରକାର ନିଶ୍ଚିତ କରି ନେଇଥିଲେ। କିନ୍ତୁ ଉତ୍ତମଙ୍କ ଘରେ ସମସ୍ତେ ଏହାର ବିରୋଧ କରିଥିଲେ। ପରେ ଭଉଣୀମାନେ ବୁଝାଇବାରୁ ସମସ୍ତେ ରାଜି ହୋଇଥିଲେ। ମାସେ ଭିତରେ ଫିଲ୍ମର ଶୁଟିଂ ହୋଇଥିଲା ଏବଂ ୧୯୭୭ରେ ଅଭିମାନ ସୁପରହିଟ୍ ହେଲା। ୩ବର୍ଷ ପରେ ସେ ଚଳଚ୍ଚିତ୍ର 'ପତିପତ୍ନୀ' ଜରିଆରେ ପୁଣି ରୂପେଲି ପରଦାକୁ ଫେରିଥିଲେ।

ଅଭିନୟ ପାଇଁ ସବୁବେଳେ ଦର୍ଶକଙ୍କ ଫେଭରିଟ୍ ରହି ଆସିଥିବା ଉତ୍ତମ ପ୍ରେମକୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚାରେ ଥିଲେ। ଅପରାଜିତାଙ୍କୁ ପ୍ରଥମ ଦେଖାରେ ହିଁ ମନ ଦେଇ ବସିଥିଲେ ଉତ୍ତମ। ମାତ୍ର ଅପରାଜିତା ପ୍ରଥମେ ଏଥିରେ ରାଜି ହୋଇ ନ ଥିଲେ। ଦୀର୍ଘ ବର୍ଷର ଅପେକ୍ଷା ପରେ ଶେଷରେ ଅପରାଜିତା ସବୁଜ ସଂକେତ ଦେଇଥିଲେ। ତେବେ ଏହି କଳାକାର ଦମ୍ପତ୍ତିଙ୍କ ପୁତ୍ର ବାବୁସାନ୍ ଏବେ ଓଡ଼ିଆ ସିନେ ଜଗତର ଆଗଧାଡ଼ିର ନାୟକ।

## ୪ଥର 'ଶ୍ରେଷ୍ଠ ଅଭିନେତା' ପୁରସ୍କାର

ଉତ୍ତମ ମହାନ୍ତିଙ୍କ ନିଖୁଣ ଅଭିନୟ ପାଇଁ ସେ ୪ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ। 'ଫୁଲ ଚନ୍ଦନ' ଚଳଚ୍ଚିତ୍ର ପାଇଁ ୧୯୮୨ରେ ତାଙ୍କୁ ପ୍ରଥମଥର ଲାଗି ତାଙ୍କୁ ମିଳିଥିଲା ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଏହାପରେ 'ଝିଅଟି ସୀତା ପରି', 'ଦଣ୍ଡାବାଳୁଙ୍ଗା', 'ସୁନା ଚଢ଼େଇ' ଲାଗି ଶ୍ରେଷ୍ଠ ଅଭିନେତା ଏବଂ ୧୯୯୧ରେ 'ତୋ ବିନୁ ଅନ୍ୟଗତି ନାହିଁ' ଚଳଚ୍ଚିତ୍ରରେ ଶ୍ରେଷ୍ଠ ସହ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ୨୦୦୮ରେ 'ଫିଟ୍‌ଫାଟ୍ ବାଇସ୍କୋପ ପୁରସ୍କାର', ୨୦୧୨ରେ 'ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ପୁରସ୍କାର', ୨୦୦୬ରେ 'ଇନ୍ଦିରା ଗାନ୍ଧୀ ପ୍ରିୟଦର୍ଶିନୀ ପୁରସ୍କାର' ଏବଂ ୧୯୯୯ରେ ତାଙ୍କୁ ମିଳିଥିଲା 'ଜୟଦେବ ପୁରସ୍କାର'। ଏଥିସହିତ ଚିତ୍ରପୁରୀ ପୁରସ୍କାରରେ ମଧ୍ୟ ତାଙ୍କୁ ମିଳିଥିଲା ଶ୍ରେଷ୍ଠ ଅଭିନେତା ପୁରସ୍କାର।

**୧୯୯୯ରେ 'ଜୟଦେବ' ସମ୍ମାନ**









ଚଳଚ୍ଚିତ୍ର ଅକୁହା କଥାରେ ମହାଶ୍ୱେତାଙ୍କ ସହ

## ୧୩୫ ଓଡ଼ିଆ ସିନେମାରେ ଅଭିନୟ

୧୩୫ ଓଡ଼ିଆ,୩୦ ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଏଥିସହ ୪ଟି ଟିଭି ସିରିୟଲରେ ସେ ତାଙ୍କ ଅଭିନୟର ଛାପ ଛାଡ଼ି ଯାଇଛନ୍ତି। ଉତ୍ତମଙ୍କ ଅଭିନୀତ ସିନେମାଗୁଡ଼ିକ ହେଲା ୧୯୭୭- ଅଭିମାନ, ୧୯୭୮– କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ପତିପତ୍ନୀ, ଶଙ୍ଖମହୁରୀ, ସରପଞ୍ଚ ବାବୁ, ୧୯୭୯–ଚିହ୍ନା ଅଚିହ୍ନା, ନିଷ୍ଠୁର ରାତିର ସାଥୀ, ୧୯୮୦– ରାମାୟଣ, ରାମ ବଳରାମ, ୧୯୮୧–ଅକ୍ଷୟ ତୃତୀୟା, ଆରତି, ଦେବଯାନୀ, ୧୯୮୨– ଅସ୍ତରାଗ, ଫୁଲ ଚନ୍ଦନ, ଦେଖି ଖବର ରଖି ନଜର, ଜ୍ୱାଇଁପୁଅ, ୧୮୮୩– ଅଭିଳାଷ, ଝିଅଟି ସୀତାପରି, ରାମ ରହିମ୍, ଜାଇଫୁଲ, ୧୯୮୪– ଦଣ୍ଡା ବାଳୁଙ୍ଗା, ଜନନୀ, ୧୮୮୫– ଚକାଭଉଁରୀ, ସମୟ ବଡ଼ ବଳବାନ୍, ଶଙ୍ଖ ସିନ୍ଦୂର, ୧୯୮୬– ସହରୀ ବାଘ, ସତ କେବେ ଲୁଚି ରହେନା, ସ୍କୁଲ ମାଷ୍ଟର, ଏଇ ଆମ ସଂସାର, ଜୋର୍‌ଯାର ମୁଲକ ତାର, ପକା କମଳ ପୋତ ଛତା, ୧୯୮୭ – ବଧୂ ନିରୁପମା, ଚକାଆଖି ସବୁ ଦେଖୁଛି, ଏଇତ ଦୁନିଆ, ଗୋଲାମଗିରି, ଅନ୍ୟାୟ ସହିବି ନାହିଁ, ମିଛ ମାୟାର ସଂସାର, ସୁନା ଚଢ଼େଇ, ତୁଣ୍ଡ ବାଇଦ, ୧୯୮୮– ଥିଲି ଝିଅ ହେଲି ବୋହୂ, ଯାହାକୁ ରଖିବେ ଅନନ୍ତ, ବଡ଼ ଭାଉଜ, କନ୍ୟାଦାନ, ପାପପୂଣ୍ୟ, ପୁଅ ମୋର କଳାଠାକୁର, ଚକାଡୋଳା କରୁଛି ଲୀଳା, ୧୯୮୯– ଦଇବ ଦଉଡ଼ି, ହସ ଲୁହ ଭରା ଦୁନିଆ, ରଜନୀଗନ୍ଧା, ନ୍ୟାୟ ଅନ୍ୟାୟ, ପରଦେଶୀ ଚଢ଼େଇ, ଠାକୁର ଅଛନ୍ତି ଚଉବାହାକୁ, ୧୯୯୦– ଟୋପାଏ ସିନ୍ଦୂର ଦି ଟୋପା ଲୁହ, ଶାସ୍ତି, ଯାଦେବୀ ସର୍ବେଭୂତେଷୁ, ଗୋପରେ ବଢୁଛି କଳାକାହ୍ନେଇ, ରାଜାରାଣୀ, କଣ୍ଢେଇ, ପଞ୍ଚୁପାଣ୍ଡବ, ନୂଆ ଭାଉଜ, ବିଧିର ବିଧାନ, ୧୯୯୧–ନୟା ଜହର**(ହିନ୍ଦୀ)**, ଆମ ଘର ଆମ ସଂସାର, ମୁକ୍ତିତୀର୍ଥ, ବସ୍ତ୍ର ହରଣ, ଅକୁହା କଥା, କପାଳ ଲିଖନ, ତୋ ବିନୁ ଅନ୍ୟ ଗତି ନାହିଁ, ୧୯୯୨– ବାଦ୍‌ଶାହା, ଭୀଷ୍ମପ୍ରତିଜ୍ଞା, ଉଦଣ୍ଡୀ ସୀତା, ମା', ନାଗପଞ୍ଚମୀ, ସୁଖ ସଂସାର, ୧୯୯୩– ସୁଖରେ ସ୍ୱର୍ଗ, ଭାଗ୍ୟ ହାତରେ ଡୋରି, ଦାଦାଗିରି,୧୯୯୪– ଅକୁହା କଥା, ନାଗଜ୍ୟୋତି, ପାଚେରି ଉଠିଲା ମଝି ଦୁଆରୁ, ୧୯୯୫– ରକ୍ତ କହିବ କିଏ କାହାର, ୧୯୯୬– ପୁଅ ମୋର ଭୋଳା ଶଙ୍କର, ସକଳ ତୀର୍ଥ ତୋ ଚରଣେ, ୧୯୯୭– ଲକ୍ଷେ ଶିବ ପୂଜି ପାଇଛି ପୁଅ, ନାରୀ ବି ପିନ୍ଧିପାରେ ରକ୍ତ ସିନ୍ଦୂର, ରଘୁ ଅରକ୍ଷିତ, ୧୯୯୮– ରୂପା ଗାଁର ସୁନା କନିଆଁ, ସହର ଜଳୁଛି, ୧୯୯୯– କାଳ ଚକ୍ର, ମା' ପରି କିଏ ହେବ, ୨୦୦୧– ବାଜି , ମୋ କୋଳ ତୋ ଖେଳଣା, ୨୦୦୨– ଧର୍ମ ସହିଲେ ହେଲା, ସମୟ ଖେଳୁଛି ଚକା ଭଉଁରୀ, ସେହି ଝିଅଟି, ୨୦୦୫– ଅଗ୍ନି ପରୀକ୍ଷା, ଓଁ ଶାନ୍ତି ଓମ୍, ବାବାଜି, ୨୦୦୭– ଏ ଯୁଗର କୃଷ୍ଣସୁଦାମା, ମୁଁ ତୋତେ ଲଭ୍ କରୁଛି, ତୁମକୁ ପାରୁନି ତ ଭୁଲି, ୨୦୦୯– ରୋମିଓ ଲଭର ବୟ, ଆଇଲାରେ ଓଡ଼ିଆ ପୁଅ, ତୁ ମୋରି ପାଇଁ, ପାଗଳ କରିଛି ପାଉଁଜି ତୋର, ୨୦୧୭– ଦିଲ୍ କା ରାଜା, ୨୦୨୨– ବିଦ୍ୟାରାଣୀ।

**ସିରିୟଲ–** କଥା କହୁଥିଲେ ସରିବନି, ପଣତକାନି, ସାରା ଆକାଶ, ଉତ୍ତରଦାୟୀ।




ହିନ୍ଦୀ ଚଳଚ୍ଚିତ୍ର ନୟା ଜହରରେ ସାଥୀ କଳାକାରଙ୍କ ସହ ଉତ୍ତମ



ସ୍ୱରୂପ ନାୟକ, ମହମ୍ମଦ ମହସିନ୍, ରାଜେଶ ଖାନ୍ନା, ହର ପଟ୍ଟନାୟକ, ବିଜୟ ମହାନ୍ତିଙ୍କ ସହ

DSPL-402
SADHAC

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା
ସ୍ୱତନ୍ତ୍ର ହସ୍ତତନ୍ତ ପ୍ରଦର୍ଶନୀ

ତା - ୨୪ ଫେବୃଆରୀ ୨୦୨୫ ରୁ ୧୦ ମାର୍ଚ୍ଚ ୨୦୨୫
ପ୍ରତ୍ୟହ - ଦିବା ୧୧ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ

ସ୍ଥାନ - ଏକାମ୍ର ହାଟ, ଭୁବନେଶ୍ୱର



ଆୟୋଜକ:
ରାଜ୍ୟ ହସ୍ତତନ୍ତ ପୁଞ୍ଜ ବିକାଶ ସଂସ୍ଥା (SADHAC)
ବୟନଶିଳ୍ପ ନିର୍ଦ୍ଦେଶାଳୟ,
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
OIPR-31012/13/0003/2425

ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ



# ନୂଆ ସଂସ୍ଥା ଆବଶ୍ୟକ



ଜେଫ୍ ମୁଲଗାନ

ବିଶ୍ୱରେ ସରକାରୀ ସଂସ୍ଥା ବା ବ୍ୟବସ୍ଥାଗୁଡ଼ିକ ଏବେ ସଙ୍କଟରେ। ସେଗୁଡ଼ିକ ପ୍ରତି ବିଶ୍ୱାସ କମିବାରେ ଲାଗିଛି। ପାଣ୍ଠି ହ୍ରାସ ଓ ଭୂରାଜନୈତିକ ବିଭାଜନ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ପୂର୍ବାପେକ୍ଷା ଦୁର୍ବଳ ହେଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ବିଶ୍ୱର ଅତି ଧନୀ ଏଲନ ମସ୍କ ମିଳିତ ଭାବେ କାମ କରି ୟୁଏସ୍ଏଆଇଡି ହ୍ରାସ କରିବା ସହ ଶିକ୍ଷା ବିଭାଗକୁ ହଟାଇ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହା ଏକ ଖରାପ ଯୋଜନା ଏବଂ ଏହାର ବିପରିତ ପ୍ରଭାବ ପଡ଼ିପାରେ। କିନ୍ତୁ ସେମାନେ ଆମକୁ ମନେପକାଇ ଦେଉଛନ୍ତି ଯେ, ଅର୍ଦ୍ଧଶତାବ୍ଦୀ ପୂର୍ବରେ ସରକାରୀ ସଂସ୍ଥା ବା ନୀତିଗୁଡ଼ିକ ଏବେ ସେମିତି ରହିବାର କୌଣସି କାରଣ ନାହିଁ। କିନ୍ତୁ ବିଶ୍ୱରେ ଏବେକାର ସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପର ଅଭାବ ଦେଖାଯାଉଛି।

ମାନବତା ସମ୍ମୁଖରେ ଅନେକ ଆହ୍ୱାନ ରହିଛି। ସେଗୁଡ଼ିକ ମଧ୍ୟରୁ କେତେକକୁ ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ପ୍ରସ୍ତୁତ ଏବଂ ମାନସିକ ସ୍ୱାସ୍ଥ୍ୟର ସମାଧାନ କରିବା ଠାରୁ ଆରମ୍ଭ କରି ସବୁଜ ଶକ୍ତିକୁ ପରିବର୍ତ୍ତନ ହେବାର ପରିଚାଳନା ଓ ଶିଳ୍ପନୀତି ପର୍ଯ୍ୟନ୍ତ, ବିନା ସଂସ୍ଥାରେ ଭଲ ଭାବେ ନିୟନ୍ତ୍ରଣ କରାଯାଇପାରେ। କିନ୍ତୁ ଏବେ ମନ୍ତ୍ରଣାଳୟ, ଏଜେନ୍ସି, କମିଶନ, ସରକାରୀ ସେବା ଏବଂ ନିୟାମକଗୁଡ଼ିକ ବହୁ ସମୟରେ ଏହି ସବୁ ଆବଶ୍ୟକତାକୁ ପୂରଣ କରିବାରେ ଦୁର୍ବଳ ଥିବା ଦେଖାଯାଏ। ଏଣୁ ବିକଳ୍ପ ସୃଷ୍ଟି ହେବା ଉଚିତ। ସରକାର ଆଇନ ଲାଗୁ କରିବା, ପିଲାଙ୍କୁ ଶିକ୍ଷାଦେବା, ଟିକସ ସଂଗ୍ରହ କରିବା କିମ୍ବା ସୁରକ୍ଷା ଯୋଗାଇବା ଭଳି କାର୍ଯ୍ୟ ପାଇଁ ସଂସ୍ଥାଗୁଡ଼ିକ ଉପରେ ନିର୍ଭରଶୀଳ। ଅନେକ ସମୟରେ ସେମାନେ ନୂଆ କାମ ଯଥା କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା କିମ୍ବା ଯୋଜନାବଦ୍ଧ ଅପରାଧ ବିରୋଧରେ ଲଢ଼ିବା ପାଇଁ ମଧ ନୂଆ ସଂସ୍ଥା ସୃଷ୍ଟି କରୁଛନ୍ତି। ସଂସ୍ଥାକୁ ପାଣ୍ଠି ଯୋଗାଣ ହ୍ରାସ ଓ ସେଗୁଡ଼ିର କ୍ଷତି କରାଯାଉଥିବାବେଳେ ସଂସ୍କାରକମାନେ ସେଗୁଡ଼ିକର ଦକ୍ଷତା ବୃଦ୍ଧି କରିବା ସହ ସେସବୁ ପ୍ରତି ଲୋକଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ଅଧିକ ନୂଆ ସାଧନ ଓ ପ୍ରଯୁକ୍ତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। କିନ୍ତୁ ୨୦-୩୦ ବର୍ଷ ପୂର୍ବ ତୁଳନାରେ ଏବେ ସଂସ୍ଥା ଗଠନ କରିବା ସମ୍ପୂର୍ଣ୍ଣ ଭିନ୍ନ। ଅଲଫାବେଟ, ବାଇଟ୍ଡାନ୍ସ, ଆମାଜନ ଏବଂ ଆଲିବାବା ଭଳି ବିଶ୍ୱସ୍ତରୀୟ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମୌଳିକ ରୂପରେ ଏକ ନୂଆ ବିଜ୍ନେସ ମଡେଲ ଆରମ୍ଭ କରିଛନ୍ତି ଓ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ଅପ୍ରତ୍ୟାଶିତ ବୃଦ୍ଧି କରିଛନ୍ତି। ପାଖାପାଖି ୩୦ ବର୍ଷ ପୂର୍ବେ କେହି ଚିନ୍ତା କରିଥିବେ କି, କୌଣସି ଟ୍ୟାକ୍ସିର ମାଲିକ ନ ହୋଇ ଉବର କିମ୍ବା ଗ୍ରାବ ଭଳି କମ୍ପାନୀଗୁଡ଼ିକ ଟ୍ୟାକ୍ସି ସେବା ଯୋଗାଇ ଦେବେ। ଏହି ସମୟରେ ସିଭିଲ ସୋସାଇଟି ମଧ ୱିକିପିଡ଼ିଆ, ଉଷାହିଦି (ଡେଟା କ୍ରାଉଡ ସୋର୍ସିଂ) ଏବଂ ବୁର୍ଟଜୋର୍ଗ (ହୋମ୍ କେୟାର) ଭଳି ଏକ ନୂଆ ମଡେଲ ବିକାଶ କରିଛି। ଏହାବ୍ୟତୀତ ସରକାରୀ – ବେସରକାରୀ



ଭାଗୀଦାରିରେ ଅନେକ ନୂଆ ବ୍ୟବସ୍ଥା ସହ ଅନେକ ହଜାର ବି- କର୍ପ୍ସ (ବ୍ରାଜିଲରେ ନେଚୁରା ଭଳି) ଅଛି, ଯାହାକୁ ସାମାଜିକ ଓ ପରିବେଶଗତ ନୀତିଗୁଡ଼ିକ ମାର୍ଗଦର୍ଶନ କରୁଛନ୍ତି।

ଏହା ବ୍ୟତୀତ ସରକାରୀ କ୍ଷେତ୍ର ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର କରାଯାଇସାରିଛି। ୨୦୦୯ରେ ଭାରତର ଆଧାର ଯୋଜନା ଆରମ୍ଭ ହେବା ପରଠାରୁ ଏହା ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାୟୋମେଟ୍ରିକ ଆଇଡି ଓ ବ୍ୟାପକ ବିତ୍ତୀୟ ସେବା ଯୋଗାଇଦେବାରେ ସାହାଯ୍ୟ କରିଛି। ବିଗତ ଦଶନ୍ଧିରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନୀତି 'ଅଧିକ ଶାସନ ଓ କମ୍ ସରକାର' ଲାଗୁ କରି ଆସିଥିବାବେଳେ ୨୦୧୧ରେ ଚାଇନା ପ୍ରଥମେ ସାଇବର ସ୍ପେସ୍ ଆଡ୍ମିନିଷ୍ଟ୍ରେସନ ସୃଷ୍ଟି କରିଥିଲା ଏବଂ ଏହାର ଗଭର୍ନମେଣ୍ଟ ଗାଇଡାନ୍ସ ଫଣ୍ଡ ୨୦୦୨ରୁ ନୂଆ ପ୍ରଯୁକ୍ତି ପାଇଁ ଅନେକ ଟ୍ରିଲିୟନ ଡଲାର ଯୋଗାଡ଼ କରିପାରିଛି। କିନ୍ତୁ ବିଶ୍ୱର ଅଧିକାଂଶ ଦେଶରେ ସରକାରୀ ସଂସ୍ଥାଗୁଡ଼ିକର କ୍ୱଚିତ ପରିବର୍ତ୍ତନ କରାଯାଇଛି। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଏକ ଶତାବ୍ଦୀ ପୂର୍ବରୁ ଯେମିତି ଥିଲେ ଏବେ ମଧ ସେମିତି ଚାଲିଛି ଏବଂ ବହୁ ସମୟରେ ଏସବୁ ଉତ୍ତରଦାୟୀ ହେଉ ନ ଥିବା ଦେଖାଯାଏ। ଏବେ ଯେତେବେଳେ ନୂଆ ସଂସ୍ଥା ସୃଷ୍ଟି କରାଯାଉଛି ସେଗୁଡ଼ିକ ସାଧାରଣତଃ ବରିଷ୍ଠ ରାଜନେତା କିମ୍ବା ସିଭିଲ ସର୍ଭାଣ୍ଟଙ୍କ କମିଟି ଦ୍ୱାରା ଗଠନ କରାଯାଉଛି ଏବଂ ଏଗୁଡ଼ିକ ଅନ୍ୟମାନଙ୍କଠାରୁ ଭିନ୍ନ ରହୁଛି। ଏସବୁରେ ପଦାନୁକ୍ରମିକ ବ୍ୟବସ୍ଥା ରହିବା ସହ ଅପରିବର୍ତ୍ତନୀୟ ରହୁଛି।

ଏଆଇ ଆରମ୍ଭ ହେବା ପରଠାରୁ ୨୦ ବର୍ଷ ହେଲା ଏହାକୁ ବ୍ୟାପକ ଭାବେ ସରକାରୀ ସେବା (ଆଇନ ଗଠନ ଓ ସ୍ୱାସ୍ଥ୍ୟସେବା ସମେତ)ଗୁଡ଼ିକରେ ଏବଂ ଅନେକ ଘରୋଇ (କ୍ରେଡିଟ ସ୍କୋରିଂ ଓ ସର୍ଚ୍ଚ ଇଞ୍ଜିନ)ରେ ବ୍ୟବହାର କରାଯାଉଛି। କିନ୍ତୁ ଏବେ ବିଶ୍ୱରେ ସରକାରୀ ସେବାରେ ଅଧିକ ସଫଳତା ହାସଲ କରିବାଠାରୁ ଆରମ୍ଭ କରି ନିର୍ଯାତନା ହ୍ରାସ କରିବାରେ ନିୟାମକର ସୁପରିଚାଳନା ପାଇଁ ଅନେକ ସଂସ୍ଥା ସୃଷ୍ଟି କରିବା ଆରମ୍ଭ ହୋଇଛି। ଟେକ୍ନୋଲୋଜି ସହିତ ଜଡ଼ିତ ସୁଯୋଗ ଓ ବିପଦ ସମ୍ପର୍କିତ ବୈଶ୍ୱିକ ଜ୍ଞାନ ଏକତ୍ରିତ କରିବା ଲାଗି ଆନ୍ତର୍ଜାତିକ ସଂସ୍ଥାସବୁ ଗଠନ କରାଯାଉଛି। ମାଇକ୍ରୋସଫ୍ଟର ମୁଖ୍ୟ ଅର୍ଥନୀତିଜ୍ଞ ମାଇକେଲ ସ୍କୱାର୍ଜ ୨୦୨୩ରେ କହିଥିଲେ ଯେ, ଆମେ ଏଆଇ କ୍ଷେତ୍ରରେ ଘଟୁଥିବା କ୍ଷତିକୁ ଅନୁଧ୍ୟାନ ନ କରିବା ପର୍ଯ୍ୟନ୍ତ ଏହାକୁ ସଞ୍ଚାଳିତ କରିବା ଉଚିତ ନୁହେଁ। ଦେଖିବାକୁ ଗଲେ ଏହିସବୁ ଯୁକ୍ତି ସ୍ପଷ୍ଟ ଭାବେ ଘରୋଇ ସ୍ୱାର୍ଥ ପାଇଁ ଉପଯୋଗୀ। କିନ୍ତୁ ସରକାରୀ ସଂସ୍ଥାଗୁଡ଼ିକର କାମ ହେଉଛି ଲୋକଙ୍କ ସ୍ୱାର୍ଥ। ୨୦୨୪ ଅର୍ଥନୀତି ନୋବେଲ ବିଜେତା ଅର୍ଥନୀତିଜ୍ଞ ଡାରୋନ ଆକେମୋଗ୍ଲୁ ଓ ଅନ୍ୟମାନଙ୍କ ମତରେ, କାହିଁକି କେତେକ ଦେଶ ଅତ୍ୟଧିକ ସମୃଦ୍ଧି ଲାଭ କରୁଛନ୍ତି ତାହା ସଂସ୍ଥାଗୁଡ଼ିକ ହିଁ ନିଶ୍ଚିତ କରନ୍ତି। ତଥାପି ସିଙ୍ଗାପୋରରେ ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ ଏବଂ ଟିମାସେକ, ବ୍ରାଜିଲର ସାମାଜିକ ବିକାଶ ମନ୍ତ୍ରଣାଳୟ, ଆମେରିକାର ଡିଫେନ୍ସ ଆଡ୍ଭାନ୍ସଡ୍ ରିସର୍ଚ୍ଚ ପ୍ରୋଜେକ୍ଟ ଏଜେନ୍ସି (ଡିଏଆର୍ପିଏ) ଏବଂ ଦକ୍ଷିଣ ଆଫ୍ରିକାର ଡେଭଲପ୍ମେଣ୍ଟ ବ୍ୟାଙ୍କର ସଫଳତା ପ୍ରଶଂସନୀୟ। ଏବେକାର ସମୟରେ ଏଭଳି ସମାନ ପ୍ରକାର ସଂସ୍ଥା ଗଠନ କରିବାର ଆବଶ୍ୟକତା ରହିଛି।

ତେବେ ସହଜ ଓ ସରଳରେ ଚାଲିବା ଭଳି ତଥା ବିଶ୍ୱାସଯୋଗ୍ୟ ସଂସ୍ଥା ଗଠନ ପାଇଁ କ'ଣ କରିବାକୁ ହେବ? ଅଧିକାଂଶ ଏଆଇ, ଡେଟା ଏବଂ ସାମଗ୍ରିକ ବୁଦ୍ଧିମତ୍ତା (ଯାହା ଜଳବାୟୁ ବିଜ୍ଞାନ କ୍ଷେତ୍ରରେ ଆଇପିସିସି କରୁଛି) ପ୍ରସ୍ତୁତ କରିବା ଲାଗି ସବୁଠୁ ଭଲ ଡିଜାଇନ କ'ଣ ହେବ? ଆମେ ଇକାରୁସର ସଫଳତା ସୃଷ୍ଟି କରିପାରିବା କି, ଯାହା ପୃଥିବୀରେ ପ୍ରାଣୀଙ୍କ ସଂଖ୍ୟା ଓ ସ୍ଥିତିକୁ ଜାଣିବାରେ ଆମକୁ ସାହାଯ୍ୟ କରିବା ପାଇଁ ପ୍ରାଣୀ ଇଣ୍ଟରନେଟ ଗଠନ କରିବାରେ ସାଟେଲାଇଟ ଟେକ୍ନୋଲୋଜି ବ୍ୟବହାର କରୁଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଭଳି ବୈଶ୍ୱିକ ସଂସ୍ଥାଗୁଡ଼ିକ ଏହିସବୁ ପ୍ରଶ୍ନ ଉପରେ ଗୁରୁତ୍ୱ ଦେଇଛନ୍ତି। ମାର୍ଚ୍ଚ ଶେଷ ବେଳକୁ ହେବାକୁ ଥିବା ଏହାର ଇସ୍ତାନବୁଲ ଇନୋଭେସନ ଡେ'ଜ୍ ସମ୍ମିଳନୀରେ ବିଶେଷକରି ସଂସ୍ଥାଗୁଡ଼ିକ କିଭଳି ଭଲ ଭାବରେ କାମ କରିବେ ତାହାର ନୂଆ ପଦ୍ଧତି ଆରମ୍ଭ କରିଥିବା ଆବିଷ୍କାରକଙ୍କୁ ସାମ୍ନାକୁ ଆଣିବ। ଏହ ଆବିଷ୍କାରକମାନେ ସୂକ୍ଷ୍ମ ପଦ୍ଧତିସବୁ ଡିଜାଇନ କରୁଛନ୍ତି, ଯାହା ସଙ୍କଟ ସମୟରେ ଦ୍ରୁତଗତିରେ କାମ କରିପାରିବ।

ତେବେ ମିଥ୍ୟା ତଥ୍ୟ ଓ ନିର୍ବାଚନ ବାଧାରୁ ସୁରକ୍ଷା, ସହରରେ ସବୁଜ ଶକ୍ତିକୁ ପରିବର୍ତ୍ତନ ସକାଶେ ପାଣ୍ଠି ଯୋଗାଡ଼, ଆଦିବାସୀଙ୍କୁ ସଶକ୍ତ କରିବା, ବିପର୍ଯ୍ୟୟ ଓ ଅନିଶ୍ଚିତ ସମୟରେ ଶ୍ରମ ବଜାରକୁ ଆଗକୁ ବଢ଼ାଇବାରେ ଯୁବକଙ୍କୁ ସାହାଯ୍ୟ କରିବା ସକାଶେ ନୂଆ ସଂସ୍ଥାସବୁ ଗଠନ ଜାରି ରହିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ଏଥିରେ ଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ୨୦୨୩ରେ ଭଲ ଭାବେ ଦର୍ଶାଇଥିଲେ। ସେ କହିଥିଲେ, ସଂସ୍ଥାଗୁଡ଼ିକ ନିଜକୁ ବିଶ୍ୱସ୍ତରରେ ଠିକ୍ ଭାବେ ପ୍ରତିପାଦିତ କରି ନ ପାରିଲେ ଆମେ ସମସ୍ୟାକୁ ପ୍ରଭାବୀ ଢଙ୍ଗରେ ସମାଧାନ କରିପାରିବା ନାହିଁ। ସମସ୍ୟା ସମାଧାନ ହେବା ପରିବର୍ତ୍ତେ ବିପଦ ଅଧିକ ବଢ଼ିଯିବ। ସଂସ୍ଥାଗୁଡ଼ିକୁ ଆମେ ଘର ଭଳି ଗଢୁ। କିନ୍ତୁ ସେସବୁ ସୂକ୍ଷ୍ମଭାବରେ ଆମକୁ ପ୍ରଭାବିତ କରିଥାନ୍ତି। ତେବେ ତାହାକୁ ଆମେ କିଭଳି ପରିଚାଳନା କରିବା? ଆମେ ଏକ ଭଙ୍ଗାଗଢ଼ା, ବ୍ୟାଘାତପୂର୍ଣ୍ଣ ତଥା ଅବ୍ୟବସ୍ଥିତ ଯୁଗରେ ରହିଆଇପାରୁ, କିନ୍ତୁ ଇତିହାସ ସୂଚାଇ ଦେଉଛି ଯେ, ଏଭଳି ପରିବେଶ ପୁନର୍ଗଠନ ଓ ପୁନଃ ଉଦ୍ଭାବନକୁ କ୍ରମଶଃ ବାଟ ଦେଖାଇଛି। ତେବେ ସେହି ସମୟ ଆସିବା ପୂର୍ବରୁ ଆମକୁ ଉତ୍ତମ ବିକଳ୍ପ ଅନୁସନ୍ଧାନ କରିବାକୁ ହେବ।

**ପ୍ରଫେସର, ୟୁନିଭର୍ସିଟି କଲେଜ, ଲଣ୍ଡନ**

# ସବୁ ମୂଳରେ ସଂସ୍କାର



ଯତିଦାନନ୍ଦ ଦାଶ

ଶିଶୁର ମା' ଓ ବାପା ଦୁହେଁ ପ୍ରଥମ ଶିକ୍ଷକ ବା ଗୁରୁ। ୮/୯ ମାସର ବ୍ୟବଧାନ ପରେ ଶିଶୁଟିକୁ ସଂସ୍କାର ସମ୍ବନ୍ଧରେ ଶିକ୍ଷା ଦିଆଯିବା ଉଚିତ। ସାଧାରଣତଃ ଦେଖାଯାଏ, ପିତାମାତା ଶିଶୁର ସଂସ୍କାର ନ ଦେଖି ଶିଶୁର ଖାଇବା, ଖେଳିବା ଓ ପାଠପଢ଼ିବାକୁ ଉତ୍ସାହ ସୃଷ୍ଟି କରିବାରେ ଆଗଭର ହୋଇପଡ଼ନ୍ତି। ମାତ୍ର ତାହା ଠିକ୍ ନୁହେଁ, ମୂଳରୁ ଶିଶୁଟିର କେଉଁ କାର୍ଯ୍ୟକଳାପ ପ୍ରତି ଧ୍ୟାନଦେବା ଦରକାର ବାପା ମାଆ ତାହା ଚିହ୍ନଟ କରିବା ଉଚିତ। ଫଳରେ ଶିଶୁଟି ବୁଦ୍ଧିମାନ୍, ଚରିତ୍ରବାନ୍ ଏବଂ ସୁନାଗରିକ ଭାବେ ଗଢ଼ି ଉଠିବ। ଆସନ୍ତୁ, ଶିଶୁଟିର ପରବର୍ତ୍ତୀ ଅବସ୍ଥା (ଅର୍ଥାତ୍ ୧ ବର୍ଷରୁ ୫ ବର୍ଷ) ବିଚାରକୁ ନେବା। ଏହି ସମୟରେ ଶିଶୁଟି ସର୍ବପ୍ରଥମେ ବାପାମାଆ ଛଡ଼ା ପରିବାର ଅନ୍ୟ ସଦସ୍ୟଙ୍କଠାରୁ ଶ୍ରଦ୍ଧା ପାଇବା ଉଚିତ। ଶିକ୍ଷା ଆହରଣ କରିବା ଆଗରୁ ସଂସ୍କାରର ଉପକାରିତା ସମ୍ବନ୍ଧରେ ଶିଶୁଟିକୁ ଜାଣିବା ଉଚିତ। ଏହା ଅସ୍ୱୀକାର କରାଯାଇ ନ ପାରେ ଯେ, ଶିଶୁଟି ପରବର୍ତ୍ତୀ ଅବସ୍ଥାରେ ସାଙ୍ଗସାଥୀ କରିବାର ପ୍ରୟାସ କରିବା ଓ ସାଙ୍ଗ ସହ ମିଶିବାର ସଂସ୍କାର ଶିଖିବା ଉଚିତ। ଫଳରେ ପିଲା ପିଲାଙ୍କ ମଧ୍ୟରେ କଥା, ଭାବର ଆଦାନ ପ୍ରଦାନ ହୋଇପାରିବ ଓ ତତ୍ ସଙ୍ଗେ ସଙ୍ଗେ ଶିଶୁବନ୍ଧୁ ସାଙ୍ଗରେ ମିଶିବାର ସଂସ୍କାର ଶିଶୁଟି ପାଇଥାଏ। ଏ ପ୍ରକାର ସଂସ୍କାରଟି ଶିଶୁ ୫ ବର୍ଷରୁ ୯ ବର୍ଷ ଏବଂ ୯ ବର୍ଷରୁ ୧୨ ବର୍ଷ ପର୍ଯ୍ୟନ୍ତ ପ୍ରାପ୍ତ ହେବାର ସୁଯୋଗ ଥାଏ।

ଏଥର ଆସନ୍ତୁ, ମଣିଷର କିଶୋର ଅବସ୍ଥାରେ କିପରି ସଂସ୍କାରକୁ ଆହ୍ୱାନ କରାଯାଇପାରିବ ସେ ବିଷୟରେ ଆଲୋଚନା କରିବା। ସାଧାରଣତଃ ପ୍ରାକ୍ କିଶୋରରୁ କୈଶୋର ଅବସ୍ଥା ୧୩ ବର୍ଷରୁ ୨୦ ବର୍ଷ ଭିତରେ ମଣିଷ ଜୀବନରେ ଅତିକ୍ରମ କରିଥାଏ। ଏଇ ସମୟରେ କିଶୋର ପିଲାଟି ବେସଂସ୍କାରୀ ହେବାର ବାଟ ବେଶି ଥାଏ। ଚରିତ୍ର, ଶୃଙ୍ଖଳା ଜ୍ଞାନ ପ୍ରାପ୍ତି, ସହିଷ୍ଣୁତାର ପରାକାଷ୍ଠା, ଧୈର୍ଯ୍ୟ ଧାରଣ ଶକ୍ତି ସହଭାଗିତା ଇତ୍ୟାଦି ଏଇ କିଶୋର ଅବସ୍ଥାରେ ସଂସ୍କାର ଲଭିବାର ମୁଖ୍ୟାଂଶ ହେବା ଉଚିତ। ଏତଦ୍ବ୍ୟତୀତ ସାଧୁତା, ସରଳତା, ସମୟାନୁବର୍ତ୍ତିତା, ସହନଶୀଳତା ଏବଂ ସୃଜନଶୀଳତା ଇତ୍ୟାଦି ନୈତିକ ଶିକ୍ଷା ସଂସ୍କାର ମାଧ୍ୟମରେ ବାପା ଓ ମାଆ ହୁଅନ୍ତୁ ବା ଶିକ୍ଷକ ଗୁରୁଦେବ ହୁଅନ୍ତୁ, ଯାହା ପାଖରୁ ହେଲେ କିଶୋର ପିଲାଟି ପ୍ରଥମେ ଶିକ୍ଷା ଲାଭ କରିବା ଉଚିତ। କିଶୋରଟି ଏସବୁ ଗୁଣର ଅଧିକାରୀ ନ ହୋଇ ଖାଲି ପାଠ୍ୟ ପୁସ୍ତକ ପଢ଼ି ଭଲ ଗ୍ରେଡ୍ ରଖିବାର ଉଦ୍ଦେଶ୍ୟ ରଖିଲେ ଜୀବନରେ ସଫଳତା ପାଇପାରିବ ନାହିଁ।

ପାଠକେ, ବର୍ତ୍ତମାନ ଟିକେ ମଣିଷର ଯୁବା ଓ ପ୍ରୌଢ଼ ଅବସ୍ଥାକୁ ଆସିବା। ଯୁବା ଅବସ୍ଥାରେ ମଣିଷ ପ୍ରାଧାନତଃ କର୍ମନିଯୁକ୍ତି ଏକ ଦାମ୍ପତ୍ୟ ଜୀବନର ଉପଭୋଗ, ପରିବାର ଦେଖାଶୁଣା, ପାରିବାରିକ ଓ ସାମାଜିକ ସମ୍ପର୍କ, କାର୍ଯ୍ୟରେ ନିପୁଣତା, ସାଧୁତା, ସଚ୍ଚୋଟତା, ପରୋପକାରିତା ଇତ୍ୟାଦି ସଂସ୍କାରଭିତ୍ତିକ ଗୁଣ ସମୂହର ହକ୍ଦାର ହେବା ଉଚିତ। ନତୁବା ଖାଲି ଅସତ୍ ଉପାୟରେ ଅର୍ଥ ଉପାର୍ଜନ କରି ପରିବାର ଭରଣପୋଷଣ କରିବାର ଲକ୍ଷ୍ୟ ରହିବା ଏବଂ ଯୁବା ବା ପ୍ରୌଢ଼ ଲୋକର କର୍ତ୍ତବ୍ୟ ନୁହେଁ। ଏପରି କରିଚାଲିଲେ ଯୁବାଲୋକଟି ଅସଫଳତାର ପାହାଚରେ ଗୋଡ଼ଦେବା ଆରମ୍ଭ କରିଦିଏ। ଯୁବକ ସକାରାତ୍ମକ ଢଙ୍ଗରେ ତା'ର ପରିବାର, ତତ୍ ସଙ୍ଗେ ସଙ୍ଗେ ସମାଜର ମଙ୍ଗଳ କାମନା କରିବା ଦ୍ୱାରା ଏକ ଉନ୍ନତି ପଥର ସ୍ୱୀକୃତି ମିଳିଥାଏ। ଯୁବା ବା ପ୍ରୌଢ଼ ଉପରୋକ୍ତ ସଂସ୍କାର ଓ ସତ୍କର୍ମ ଭିତ୍ତିରେ ନ ଚାଲି ଖାଲି ନକାରାତ୍ମକ ଗୁଣର ଅଧିକାରୀ ହୋଇ ଜୀବନ ଉପଭୋଗ କଲେ, ମଣିଷ ଯେକୌଣସି କ୍ଷେତ୍ରରେ ସଫଳ ହୋଇପାରିବ ନାହିଁ।

ବୃଦ୍ଧାବସ୍ଥାରେ ମଣିଷ ଅଯର୍ଥାଥ ଚିନ୍ତାରେ ମଜ୍ଜିରୁହନ୍ତି। ଯଥା – ପୁଅ ପାଠପଢ଼ାରେ ସଫଳ ହୋଇପାରିଲା ନାହିଁ। ପକ୍କାଘର ଖଣ୍ଡେ କରିପାରିଲିନାହିଁ ବା ଝିଅ ଭଲ ଘରେ ବାହାହୋଇ ପାରିଲା ନାହିଁ ଇତ୍ୟାଦି। ବୃଦ୍ଧାବସ୍ଥାରେ ଚାଲିଚଳନରେ ପ୍ରଥମେ ସଂସ୍କାର ଲୋଡ଼ା। ଉତ୍ତମ ଶିକ୍ଷା ଓ ଅର୍ଥର ପ୍ରାଚୁର୍ଯ୍ୟରେ ଉକ୍ତ ପ୍ରକାର ସକାରାତ୍ମକ ସଂସ୍କାର ନ ଥାଏ। ତେଣୁ ପ୍ରତ୍ୟେକ ବୃଦ୍ଧବ୍ୟକ୍ତି ଅଯଥା ଚିନ୍ତା ନ କରି ଈଶ୍ୱର ଚିନ୍ତନ, ପୂଜନରେ ନିଜକୁ ନିୟୋଜିତ କରିନେବା ଉଚିତ। ସଂସ୍କାରିତ ବୃଦ୍ଧଲୋକଟି ଆତ୍ମିକ ଶାନ୍ତି ଓ ଶାଶ୍ୱତ ଭାବନା ମାଧ୍ୟମରେ ନିଜକୁ ପରମାତ୍ମାଙ୍କ ପାଖରେ ସମର୍ପିଥାଏ। ଶେଷରେ ଶିକ୍ଷା, ଦୀକ୍ଷା, ଅର୍ଥ ଉପାର୍ଜନ, ଖ୍ୟାତି, ପ୍ରଶଂସା ସବୁକୁ ପଛରେ ପକାଇ ପ୍ରତ୍ୟେକ ସ୍ତରରେ ସଂସ୍କାରକୁ ପ୍ରଥମେ ଆପଣେଇବା ଏବଂ ଏକ ସୁସ୍ଥ, ସରଳ ଜୀବନ ଯାପନ କରିବାର ପ୍ରୟାସ ଜାରି ରଖିବା ଉଚିତ।

**ମୋ: ୭୦୦୮୬୫୦୬୯୩**

## ଏଇ ଭାରତରେ

କୋର୍ଟରେ ବିଚାରରେ ବିଳମ୍ବ ଯୋଗୁ ଅନେକ ଲକ୍ଷ ମାମଲା ପଡ଼ିରହୁଥିବାରୁ ଏହାର ସମାଧାନ ପାଇଁ ଏକ ଲିଗାଲ ଷ୍ଟାର୍ଟଅପ 'ସମ' ଆଗକୁ ଆସିଛି। ଏହା ଆପୋସ ବୁଝାମଣାରେ ମାମଲାଗୁଡ଼ିକର ସମାଧାନ କରିପାରୁଛି। ପ୍ରଞ୍ଜଳ ସିହ୍ନା, ଅକ୍ଷତ ଅଶୋକ ଏବଂ ବିକ୍ରମ କୁମାର ଏହି ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଛନ୍ତି। ୨୦୧୫ରେ ସେମାନେ ମିଳିତ ଭାବେ 'ସମ' ଆରମ୍ଭ କରିଥିଲେ। ଚାଣକ୍ୟଙ୍କ ନୀତିରେ ଚାରି ନିୟମ ମଧ୍ୟରେ ଥିବା 'ସମ'କୁ ଆଧାର କରି ଏହାର ନାମକରଣ କରାଯାଇଛି। ସେମାନେ କୋର୍ଟ ବାହାରେ ଅନ୍ଲାଇନରେ ମଧ୍ୟସ୍ଥଙ୍କ ଦ୍ୱାରା ୩୫ ଲକ୍ଷ କେସ୍ ସମାଧାନ କରିସାରିଲେଣି। ବ୍ୟାଙ୍କିଙ୍ଗ, ଫାଇନାନ୍ସିଆଲ ଓ ଇନ୍ସ୍ୟୁରାନ୍ସ ସେକ୍ଟର, ବ୍ରୋକର ଏବଂ ସିକ୍ୟୁରିଟି ମାର୍କେଟର ବିବାଦଗୁଡ଼ିକୁ ସମାଧାନ କରୁଛନ୍ତି। ଏହା ସହ ଚାଲାଣ, ଇଲେକ୍ଟ୍ରି ବିଲ୍, ଚେକ୍ ବାଉନ୍ସ ଓ ଦୁର୍ଘଟଣାଜନିତ ଇନ୍ସ୍ୟୁରାନ୍ସ ମାମଲାଗୁଡ଼ିକ ସମାଧାନ କରାଯାଉଛି। 'ସମ' ଷ୍ଟାର୍ଟଅପ୍ରେ ଦେଶର ୪୪୩ ଜିଲାରେ ଆଇନ କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ଥିବା ୩୦୦୦କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ନିଯୁକ୍ତ କରାଯାଇଥିବା ବେଳେ ଆଇନ କ୍ଷେତ୍ରରେ ୫ ବର୍ଷର ଅଭିଜ୍ଞଙ୍କୁ ମଧ୍ୟସ୍ଥ ଭାବେ ସାମିଲ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଫେବୃଆରୀ ୧୯୭୬

- କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମଧ୍ୟପ୍ରଦେଶର ପୂର୍ବତନ ରାଜ୍ୟପାଳ କେ.ସି. ରେଡ୍ଡୀଙ୍କ ୭୩ ବର୍ଷ ବୟସରେ ପରଲୋକ।
- ୭୯ ବର୍ଷ ବୟସ୍କ ପ୍ରବୀଣ ମରାଠୀ ଲେଖକ ବିଷ୍ଣୁ ସଖାରାମ ଖଣ୍ଡେକାରଙ୍କୁ ମର୍ଯ୍ୟାଦାଜନକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ଅର୍ପଣ।
- ଭାରତ ମହାସାଗରରେ ଡିଏଗୋ ଗାର୍ସିଆରେ ପ୍ରତିଷ୍ଠିତ ବିମାନ ତଥା ନୌବାହିନୀ ସାମରିକ ଘାଟିର ସମ୍ପ୍ରସାରଣ ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଚୁକ୍ତି ସ୍ୱାକ୍ଷରିତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 6 | 3 | | | | 5 | | |
| | | 2 | 3 | 9 | | | | 7 |
| | | | | | | | | 8 |
| | | 8 | | 7 | | | | |
| 6 | 7 | | 4 | | 1 | | | |
| | 4 | | | | 5 | | | |
| | 1 | | 7 | | 8 | | | 5 |
| | | | | | | 1 | | |
| 7 | | 6 | | | 4 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 1 | 5 | 3 | 2 | 9 | 8 |
| 5 | 8 | 3 | 9 | 2 | 6 | 7 | 1 | 4 |
| 9 | 2 | 1 | 4 | 7 | 8 | 5 | 3 | 6 |
| 2 | 3 | 6 | 5 | 9 | 4 | 1 | 8 | 7 |
| 8 | 1 | 9 | 2 | 3 | 7 | 6 | 4 | 5 |
| 4 | 5 | 7 | 8 | 6 | 1 | 3 | 2 | 9 |
| 3 | 9 | 2 | 6 | 4 | 5 | 8 | 7 | 1 |
| 7 | 6 | 8 | 3 | 1 | 9 | 4 | 5 | 2 |
| 1 | 4 | 5 | 7 | 8 | 2 | 9 | 6 | 3 |

ଗତକାଲିର ଉତ୍ତର

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜ୍ଞାନ ମହୋତ୍ସବ



ଡ.ଦେବାଶିଷ ମହାନ୍ତି

ପ୍ରତିବର୍ଷ ଫେବୃଆରୀ ୨୮ ଭାରତରେ ବୈଜ୍ଞାନିକ, ବିଜ୍ଞାନ ଛାତ୍ରୀଛାତ୍ର ଓ ବିଜ୍ଞାନ ପ୍ରେମୀମାନଙ୍କ ପାଇଁ ଏକ ମହୋତ୍ସବ। ଏହି ଦିନ ଭାରତରେ ସାର୍ ସି ଭି ରମଣଙ୍କ ଦ୍ୱାରା ୧୯୨୮ରେ ରମଣ ପ୍ରଭାବ ଆବିଷ୍କାରକୁ ସମ୍ମାନ ଜଣାଇ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଏ। ଏହି ଆବିଷ୍କାର ପାଇଁ ସାର୍ ସି ଭି ରମଣଙ୍କୁ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପାଇଁ ଏହି ପୁରସ୍କାରପ୍ରାପ୍ତ କରିବାରେ ସେ କେବଳ ପ୍ରଥମ ଭାରତୀୟ ନୁହନ୍ତି, ପ୍ରଥମ ଏସୀୟ ମଧ। ରମଣ ପ୍ରଭାବ ବା ରମଣ ବିଛୁରଣ ହେଉଛି ବସ୍ତୁ ଦ୍ୱାରା ଆଲୋକର ଅସ୍ଥାୟୀ ବିଛୁରଣ। ଅର୍ଥାତ୍ ଯେତେବେଳେ ଆଲୋକ କୌଣସି ସ୍ୱଚ୍ଛ ପଦାର୍ଥ ମଧ୍ୟରେ ଗତିକରେ ଅଧିକାଂଶ ରଶ୍ମି ସମାନ ଦିଗରେ ଗତିଶୀଳ ହୁଏ କିନ୍ତୁ ଏହି ଆଲୋକର ଅତି କ୍ଷୁଦ୍ର ଅଂଶର ଉଭୟ ଶକ୍ତି ଏବଂ ଦିଗରେ ପରିବର୍ତ୍ତନ ହୋଇଥାଏ। ଏହି ରମଣ ପ୍ରଭାବର ବିଭିନ୍ନ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗ ବହୁଳ। ଯଥା କର୍କଟ ଭଳି ରୋଗ ଚିହ୍ନଟ କରିବା, ଆଙ୍ଗୁଠି ଛାପ ଏବଂ ଅପରାଧ ପ୍ରମାଣ ଯାଞ୍ଚ କରିବା, ଗ୍ରହ ଏବଂ ତାରା ଅଧ୍ୟୟନ କରିବା ତଥା ଅଜ୍ଞାତ ବସ୍ତୁର ଆଣବିକ ସଂରଚନା ନିର୍ଦ୍ଧାରଣ କରିବା ଆଦିରେ ସାହାଯ୍ୟ କରେ।

ସାର୍ ସି ଭି ରମଣଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାରକୁ ସ୍ୱୀକୃତି ଦେବା ଏବଂ ଯୁବ ମନକୁ ଗବେଷଣା ଏବଂ ନବସୃଜନ ପ୍ରତି ପ୍ରେରଣା ଦେବା ପାଇଁ ଭାରତ ସରକାର ଫେବୃଆରୀ ୨୮କୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳନ କରିବା ପାଇଁ ସ୍ଥିର କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ପରାଧୀନ ଭାରତରେ ସମସ୍ତ ନକାରାତ୍ମକ ତଥା ପ୍ରତିକୂଳ ପରିସ୍ଥିତି ଓ ଘାତ ପ୍ରତିଘାତ ମଧ୍ୟରେ ସାର୍ ସି ଭି ରମଣ ଏହି ଅସାଧ କୃତିତ୍ୱ ଅର୍ଜନ କରିଥିଲେ ମଧ ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ସମସ୍ତ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ଭୂଖଣ୍ଡରୁ ବିଜ୍ଞାନରେ ଜଣେ ହେଲେ ନୋବେଲ ବିଜେତା ସୃଷ୍ଟି କରିପାରି ନାହିଁ। ଯଦିଓ ସ୍ୱାଧୀନତା ପରେ ହର ଗୋବିନ୍ଦ ଖୁରାନା (ମେଡିସିନ, ୧୯୬୮), ସୁବ୍ରମଣ୍ୟନ ଚନ୍ଦ୍ରଶେଖର (ଭୌତିକ ବିଜ୍ଞାନ, ୧୯୮୩) ଏବଂ ଭେଙ୍କଟରାମନ ରାମକୃଷ୍ଣନ (ରସାୟନ ବିଜ୍ଞାନ, ୨୦୦୯) ପରି ଭାରତୀୟ ଜନ୍ମିତ ବୈଜ୍ଞାନିକମାନେ ନୋବେଲ ପୁରସ୍କାର ପାଇଛନ୍ତି କିନ୍ତୁ ସେମାନେ ବିଦେଶୀ ପ୍ରତିଷ୍ଠାନରେ କାର୍ଯ୍ୟ କରି ଓ ବିଦେଶୀ ନାଗରିକ ଭାବରେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଏଥିରୁ ପ୍ରତୀତ ହୁଏ ଯେ ଭାରତୀୟଙ୍କର ଧୀଶକ୍ତି, ପ୍ରତିଭା ତଥା ପ୍ରଜ୍ଞାର କୌଣସି ଅଭାବ ନାହିଁ। ଏଣୁ ସମସ୍ତଙ୍କ ମନରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସ୍ୱାଧୀନତା ପରେ ଭାରତୀୟ ପ୍ରତିଷ୍ଠାନରେ କାମ କରିବା ସମୟରେ ଭାରତ କାହିଁକି ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରିନାହିଁ?

ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (IISC), ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (IIT),ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ISRO), ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂସ୍ଥାନ (DRDO) ଏବଂ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (CSIR) ଭଳି ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ତଥା ଅନେକ ବିଶ୍ୱବିଦ୍ୟାଳୟ ଥିବା ସତ୍ତ୍ୱେ, ଭାରତ ଏବେ ବି ଅନେକ ସମସ୍ୟା ଯୋଗୁ ବୈଜ୍ଞାନିକ ଗବେଷଣାରେ ସଂଘର୍ଷ କରୁଛି। ମୋ ମତରେ ନିମ୍ନଲିଖିତ ସମସ୍ୟାଗୁଡ଼ିକ ଏହାର ପ୍ରମୁଖ କାରଣ। ଭାରତ ଏହାର ମୋଟ ଘରୋଇ



ଉତ୍ପାଦର ୧%ରୁ କମ୍ ଗବେଷଣା ପାଇଁ ଖର୍ଚ୍ଚ କରେ, ଯାହା ଆମେରିକା, ବିକଶିତ ୟୁରୋପୀୟ ଦେଶ ଏବଂ ଚାଇନା ପରି ଦେଶ ତୁଳନାରେ ବହୁତ କମ୍। ଅନେକ ପ୍ରତିଭାବାନ ବୈଜ୍ଞାନିକ ଭଲ ସୁଯୋଗ, ଅଧିକ ଦରମା ଏବଂ ଉନ୍ନତ ଗବେଷଣା ସୁବିଧା ପାଇଁ ବିଦେଶକୁ ଚାଲିଯାଆନ୍ତି। ଭାରତରେ ବୈଜ୍ଞାନିକ ଗବେଷଣାର ପ୍ରଗତିରେ ଅମଲାତନ୍ତ୍ରୀ ମାନସିକତା ଏବଂ ଅମଲାତନ୍ତ୍ରର ହସ୍ତକ୍ଷେପ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ମଧ୍ୟରୁ ଗୋଟିଏ। ଅମଲାତନ୍ତ୍ରୀ ମାନସିକତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଗବେଷଣା ଅନୁମୋଦନ ଏବଂ ଅନୁଦାନ ବଣ୍ଟନରେ ବହୁତ ସମୟ ଲାଗେ। ମୌଳିକ ଗବେଷଣା ପାଇଁ ନିଷ୍ଠା, ସଚ୍ଚୋଟତା, କଠିନ ପରିଶ୍ରମ ଓ ଅସୀମ ଧୈର୍ଯ୍ୟର ଆବଶ୍ୟକତା ଥିବା ବେଳେ, ପ୍ରିୟାପ୍ରୀତିବାଦ, ଯୋଗ୍ୟତାଭିତ୍ତିକ ପଦୋନ୍ନତିର ଅଭାବ ଏବଂ ଆଭ୍ୟନ୍ତରୀଣ ରାଜନୀତି ପ୍ରାୟତଃ ଯୁବ ବୈଜ୍ଞାନିକମାନଙ୍କୁ ଭାରତରେ ମୌଳିକ ଗବେଷଣା କରିବାକୁ ନିରୁତ୍ସାହିତ କରେ। କଠୋର ପ୍ରଶାସନିକ ନିୟମ ଯୋଗୁ ଅନେକ ଯୋଗ୍ୟ ଗବେଷକ ସ୍ୱୀକୃତି ପାଇଁ ସଂଘର୍ଷ କରନ୍ତି। ସେଥିପାଇଁ ସେମାନେ ସହଜ ପଥ ଅବଲମ୍ବନ କରି ଗୁଣାତ୍ମକ ଗବେଷଣା ବଦଳରେ ପରିମାଣାତ୍ମକ ଗବେଷଣାରେ ଧ୍ୟାନକେନ୍ଦ୍ରିତ କରନ୍ତି। ଏଥିପାଇଁ ଅନେକ ଭାରତୀୟ ଗବେଷକ ସାହସିକ, ଅଭିନବ ପଦକ୍ଷେପ ନେବା ପରିବର୍ତ୍ତେ ଅନୁଦାନ ସୁରକ୍ଷିତ କରିବା ପାଇଁ ସୁରକ୍ଷିତ ବିଷୟଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତି। ବିଫଳତାର ଭୟ ଏବଂ ଆନ୍ତଃଶାଖାଗତ ସହଯୋଗର ଅଭାବ ଯୁଗାନ୍ତକାରୀ ଆବିଷ୍କାରଗୁଡ଼ିକୁ ବାଧା ଦିଏ। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଶିଳ୍ପଗୁଡ଼ିକ ସକ୍ରିୟ ଭାବରେ ଗବେଷଣାକୁ ପାଣ୍ଠି ଯୋଗାଇଥାନ୍ତି କିନ୍ତୁ ଭାରତରେ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ସୀମିତ ସହଯୋଗ ରହିଛି, ଯାହା ପ୍ରାୟୋଗିକ ଗବେଷଣା ଏବଂ ନବସୃଜନ ପାଇଁ ସୁଯୋଗକୁ ହ୍ରାସ କରୁଛି। ତେଣୁ ସରକାର ଓ ବୁଦ୍ଧିଜୀବୀମାନଙ୍କୁ ପୁଣି ଥରେ ଉପରୋକ୍ତ ଆହ୍ୱାନଗୁଡ଼ିକର ବାଟ ବାହାର କରିବା ପାଇଁ ଗଭୀର ଚିନ୍ତନର ସମୟ ଉପନୀତ।

ସରକାର ଗବେଷଣା ଏବଂ ବିକାଶ ବଜେଟକୁ ମୋଟ ଘରୋଇ ଉତ୍ପାଦର ଅତି କମ୍‌ରେ ୨% ପର୍ଯ୍ୟନ୍ତ ବୃଦ୍ଧି କରିବା ଉଚିତ ଓ ଗବେଷକମାନଙ୍କୁ ଆଧୁନିକ ପ୍ରୟୋଗଶାଳା, ଉନ୍ନତ ଉପକରଣ ଏବଂ ସମ୍ବଳଗୁଡ଼ିକର ସହଜ ଉପଲବ୍ଧ ସୁନିଶ୍ଚିତ କରାଯିବା ଉଚିତ। ସରକାରଙ୍କ ନୀତିରେ ପରିବର୍ତ୍ତନ ଆଣି ବୈଜ୍ଞାନିକମାନଙ୍କୁ ନୂତନ, ଅଣପାରମ୍ପରିକ ଚିନ୍ତାଧାରା ଅନୁସନ୍ଧାନ କରିବାକୁ ଉତ୍ସାହିତ କରିବା ସହିତ ପ୍ରତିଯୋଗିତାମୂଳକ ଦରମା, ଗବେଷଣା ସ୍ୱାଧୀନତା ଏବଂ ସ୍ୱୀକୃତି ପ୍ରଦାନ କରିବା ଦ୍ୱାରା ପ୍ରତିଭା ନିଷ୍କାସନକୁ ରୋକିବାରେ ସଫଳତା ମିଳିପାରିବ। ତେବେ ଭାରତ ସରକାର ଗବେଷଣାକୁ ବିଶ୍ୱସ୍ତରୀୟ କରିବା ଓ ଯୁବ ବୈଜ୍ଞାନିକମାନଙ୍କୁ ଗବେଷଣା ପାଇଁ ଆକୃଷ୍ଟ କରିବା ଲାଗି ଅନେକ ପଦକ୍ଷେପ ଆରମ୍ଭ କରିଛନ୍ତି। ଭାରତରେ ପ୍ରଚୁର ବୈଜ୍ଞାନିକ ସମ୍ଭାବନା ରହିଛି କିନ୍ତୁ ଯୁଗାନ୍ତକାରୀ ଆବିଷ୍କାର ସୃଷ୍ଟି କରିବା ପାଇଁ ପାଣ୍ଠି, ଅମଲାତନ୍ତ୍ର, ପ୍ରତିଭା ନିଷ୍କାସନ ଏବଂ ଗବେଷଣା ରାଜନୀତି ଭଳି ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ପଡିବ। ଏହି ଜାତୀୟ ବିଜ୍ଞାନ ଦିବସ ଅବସରରେ ଭାରତ ଆଗାମୀ ଦଶନ୍ଧିରେ ଜ୍ଞାନ – ବିଜ୍ଞାନରେ ପୁନଶ୍ଚ ବିଶ୍ୱଗୁରୁ ଆସନ ଅଳଙ୍କୃତ କରିବ ବୋଲି ଆଶା କରିବା।

**ବରିଷ୍ଠ ପ୍ରାଧ୍ୟାପକ ଓ ବିଭାଗୀୟ ମୁଖ୍ୟ**
**ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,**
**ଢେଙ୍କାନାଳସ୍ୱୟଂ ଶାସିତ ମହାବିଦ୍ୟାଳୟ**
**ମୋ:୯୮୬୧୩୯୧୧୯୦**

## ପାଠକ ଶ୍ରେଷ୍ଠ ବିଚାରକ

### 'ଲାଇବ୍ରେରି' ପିରିୟଡ଼ ରହୁ

ମହାଶୟ,

ପୂର୍ବରୁ ସବୁ ସରକାରୀ ସ୍କୁଲରେ 'ଲାଇବ୍ରେରି' ରହୁଥିଲା ଓ ମାସର ଗୋଟିଏ ପିରିୟଡ଼ ଏହି ଲାଇବ୍ରେରି ଲାଗି ସଂରକ୍ଷିତ ରହୁଥିଲା। ପିଲାମାନେ ଲାଇବ୍ରେରିରେ ବସି ପଢ଼ିବା ବାଧ୍ୟତାମୂଳକ ଥିଲା। ଛାତ୍ରଛାତ୍ରୀମାନେ ପାଠ୍ୟ ପୁସ୍ତକ ବାହାରେ ଥିବା ବିଭିନ୍ନ ପ୍ରକାରର ବହି ପଢୁଥିଲେ ଏବଂ କିଛି ବହି ଘରେ ପଢ଼ିବାକୁ ନେଉଥିଲେ। ବହି ଫେରାଇବା ବେଳେ ଶିକ୍ଷକଙ୍କ ନିକଟରେ କ'ଣ ଶିଖିଲୁ, ଜଣାଇବାକୁ ପଡୁଥିଲା। ଏହା ଦ୍ୱାରା ପିଲାଦିନୁ ବହି ପଢିବା ଆଗ୍ରହ ଓ ବହି ପ୍ରତି ମମତା ରହୁଥିଲା। ବହିଠାରେ ଆଗ୍ରହ ରହିବା କାରଣରୁ ତାହାର ଚିନ୍ତା, ଚେତନା, ଭାବନା ଓ ଦୃଷ୍ଟିକୋଣ ବହୁପ୍ରସାରିତ ହୋଇଥାଏ। ଜୀବନ ପ୍ରତି ସକାରାତ୍ମକ ଧାରଣା ବଢ଼ିବା ସହିତ ସେ ଜିଜ୍ଞାସୁ ଓ ଅନୁସନ୍ଧିତ୍ସୁ ହୋଇଉଠେ। ଏହାର ମୂଳଦୁଆ ବିଦ୍ୟାଳୟରେ ପଡ଼ିଥାଏ। ତେଣୁ ପିଲାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତି ବିଦ୍ୟାଳୟରେ 'ଲାଇବ୍ରେରି' ପିରିୟଡ଼ ବାଧ୍ୟତାମୂଳକ ରଖାଯାଉ।

**–ପ୍ରତାପ ନାୟକ, ଏମ ଆଇ ଜି–୭୫, କଳିଙ୍ଗ ବିହାର, ଭୁବନେଶ୍ୱର**

## ଚିରନ୍ତନୀ

ଆକାଶର ଶଶି ସମ ଦୂରେ
କେତେ ରୂପ ପରଶିଲା ପ୍ରାଣେ
ଆକାଶର ଶଶି ସମ ମୋର
କେତେ ରୂପ ହେଲା ପ୍ରିୟତର
ଯଉବନ ଉଦ୍ଦାମ ଗାନେ
କେତେ ରୂପ ପରଶିଲା ପ୍ରାଣେ।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏକତାର ମହାକୁମ୍ଭ- ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଞ୍ଚାର ହୋଇଥାଏ । ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର । ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନ ଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନ ଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁଗୁଡ଼ିକୁ ମୁଁ ଭୁଲିପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ– ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁ ନ ଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନ୍‌ମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି ।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣକୁମ୍ଭରେ ସନ୍ଥ, ବିଦ୍ୱାନ୍ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣକୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି – ବିକଶିତ ଭାରତ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେପଡୁଛି। ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି । ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ୍ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରି କି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ ।

ବେଦଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ୍ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢ଼ିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । "ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା", ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା ।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, "ମା' ଗଙ୍ଗା ମୋତେ ଡାକିଛନ୍ତି ।" ଏହା କେବଳ ଏକ ଭାବପ୍ରବଣତା ନ ଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନ ଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ; ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନ ଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୋଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ– ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବ୍‌ଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରି ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

## ସକାଳ ୫ଟା ୫୭ରେ ଉଠିଲା ମହାଦୀପ

**ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)**

**ଶ୍ରୀଲୋକନାଥ ମନ୍ଦିର**



ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।

ମହାଶିବରାତ୍ରି ପାଇଁ ବୁଧବାର ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ମନ୍ଦିର ଚାରିପଟେ ଶ୍ରଦ୍ଧାଳୁମାନେ ବସି ରାତି ଉଜାଗର ରହି ମହାଦେବଙ୍କ ଉଦ୍ଦେଶ୍ୟରେ ଜାଗର ଦୀପ ଜାଳି ବିଭିନ୍ନ ଶିବମନ୍ତ୍ର ଓ ଶ୍ଳୋକ ଜପ କରିଥିଲେ। ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ମହାଦୀପ ଉଠିଥିଲା। ଶ୍ରୀଲୋକନାଥ ଟ୍ରଷ୍ଟ ବୋର୍ଡ ଏବଂ ପ୍ରଶାସନ ମଧ୍ୟରେ ଆଲୋଚନା ଅନୁଯାୟୀ, ହରିହର ଭେଟ ସହ ବିଭିନ୍ନ ନୀତି ସମ୍ପନ୍ନ ପରେ ଭୋର ୩ଟାରୁ ୪ଟା ମଧ୍ୟରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନେଇ ସ୍ଥିର କରାଯାଇଥିଲା। ତେବେ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଥିଲେ ମଧ୍ୟ ଗୁରୁବାର ସକାଳ ୫ଟା ୫୭ ମିନିଟ୍‌ରେ ମହାଦୀପ ଉଠିଥିଲା। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ସ୍ୱର୍ଗରଥ ଲୋକାର୍ପଣକଲେ ଉପମୁଖ୍ୟମନ୍ତ୍ରୀ

**ନିମାପଡ଼ା,୨୭।୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଏନ୍‌ଏସିକୁ ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ପ୍ରଦତ୍ତ ଏକ ସ୍ୱର୍ଗରଥ ଯାନକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏନ୍‌ଏସି ଅଞ୍ଚଳରେ ଏହି ସ୍ୱର୍ଗରଥରେ ସବୁ ବର୍ଗର ଜନସାଧାରଣ ବହୁଳ ଭାବେ ଉପକୃତ ହୋଇପାରିବେ ଓ ସେବା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏନ୍‌ଏସି ପକ୍ଷରୁ ସ୍ଥାନୀୟ ବାରବାଟୀ ପଡ଼ିଆଠାରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଟାଟାଷ୍ଟିଲ ଫାଉଣ୍ଡେଶନର ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ଟାଟାଷ୍ଟିଲ ଫାଉଣ୍ଡେଶନ ଅଧିକାରୀ ନନ୍ଦ ଏହି ସ୍ୱର୍ଗରଥର ଚାବିକୁ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କାଉନସିଲର ନିରଞ୍ଜନ ନାୟକ, ଅନସୂୟା ପାଣି, କବିତା ତରାଇ, ଧର୍ନୁଦ୍ଧର ଦାସ, ରଞ୍ଜିତା ପାତ୍ର, ଅନ୍ୟ କାଉନସିଲରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉତ୍ସବରେ ସିଡିପିଓ ମାଧବୀ ମହାପାତ୍ର, ବିପିଏମ୍ ମୋନାଲିସା ତ୍ରିପାଠୀ, ବିପିସି ନୟନ କୁମାର ଜେନାଙ୍କ ସମେତ ମିଶନ ଶକ୍ତି, ବ୍ଲକ ମହିଳା ମହାସଂଘ, ଏସ୍‌ଏଚ୍‌ଜି ଗ୍ରୁପର ପ୍ରାୟ ୩୦୦ ମହିଳା ଯୋଗଦେଇଥିଲେ।

## ମାଧବ–ବାଲିଘାଇ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

**ଚାରିଛକ,୨୭।୨(ଶିଶିର ସ୍ୱାଇଁ)**

ମାଧବ–ବାଲିଘାଇ ୬୦ ନଂ. ରାଜ୍ୟ ରାଜପଥ ମରାମତି ଅଭାବରୁ ନଷ୍ଟ ହୋଇଯାଇଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ଓ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚାରିଛକ–ଗୋପ ରାସ୍ତା ଲାଗି ୬ କୋଟି ୩୪ ଲକ୍ଷ ଓ ମାଧବ–ବାଲିଘାଇ ରାସ୍ତା ଲାଗି ୮ କୋଟି ଟଙ୍କା ଅନୁଦାନ ଯୋଗାଇ ଦେବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତମ୍ବାଳ ଛକଠାରେ ଆୟୋଜିତ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ନିମାପଡ଼ା ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ତ୍ତ ବିଭାଗ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ମଣ୍ଡଳ ସଭାପତି ପ୍ରଭାତ ନାୟକ, ଦୁର୍ଯ୍ୟୋଧନ ମହାନ୍ତି, ଲିଙ୍ଗରାଜ ପଣ୍ଡା, ରଚ୍ଚିଦାନନ୍ଦ ଖଟୋଇ, ତିଳୋତ୍ତମା ବାରିକଙ୍କ ସମେତ ବହୁ ମହିଳା ଗୋଷ୍ଠୀର ସଦସ୍ୟ ଓ ଲୋକ ପ୍ରତିନିଧି ଯୋଗଦେଇଥିଲେ।

## ମହାପ୍ରଭୁଙ୍କ ସେବିକା ଆସେଲି ଦାସଙ୍କ ପରଲୋକ

**ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)**

ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପାଟବସ୍ତ୍ର ବୁଣୁଥିବା ସେବିକା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ା ଗ୍ରାମର ଆସେଲି ଦାସଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ବର୍ଷ ହୋଇଥିଲା। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୪ପୁଅ ରାମଚନ୍ଦ୍ର, ଗୋପୀନାଥ, ଭଗବାନ, ଗୋବିନ୍ଦ ଚନ୍ଦ୍ର ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଶୋକବ୍ୟକ୍ତ କରିଛନ୍ତି।

## ବ୍ରାଉନସୁଗାର କାରବାରରେ ଜଣେ ଗିରଫ

**ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)**

ବ୍ରାଉନସୁଗାର କାରବାର ଅଭିଯୋଗରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନରେନ୍ଦ୍ରକୋଣଠାରେ ରହୁଥିବା ମାର୍କେଣ୍ଡଶ୍ୱର ସାହିର ବାଲ୍ମିକି ପ୍ରଧାନ (୩୪)। ପୋଲିସ ତାଙ୍କଠାରୁ ୧୨.୫ ଗ୍ରାମ ଓଜନର ବ୍ରାଉନ ସୁଗାର, ଗୋଟିଏ ଫୋନ, ୨,୭୦୦ ଟଙ୍କା ଓ ଗୋଟିଏ ସ୍କୁଟି ଜବତ କରିଛି। ଏନେଇ ପୋଲିସ ଏକ ମାମଲା(ନଂ. ୮୨/୨୫) ରୁଜୁ କରି ତଦନ୍ତ ଚଳାଇଛି। ଜଗନ୍ନାଥ ବଲ୍ଲଭ ପାର୍କିଂଠାରେ ଥିବା ଗୁମ୍ଫା ମହାବୀର ମନ୍ଦିର ନିକଟରେ ବାଲ୍ମିକି ବ୍ରାଉନସୁଗାର କାରବାର କରୁଥିଲେ। ଖବର ପାଇ ଟାଉନ ଥାନା ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

## ପିଲାଙ୍କ ପ୍ରତି ମାତାପିତାଙ୍କ ଅଧିକ ଦାୟିତ୍ୱ ରହିଛି

**ଯୋଗେଶ୍ୱରପୁର,୨୭।୨(ରଶ୍ମିରଞ୍ଜନ ସାହୁ)**

**ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ**

ନୟାହାଟ ଫାଣ୍ଡି ଅଧୀନ ଧୁମାଳ ପଞ୍ଚାୟତର ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧୁମାଳ ସରପଞ୍ଚ ମୋନାଲିସା ସିଂ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୈଳାସ ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସମନ୍ୱୟ ସମିତି ଗୋପ ବ୍ଲକର ସମ୍ପାଦକ ସରୋଜ କୁମାର ମିଶ୍ର ଉପସ୍ଥିତ ଥିଲେ। ପାଠପଢା କ୍ଷେତ୍ରରେ ପିଲାଙ୍କ ପ୍ରତି ଶିକ୍ଷକଙ୍କ ଯେତିକି ଦାୟିତ୍ୱ ରହିଛି, ତା'ଠାରୁ ମାତାପିତାଙ୍କ ଅଧିକ ଦାୟିତ୍ୱ ରହିବା ଦରକାର ବୋଲି ଅତିଥିମାନେ କହିଥିଲେ। ପଞ୍ଚାୟତର ନାଏବ ସରପଞ୍ଚ ଅଶୋକ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଧୁମାଳ ସମବାୟ ସମିତି ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ ଯୁବନେତା ଅଭିମନ୍ୟୁ ସିଂ ଓ ଦେଉଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରଜିତ୍ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ଦିଗରେ ଶିକ୍ଷକଙ୍କ ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି କହିଥିଲେ।




ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

## ଆଜିଠୁ ବାସେଳୀ ପୀଠରେ ଦଶମହାବିଦ୍ୟା ପ୍ରତିଷ୍ଠା ମହୋତ୍ସବ

**ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)**

ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ମା' ବାସେଳୀଙ୍କ ପୀଠରେ ଫେବୃଆରୀ ୨୮ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଦଶମହାବିଦ୍ୟା ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ବିଷ୍ଣୁଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇ କହିଛନ୍ତି, ଶାରଦୀୟ ପୂଜା (ଷୋଳପୂଜା) ବା ନବାହିନାତ୍ମକ ପୂଜାରେ ପ୍ରଥମ ଦଶମହାବିଦ୍ୟା ପୂଜାର ଆବଶ୍ୟକତା ରହିଛି। ଏହି ବାସେଳୀ ପୀଠରେ ଫେବୃଆରୀ ୨୮ରେ ମଣ୍ଡଳଧିବାସ, ଅଙ୍କୁରାରୋପଣ ଓ ଗର୍ଭାଧାନ, ମାର୍ଚ୍ଚ ୧ରେ ପ୍ରାତଃରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଯଜ୍ଞ ଆରମ୍ଭ, ବିଗ୍ରହ ସ୍ନାନ ଓ ଶୟନ, ୨ରେ ସୂର୍ଯ୍ୟପୂଜା, ମଣ୍ଡଳାର୍ଚ୍ଚନ, ଯଜ୍ଞ, ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସନ୍ଧ୍ୟାରେ ସୁନ୍ଦରାକାଣ୍ଡ ପାଠ ଏବଂ ୩ ତାରିଖରେ ପୂର୍ଣ୍ଣାହୁତି, ନଗର ପରିକ୍ରମା ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଏମ୍‌ପି ସମ୍ବିତ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ସୁନୀଲ କୁମାର ମହାନ୍ତି, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀର ବିଭିନ୍ନ ଜାଗା ଆଖଡ଼ାର କର୍ମକର୍ତ୍ତା ଓ ସହରର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବେ। ଏହି ଅବସରରେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ଉପସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ପ୍ରଫେସର ସୌମେନ୍ଦ୍ର ମୁଦୁଲି, ସଭାପତି ପଣ୍ଡିତ ଗୋପାଳଚନ୍ଦ୍ର ମହାପାତ୍ର, ସମ୍ପାଦକ ହରିହର ପଣ୍ଡା, ଉପଦେଷ୍ଟା ମଦନ ମୋହନ ଦତ୍ତ ମହାପାତ୍ର ଓ ମନ୍ଦିର ପୂଜକ ପଣ୍ଡିତ ଗଦାଧର ଦାଶ ଉପସ୍ଥିତ ଥିଲେ।

## ଫେରାର ଅଭିଯୁକ୍ତ ଗିରଫ

**ମହିଳାଙ୍କୁ ଛୁରାମାଡ଼ ଘଟଣା**

**ଗୋପ,୨୭।୨(ଭାରତୀ ଭୂଷଣ ଉପାଧ୍ୟାୟ)**

ମହିଳାଙ୍କୁ ପ୍ରେମ ନିବେଦନ କରି ବିଫଳ ହେବା ପରେ ତାଙ୍କୁ ଛୁରାମାଡ଼ କରି ଫେରାର ଥିବା ଅଭିଯୁକ୍ତ ବିଜୟ କୁମାର ବେହେରା (୩୪)ଙ୍କୁ ଗୋପ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇଦେଇଥିବା ତଦନ୍ତକାରୀ ଅଧିକାରୀ ବୁଦ୍ଧରାୟ ମାଝୀ କହିଛନ୍ତି। ପ୍ରକାଶ ଯେ, ଗୋପ ଥାନା ଅଧୀନ ରାହାଙ୍ଗଗୋରଡ଼ା ପଞ୍ଚାୟତ ଖଣ୍ଡାସାହି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ସେହି ଗ୍ରାମର ବିଜୟ କିଛିଦିନ ଧରି ହଇରାଣ ହରକତ କରିବା ସହ ପ୍ରେମ ନିବେଦନ କରୁଥିଲେ। ମାତ୍ର ମହିଳା ଜଣକ ଏଥିରେ ରାଜି ନ ହେବାରୁ ବୁଧବାର ସକାଳେ ସେ ମହିଳାଙ୍କ ଘରେ ପଶି ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ମହିଳାଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମହିଳାଙ୍କ ଅଭିଯୋଗରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ଏକ ମକଦ୍ଦମା(୪୯/୨୫) ରୁଜୁ କରି ତୁରନ୍ତ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସକାଳେ ତଦନ୍ତକାରୀ ଅଧିକାରୀ ମାଝି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗାଁ ନିକଟସ୍ଥ ଏକ ସ୍ଥାନରୁ ବିଜୟଙ୍କୁ ଗିରଫ କରିଥିଲେ।

## ରାସ୍ତାର ଶିଳାନ୍ୟାସ କଲେ, ଭତ୍ତା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ହିତାଧିକାରୀଙ୍କୁ ଭତ୍ତା ବାଣ୍ଟୁଛନ୍ତି।

**ଗୋପ,୨୭।୨(ଭାରତୀ ଭୂଷଣ ଉପାଧ୍ୟାୟ)**

ଗାଁଗୁଡ଼ିକର ବିକାଶ, ଗାଁଗୁଡ଼ିକର ସମସ୍ୟା, ଗାଁ ଲୋକଙ୍କ ବିକାଶ, ଗାଁ ଲୋକଙ୍କ ଲାଗି ଗମନାଗମନର ବ୍ୟବସ୍ଥା ସହ ଯେପରି ଗ୍ରାମ୍ୟ ଜୀବନକୁ ସରସସୁନ୍ଦର କରିବା ଉପରେ ଆମ ସରକାର ପ୍ରାଥମିକତା ଦେଇଛନ୍ତି। ସେହିପରି ଆମ ସରକାର ଖୁବ୍ କମ୍ ଦିନରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ବ୍ୟାପକ ବ୍ୟବସ୍ଥା ହାତକୁ ନେଉଛନ୍ତି। ଗୋପ ବ୍ଲକ ଅଧୀନ ନାଗପୁରଠାରେ ଗୁରୁବାର ନୟାହାଟ–ନାଗପୁର ରାସ୍ତାର ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି। କୋଣାର୍କ–ଭୁବନେଶ୍ୱର ରାସ୍ତାରେ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦେବା ସହ ପର୍ଯ୍ୟଟକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ରଖାଯାଇଛି। ମହିଳାଙ୍କୁ ସ୍ୱାବଲମ୍ବୀ କରାଯିବା ଆମର ଦାୟିତ୍ୱ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ନାଗପୁର ହଳଦୀଗଡିଆଠାରେ ମହିଳାଙ୍କ ନିମନ୍ତେ ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଗୋପ ବ୍ଲକରେ ୧୯୩ ଜଣ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଥମେ ବ୍ଲକରେ ପହଞ୍ଚି ଭତ୍ତା ବାଣ୍ଟିବା ସହ ବୃଦ୍ଧାବୃଦ୍ଧଙ୍କୁ ସରକାର ସେମାନଙ୍କ ପାଇଁ ସୁଖସମୃଦ୍ଧି କାମନା କରୁଥିବା କହିଥିଲେ। ପରେ ସେ ନାଗପୁରଠାରେ ପହଞ୍ଚି ନାଗପୁର–ନୟାହାଟ ରାସ୍ତା ଲାଗି ମଞ୍ଜୁର ହୋଇଥିବା ୨୧ କି.ମି. ରାସ୍ତା ନିମନ୍ତେ ୬ କୋଟି ୩୫ ଲକ୍ଷ ଟଙ୍କାର ଶିଳାନ୍ୟାସ କରିବା ସହ ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ବିଡିଓ ଛବିରାଣୀ ସାହୁ, ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ପୟରା ସରପଞ୍ଚ ସୁମନ୍ତ ନାୟକ, ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ, ଗୋପ ବ୍ଲକ ଯୁବ ମୋର୍ଚ୍ଚା ସଭାପତି ଶିବ ପ୍ରସାଦ ସ୍ୱାଇଁ, ସହଦେବ ସେନାପତି, ବିଭୁଦତ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏକତାର ମହାକୁମ୍ଭ– ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଞ୍ଚାର ହୋଇଥାଏ । ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର । ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନ ଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନ ଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁଗୁଡ଼ିକୁ ମୁଁ ଭୁଲିପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ– ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁ ନ ଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନ୍‌ମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢ଼ୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି ।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣକୁମ୍ଭରେ ସନ୍ଥ, ବିଦ୍ୱାନ୍ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣକୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି – ବିକଶିତ ଭାରତ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେପଡ଼ୁଛି । ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି । ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ୍ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରି କି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ ।

ବେଦଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ୍ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢ଼ିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । ''ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା'', ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା ।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, ''ମା' ଗଙ୍ଗା ମୋତେ ଡାକିଛନ୍ତି ।'' ଏହା କେବଳ ଏକ ଭାବପ୍ରବଣତା ନ ଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନ ଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ; ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନ ଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୋଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ– ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବ୍‌ଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରି ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

# ମହିଳାଙ୍କ ସହ ମିଶି ଶିଶୁକନ୍ୟାକୁ ଚେଙ୍କ ଦେଲେ ଜେଜେ

**ଭୁବନେଶ୍ୱର,୨୭।୨(ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀରେ ଜେଜେବାପାଙ୍କ ଅମାନବୀୟ କାଣ୍ଡ ଦେଖିବାକୁ ମିଳିଛି। ଜଣେ ମହିଳାଙ୍କ ସହ ମିଶି ୭ ବର୍ଷର ନାତୁଣୀକୁ ଚେଙ୍କ ଦେବା ସହ ମାଡ଼ ମାରିଛନ୍ତି। ଫଳରେ ଝିଅଟି ଘରୁ ଚାଲି ଆସି ଏକ ଶିବମନ୍ଦିର ପାଖରେ କାନ୍ଦୁଥିବା ବେଳେ ଶହୀଦନଗର ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏହାପରେ ପୋଲିସ ତାଙ୍କୁ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ସ୍ୱେଚ୍ଛାସେବୀଙ୍କୁ ହସ୍ତାନ୍ତର କରିଛି। ଶିଶୁଟିର ଦେହସାରା କଟା ଓ ପୋଡ଼ା ଦାଗ ରହିଛି। ଏପରି ନିର୍ଯ୍ୟାତନା ପାଇଁ ପୂର୍ବରୁ ମଧ୍ୟ ସେ କେତେଥର ଘରୁ ପଳାଇ ଆସିଥିବା ଜଣାପଡ଼ିଛି। ତେଣୁ ସମ୍ପୃକ୍ତ ଜେଜେ ବାପା ଓ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରୁଚିକା ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ପୀଡ଼ିତା ଶିଶୁକନ୍ୟାକୁ ଅତିରିକ୍ତ ଶିଶୁ କଲ୍ୟାଣ ସମିତିରେ ଉପସ୍ଥିତ କରାଯିବା ପରେ ଓପନ ସେଲ୍‌ଟର ହୋମ୍‌ରେ ରଖାଯାଇଥିବା ସୂଚନା ମିଳିଛି। ଶିଶୁକନ୍ୟାର ମା' ଓ ବାପାଙ୍କ ସମ୍ପର୍କରେ କିଛି ସୂଚନା ମିଳି ନ ଥିବାବେଳେ ନିର୍ଯ୍ୟାତନା ଦେଇଥିବା ଜେଜେ ଓ ମହିଳାଙ୍କ ପ୍ରକୃତ ପରିଚୟ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

# ଶ୍ରୀକ୍ଷେତ୍ରର ପଞ୍ଚ ପୁଷ୍କରିଣୀ ପ୍ରଦୂଷିତ

**ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ରର ୫ ପବିତ୍ର ତୀର୍ଥ ପୁଷ୍କରିଣୀ ଜଳ ବିଷାକ୍ତ। ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର, ମାର୍କଣ୍ଡେୟ ଏବଂ ଶ୍ରୀଲୋକନାଥ ଦେବଙ୍କ ପାର୍ବତୀ ସାଗର ପୁଷ୍କରିଣୀ ଜଳ ପ୍ରଦୂଷିତ ହୋଇପଡ଼ିଥିବା ପରିବେଶ ମନ୍ତ୍ରଣାଳୟ ଚିଠିରୁ ସ୍ପଷ୍ଟ ହୋଇଛି। ମାନ ପରୀକ୍ଷାରେ ଏହି ୫ ପୁଷ୍କରିଣୀ ଜଳର ଗୁଣାତ୍ମକ ମାନ ନେଇ ସ୍ଥିରୀକୃତ ଶ୍ରେଣୀ 'ଖ'ର ମାନଦଣ୍ଡ ମଧ୍ୟ ପୂରଣ କରିପାରୁନାହାନ୍ତି। ଶ୍ରେଣୀ 'ଖ' ଗାଧୁଆ ଓ ବ୍ୟବହାର ପାଇଁ ଉପଯୁକ୍ତ ପାଣିର ମାନଦଣ୍ଡ ହୋଇଥିବାବେଳେ ଏହାଠାରୁ ବହୁ ନିମ୍ନମାନର ରହିଛି ଏହି ପାଞ୍ଚ ତୀର୍ଥ ପୁଷ୍କରିଣୀର ଜଳ। ଉଭୟ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଭଳି ଉଦ୍‌ବେଗଜନକ ରିପୋର୍ଟ ଦେଇଛି। ଏପରିକି ପୁରୀ ପୌର ପ୍ରଶାସନକୁ ଏ ଦିଗରେ ଅବଗତ କରାଇବା ସହ ସତର୍କ କରାଇଛି। ପ୍ରଦୂଷଣ ମାତ୍ରା କମାଇବା ପାଇଁ ବିହୀତ ପଦକ୍ଷେପ ନେବାକୁ ବାରମ୍ବାର ଚିଠି କରି ପରାମର୍ଶ ଦେଇଆସିଛି। କିନ୍ତୁ ପୌରପାଳିକା ଓ ଜିଲା ପ୍ରଶାସନ ଏହାକୁ ଅଣଦେଖା କରିଆସିଛନ୍ତି। ପରିଣାମ ସ୍ୱରୂପ ୫ ପୁଷ୍କରିଣୀର ପାଣି ବର୍ତ୍ତମାନ ବିଷାକ୍ତ ପାଲଟିଛି। ୨୦୨୩ରୁ ପୁରୀ ପୌରପାଳିକାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ଦିଗରେ ଜଣାଇ ଉଦ୍‌ବେଗ ପ୍ରକାଶ କରିବା ସହ କ୍ରମାଗତ ରିପୋର୍ଟ ମାଗି ଆସୁଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ଭକ୍ତଙ୍କ ଭାବାବେଗ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହ ଉକ୍ତ ୫ ତୀର୍ଥ ପୁଷ୍କରିଣୀ ଜଡ଼ିତ। ସ୍ନାନ ଉଦ୍ଦେଶ୍ୟରେ ହେଉ କି ଶୁଦ୍ଧିକ୍ରିୟା, ପିଣ୍ଡଦାନ, ଦଶାହ ଏସବୁ ପାଇଁ ପ୍ରତ୍ୟେକ ଦିନ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ରିପୋର୍ଟ ଅନୁଯାୟୀ ଏସବୁ ପାଣିର ମାନ ଖରାପ ଥିବାରୁ ତୁରନ୍ତ ସରକାର ଏହାର ନିରାକରଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ୨୦୨୨ ମସିହାରେ ନ୍ୟାଶନାଲ ୱାଟର କ୍ୱାଲିଟି କଣ୍ଟ୍ରୋଲ ମନିଟରିଂ ପ୍ରୋଗ୍ରାମ (ଏନ୍‌ଡବ୍ଲ୍ୟୁଏମ୍‌ପି) ଜରିଆରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାର ବିଭିନ୍ନ ପୋଖରୀ, ହ୍ରଦ, ନାଳ ଆଦିର ପାଣି ନମୁନା ପରୀକ୍ଷା କରିଥିଲା। ଏହି ପରୀକ୍ଷାରେ ପୁରୀର ନରେନ୍ଦ୍ର, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ପାର୍ବତୀ ସାଗର ପୁଷ୍କରିଣୀ ଥିଲା, ଯାହାର ଜଳ ଗୁଣାତ୍ମକ ମାନଦଣ୍ଡ ପୂରଣ କରିପାରି ନ ଥିଲା। ପାଣିର ମାନ ଅତ୍ୟଧିକ ପ୍ରଦୂଷିତ ରହିଛି ବୋଲି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଦେବା ସହ ଏ ଉପରେ ରିପୋର୍ଟ ମାଗିଥିଲା। ଏହା ପରଠାରୁ ପୁରୀ ଜିଲା ପ୍ରଶାସନ ଓ ପୌରପାଳିକାକୁ କ୍ରମାଗତ ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିଠି କରିଆସୁଛି। ଗତ ଫେବୃଆରୀ ୪ରେ ମଧ୍ୟ ପୁରୀ ପୌର କର୍ତ୍ତୃପକ୍ଷଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ସମ୍ପର୍କରେ ଏକ ଚିଠି (ନଂ.୨୨୦୬/୦୪।୦୨।୨୦୨୫) ଲେଖିଥିଲା। ବୋର୍ଡ ଚିଠିରେ ଉଲ୍ଲେଖ ଥିଲା ଯେ, ୨୦୨୪ ମସିହାରେ ପ୍ରତି ମାସରେ ନରେନ୍ଦ୍ର, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ପାର୍ବତୀ ସାଗର ପାଣିର ନମୁନା ପରୀକ୍ଷା କରାଯାଇଥିଲା। ଅନୁଧ୍ୟାନ ପରେ ପାଣିର ମାନ ଅତ୍ୟନ୍ତ ଖରାପ ଥିବା ଜଣାପଡ଼ିଛି। ଗାଧୁଆ ପାଇଁ ଏହି ପାଣି ଅନୁପଯୁକ୍ତ। ପାଣିରେ ଅବାଧ ଓ ନିୟମିତ ପୂଜା ସାମଗ୍ରୀ ପକାଇବା, ଅଇଁଠା ଆଦି ଖାଦ୍ୟସାମଗ୍ରୀ ଫିଙ୍ଗିବା, ଆବର୍ଜନା ପାଣି ଛାଡ଼ିବା କାରଣରୁ ଏଭଳି ସ୍ଥିତି ଉପୁଜିଛି। ଏହା ମାନବକୃତ ହୋଇଥିବାବେଳେ ଏ ଦିଗରେ ଦୃଷ୍ଟିଦେବା ଉପରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଚିଠିରେ ନିବେଦନ କରିଥିଲା। ଏନେଇ ପୁରୀ ବାସିନ୍ଦା ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ପୂର୍ବତନ ସରକାର ଉକ୍ତ ରିପୋର୍ଟକୁ ଗୁରୁତ୍ୱର ସହ ନେଇ ନ ଥିଲେ। ଭକ୍ତମାନେ ଉକ୍ତ ତୀର୍ଥ ପୁଷ୍କରିଣୀରେ ସ୍ନାନକଲେ ଦେହ କୁଣ୍ଡାଇହୋଇ ଫଳିଯାଉଛି। ଏପରିକି ପୋଖରୀରେ ଥିବା ମାଛ ମରୁଛନ୍ତି। ପାଣି ପ୍ରବେଶ ଓ ନିଷ୍କାସନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲାନାହିଁ। ଫଳରେ ଏଭଳି ସମସ୍ୟା ଭୋଗିବାକୁ ପଡ଼ୁଛି। ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ଏନେଇ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ତୀର୍ଥ ପୁଷ୍କରିଣୀଗୁଡ଼ିକର ସଫେଇ ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନର। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଫେଇ କରାଯିବା ପରେ ଯାହା ଆବର୍ଜନା ବାହାରେ ପକାନ୍ତି ସେଗୁଡ଼ିକୁ ପୌରସଂସ୍ଥା ପକ୍ଷରୁ ସଫା କରାଯାଇଥାଏ। ପାଣିର ମାନ ଉପରେ ଆଗରୁ ପରୀକ୍ଷାନିରୀକ୍ଷା କରାଯାଇଛି। ସେଥିପାଇଁ ଯାହାସବୁ ପଦକ୍ଷେପ ଆବଶ୍ୟକ ସେସବୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଉଛି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଯାଉଛି। ଆଖପାଖରେ ଜବରଦଖଲ ହୋଇଥିବାରୁ ଜଳ ନିଷ୍କାସନ ଓ ନୂତନ ଜଳ ପ୍ରବେଶ କରିବାରେ ସମସ୍ୟା ହେଉଛି। ତେବେ ନୂତନ ଜ୍ଞାନକୌଶଳ ବ୍ୟବହାର ସହ ସମସ୍ତଙ୍କ ମତାମତ ନିଆଯାଇ କାର୍ଯ୍ୟ କରାଯିବ।

# ଅନ୍ଧବିଶ୍ୱାସ, ରତିବାଦ ହିଁ ମନୁଷ୍ୟ ଅଧଃପତନର କାରଣ



'ଋଷି ବୋଧୋତ୍ସବ'ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର ସହ ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା ଓ ଅନ୍ୟମାନେ।

**ଭୁବନେଶ୍ୱର,୨୭।୨**
**(ସୌମ୍ୟରଞ୍ଜନ ରାଉତ)**

ଆର୍ଯ୍ୟସମାଜ ଭୁବନେଶର ପକ୍ଷରୁ ନବଜାଗରଣର ପୁରୋଧା ତଥା ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମଗ୍ର ଦେଶରେ 'ଋଷି ବୋଧୋତ୍ସବ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର ସହ ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା କହିଥିଲେ ସ୍ୱାମୀ ଦୟାନନ୍ଦ ଜାତିପ୍ରଥାର ଘୋର ବିରୋଧୀ ଥିଲେ ଓ ଅନ୍ଧ, କୁସଂସ୍କାର ବିରୋଧରେ ତାଙ୍କର ଦୁର୍ବାର ଅଭିଯାନ ନବଜାଗରଣର ପଥ ଉନ୍ମୁକ୍ତ କରିଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସ୍ୱାମୀ ଦୟାନନ୍ଦ ଓ ଆର୍ଯ୍ୟ ସମାଜ କିଭଳି ସାମାଜିକ ସଂସ୍କାର ଆନ୍ଦୋଳନର ପୁରୋଧା ଥିଲେ ତାହା ଆଲୋଚନା କରିଥିଲେ। ମୁଖ୍ୟବକ୍ତା ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର 'ବେଦରେ ରାଷ୍ଟ୍ରନୀତି' ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିବା ସହ ଅନ୍ଧବିଶ୍ୱାସ ଓ ରତିବାଦ ହିଁ ମନୁଷ୍ୟର ଅଧପତନର କାରଣ ବୋଲି କହିଥିଲେ। ଆର୍ଯ୍ୟ ସମାଜର ସମ୍ପାଦକ ବୀରେନ୍ଦ୍ର କର ସ୍ୱାଗତ ଭାଷଣ ସହ ବୋଧୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଉପ ସଭାପତି ଇଂ ବ୍ରଜବନ୍ଧୁ ପଣ୍ଡା, ଯୁଗ୍ମ ସମ୍ପାଦକ ଶମ୍ଭୋଦେବୀ, ସଦସ୍ୟ ସୁଧାକର ପତ୍ରୀ, ଭଗବାନ ଆଚାର୍ଯ୍ୟ, ଅନିରୁଦ୍ଧ ପଟ୍ଟନାୟକ, ସିଦ୍ଧାର୍ଥ ରଥ ଅତିଥିମାନଙ୍କୁ ରାଷ୍ଟ୍ରୀୟ ସ୍ମାରକୀ ସ୍ମୃତି ଫଳକ ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆର୍ଯ୍ୟସମାଜର ସଦସ୍ୟ ତୀରତରଙ୍ଗ ସମ୍ପାଦିକା ବନ୍ଦନା ମିଶ୍ର, ଇଂ ସୌମିତ୍ରୀ ଦେ ପ୍ରବଚନ ଦେଇଥିଲେ । ଉତ୍ସବ ସଂଯୋଜନା ସଦସ୍ୟ ଡାକ୍ତର ଗୋପାଳ ଚନ୍ଦ୍ର ଦାଶ ଓ ସହ ସମ୍ପାଦକ ସୁନୀଲ କୁମାର ଦେ କରିଥିଲେ । ସଦସ୍ୟା ମମିତା ମିଶ୍ର, ଡା. ପ୍ରଜ୍ଞା ଦାସ, ଅମୂଲ୍ୟ କୁମାର ଦାଶ, ନୃସିଂହ ଚରଣ ସ୍ୱାଇଁ, ଯଜ୍ଞପ୍ରକାଶ ଆର୍ଯ୍ୟ ଭଜନ ପରିବେଷଣ କରିଥିଲେ। ଆର୍ଯ୍ୟ ବୀର ଦଳର ସଦସ୍ୟଙ୍କ ସମେତ ସ୍ଥାନୀୟ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଜିସୋଲ' ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସ୍ୱପ୍ନେଶ୍ୱର ଶାଖାର ସଦସ୍ୟମାନେ ଯୋଗ ଦେଇଥିଲେ।

# ଡମଣା–ଶୈଳଶ୍ରୀବିହାର ରାସ୍ତାରେ ସିରିଜ୍ ଦୁର୍ଘଟଣା

**ଭୁବନେଶ୍ୱର,୨୭।୨(ସୂର୍ଯ୍ୟକାନ୍ତ ବେହେରା)**

ଚନ୍ଦ୍ରଶେଖରପୁର ଥାନା ଡମଣା–ଶୈଳଶ୍ରୀ ବିହାର ରାସ୍ତାରେ ଗୁରୁବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ୨ଟି କାର୍ ଓ ଗୋଟିଏ ସ୍କୁଟର ପଛକୁ ପଛ ଧକ୍କାହୋଇଛି। ଏଥିରେ ସ୍କୁଟର ଚାଳକ ଆହତ ହୋଇଥିବାବେଳେ ୨ଟି କାର୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ପରସ୍ପର ଦୋଷା ଲଦାଲଦି ହେବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତକରି ଅଧିକ ତଦନ୍ତ ଚଳାଇଛି।

# ଜୀବନବ୍ୟାପୀ ତ୍ୟାଗ ଆଚାର୍ଯ୍ୟ ହରିହରଙ୍କୁ ସ୍ମରଣୀୟ କରିଛି

**ଭୁବନେଶ୍ୱର,୨୭।୨ (ସୌମ୍ୟରଞ୍ଜନ ରାଉତ)**

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ସତ୍ୟବାଦୀ ବକୁଳ ବନବିଦ୍ୟାଳୟର ଅନ୍ୟତମ ଆଦର୍ଶ ଶିକ୍ଷକ ଆଚାର୍ଯ୍ୟ ହରିହରଙ୍କ ନିରାଡ଼ମ୍ବର ଜୀବନଶୈଳୀ ଓ ନିଷ୍ଠାପର ସେବାର ପଟାନ୍ତର ନାହିଁ।

ନିଜ ସ୍ୱାଭିମାନ ଓ ମୂଲ୍ୟବୋଧ ତଥା ଓଡ଼ିଶାର ଉନ୍ନତି ପାଇଁ ତାଙ୍କର ଜୀବନବ୍ୟାପୀ ତ୍ୟାଗ ନିମନ୍ତେ ସ୍ମରଣୀୟ ରହିବେ ବୋଲି ସେ ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କୈଳାଶ ଚନ୍ଦ୍ର ମିଶ୍ର କହିଲେ, ଆଚାର୍ଯ୍ୟଙ୍କ ଜ୍ଞାନ ଓ ତ୍ୟାଗ ମଣିଷ ତିଆରିର ପ୍ରମୁଖ ମାର୍ଗ ହୋଇ ରହିବ। ଏହା ଅବସରରେ ସେ ତାଙ୍କ ସହ ବିତିଥିବା ଅନେକ ସ୍ମୃତି




ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଓ ଅନ୍ୟ ଅତିଥିମାନେ ସ୍ମରଣିକା 'ରତମ' ଉନ୍ମୋଚନ କରୁଛନ୍ତି।

ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ। ଶିକ୍ଷାବିତ ତଥା ଶ୍ୟାମ ପ୍ରସାଦ ମୁଖାର୍ଜୀ ଫାଉଣ୍ଡେଶନ ସଭାପତି ଡ. ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ଲେଖକ ତଥା ନାବାର୍ଡର ପୂର୍ବତନ ଅଧିକାରୀ ଶଙ୍କର ନାରାୟଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଚାର୍ଯ୍ୟଙ୍କ ତ୍ୟାଗ ଓ ସେବା ଉପରେ ଆଲୋକପାତ କରିଥିଲେ। ଲବଣ ସତ୍ୟାଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନରେ ଆଚାର୍ଯ୍ୟ ହରିହର ଯୋଗଦେଇ ବହୁବାର କାରାଗାର ବରଣ କରିଥିଲେ। ସେହିଭଳି

**ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ବିନୋବା ଭାବେଙ୍କ ନେତୃତ୍ୱରେ ଭୂଦାନ ଆନ୍ଦୋଳନରେ ସାମିଲ ହୋଇ ଓଡ଼ିଶାର ପୁରପଲ୍ଲୀ ବୁଲି ଅହିଂସା, ଶିକ୍ଷା ଓ ଅସ୍ପୃଶ୍ୟତାର ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କର ବାଣୀ ପ୍ରତ୍ୟେକ ମଣିଷର ଆଦର୍ଶ ହେଉ ବୋଲି ଅତିଥିମାନେ କହିଥିଲେ। ପରେ ଆଚାର୍ଯ୍ୟ ବିହାର ପରିଷଦ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ରତମ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାଇ ସଙ୍ଗୀତ କଳାକାର ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଭାଗୀୟ ଉପ–ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ଲୋକ ସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଓ ପ୍ରମୋଦିନୀ ଟେଟେ ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁଆ ପ୍ରାଣୀ ସହାୟକ କେନ୍ଦ୍ରରୁ ଚୋରି

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଶିଶୁଆ ପ୍ରାଣୀ ସହାୟକ କେନ୍ଦ୍ରର ତାଲା ଭାଙ୍ଗି ବୁଧବାର ଚୋରି ହୋଇଛି। ଶିଶୁଆ ପ୍ରାଣୀ ସହାୟକ କେନ୍ଦ୍ରର ପ୍ରାଣୀ ନିରୀକ୍ଷକ ସଞ୍ଜୟ କୁମାର ଦଳାଇ ଗୁରୁବାର କାର୍ଯ୍ୟାଳୟରେ ପହଞ୍ଚି ଚୋରି ସମ୍ପର୍କରେ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କୌଣସି ଦୁର୍ବୃତ୍ତ କାର୍ଯ୍ୟାଳୟର ୨କୋଠରୀର ତାଲା ଭାଙ୍ଗି ଏକ ପାଣି ମୋଟର ସହ ୨ଟି ଫ୍ୟାନ୍ ଓ ବହୁ ସାମଗ୍ରୀ ଚୋରି କରି ନେଇଛନ୍ତି।

# ଏକତାର ମହାକୁମ୍ଭ- ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଞ୍ଚାର ହୋଇଥାଏ । ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର । ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନ ଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନ ଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁଗୁଡ଼ିକୁ ମୁଁ ଭୁଲିପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ– ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁ ନ ଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନ୍‌ମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢ଼ୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି ।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣକୁମ୍ଭରେ ସନ୍ଥ, ବିଦ୍ୱାନ୍ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣକୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି – ବିକଶିତ ଭାରତ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେପଡ଼ୁଛି। ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି । ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ୍ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରି କି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ ।

ବେଦଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ୍ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢ଼ିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । ''ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା'', ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା ।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, ''ମା' ଗଙ୍ଗା ମୋତେ ଡାକିଛନ୍ତି ।'' ଏହା କେବଳ ଏକ ଭାବପ୍ରବଣତା ନ ଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନ ଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ; ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନ ଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୋଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ– ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବ୍‌ଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରି ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

# ରେଭେନ୍‌ଶାରେ ଗଣ୍ଡଗୋଳ, ୨ ଛାତ୍ର ଆହତ

**କଟକ,୨୭।୨(କାର୍ତ୍ତିକ ସାହୁ):**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର ଗୁରୁବାର ସନ୍ଧ୍ୟାରେ ଅଶାନ୍ତ ହୋଇଛି। ଢେଲାପଥର ମାଡ଼ ସହ ୨ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣ ଛାତ୍ର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମାଲଗୋଦାମ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି।

ସୂଚନା ଅନୁଯାୟୀ, ଜଗନ୍ନାଥ ଛାତ୍ରାବାସ ସହିତ ଇଷ୍ଟ ଛାତ୍ରାବାସର ଅନ୍ତେବାସୀଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ କ୍ରିକେଟ୍ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍‌ରେ ଲଳିତଗିରି ଛାତ୍ରାବାସର ଜଣେ ଛାତ୍ର ଅମ୍ପାୟାର ରହିଥିଲେ। ତେବେ ମ୍ୟାଚ୍ ମଝିରେ ଏକ ନୋ–ବୋଲକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। କଥା କଟାକଟି ଓ ଠେଲାପେଲା ହୋଇଥିଲା। ଘଟଣାର ଆପୋସ ସମାଧାନ ହେବା ପରେ ପୁଣି ଖେଳ ହୋଇଥିଲା। ହେଲେ ସନ୍ଧ୍ୟାରେ ଲଳିତଗିରି ଛାତ୍ରାବାସର କେତେଜଣ ଛାତ୍ର ଇଷ୍ଟ ଛାତ୍ରାବାସ ଆଡ଼କୁ ଆସୁଥିଲେ। ଫଳରେ ଗଣ୍ଡଗୋଳର ଆଶଙ୍କା କରିଥିଲେ। ପ୍ରତିପକ୍ଷ ଗୋଷ୍ଠୀ ସେମାନଙ୍କ ଆଡକୁ ଧାଇଁ ଆସିବାରୁ ପୁଣି ଗଣ୍ଡଗୋଳ ହୋଇଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ କାହା ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ରଜନୀକାନ୍ତ ଦାସ କହିଛନ୍ତି।

# ରକ୍ ଷ୍ଟାର କଟକକୁ ହରାଇ ୟୁନାଇଟେଡ୍ କ୍ଲବ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ପାଞ୍ଚଗାଁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଟିଗିରିଆ, ୨୭।୨(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମରେ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଭୁବନେଶ୍ୱର ୪–୧ ଗୋଲରେ ରକ୍ ଷ୍ଟାର କ୍ଲବ କଟକକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ୟୁନାଇଟେଡ୍ କ୍ଲବର ୧୦ ନଂ. ଖେଳାଳି ସେକ୍ ଆଫ୍ରିଦ ୨ଟି ଗୋଲ ସ୍କୋର କରିଥିଲେ। ପରେ ଏହି ଦଳର ୧୧ ନଂ.ଖେଳାଳି ପିଣ୍ଟୁ ବାରିକ ଗୋଟିଏ ଗୋଲ ସ୍କୋର କରି ଦଳକୁ ୩–୦ ଗୋଲରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪ ମିନିଟରେ ଏହି ଦଳର ୧୨ନଂ. ଖେଳାଳି କାର୍ତ୍ତିକ ଭୋଳ ଆଉ ଏକ ଗୋଲ୍ ସ୍କୋର କରିଥିଲେ। ଅପରପକ୍ଷେ ରକ ଷ୍ଟାର କ୍ଲବର ୧୮ ନଂ. ଖେଳାଳି ଚିକୁଦାସ ୨୭ ମିନିଟରେ ମାତ୍ର ଗୋଟିଏ ଗୋଲ କରିବାକୁ ସକ୍ଷମ ହୋଇଥିଲେ।

ମ୍ୟାଚରେ ମୁଖ୍ୟଅତିଥିଭାବେ ଆଠଗଡର ଭାଜପା ନେତା ଅଭୟ କୁମାର ବାରିକ, ସମ୍ମାନିତ ଅତିଥିଭାବେ କଟକ ଏମ୍‌ପିଙ୍କ ଟିଗିରିଆ ବ୍ଲକ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଯୋଗଦେଇ ୟୁନାଇଟେଡ୍ କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୩୦ ହଜାର ଟଙ୍କା ଏବଂ ରକ ଷ୍ଟାର କ୍ଲବକୁ ରନର୍ସ ଅପ୍ ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

# ମାଟ୍ରିକ୍: ଗଣିତ ପରୀକ୍ଷାରେ କପିକରି ୫ ପରୀକ୍ଷାର୍ଥୀ ଏମ୍‌ପି

**କଟକ,୨୭।୨(କାର୍ତ୍ତିକ ସାହୁ):**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଗଣିତ ପରୀକ୍ଷାରେ କପି କରି ୫ ଜଣ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି। ସେହିପରି ଦ୍ୱିତୀୟ ଭାଷା ପରୀକ୍ଷାରେ ୮ ଜଣ ଓ ପ୍ରଥମ ଭାଷା ପରୀକ୍ଷାରେ ୪ ପରୀକ୍ଷାର୍ଥୀ ଏମ୍‌ପି ହୋଇଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନକୁ ପ୍ରତିହତ କରିବା ସହ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଏଥିସହ ବୋର୍ଡ ମୁଖ୍ୟାଳୟରେ ନିୟନ୍ତ୍ରଣ କକ୍ଷ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ)ର ଉପଯୋଗ କରାଯାଇଛି। ସେହିପରି ପରୀକ୍ଷାକେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ମଧ୍ୟ ୱାଟର ମାର୍କ, ବାର୍ କୋର୍ଡ ଓ ସିକ୍ରେଟ୍ କୋଡ୍ ବ୍ୟବସ୍ଥା ପରୀକ୍ଷା ଖାତାରେ ରଖାଯାଇଛି।

# ମାର୍ଚ୍ଚ ୬ରୁ ଆମରଣ ଅନଶନ ପାଇଁ ମା' ବାପାଙ୍କ ଚେତାବନୀ

## ଦାଦନ ଖଟିବାକୁଯାଇ ଫେରିଲାନି ସାନପୁଅ, ଆଖି ବୁଜିଲା ବଡ଼ପୁଅ

**ନିଶ୍ଚିନ୍ତକୋଇଲି,୨୭।୨ (ଅଶୋକ କୁମାର ମହାପାତ୍ର):**

ରୋଜଗାର କରି ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯାଇଥିଲା ସାନପୁଅ। ଏପର୍ଯ୍ୟନ୍ତ ତାଙ୍କର କୌଣସି ଖୋଜଖବର ମିଳୁନାହିଁ। ସାନଭାଇକୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିବା ବଡ଼ପୁଅ ହୃଦଘାତରେ ଆଖି ବୁଜିଛନ୍ତି। ଏଭଳି ସ୍ଥିତିରେ ସାନ ପୁଅ ନ ଫେରିଲେ ଥାନା ଆଗରେ ଅନଶନ କରିବାକୁ ନିଶ୍ଚିନ୍ତକୋଇଲି ଗ୍ରାମର ରବୀନ୍ଦ୍ର କୁମାର ଦାସ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଚେତାବନୀ ଦେଇଛନ୍ତି।

ରବୀନ୍ଦ୍ର କୁମାର ଦାସ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି। ତାଙ୍କ ପରିବାର ୨ପୁତ୍ରଙ୍କୁ ନେଇ ଗଠିତ। ରବୀନ୍ଦ୍ରଙ୍କ ସାନପୁଅ ସନ୍ତୋଷ କୁମାର ଦାସ (୨୪)ଙ୍କୁ ଏହି ଥାନା ଅନ୍ତର୍ଗତ ଗୋପପୁର ଗ୍ରାମର ଜଣେ ବ୍ୟକ୍ତି ଭଲ ପାରିଶ୍ରମିକ ଦେବାକୁ କହି ରାଜ୍ୟ ବାହାରକୁ ଦାଦନ ଶ୍ରମିକଭାବେ କାମ କରିବାକୁ ନେଇଥିଲେ। ଫେବୃଆରୀ ୬ରେ ରବୀନ୍ଦ୍ର ପୁଅ ସନ୍ତୋଷର ଭଲ ମନ୍ଦ ବୁଝିବାକୁ ଗୋପପୁର ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫୋନ୍ କରିଥିଲେ। ସନ୍ତୋଷଙ୍କୁ ଟ୍ରେନ୍‌ରେ ଘରକୁ ପଠାଇ ଦେଇଛନ୍ତି ବୋଲି ସେତେବେଳେ ସମ୍ପୃକ୍ତ ବ୍ୟକ୍ତି କହିଥିଲେ।


ମୃତ ବଡ଼ ପୁଅ ହରିଶଙ୍କର ଦାସ ।


ନିଖୋଜ ସାନପୁଅ ସନ୍ତୋଷ ଦାସ ।

ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ, ମାତ୍ର ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏହାପରେ ସନ୍ତୋଷଙ୍କ ନିଖୋଜ ସମ୍ପର୍କରେ ବାପା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଥିବା ଥିବା ସମ୍ପୃକ୍ତ ବ୍ୟକ୍ତି ଧରାଛୁଆଁ ଦେଉନାହାନ୍ତି। ଏପରିସ୍ଥିତିରେ ସନ୍ତୋଷଙ୍କୁ ଖୋଜିବାକୁ ବଡ଼ଭାଇ ହରିଶଙ୍କର ଯାଇଥିଲେ। ମାତ୍ର ସାନଭାଇଙ୍କୁ ଖୋଜି ନ ପାଇବାରୁ ହରିଶଙ୍କର ଭାଙ୍ଗିପଡ଼ିଥିଲେ। କିଛିଦିନ ପୂର୍ବେ ହୃଦ୍‌ଘାତରେ ତାଙ୍କର ଅକାଳ ବିୟୋଗ ଘଟିଛି। ଏହାପରଠୁ ମା' ବାପା ପୁତ୍ର ଚିନ୍ତାରେ ଭାଙ୍ଗିପଡ଼ି ଶଯ୍ୟାଶାୟୀ ହୋଇଯାଇଛନ୍ତି। ପୋଲିସ ତରଫରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ସେମାନେ ମାର୍ଚ୍ଚ ୬ରୁ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ଆମରଣ ଅନଶନ କରିବାକୁ ଚେତବନୀ ଦେଇଛନ୍ତି।

ଏ ସମ୍ପର୍କରେ ସନ୍ତୋଷ'ଙ୍କ ମା' ମଞ୍ଜୁଲତା ମୁଖ୍ୟମନ୍ତ୍ରୀ, ଗୃହ ସଚିବ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗ୍ରାମାଞ୍ଚଳ ଏସ୍‌ପି, ଜିଲାପାଳ, ଏସ୍‌ଡିପିଓ ସାଲେପୁର, ନିଶ୍ଚିନ୍ତକୋଇଲି ତହସିଲଦାର ଏବଂ ବିଡିଓଙ୍କ ସମେତ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଯୁଗଳ ଦାସ କୁହନ୍ତି, ନିଖୋଜ ସମ୍ପର୍କରେ ଅଭିଯୋଗ ପାଇବା ପରେ ବିଭିନ୍ନ ଥାନାକୁ ସୂଚନା ଦିଆଯିବା ସହ ଖୋଜାଖୋଜି ଜାରି ରହିଛି।

## ସାଲେପୁର ସ୍ପୋର୍ଟସ ଏକାଡେମୀ ଫୁଟବଲ୍ ପ୍ରତିଯୋଗିତା

# ବୋଧପୁରକୁ ହରାଇ ସେମିରେ ପ୍ରତାପନଗରୀ

**ସାଲେପୁର,୨୭।୨(ଅରବିନ୍ଦ ଭୂୟାଁ):**

ସାଲେପୁର ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଚାଲିଥିବା ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସୀୟ ଖେଳ ଗୁରୁବାର ପ୍ରତାପ କ୍ଲବ୍ ପ୍ରତାପନଗରୀ ଓ ସ୍ୱସ୍ତିକ କ୍ଲବ୍ ବୋଧପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତାପନଗରୀ ଟିମ୍ ୩–୦ ଗୋଲରେ ବୋଧପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ଖେଳରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ଅବଦୁଲ ମାର୍ଟିନ୍, ସେକ୍ ହୟାତ୍, ମହମ୍ମଦ ଜହୁର ପରିଚାଳନା କରିଥିବାବେଳେ ରସାନନ୍ଦ ସାମଲ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସାଲେପୁର ସ୍ପୋର୍ଟସ ଏକାଡେମୀର ସଭାପତି ପ୍ରଦୀପ୍ତ କର, ସମ୍ପାଦକ ରାଜେଶ ଭୂୟାଁ, ପ୍ରସନ୍ନ କୁମାର ମଲ୍ଲ, ରମେଶ ଚନ୍ଦ୍ର ନାୟକ, ସୁରେନ୍ଦ୍ର ବେହେରା, ଭାସ୍କର ସେଠୀ, ଗୋପବନ୍ଧୁ ଭୂୟାଁ, ଅଶୋକ କୁମାର ସେଠୀ, ବିଶ୍ୱଜିତ୍ ଭୂୟାଁ, କମଳାକାନ୍ତ ପତି, ମଦନ ମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା


ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଆଗରେ ଉପଭୋକ୍ତାମାନେ ହୋ–ହଲ୍ଲା କରୁଛନ୍ତି ।

**ସାଲେପୁର,୨୭।୨(ଅରବିନ୍ଦ ଭୂୟାଁ):**

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଟିପିସିଓଡିଏଲ୍ କମ୍ପାନୀର ଉଚ୍ଚ ପଦାଧିକାରୀ ପ୍ରିପେଡ୍ ମିଟର ସାଲେପୁର ଅଞ୍ଚଳରେ ନ ଲଗାଇବାପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଉକ୍ତ ଅଞ୍ଚଳରେ ସ୍ମାର୍ଟ ମିଟର ବସାଯିବାରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଗୁରୁବାର ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଉପଭୋକ୍ତାମାନେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ଡିଭିଜନ୍ କାର୍ଯ୍ୟାଳୟକୁ ଘେରାଓ କରିଥିଲେ। ଶେଷରେ ବିଦ୍ୟୁତ୍ ଉଚ୍ଚ ପଦାଧିକାରୀ ଲଗାଇଥିବା ପ୍ରିପେଡ୍ ମିଟରକୁ ଖୋଲିନେବାକୁ ବାଧ ହୋଇଛନ୍ତି।

ପ୍ରକାଶ ଯେ, ଟିପିସିଓଡିଏଲ୍ ପକ୍ଷରୁ

## ଲିଖିତ ପ୍ରତିଶ୍ରୁତି ପରେ ବି ସ୍ମାର୍ଟ ମିଟର ବସାଇବାରୁ ଅସନ୍ତୋଷ

ସାଲେପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ପହଞ୍ଚି ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ମିଟର ଖରାପ ଥିବା ଦର୍ଶାଇ ପୂର୍ବରୁ ଲାଗିଥିବା ମିଟର ଖୋଲି ଜୋରଜବରଦସ୍ତ ସ୍ମାର୍ଟ ମିଟର ଲଗାଉଥିଲେ। ଏହାକୁ ବିରୋଧ କରି ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ଓ ଅନ୍ୟ ବିଦ୍ୟୁତ୍ ଉପଭୋକ୍ତାମାନେ ଜାନୁଆରୀରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ଘେରାଓ କରିଥିଲେ। ସେତେବେଳେ ଟିପିସିଓଡିଏଲ୍‌ର ଉଚ୍ଚ ପଦାଧିକାରୀ ଓ ଡିଭିଜନ୍‌ର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଉପଭୋକ୍ତାଙ୍କ ସହ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଟିପିସିଓଡିଏଲ୍ ଅଧିକାରୀମାନେ ସାଲେପୁର ଅଞ୍ଚଳରେ ପ୍ରିପେଡ୍ ମିଟର ବସାଯିବନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଜୋର ଜବରଦସ୍ତ ନଇଗୁଆଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ସ୍ମାର୍ଟ ମିଟର ବସାଯାଇଥିବା ଶୁଣିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବାପରେ ଗୁରୁବାର ବହୁ ବିଦ୍ୟୁତ୍ ଉପଭୋକ୍ତା ଏକତ୍ରିତ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ବସାଯାଇଥିବା ସ୍ମାର୍ଟ ମିଟରକୁ ଖୋଲି ଦେବା ସହ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ। ଏନେଇ କିଛି ସମୟ ପାଇଁ ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

# ଏକତାର ମହାକୁମ୍ଭ- ନୂଆ ଯୁଗର ଆରମ୍ଭ



**ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଞ୍ଚାର ହୋଇଥାଏ । ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ)ରେ ଦେଖିବାକୁ ମିଳିଥିଲା।

୨୨ ଜାନୁଆରୀ ୨୦୨୪ରେ, ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର । ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ । ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା।

ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ।

ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନ ଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନ ଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ।

ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହଁଗୁଡ଼ିକୁ ମୁଁ ଭୁଲିପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ– ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ।

ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ।

ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁ ନ ଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା।

ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି।

ସମସ୍ତଙ୍କ କଳ୍ପନାଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା।

ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ।

ଆଧ୍ୟାତ୍ମିକ ବିଦ୍ୱାନ୍‌ମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢ଼ୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି ।

ହଜାର ହଜାର ବର୍ଷ ଧରି, ମହାକୁମ୍ଭ ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣକୁମ୍ଭରେ ସନ୍ଥ, ବିଦ୍ୱାନ୍ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣକୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା।

୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି । ସେହି ବାର୍ତ୍ତା ହେଉଛି – ବିକଶିତ ଭାରତ।

ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ।

ମୋର ଗୋଟିଏ କଥା ମନେପଡ଼ୁଛି । ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି । ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ।

ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ୍ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରି କି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନ ଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ ।

ବେଦଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ୍ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି । ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢ଼ିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା । "ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା", ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା ।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, "ମା' ଗଙ୍ଗା ମୋତେ ଡାକିଛନ୍ତି ।" ଏହା କେବଳ ଏକ ଭାବପ୍ରବଣତା ନ ଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି।

ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନ ଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି । ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି।

ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ; ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନ ଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୋଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ– ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଉଁଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି।

ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକଗୁଣ ବୃଦ୍ଧି ପାଇଛି।

୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବ୍‌ଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି । ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି ।

ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରି ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧ୍ୟାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ ।

## ପାନୀୟଜଳ ଯୋଗାଣ ବନ୍ଦ, ଲୋକେ ହଇରାଣ

**ଟାଙ୍ଗୀ, ୨୭।୨ (ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀର ବିଭିନ୍ନ ଅଞ୍ଚଳରେ ପାନୀୟଜଳ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି। ଗତ ଦୁଇ ମାସ ହେବ ଟାଙ୍ଗୀ ପଞ୍ଚାୟତର ପଣସପୁର ସାହି, ରତନପୁର ପାଟଣା, ପଟ୍ଟନାୟକ ସାହି, ୟୁକୋ ବ୍ୟାଙ୍କର ଆଖପାଖ ଅଞ୍ଚଳକୁ ଜଳଯୋଗାଣ ବନ୍ଦ ରହିଛି। ଏପଟେ ଟାଙ୍ଗୀ-ଚାନ୍ଦପୁର ପୁରୁଣା ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟରେ ରାସ୍ତାପାର୍ଶ୍ୱରେ ଥିବା ପାଣି ପାଇପ୍‌ଗୁଡ଼ିକ ବାହାର କରାଯାଇଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି। ସୂଚନାଥାଉ କି, ଟାଙ୍ଗୀ ପଞ୍ଚାୟତର ସମସ୍ତ ଅଞ୍ଚଳକୁ ରତ୍ନମାଳୀ ମନ୍ଦିର ପାର୍ଶ୍ୱରେ ଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଣ କରାଯାଉଛି। ଟାଙ୍ଗୀ ଏକ ବଡ଼ ଅଞ୍ଚଳ ହୋଇଥିବାରୁ ପାନୀୟଜଳ ଯୋଗାଣ ବ୍ୟବସ୍ଥିତ ହୋଇ ପାରୁନାହିଁ। ଫଳରେ ବିଭିନ୍ନ ସମୟରେ ଟାଙ୍ଗୀର ଅର୍ଦ୍ଧାଧିକ ଅଞ୍ଚଳ ପାନୀୟଜଳ ଯୋଗାଣରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି।

## ରାସ୍ତା ଶିଳାନ୍ୟାସ, ୨ କାର୍ଯ୍ୟାଳୟ ଉଦ୍‌ଘାଟିତ



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ।

**ନିରାକାରପୁର, ୨୭।୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଗୁରୁବାର ଏକ ରାସ୍ତାର ଶିଳାନ୍ୟାସ କରିବା ସହ ଦୁଇଟି ଗୃହର ଉଦ୍‌ଘାଟନ କରିଛନ୍ତି। ସକାଳ ୧୦ଟାରେ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ବଡ଼ପୋଖରିଆ-କମାଗୁରୁ ରାସ୍ତାର ଶିଳାନ୍ୟାସ କରିଥିଲେ। ପରେ ନିରାକାରପୁରଠାରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର ହୋଇଥିବା ସଖାସଂଘ କ୍ରୀଡ଼ା ସଂସଦ ଗୃହର ଉଦ୍‌ଘାଟନ ଏବଂ ୧୮ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ନିରାକାରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରିତ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ଜିଲାପରିଷଦ ବିଜୟ କୁମାର ପାଲଟାସିଂ, ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ରବୀନ୍ଦ୍ର କୁମାର ରାଉତରାୟ, ପ୍ରଫୁଲ୍ଲ କୁମାର ଦଳେଇ, ନିରାକାରପୁର ସମିତିସଭ୍ୟା ଲୋପାମୁଦ୍ରା ଦାଶ, ସାମାଜିକ କର୍ମୀ ଶୁଭମ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସରିବା ପରେ ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ ନିରାକାରପୁର ଓଭରବ୍ରିଜ୍‌ର ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଜ୍‌ବେଷ୍ଟସ ଥିଲା। ଆଜ୍‌ବେଷ୍ଟସ କଢ଼ାଯାଇ ଛାତ ପକାଯାଇଥିବାର ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାପ୍ରଭୁଙ୍କ ସେବିକା ଆସେଲି ଦାସଙ୍କ ପରଲୋକ

**ଖୋର୍ଦ୍ଧା, ୨୭।୨ (ପ୍ରଭାତ ପାଣିଗ୍ରାହୀ)**



ଆସେଲି ଦାସ। (ଫାଇଲ ଫଟୋ)

ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପାଟବସ୍ତ୍ର ବୁଣୁଥିବା ସେବିକା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ା ଗ୍ରାମର ଆସେଲି ଦାସଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ବର୍ଷ ହୋଇଥିଲା। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ୪ପୁଅ ରାମଚନ୍ଦ୍ର, ଗୋପୀନାଥ, ଭଗବାନ, ଗୋବିନ୍ଦ ଚନ୍ଦ୍ର ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ରାମଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଶୋକବ୍ୟକ୍ତ କରିଛନ୍ତି। ପୁଅ ଗୋପୀନାଥ କୁହନ୍ତି, ତାଙ୍କ ମା' ବାପଘରୁ ବୁଣାବୁଣି କାମ ଶିଖିଥିଲେ। ବିବାହ ପରେ ବାପାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିଲେ। ବାପା ପ୍ରଥମ ଥର ମହାପ୍ରଭୁଙ୍କ ଲାଗି ସୂତା ଓ ପାଟବସ୍ତ୍ର ବୁଣିବା ଲାଗି ସୁଯୋଗ ପାଇବା ପରେ ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପଣ କରିଥିଲେ। ବାପାଙ୍କ ବିୟୋଗ ପରେ ପରିବାର ସହ ମିଶି ତାଙ୍କ ମା' ମହାପ୍ରଭୁଙ୍କ ଏହି ସେବାରେ ଲାଗିଥିଲେ। କାମ ସମୟରେ ତାଙ୍କ ମା'କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ। ଗୋଟିଏ ଲକ୍ଷ୍ୟ ମହାପ୍ରଭୁଙ୍କ ଲାଗି ସେ ସୂତାଲୁଗା ବୁଣିବେ। ବୟସର ଅପରାହ୍ନରେ ଅଣ୍ଟା ନଇଁଯାଇଥିବା ବେଳେ, ଆଖିକୁ ଭଲ ଭାବେ ଦେଖାଯାଉନଥିଲା। ତଥାପି ତାଙ୍କ ମା' ପ୍ରତିବର୍ଷ ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ବୁଣିବା ପାଇଁ ସୂତା କାଟୁଥିଲେ। ଶ୍ରୀପଞ୍ଚମୀଠାରୁ ମହାପ୍ରଭୁଙ୍କ ରଥଯାତ୍ରା ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ ସୂତା ଓ ପାଟବସ୍ତ୍ର ବୁଣିବା ପାଇଁ ଅନୁମତି ପାଇବା ପରେ ବୁଣାକାମ ଆରମ୍ଭ ହେଉଥିଲା। ସୂର୍ଯ୍ୟୋଦୟ ପୂର୍ବରୁ ତାଙ୍କ ମା' ଠାକୁରଙ୍କ ସେବା ନୀତି ସାରି ସୂତା ବୁଣିବା କାମରେ ଲାଗିଯାଉଥିଲେ। ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସି ଗୋଟିଏ ହାତରେ ଅରଟ, ଅନ୍ୟ ହାତରେ ସୂତା କାଟିବାରେ ବ୍ୟସ୍ତ ରହୁଥିଲେ। ମହାପ୍ରଭୁଙ୍କ ଜଣେ ଅନନ୍ୟ ଭକ୍ତଭାବେ ସେବା ଓ ସମର୍ପଣ ଭାବରେ ସେ ନୀରବ ସାଧକ ଭାବେ କାମ କରୁଥିଲେ।

## ଜାଗର ଜାଳିଲେ ଶ୍ରଦ୍ଧାଳୁ

**କୃଷ୍ଣପ୍ରସାଦ, ୨୭।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ):** ମହାଶିବରାତ୍ରିରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥଲା। ଏଥିସହ ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଦୀପ ଜାଳିଥିଲେ। ମନ୍ଦିର ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଦୀପ ଜାଳି ପାରିକୁଦ ଅଞ୍ଚଳର ଆରାଧ୍ୟ ବାବା କମଳେଶ୍ୱରଙ୍କ ପୀଠରେ ଦିନତମାମ ଭକ୍ତଙ୍କ ଭିଡ ରହିଥିଲା। ସନ୍ଧ୍ୟାରେ ପୂଜକ ପ୍ରଶାନ୍ତ ଦାଶ, ବଳରାମ ଦାଶ, ଲୋଚନ ଦାଶ, କାଳୁରାମ ନାୟକଙ୍କ ସହଯୋଗରେ ପୁରୋହିତ ହରିହର ଦେବତା ନୀତିକାନ୍ତି ସହ ଠାକୁରଙ୍କୁ ବେଢା ପରିକ୍ରମା କରାଇବା ବେଳେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ମଲେଶ୍ୱରୀ ଗ୍ରାମର ବାବା ମଲ୍ଲିକେଶ୍ୱରୀ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ରାଜ୍ୟସ୍ତରୀୟ ଗୀତ, ନାଚ ପ୍ରତିଯୋଗିତା ହୋଇଥିଲା। ମଲେଶ୍ୱରୀ ଲଡୁକେଶ୍ୱରଙ୍କ ପୀଠରେ ବହୁ ଶ୍ରଦ୍ଧାଳୁ ଦୀପ ଜାଳିଥିଲେ।

## ଡମଣା-ଶୈଳଶ୍ରୀବିହାର ରାସ୍ତାରେ ସିରିଜ୍ ଦୁର୍ଘଟଣା

**ଭୁବନେଶ୍ୱର, ୨୭।୨ (ସୂର୍ଯ୍ୟକାନ୍ତ ବେହେରା):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା-ଶୈଳଶ୍ରୀବିହାର ରାସ୍ତାରେ ଗୁରୁବାର ଅପରାହ୍ନରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ୨ଟି କାର୍ ଓ ଗୋଟିଏ ସ୍କୁଟର ପଛକୁ ପଛ ଧକ୍କାହୋଇଛି। ଏଥିରେ ସ୍କୁଟର ଚାଳକ ଆହତ ହୋଇଥିବାବେଳେ ୨ଟି କାର୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ପରସ୍ପର ଦୋଷ ଲଦାଲଦି ହେବାରୁ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତକରି ଅଧିକ ତଦନ୍ତ ଚଳାଇଛି।

## ଆଜି ଜିଲାସ୍ତରୀୟ ମକ୍ ଏକ୍ସରସାଇଜ୍

**ଖୋର୍ଦ୍ଧା, ୨୭।୨ (ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ସରକାର ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ରାସାୟନିକ ବିପର୍ଯ୍ୟୟ ପରିଚାଳନାଜନିତ ଏକ ଜିଲାସ୍ତରୀୟ ମକ୍ ଏକ୍ସରସାଇଜ୍ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ୧୬ନମ୍ବର ଜାତୀୟ ରାଜପଥ ଦଧିମାଛଗାଡିଆଠାରେ ଅନୁଷ୍ଠିତ ହେବ। ଭାରତୀୟ ତୈଳ ନିଗମ ଏବଂ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ମିଳିତ ଆନୁକୂଲ୍ୟରେ ଏହି ରାସାୟନିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ କରାଯିବ। ଏନେଇ ଏକ ପ୍ରାକ୍ ପ୍ରସ୍ତୁତି ଟେବୁଲ ଟପ୍ ଏକ୍ସରସାଇଜ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ଓସଓ୍ୱାନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍ ଏକ୍ସରସାଇଜର ଲକ୍ଷ୍ୟ ହେଉଛି ରାସାୟନିକ ବିପର୍ଯ୍ୟୟ ଭଳି ଜରୁରିକାଳୀନ ପରିସ୍ଥିତିରେ କିପରି ମୁକାବିଲା କରାଯାଇପାରିବ ଏବଂ କିପରି ସ୍ଥାନୀୟ ଶିଳ୍ପ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ, କ୍ଷେତ୍ରସ୍ତରୀୟ ଅଧିକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ, ଦ୍ରୁତ ସୂଚନା ଓ ସ୍ଥାନାନ୍ତର କରାଯାଇ ବିପର୍ଯ୍ୟୟ ପରିଚାଳନା କରିହେବ। ଏକ ଷ୍ଟାଣ୍ଡାର୍ଡ ପ୍ରୋସିଡିଓର ଆଧାରରେ କିପରି ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇପାରିବ, ସେ ଦିଗରେ ଆଲୋଚନା କରାଯାଇଥିଲା। ରାଜପଥରେ ଲାଇଟ୍ ଡିଜେଲ ଏବଂ ଅଏଲ୍ ଲିକେଜ୍ ହେଲେ କିଭଳି ଭାବେ ପ୍ରତିଶେଧାତ୍ମକ ବ୍ୟବସ୍ଥା ଗ୍ରହଣ କରାଯିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ମକ୍‌ଡ୍ରିଲରେ ଜାତୀୟ ବିପର୍ଯ୍ୟୟ ମୁକାବିଲ କର୍ତ୍ତୃପକ୍ଷ, ଓସ୍‌ଡମା ସଦସ୍ୟ, ରାଜ୍ୟ ସରକାରଙ୍କ ପ୍ରାଧିକୃତ ସଂସ୍ଥା, ଶିଳ୍ପସଂସ୍ଥା, ପୋଲିସ, ଅଗ୍ନିଶମ ଏବଂ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେବେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ସଭାପତିତ୍ୱ କରିଥିଲେ। ଓସ୍‌ଡମା ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ, ଅତିରିକ୍ତ ଏସ୍‌ପି ଅନାଦି ସେଠୀ, ଡିଆଇସି ଭୁବନେଶ୍ୱର ତପନ କୁମାର, ଜରୁରିକାଳୀନ ଅଧିକାରୀ ଶ୍ରୀତପା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବି ରକ୍‌ଷ୍ଟାର୍ସ ବିଜୟୀ

**ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଯାଁଳା, ୨୭।୨ (ବୁଲା ବାରିକ)**

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଯୁବି ରକ୍‌ଷ୍ଟାର୍ସ ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଯୁବି ରକ୍‌ଷ୍ଟାର୍ସ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଟିସିସି ଭୁବନେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ଯୁବି ରକ୍‌ଷ୍ଟାର୍ସ ଟିମ୍ ୧୩ ଓଭରରେ ୬ ଉଇକେଟ ବିନିମୟରେ ୧୧୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏସ୍.କେ. ସଲମାନ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଟୁକୁନା ସାହୁ ୬୯ରନ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। କୈଳାସ ଚନ୍ଦ୍ର ପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।





ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## କଲ୍ୟାଣପୁର, ଘାଟିକିଆ ବିଜୟୀ

**ଖୋର୍ଦ୍ଧା, ୨୭।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀରେ ମା' ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ କଲ୍ୟାଣପୁର ଏବଂ ଘାଟିକିଆ ଟିମ୍ ବିଜୟୀ ହୋଇଛି। ଗୁରୁବାର ପ୍ରଥମ ମ୍ୟାଚ୍ କୁରାଢ଼ମଲ୍ଲ ଏବଂ କଲ୍ୟାଣପୁର ଟିମ୍ ମଧ୍ୟରେ ହୋଇଥିଲା। କୁରାଢ଼ମଲ୍ଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୮ ଉଇକେଟ ବିନିମୟରେ ୧୪୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ପରିଡ଼ା ୨୯ ରନ କରିଥିଲେ। ଜବାବରେ କଲ୍ୟାଣପୁର ଟିମ୍ ୯.୩ ଓଭରରେ ୪ ଉଇକେଟ ବିନିମୟରେ ୧୪୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରାଣବନ୍ଧୁ ସାମନ୍ତରାୟ ୬୧ରନ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ସେହିପରି ଦ୍ୱିତୀୟ ମ୍ୟାଚ୍ ଅଠାରଙ୍ଗ ଏବଂ ଘାଟିକିଆ ଟିମ୍ ମଧ୍ୟରେ ହୋଇଥିଲା। ଘାଟିକିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ଅଠାରଙ୍ଗ ଟିମ୍ ୧୬ ଓଭରରେ ୬ ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଘାଟିକିଆ ଟିମ୍‌ର ପବିତ୍ର ବେହେରା ୪ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋପୀନାଥ ମାଝି ଏବଂ ପ୍ରକାଶ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ସୋମନାଥ ଦଳାଇ ଏବଂ ସୁଶାନ୍ତ ସୁନ୍ଦରାୟ ସ୍କୋରର, ଶ୍ରଦ୍ଧାନନ୍ଦ ପ୍ରଧାନ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଭାରତ ସଞ୍ଚାର ନିଗମର ପୂର୍ବତନ ଡିଜିଏମ୍ ଯୋଗିନାଥ ସେନାପତି, ଶ୍ୟାମସୁନ୍ଦର ଜେନା, କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ବିପିନ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ଦୁଇଟି ମ୍ୟାଚ୍ ସାରୁଅ ଏବଂ ଦେଉଳଟାଙ୍ଗୀ, କାଇପଦର ଓ ସୁଆଙ୍ଗ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

**ଦେଉଳଟାଙ୍ଗୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

**ଘର ଜଳିଗଲା**

ପୁରୀ,(ଅଜିତ୍ କୁମାର ମହାନ୍ତି)-ସଦର ଥାନା ଅଧୀନ ନାଳକୁ ନଗର ଦ୍ୱିତୀୟ ଲେନ ନିବାସୀ ଗଡାଧର ମହାରାଣାଙ୍କ ଘରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଘରର ବିଭିନ୍ନ ଆସବାବପତ୍ର ପୋଡ଼ିଯାଇଥିବା ସୂଚନା ମିଳିଛି। ତେବେ ଶର୍ଟସର୍କିଟ୍ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୨।୨୦୨୫

| | |
|---|---|
| ୪,୧୨,୧୪୬ ଟଙ୍କା | |
| ସୁନା | ୧.୭୫୦ ଗ୍ରାମ୍ |
| ରୁପା | ୧୦.୧୦୦ ଗ୍ରାମ୍ |

# ଶ୍ରୀକ୍ଷେତ୍ରର ପଞ୍ଚ ପୁଷ୍କରିଣୀ ଜଳ ପ୍ରଦୂଷିତ

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର ୫ ପବିତ୍ର ତୀର୍ଥ ପୁଷ୍କରିଣୀ ଜଳ ବିଷାକ୍ତ। ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ନରେନ୍ଦ୍ର, ମାର୍କଣ୍ଡେୟ ଏବଂ ଶ୍ରୀଲୋକନାଥ ଦେବଙ୍କ ପାର୍ବତୀ ସାଗର ପୁଷ୍କରିଣୀ ଜଳ ପ୍ରଦୂଷିତ ହୋଇପଡ଼ିଥିବା ପରିବେଶ ମନ୍ତ୍ରଣାଳୟ ଚିଠିରୁ ସ୍ପଷ୍ଟ ହୋଇଛି। ମାନ ପରୀକ୍ଷାରେ ଏହି ୫ ପୁଷ୍କରିଣୀ ଜଳର ଗୁଣାତ୍ମକ ମାନ ନେଇ ସ୍ଥିରୀକୃତ ଶ୍ରେଣୀ 'ଖ'ର ମାନଦଣ୍ଡ ମଧ୍ୟ ପୂରଣ କରିପାରୁନାହାନ୍ତି। ଶ୍ରେଣୀ 'ଖ' ଗାଧୁଆ ଓ ବ୍ୟବହାର ପାଇଁ ଉପଯୁକ୍ତ ପାଣିର ମାନଦଣ୍ଡ ହୋଇଥିବାବେଳେ ଏହାଠାରୁ ବହୁ ନିମ୍ନମାନର ରହିଛି ଏହି ପାଞ୍ଚ ତୀର୍ଥ ପୁଷ୍କରିଣୀର ଜଳ। ଉଭୟ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଭଳି ଉଦ୍‌ବେଗଜନକ ରିପୋର୍ଟ ଦେଇଛି। ଏପରିକି ପୁରୀ ପୌର ପ୍ରଶାସନକୁ ଏ ଦିଗରେ ଅବଗତ କରାଇବା ସହ ସତର୍କ କରାଇଛି। ପ୍ରଦୂଷଣ ମାତ୍ରା କମାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ବାରମ୍ବାର ଚିଠି କରି ପରାମର୍ଶ ଦେଇଆସିଛି। କିନ୍ତୁ ପୌରପାଳିକା ଓ ଜିଲା ପ୍ରଶାସନ ଏହାକୁ ଅଣଦେଖା କରିଆସିଛନ୍ତି। ପରିଣାମ ସ୍ୱରୂପ ୫ ପୁଷ୍କରିଣୀର ପାଣି ବର୍ତ୍ତମାନ ବିଷାକ୍ତ ପାଲଟିଛି। ୨୦୨୩ରୁ ପୁରୀ ପୌରପାଳିକାକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ଦିଗରେ ଜଣାଇ ଉଦ୍‌ବେଗ ପ୍ରକାଶ କରିବା ସହ କ୍ରମାଗତ ରିପୋର୍ଟ ମାଗି ଆସୁଥିବାବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ଭକ୍ତଙ୍କ ଭାବାବେଗ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହ ଉକ୍ତ ୫ ତୀର୍ଥ ପୁଷ୍କରିଣୀ ଜଡ଼ିତ। ସ୍ନାନ ଉପବେଶରେ ହେଉ କି ଶୁଦ୍ଧିକ୍ରିୟା, ପିଣ୍ଡଦାନ, ଦଶାହ ଏସବୁ ପାଇଁ ପ୍ରତ୍ୟେକ ଦିନ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ରିପୋର୍ଟଅନୁଯାୟୀ ଏସବୁ ପାଣିର ମାନ ଖରାପ ଥିବାରୁ ତୁରନ୍ତ ସରକାର ଏହାର ନିରାକରଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ୨୦୨୨ ମସିହାରେ ନ୍ୟାଶନାଲ ୱାଟର କ୍ୱାଲିଟି କଣ୍ଟ୍ରୋଲ ମନିଟରିଂ ପ୍ରୋଗ୍ରାମ (ଏନ୍‌ଡବ୍ଲ୍ୟୁଏମ୍‌ପି) ଜରିଆରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାର ବିଭିନ୍ନ ପୋଖରୀ, ହ୍ରଦ, ନାଳ ଆଦିର ପାଣି ନମୁନା ପରୀକ୍ଷା କରିଥିଲା। ଏହି ପରୀକ୍ଷାରେ ପୁରୀର ନରେନ୍ଦ୍ର, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ପାର୍ବତୀ ସାଗର ପୁଷ୍କରିଣୀ ଥିଲା, ଯାହାର ଜଳ ଗୁଣାତ୍ମକ ମାନଦଣ୍ଡ ପୂରଣ କରିପାରି ନ ଥିଲା। ପାଣିର ମାନ ଅତ୍ୟନ୍ତ ପ୍ରଦୂଷିତ ରହିଛି ବୋଲି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଦେବା ସହ ଏ ଉପରେ ରିପୋର୍ଟ ମାଗିଥିଲା। ଏହା ପରଠାରୁ ପୁରୀ ଜିଲା ପ୍ରଶାସନ

### ପୂର୍ବରୁ ଜାଣି ମଧ୍ୟ ଚୁପ୍ ବସିଛି ପ୍ରଶାସନ

ଓ ପୌରପାଳିକାକୁ କ୍ରମାଗତ ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିଠି କରିଆସୁଛି। ଗତ ଫେବୃଆରୀ ୪ରେ ମଧ୍ୟ ପୁରୀ ପୌର କର୍ତ୍ତୃପକ୍ଷଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ସମ୍ପର୍କରେ ଏକ ଚିଠି (ନଂ.୨୨୦୬/୦୪.୦୨.୨୦୨୫) ଲେଖିଥିଲେ। ବୋର୍ଡ ଚିଠିରେ ଉଲ୍ଲେଖ ଥିଲା ଯେ, ୨୦୨୪ ମସିହାରେ ପ୍ରତି ମାସରେ ନରେନ୍ଦ୍ର, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଓ ପାର୍ବତୀ ସାଗର ପାଣିର ନମୁନା ପରୀକ୍ଷା କରାଯାଇଥିଲା। ଅନୁଧ୍ୟାନ ପରେ ପାଣିର ମାନ ଅତ୍ୟନ୍ତ ଖରାପ ଥିବା ଜଣାପଡ଼ିଛି। ଗାଧୁଆ ପାଇଁ ଏହି ପାଣି ଅନୁପଯୁକ୍ତ। ପାଣିରେ ଅବାଧ ଓ ନିୟମିତ ପୂଜା ସାମଗ୍ରୀ ପକାଇବା, ଅଇଁଠା ଆଦି ଖାଦ୍ୟସାମଗ୍ରୀ ଫିଙ୍ଗିବା, ଆବର୍ଜନା ପାଣି ଛାଡ଼ିବା କାରଣରୁ ଏଭଳି ସ୍ଥିତି ଉପୁଜିଛି। ଏହା ମାନବକୁ ହୋଇଥିବାବେଳେ ଏ ଦିଗରେ ଦୃଷ୍ଟିଦେବା ଉପରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଚିଠିରେ ନିବେଦନ କରିଥିଲେ। ଏନେଇ ପୁରୀ ବାସିନ୍ଦା ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ପୂର୍ବତନ ସରକାର ଉକ୍ତ ରିପୋର୍ଟକୁ ଗୁରୁତ୍ୱର ସହ ନେଇ ନ ଥିଲେ। ଭକ୍ତମାନେ ଉକ୍ତ ତୀର୍ଥ ପୁଷ୍କରିଣୀରେ ସ୍ନାନକଲେ ଦେହ କୁଣ୍ଡାଇହୋଇ ଫଳିଯାଉଛି। ଏପରିକି ପୋଖରୀରେ ଥିବା ମାଛ ମରୁଛନ୍ତି। ପାଣି ପ୍ରବେଶ ଓ ନିଷ୍କାସନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲାନାହିଁ। ଫଳରେ ଏଭଳି ସମସ୍ୟା ଭୋଗିବାକୁ ପଡୁଛି। ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ଏନେଇ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ତୀର୍ଥ ପୁଷ୍କରିଣୀଗୁଡ଼ିକର ସଫେଇ ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନର। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସଫେଇ କରାଯିବା ପରେ ଯାହା ଆବର୍ଜନା ବାହାରେ ପକାନ୍ତି ସେଗୁଡ଼ିକୁ ପୌରସଂସ୍ଥା ପକ୍ଷରୁ ସଫା କରାଯାଇଥାଏ। ପାଣିର ମାନ ଉପରେ ଆଗରୁ ପରୀକ୍ଷାନିରୀକ୍ଷା କରାଯାଇଛି। ସେଥିପାଇଁ ଯାହାସବୁ ପଦକ୍ଷେପ ଆବଶ୍ୟକ ସେସବୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଉଛି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଯାଉଛି। ଆଖପାଖରେ ଜବରଦଖଲ ହୋଇଥିବାରୁ ଜଳ ନିଷ୍କାସନ ଓ ନୂତନ ଜଳ ପ୍ରବେଶ କରିବାରେ ସମସ୍ୟା ହେଉଛି। ତେବେ ନୂତନ ଜ୍ଞାନକୌଶଳ ବ୍ୟବହାର ସହ ସମସ୍ତଙ୍କ ମତାମତ ନିଆଯାଇ କାର୍ଯ୍ୟ କରାଯିବ।

## ମାର୍ଚ୍ଚ ୨୩ରେ ବକୁଳବନ ମହୋତ୍ସବ



ବୈଠକରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ସଭାପତି ସାଧୁଚରଣ ବେହେରା ଏବଂ ଅନ୍ୟମାନେ ।

ସାକ୍ଷୀଗୋପାଳ,୨୭।୨(ଭରତ ରାଉତ)

ଆସନ୍ତା ମାର୍ଚ୍ଚ ୨୩ରେ ସାକ୍ଷୀଗୋପାଳ ବକୁଳବନ ମହୋତ୍ସବ ଅନୁଷ୍ଠିତ ହେବ। ଏଥିନେଇ ଏକ ପ୍ରସ୍ତୁତି ବୈଠକ ସତ୍ୟବାଦୀ ପଞ୍ଚସଖା ସମାଧିପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବକୁଳବନ ମହୋତ୍ସବକୁ କିପରି ସରସ ସୁନ୍ଦର କରାଯିବ, ସେଥିନେଇ ମତ ସଂଗ୍ରହ କରାଯାଇଥିଲା। ବକୁଳବନ ମହୋତ୍ସବ କମିଟି ସଭାପତି ସାଧୁଚରଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅତିଥି ଭାବେ କବି ତଥା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବକୁଳବନ ମହୋତ୍ସବ ଉପଦେଷ୍ଟା ସଚ୍ଚିକାନ୍ତ ବିଶ୍ୱାଳ, ଉପସଭାପତି ଲକ୍ଷ୍ମୀପ୍ରସାଦ ପାଣି, ସମ୍ପାଦକ ଯଯାତି କେଶରୀ ରାୟ, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପରିଡ଼ା, ଶିକ୍ଷୟିତ୍ରୀ ବିଶାଖା ଦେବୀ, ସୁଜାତା ଦେବୀ, ମାନସ ରାଉତ, କବି କୃପାନିଧି ପ୍ରଧାନ, ନାଏବ ସରପଞ୍ଚ ଧୀରଞ୍ଜନ ବିଶ୍ୱାଳ, ନିଳିମା ରଥ, ପବିତ୍ର ପରିଡ଼ା, ସନ୍ତୋଷ ବେହେରା, ସୁକାନ୍ତି ବରାଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସତ୍ୟବାଦୀ ଓ ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ କବି, ଶିକ୍ଷକ, ସାମାଜିକ କର୍ମୀ, ଖବରଦାତା, ଜନପ୍ରତିନିଧିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ନେଇ ପ୍ରସ୍ତାବ ଗ୍ରହଣ ହୋଇଛି। ଏହି ଅବସରରେ ବକୁଳବନର 'ବାର୍ତ୍ତା' ନାମକ ଏକ ବାର୍ଷିକ ପୁସ୍ତକ ଉନ୍ମୋଚନ କରାଯିବ।

## ବାଲିକପିଳେଶ୍ୱର ଦେବଙ୍କ ଜାଗରଯାତ୍ରା

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

ନରେନ୍ଦ୍ରକୋଣସ୍ଥିତ ବାବା ବାଲିକପିଳେଶ୍ୱର ଦେବଙ୍କ ଜାଗରଯାତ୍ରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଞ୍ଚମୁଖୀ ସୁନ୍ଦରାକାଣ୍ଡ ଅନୁଷ୍ଠାନ ପକ୍ଷରୁ ସୁନ୍ଦରାକାଣ୍ଡ ପରିବେଷଣ କରାଯାଇଥିଲା। ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୂର୍ବତନ କାଉନସିଲର ଭକ୍ତ ଚରଣ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ଭରତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ପ୍ରତିଷ୍ଠାତା ସଦସ୍ୟ ରାଜେଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସୁନ୍ଦରାକାଣ୍ଡ ଅନୁଷ୍ଠାନର ଓମ୍ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବହୁ ଭକ୍ତଙ୍କ ଉପସ୍ଥିତିରେ ବୁଧବାର ରାତ୍ର ୧ଟା ୪୦ରେ ହରିହର ଭେଟ ସହିତ ମହାଦୀପ ଉଠିଥିଲା।



## ମହାବିଦ୍ୟାଳୟ ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

କୋଣାର୍କ,୨୭।୨(ଜ୍ୟୋତିରାଜ ମହାନ୍ତି )

କୋଣାର୍କ ଭଗବତୀ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ହେଉ ନ ଥିବାରୁ ଛାତ୍ରୀଛାତ୍ର ଗୁରୁବାର ପୂର୍ବାହ୍ନରେ କୋଣାର୍କ-ଭୁବନେଶ୍ୱର ମୁଖ୍ୟରାସ୍ତା ଓ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନଗୁଡ଼ିକ ଅଟକି ରହିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ସମୟ ପରେ କୋଣାର୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ କମନ ରୁମ୍ ନିର୍ମାଣ ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ବାରମ୍ବାର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ହେଲେ ଏନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏସବୁ ସମସ୍ୟାର ସମାଧାନ ନ ହେବାରୁ ଛାତ୍ରୀଛାତ୍ର ରାଜରାସ୍ତାକୁ ଅବରୋଧ କରିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଥିଲେ। ଏସବୁ ସମସ୍ୟାର ସମାଧାନ ପାଇଁ ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମାଧାନର ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ।

## ବାପାଙ୍କୁ ଭଉଣୀ ମାରିଦେଇଥିବା ପୁଅଙ୍କ ଅଭିଯୋଗ

ଯୋଗେଶ୍ୱରପୁର,୨୭।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଶୋରବା ମହାନ୍ତି ସାହି ଗ୍ରାମର କେଳୁ ପ୍ରଧାନଙ୍କ ଗୁରୁବାର ଝିଅ ଶାଶୁଘର କାକଟପୁର ଥାନା ଅଧୀନ ରାଇସ ଗ୍ରାମରେ ମୃତ୍ୟୁ ଘଟିଛି। ଗୋପ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ମେଡିକାଲକୁ ପଠାଇଛି। ଏଥିସହ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଳୁଙ୍କୁ ମଧୁମେହ ହୋଇଥିବାବେଳେ ଚିକିତ୍ସା ଅବହେଳାରୁ ଗୋଡ଼ର ଆଙ୍ଗୁଠି ଛିଡ଼ିଯିବା ଓ ଦେହରୁ ଚମଡ଼ା ଛାଡ଼ିଥିବା ନେଇ ତଦନ୍ତକାରୀ ଅଫିସର ଥାନା ଏସ୍‌ଆଇ ବୁଲୁ ସେଠୀ ପ୍ରାଥମିକ ତଦନ୍ତରୁ କହିଛନ୍ତି। ଅନ୍ୟପଟେ ବାପାଙ୍କୁ ଭଉଣୀ ବିଷ ଦେଇ ମାରିଦେଇଥିବା ମୃତକଙ୍କ ପୁଅ ବସନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ମୁତାବକ, ବସନ୍ତ ତାଙ୍କ ବାପା କେଳୁଙ୍କ ମଧୁମେହର ଚିକିତ୍ସା ନ କରିବାରୁ ଭଉଣୀ ତାଙ୍କୁ ନିଜ ପାଖକୁ ନେଇଯାଇଥିଲେ। ହେଲେ ସମ୍ପତ୍ତି ଲୋଭରେ ଭଉଣୀ ଜୋରଜବରଦସ୍ତି କେଳୁଙ୍କୁ ତାଙ୍କ ପାଖକୁ ନେଇଯାଇଥିବା ବସନ୍ତ ସପ୍ତାହେ ପୂର୍ବେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ସେତେବେଳେ ପୋଲିସ ଏନେଇ କୌଣସି ପଦକ୍ଷେପ ନେଇ ନ ଥିବା ବସନ୍ତ କହିଛନ୍ତି। ଗୁରୁବାର କେଳୁଙ୍କ ମୃତ୍ୟୁ ହେବା ପରେ ଗୋପ ଏସ୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ପେଣ୍ଠକଟା ବେଳାଭୂମି ହେବ ବର୍ଜ୍ୟମୁକ୍ତ

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

### ପୁରୀ ପୌର ପ୍ରଶାସନ- ଉସ୍ଥି ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର




କାର୍ଯ୍ୟକ୍ରମରେ ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉସ୍ଥି ଫାଉଣ୍ଡେଶନ ଚେୟାରମ୍ୟାନ ସଞ୍ଜୀବ ମାରିକ୍ ଏବଂ ଅନ୍ୟମାନେ ।

ଖୁବ୍‌ଶୀଘ୍ର ପୁରୀ ପେଣ୍ଠକଟା ବେଳାଭୂମିର ରୂପରେଖ ସମ୍ପୂର୍ଣ୍ଣ ବଦଳିବ। ପୁରୀର ଅନ୍ୟ ବେଳାଭୂମି ଭଳି ପେଣ୍ଠକଟା ବେଳାଭୂମି ମଧ୍ୟ ପ୍ରଦୂଷଣ ଓ ବର୍ଜ୍ୟବସ୍ତୁମୁକ୍ତ ହେବ। ଏନେଇ ଉସ୍ଥି ଫାଉଣ୍ଡେଶନ ଏବଂ ପୁରୀ ପୌର ପାଳିକା ପକ୍ଷରୁ ଏକ ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯିବ। ଗୁରୁବାର ପୁରୀରେ ପୌର ପ୍ରଶାସନ ଏବଂ ଉସ୍ଥି ଫାଉଣ୍ଡେଶନ ସହ ପାରମ୍ପରିକ ମତ୍ସ୍ୟଜୀବୀ ମହାସଂଘ ଏକ ବୈଠକ କରି ପେଣ୍ଠକଟା ବେଳାଭୂମିକୁ ସରସ ସୁନ୍ଦର ଓ ଆବର୍ଜନାମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛି। ଏନେଇ ପୌର ପ୍ରଶାସନ ଓ ଉସ୍ଥି ଫାଉଣ୍ଡେଶନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ବର୍ତ୍ତମାନ ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ପାଇଁ ଅଭିଶାପ ପାଲଟିଛି। ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ର ଅତିରିକ୍ତ ବ୍ୟବହାର ଯୋଗୁ ଏହା ନଦୀ ବାଟ ଦେଇ ସମୁଦ୍ର ମଧ୍ୟକୁ ଯାଉଛି। ସାମୁଦ୍ରିକ ଜୀବଙ୍କ ସମେତ ମଣିଷକୁ ଏହା ରୋଗଗ୍ରସ୍ତ କରୁଛି। ସାମୁଦ୍ରିକ ପରିସଂସ୍ଥା ପାଇଁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ପେଣ୍ଠକଟା ବର୍ଜ୍ୟମୁକ୍ତ ହୋଇପାରିନାହିଁ। ପେଣ୍ଠକଟାରେ ସଂକୀର୍ଣ୍ଣ ଗଳିକନ୍ଦି ଯୋଗୁ ପୌରପାଳିକା ତରଫରୁ ଅଳିଆ ସଂଗ୍ରହ କରୁଥିବା ସଫେଇ ଗାଡ଼ି ପେଣ୍ଠକଟା ମଧ୍ୟକୁ ପ୍ରବେଶ କରିପାରୁନାହିଁ। ତେଣୁ ବାସିନ୍ଦାମାନେ ବାଧ୍ୟହୋଇ ଏଣେତେଣେ ଅଳିଆ ପକାଉଛନ୍ତି। ଏହା ବର୍ଷାରେ ଭାସିଯାଇ ଓ ପବନରେ ଉଡ଼ି ସମୁଦ୍ରରେ ମିଶୁଛି। ତେଣୁ ପେଣ୍ଠକଟା ବାସିନ୍ଦାଙ୍କ ବ୍ୟବହାରିକ ପରିବର୍ତ୍ତନ ସହ ସେମାନଙ୍କଠାରୁ ଅଳିଆ ସଂଗ୍ରହ ଓ ପରିଚାଳନା ପାଇଁ ଏକ ଖସଡ଼ା ପ୍ରସ୍ତୁତ ହୋଇଛି। ଉସ୍ଥି ଫାଉଣ୍ଡେଶନର ଲୋକେ ଆବର୍ଜନା ସଂଗ୍ରହକରି ପୌରପାଳିକା ଗାଡ଼ିକୁ ଦେବେ। ଫଳରେ ପେଣ୍ଠକଟା ଅଞ୍ଚଳ ଆବର୍ଜନାମୁକ୍ତ ହେବା ସହ ଏଠାକାର ବେଳାଭୂମି ସରସ ସୁନ୍ଦର ହୋଇପାରିବ। ପୁରୀର ଅନ୍ୟ ବେଳାଭୂମି ପରି ପେଣ୍ଠକଟା ବେଳାଭୂମିକୁ ମଧ୍ୟ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଏହାଦ୍ୱାରା ପୁରୀର ସମ୍ପୂର୍ଣ୍ଣ ବେଳାଭୂମି ଏକ ନୂଆ ରୂପ ପାଇବା ସହ ବେଶ୍ ଆକର୍ଷଣୀୟ ହେବ। ପର୍ଯ୍ୟଟନ ସହର ପୁରୀକୁ ପ୍ରତିଦିନ ଅନେକ ହଜାର ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ ପୁରୀ ବାସିନ୍ଦାଙ୍କ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ରାଜ୍ୟର ମଧ୍ୟ ଅଭିବୃଦ୍ଧି ଘଟିବ। ଏଣୁ ପୁରୀ ବେଳାଭୂମିକୁ ସରସ ସୁନ୍ଦର କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ପେଣ୍ଠକଟା ବେଳାଭୂମିରେ ରହୁଥିବା ମତ୍ସ୍ୟଜୀବୀଙ୍କ ସଚେତନତା ଅଭାବରୁ ପେଣ୍ଠକଟା ବେଳାଭୂମି ଆବର୍ଜନାମୟ ହୋଇପଡ଼ିଛି। ଫଳରେ ପର୍ଯ୍ୟଟକମାନେ ଏହି ବେଳାଭୂମିରେ ବୁଲାବୁଲି କରିପାରୁନାହାନ୍ତି। ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଇ ପେଣ୍ଠକଟା ବେଳାଭୂମିକୁ ସମ୍ପୂର୍ଣ୍ଣ ଆବର୍ଜନାମୁକ୍ତ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ଉସ୍ଥି ଫାଉଣ୍ଡେଶନର ଚେୟାରମ୍ୟାନ ସଞ୍ଜୀବ ମାରିକ୍, ସମ୍ପାଦକ ରତନ ବାରିକ ଏବଂ ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପୌରପାଳିକା ନିର୍ବାହୀ ଅଧିକାରୀ ବେହେରା କହିଛନ୍ତି, ପେଣ୍ଠକଟାରେ ପରିମଳ ବ୍ୟବସ୍ଥା ଚିନ୍ତାଜନକ। ଉସ୍ଥି ସହିତ ସହଭାଗିତାରେ ଏହି ସ୍ଥାନକୁ ଅଳିଆମୁକ୍ତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ସ୍ୱାଗତଯୋଗ୍ୟ। ଏନେଇ ସଚେତନତା ମଧ୍ୟ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଜିଲା ମତ୍ସ୍ୟଜୀବୀ ସଂଘର ବାବୁଲା ପ୍ରସାଦ କହିଛନ୍ତି, ପେଣ୍ଠକଟାରେ ମାଛ ଅବତରଣ ପାଇଁ କେନ୍ଦ୍ର ପ୍ରସ୍ତୁତ ସହ ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ବ୍ୟବସ୍ଥାମାନ କରାଯାଇପାରିବ। କିନ୍ତୁ ସଂକୀର୍ଣ୍ଣ ରାସ୍ତା ଯୋଗୁ ଅଳିଆ ସଂଗ୍ରହ ପାଇଁ ଘର ନିକଟକୁ ସଫେଇ ଗାଡ଼ି ଯାଉନାହିଁ। ଏହା ମଧ୍ୟକୁ ଆମ୍ବୁଲାନ୍ସ ମଧ୍ୟ ପ୍ରବେଶ କରିପାରୁନାହିଁ। ଏ ଦିଗରେ ପ୍ରଶାସନର ଆନ୍ତରିକତା ନିତାନ୍ତ ଆବଶ୍ୟକ।

## ସତର୍କତା, ସଚେତନତା ଦ୍ୱାରା କ୍ଷୟକ୍ଷତି ରୋକିପାରିବା

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

### ବିପର୍ଯ୍ୟୟ ମୁକାବିଲା ନେଇ ଆଲୋଚନା

ବିପର୍ଯ୍ୟୟ ଯେକୌଣସି ସମୟରେ ଏବଂ ଯେ କୌଣସି ରୂପରେ ଆସିପାରେ। ସତର୍କତା, ସଚେତନତା ଓ ପୂର୍ବପ୍ରସ୍ତୁତି ଧନଜୀବନ ହାନି ଓ କ୍ଷୟକ୍ଷତି ରୋକିବା ସହ ବିପର୍ଯ୍ୟୟକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କମାଣ୍ଡାଣ୍ଟ ଆଦିତ୍ୟ କୁମାର କହିଛନ୍ତି। ଗୁରୁବାର ଟାଉନ ଥାନାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଜିଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ବା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି କେମିକାଲ ଡିଜାଷ୍ଟର ବା ରାସାୟନିକ ବିପର୍ଯ୍ୟୟର ମୁକାବିଲା କିପରି କରିବା ଓ ପ୍ରସ୍ତୁତ ରହିବା ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। କୌଣସି ମେଳା, ମହୋତ୍ସବ ବା ରଥଯାତ୍ରା ଭଳି ବିଶାଳ ଉତ୍ସବରେ ସମ୍ଭାବ୍ୟ ଲୋକଙ୍କ ଉପସ୍ଥିତି, ପ୍ରବେଶ, ପ୍ରସ୍ଥାନ, ସେମାନଙ୍କ ସୁରକ୍ଷା, ଚିକିତ୍ସା ସୁବିଧା, ବିବିଧ ସମସ୍ୟା ଓ ତାହାର ସମାଧାନ, ବିପର୍ଯ୍ୟୟ ସମ୍ପର୍କରେ ସତର୍କ ରହିବା, ତା'ର ମୁକାବିଲା ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ନେବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, କ୍ଷତିଗ୍ରସ୍ତଙ୍କୁ ଉଦ୍ଧାର ଓ ସହାୟତା ସକାଶେ ପ୍ରସ୍ତୁତ ରହିବା, ସୁରକ୍ଷିତ ଥଇଥାନ ପାଇଁ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ୟବସ୍ଥା ସମ୍ପର୍କରେ ଜାଣିବା ଓ ଯୋଗାଯୋଗ କୌଶଳ ପ୍ରସ୍ତୁତ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆଦିତ୍ୟ କୁମାର କହିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ଡ. ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତାକରି କହିଥିଲେ, ବିପର୍ଯ୍ୟୟ ଦ୍ୱାରା ପ୍ରତ୍ୟେକ ପ୍ରଭାବିତ ହୋଇଥାନ୍ତି। ତେଣୁ ଅଭିଜ୍ଞତା, ଅନୁଭବ, ବୈଷୟିକ ଓ ବୈଜ୍ଞାନିକ ପଦ୍ଧତି ଆଧାରରେ ବିପର୍ଯ୍ୟୟ ପ୍ରତି ସତର୍କ ରହିବା ସହ ମିଳିତ ମୁକାବିଲା କରିବାକୁ ସେ ମତ ଦେଇଥିଲେ। ଓସ୍‌ଡମାର ଜେନେରାଲ ମ୍ୟାନେଜର ସୁନୀଲ କୁମାର ସାହୁ କହିଥିଲେ, ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଚିର ସହଚର। ତେବେ ଅନ୍ୟ ବିପର୍ଯ୍ୟୟର ମୁକାବିଲା ମଧ୍ୟ ଆମ ପାଇଁ ଆହ୍ୱାନ। ଏ ସମ୍ପର୍କରେ ଆମେ ସଚେତନ ହେବା ସହ ଅନ୍ୟମାନଙ୍କୁସଚେତନ କରାଇବା ଆବଶ୍ୟକ ବୋଲି ସେ କହିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ବିପର୍ଯ୍ୟୟ ଓ ସେମାନଙ୍କ ବିଭାଗର କାର୍ଯ୍ୟପନ୍ଥା ଏବଂ ଅନୁଭବ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଭାରତୀୟ ବାୟୁସେନାର ମେଜର ଅଦିତ ହାମିଦ, ଲ୍ୟୁଟ୍‌ନାଣ୍ଟ ବିକାଶ ସାଇନି, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ପଞ୍ଚାନନ ପରିଜା, ଡିପିଓ ସୁକାନ୍ତ କୁମାର ଦାଶ, ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ୮ ଅଲିଭ୍‌ରିଡ୍‌ଲେ ଉଦ୍ଧାର ପରେ ସମୁଦ୍ରରେ ଛଡ଼ାଗଲା

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

ଗଞ୍ଜାମର ଋଷିକୁଲ୍ୟା ମୁହାଣ ଓ କେନ୍ଦ୍ରାପଡ଼ାର ଗହୀରମଥାରେ ବିରଳ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଗୁଡ଼ିକ ସୁରକ୍ଷିତ ଭାବେ ଅଣ୍ଡାଦାନ କରି ଫେରିଥିବାବେଳେ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ବିପଦରେ ପଡୁଛନ୍ତି। ପୁରୀ ସମୁଦ୍ରରେ ଯନ୍ତ୍ରଚାଳିତ ଡଙ୍ଗା ଓ ଟ୍ରଲର ମାଡ଼ରେ ଆହତ କଇଁଛଗୁଡ଼ିକ ବେଳାଭୂମିରେ କୁକୁର, କାଉ ଏବଂ ଶାଗୁଣାଙ୍କ ଆକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳିଛି। କଇଁଛଙ୍କ ମାଂସ ଓ ରକ୍ତରେ ବେଳାଭୂମି ପରିବେଶ ପ୍ରଦୂଷଣ ହେଉଛି। ଓଡ଼ିଶା ଯୁବଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ବାଲୁକାଶିଳ୍ପୀ ମାନସ ସାହୁ, ମିଶନ ଓଡ଼ିଶାର କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର ଓ ସତ୍ୟନାରାୟଣ ପାତ୍ର ପ୍ରମୁଖ ମରିପଡ଼ିଥିବା ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ଉଦ୍ଧାରକରି ବାଲିରେ ପୋତିଦେଉଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରୁ ମୁହାଣ ମଧ୍ୟରେ ୮ଟି କଇଁଛଙ୍କୁ କୁକୁର, କାଉ ଓ ଶାଗୁଣା କବଳରୁ ମୁକ୍ତ କରାଯାଇ ସମୁଦ୍ରରେ ସୁରକ୍ଷିତ ଭାବେ ଛଡ଼ାଯାଇଛି। ପରିବେଶ ସୁରକ୍ଷା ପାଇଁ ଖୁବ୍‌ଶୀଘ୍ର ଏକ ୧୦ଜଣିଆ ଦଳ ପ୍ରକୃତିବନ୍ଧୁ ସରୋଜ ଜେନାଙ୍କ ନେତୃତ୍ୱରେ କୋଣାର୍କଠାରୁ ଅସ୍ତରଙ୍ଗର କେଳୁଣୀ ମୁହାଣ ପର୍ଯ୍ୟନ୍ତ ମୃତ ଅଲିଭ୍ ରିଡ୍‌ଲେ କଇଁଛ ସଫେଇ କାର୍ଯ୍ୟକ୍ରମ କରିବେ ବୋଲି ପରିବେଶବିତ୍ ବଦ୍ରି ମିଶ୍ର ଜଣାଇଛନ୍ତି।

### କୁକୁର, କାଉ ଓ ଶାଗୁଣାଙ୍କ ଆକ୍ରମଣର ଶିକାର



ବାଲିରେ ଗାତ ଖୋଳି ମୃତ କଇଁଛଙ୍କୁ ପୋତା ଯାଉଛି ।

ଇଣ୍ଡିଆନ୍ ବ୍ୟାଙ୍କ Indian Bank ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, **୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିଯୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ବାରଙ୍ଗ ପଞ୍ଚାୟତ ସମିତି ବୈଠକ

**ପୂର୍ବରୁ ସ୍ୱୀକୃତି ପାଇଥିବା ପ୍ରକଳ୍ପଗୁଡ଼ିକୁ ଅନୁମୋଦନ**

ବାରଙ୍ଗ, ୨୭।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ସଭାଗୃହରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଡିଓ ସ୍ୱାଗତ ଦାସ ଅତିଥି ପରିଚୟ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିକଶିତ ଓଡ଼ିଶା ଗଠନ କିପରି ବିକଶିତ ହୋଇପାରବ, ତାହା ବୈଠକର ମୁଖ୍ୟ ପ୍ରସଙ୍ଗ ରହିଥିଲା। ଗତ ୧୪ ତାରିଖରେ ଗ୍ରାମସଭାରେ ସ୍ୱୀକୃତି ପାଇଥିବା ପ୍ରକଳ୍ପଗୁଡ଼ିକୁ ପଞ୍ଚାୟତ ସମିତି ବୈଠକରେ ଅନୁମୋଦନ କରାଯାଇଥିଲା। ୩୩ ନଂ. ଜୋନ୍‌ରେ ଘର ନିର୍ମାଣ କରିବାକୁ ବିଡିଏ ଅନୁମତି ଶୀଘ୍ର ମିଳିଯାଉଥିବାବେଳେ ୩୨ ନଂ. ଜୋନ୍‌ରେ ଥିବା ୮ଟି ଗ୍ରାମପଞ୍ଚାୟତର ବାସିନ୍ଦାଙ୍କ ପାଇ ସିଡିଏ ଅନୁମୋଦନ ବହୁ ବିଳମ୍ବ ହେଉଥିବା କେତେଜଣ ସଦସ୍ୟ ଅଭିଯୋଗ କରିଥିଲେ। ସେହିପରି ଅଘୋଷିତ ବିଦ୍ୟୁତ୍ କାଟ, ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଚାଷ ପରି ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବିଭିନ୍ନ ପଞ୍ଚାୟତ ସଦସ୍ୟ ଆଲୋଚନା କରିଥିଲେ। ବୈଠକରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ତରାଇ, କଟକ ଏମ୍‌ପିଙ୍କ ପ୍ରତିନିଧି ଭୂପତି ପାଣିଙ୍କ ସମେତ ସବୁ ଅଧିକାରୀ ଉପସ୍ଥିତ ଥିଲେ।

### ମାଟ୍ରିକ ପରୀକ୍ଷା: ଗଣିତରେ କପି କରି ୫ ଏମ୍‌ପି

କଟକ,୨୭।୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାର ଗୁରୁବାର ଗଣିତ ପରୀକ୍ଷାରେ କପି କରି ୫ ଜଣ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି। ସେହିପରି ଦ୍ୱିତୀୟ ଭାଷା ପରୀକ୍ଷାରେ ୮ ଜଣ ଓ ପ୍ରଥମ ଭାଷା ପରୀକ୍ଷାରେ ୪ ପରୀକ୍ଷାର୍ଥୀ ଏମ୍‌ପି ହୋଇଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନକୁ ପ୍ରତିହତ କରିବା ସହ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନିମନ୍ତେ ବୋର୍ଡ ପକ୍ଷରୁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି।

### ରେଭେନ୍‌ଶାରେ ଗଣ୍ଡଗୋଳ, ୨ ଛାତ୍ର ଆହତ

କଟକ,୨୭।୨(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର ଗୁରୁବାର ସନ୍ଧ୍ୟାରେ ଅଶାନ୍ତ ହୋଇଛି। ଢେଲାପଥର ମାଡ଼ ସହ ୨ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣ ଛାତ୍ର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମାଲଗୋଦାମ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ଜଗନ୍ନାଥ ଛାତ୍ରାବାସ ଓ ଇଷ୍ଟ ଛାତ୍ରାବାସ ଅନ୍ତେବାସୀଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ କ୍ରିକେଟ୍ ମ୍ୟାଚ୍ ଚାଲିଥିବାବେଳେ ନୋ ବଲ୍‌କୁ ନେଇ ଗଣ୍ଡଗୋଳ ହୋଇଥିଲା।

# ‘ମାନବାଧିକାର କର୍ମୀଙ୍କ ପାଇଁ ବହୁ ପୀଡିତ ନ୍ୟାୟ ପାଉଛନ୍ତି’

**ଓଡ଼ିଶା ମାନବାଧିକାର ସମ୍ମେଳନ**

ଭୁବନେଶ୍ୱର,୨୭।୨ (ସୌମ୍ୟରଞ୍ଜନ ରାଉତ)



ସମ୍ମେଳନରେ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ।

ମାନବାଧିକାର କର୍ମୀ ସମାଜ ପରିବର୍ତ୍ତନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସେମାନଙ୍କ ନିଷ୍ଠା ଓ ଉଦ୍ୟମ ବଳରେ ବହୁ ପୀଡ଼ିତ ନ୍ୟାୟ ପାଇବାକୁ ସକ୍ଷମ ହୋଇପାରୁଛନ୍ତି ବୋଲି ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ପକ୍ଷରୁ ଗୁରୁବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ଓଡ଼ିଶା ମାନବାଧିକାର ସମ୍ମେଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ମାନବାଧିକାରର ଏକ ବିଶାଳ କ୍ଷେତ୍ର ରହିଛି। ତାକୁ ସାଧାରଣ ଲୋକେ ଜାଣିବା ଦରକାର। ଜାତୀୟ ମାନବାଧିକାର କମିଶନର ଲୋଗୋରେ ଲେଖା ରହିଛି ବା ମୂଳ ସଂଜ୍ଞା ହେଉଛି ‘ସର୍ବେ ଭବନ୍ତୁ ସୁଖିନଃ’। ଏହାକୁ ପାଳନ କରିବାକୁ ହେଲେ ଆମେ ଉପାନ୍ତ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟାର ଶୁଣାଣିକରି ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରିବାର ବ୍ୟବସ୍ଥା ଆମେ କରିବାକୁ ନିଷ୍ପତ୍ତି ନେଇସାରିଛୁ। ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ ବୋଲି ଜଷ୍ଟିସ ଷଡ଼ଙ୍ଗୀ କହିବା ସହ ମାନବାଧିକାର କର୍ମୀଙ୍କ ନିଷ୍ଠାକୁ ପ୍ରଶଂସା କରିଥିଲେ। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଅଧ୍ୟକ୍ଷ ମନୋଜ ଜେନା ସଭାପତିତ୍ୱ କରି ଉପସ୍ଥିତ ମାନବାଧିକାର କର୍ମୀଙ୍କୁ ତୃଣମୂଳ ସ୍ତରରେ ଘଟୁଥିବା ମାନବାଧିକାର ଉଲ୍ଲଂଘନ ଘଟଣାକୁ ସାମ୍ନାକୁ ଆଣି ପୀଡ଼ିତକୁ ନ୍ୟାୟ ଦେବାପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ମାନବାଧିକାର ସ୍ୱାଧୀନତା ଆନ୍ଦୋଳନ ଜାରି ରଖିବାକୁ ପଡିବ ବୋଲି କହିଥିଲେ। ଜାତୀୟ ମାନବାଧିକାର ଆୟୋଗ ଗଠନର ୩୦ବର୍ଷ ମଧ୍ୟରେ ସମୁଦାୟ ୨୨.୪୮ ଲକ୍ଷ ମାମଲା ମଧ୍ୟରୁ ୨୨.୪୧ କେସ୍ ଫଇସଲା ହୋଇ ୨୩୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ରାଶି କ୍ଷତିପୂରଣ ଦିଆଯାଇଛି। ଓଡ଼ିଶାରୁ ପାଖାପାଖି ୯୦ ହଜାରରୁ ଊର୍ଦ୍ଧ୍ୱ ମାମଲା ହୋଇଥିବା କହିଥିଲେ। ଏହି ଅବସରରେ ସେ ଜଷ୍ଟିସ ଷଡ଼ଙ୍ଗୀଙ୍କ ନିକଟରେ ମାନବାଧିକାର କର୍ମୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ, ସମ୍ମାନ ପ୍ରଦାନର ବ୍ୟବସ୍ଥା ସହ ସ୍କୁଲ କଲେଜ ଶିକ୍ଷାରେ ମାନବାଧିକାର ପାଠ୍ୟକ୍ରମର ପ୍ରଚଳନ କରିବାକୁ ପ୍ରସ୍ତାବ ରଖିଥିଲେ। ସାମ୍ବାଦିକ ରବି ଦାସ କହିଲେ, ମାନବାଧିକାର କ୍ଷେତ୍ରରେ ନ୍ୟାୟ ପାଇଥିବା ଅନେକ ଉଦାହରଣ ସମ୍ପର୍କିତ ସନ୍ଦର୍ଭକୁ ପୁସ୍ତକ ମାଧ୍ୟମରେ ଲୋକ ପ୍ରତିନିଧିଙ୍କୁ ସଚେତନତା କରାଇପାରିଲେ ସେମାନେ ମଧ୍ୟ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଦକ୍ଷ ହୋଇ ସହାୟକ ହୋଇପାରିବେ। ପୂର୍ବତନ ମହିଳା ଆୟୋଗ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି କହିଲେ, ଲକ୍ଷ ଲକ୍ଷ ମହିଳା ନିଖୋଜ ହେବା ଏକ ବଡ଼ ସମସ୍ୟା। ମାନବାଧିକାର କମିଶନ ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ପାଇଁ ସରକାରଙ୍କୁ ସୁପାରିସ କରିବାକୁ ସେ ଅନୁରୋଧ କରିଥିଲେ।



ରବୀନ୍ଦ୍ରମଣ୍ଡପରେ ଗୁରୁବାର ଅନୁଷ୍ଠିତ ତୃତୀୟ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ‘ଛନ୍ଦବିଭା’ରେ ଅତିଥିଙ୍କ ଗହଣରେ ‘ଛନ୍ଦବିଭା ସମ୍ମାନ’ ପାଇଥିବା ୩ ବ୍ୟକ୍ତିତ୍ୱ।

# ଅଷ୍ଟପଦୀ ସଖୀ ହେ...

**୩ଜଣଙ୍କୁ ‘ଛନ୍ଦବିଭା ସମ୍ମାନ’**

ଭୁବନେଶ୍ୱର,୨୭।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ୍ ପକ୍ଷରୁ ତୃତୀୟ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ‘ଛନ୍ଦବିଭା’ ଶୁକ୍ରବାର ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡିଶୀ ନୃତ୍ୟ ଗୁରୁ ସ୍ନେହ ପ୍ରଭା ସାମନ୍ତରାୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁରୁ ଶର୍ମିଳା ବିଶ୍ୱାସ, ଗୁରୁ ରାମହରି ଦାସ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କୁ ‘ଛନ୍ଦବିଭା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। କୋଲକାତାର ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ଗୁରୁ ଶର୍ମିଳା ବିଶ୍ୱାସ ଓ ରିତୁପର୍ଣ୍ଣା ଘୋଷଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ‘ସଖୀ ହେ କେଶୀ ମଥନ ମୁଦା ରମ...’ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଶ୍ରୀର୍ଜନ ଚାଟାର୍ଜୀ। ପରେ ବିଶ୍ୱନାଥ ସଙ୍ଗୀତାଳୟର ନୃତ୍ୟ ଶିଳ୍ପୀ ଦୀକ୍ଷା ରାଉତରାୟ ଓ ସ୍ମିତା ମହାରଣାଙ୍କ ସୂର୍ଯ୍ୟ ଅଷ୍ଟକମ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଗୁରୁ ଦୁର୍ଗା ଚରଣ ରଣବୀର ଏହାର ନୃତ୍ୟ ସଂଯୋଜନା କରିଥିଲେ। କଟକ ସୁରମନ୍ଦିରର ଗୁରୁ ଡ. ଜ୍ୟୋତ୍ସ୍ନା ସାହୁ ଆଣ୍ଡ ଗ୍ରୁପ ଏବଂ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ କଳାକାରଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ବେଶ ଚିତ୍ତାକର୍ଷକ ହୋଇଥିଲା। ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ପ୍ରତିଷ୍ଠାତା ନୃତ୍ୟଶିଳ୍ପୀ ପଙ୍କଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ଓ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।


ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମୋ ବସ୍ ଚାଳକଙ୍କ ପାଇଁ ସୁବାହକ ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର, ୨୭।୨ (ବନ୍ଦନା ସେଠୀ)

ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଅଧୀନରେ କାର୍ଯ୍ୟରତ ସମସ୍ତ ବସ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ସହାୟତାରେ ସୁବାହକ ରେସିଡେନ୍‌ସିଆଲ ରିଫ୍ରେସର ତାଲିମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ତାଲିମ ଛତିଆ, ବ୍ରହ୍ମପୁର ଏବଂ ଆଇଡିଟିଆର୍ ବଣେଇଠାରେ ଅନୁଷ୍ଠିତ ହୋଇଛି। ଏଥିରେ ନିରାପଦ ଡ୍ରାଇଭିଂ ଅଭ୍ୟାସ ଓ ସଡ଼କ ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରି ବସ୍ ଚାଳକ ବା କ୍ୟାପ୍ଟେନ୍‌ମାନଙ୍କର ଦକ୍ଷତା ବିକାଶ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ୩ଦିନ ଧରି ହେବାକୁ ଥିବା ଏହି ସୁବାହକ ପ୍ରଶିକ୍ଷଣରେ ଚାଳକମାନଙ୍କୁ ଡ୍ରାଇଭିଂ କୌଶଳରେ ଉନ୍ନତି ଏବଂ ଗାଡ଼ି ଚାଳନା ସମୟରେ ସମ୍ଭାବ୍ୟ ଦୁର୍ଘଟଣାକୁ କିପରି ରୋକାଯାଇପାରିବ ତାହା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଏହାସହ ଜରୁରୀ ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ଚାଳକଙ୍କ ସାମଗ୍ରିକ ବିକାଶ ଏବଂ ସ୍ୱାସ୍ଥ୍ୟ ପାଇଁ ଯୋଗ ଆଦି ପ୍ରଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଆଇଡିଟିଆର୍) ସହଯୋଗରେ ପ୍ରତିଟି ବ୍ୟାଚ୍‌ରେ ୩୦ଜଣ ଚାଳକଙ୍କୁ ପ୍ରଶିକ୍ଷଣରେ ଅନ୍ତର୍ଭୁକ୍ତ କରାଯିବ। ପ୍ରଥମ ବ୍ୟାଚ୍ ପ୍ରଶିକ୍ଷଣ ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୨୫୦ଜଣ ଚାଳକ ଏହି ତାଲିମରେ ଅଂଶଗ୍ରହଣ କରିବେ। ଯାତ୍ରୀଙ୍କ ସୁରକ୍ଷା ଏବଂ ବିଶ୍ୱସନୀୟତାକୁ ପ୍ରାଥମିକତା ଦେବା ପାଇଁ ଚାଳକମାନଙ୍କୁ ସର୍ବଦା ଅତ୍ୟାଧୁନିକ ଦକ୍ଷତା ପ୍ରଦାନ କରାଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# ୪୨ ଦିନରେ ୧୫ ହଜାରରୁ ଅଧିକ ଟ୍ରେନ୍ ପରିଚାଳନା

**ମହାକୁମ୍ଭରେ ଭାରତୀୟ ରେଳପଥର ରେକର୍ଡ**

■ଓଡ଼ିଶାରୁ ୬୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୨୭।୨ (ଅନୁରାଧା ମହାରଣା)

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଅନୁଷ୍ଠିତ ବିଶ୍ୱର ସବୁଠୁ ବଡ଼ ଆଧ୍ୟାତ୍ମିକ ସମାବେଶ ‘ମହାକୁମ୍ଭ ୨୦୨୫’ ପାଇଁ ଟ୍ରେନ ପରିଚାଳନା କ୍ଷେତ୍ରରେ ଭାରତୀୟ ରେଳପଥ ରେକର୍ଡ ସୃଷ୍ଟି କରିଛି। ମାତ୍ର ୪୨ ଦିନରେ ୧୫ହଜାରରୁ ଅଧିକ ଟ୍ରେନ୍ ଚଳାଚଳ କରିଛି। ତେବେ ପୂର୍ବତଟ ରେଳପଥ ଓଡ଼ିଶାର ୨୫ଟି ପ୍ରମୁଖ ସହରରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରି ତୀର୍ଥଯାତ୍ରୀଙ୍କ ଯାତ୍ରାକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଟ୍ରେନଗୁଡ଼ିକ ପବିତ୍ର ପ୍ରୟାଗରାଜ ସହରରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମରେ ସ୍ନାନ କରିବା ପାଇଁ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କୁ ସେବା ପ୍ରଦାନ କରିଛି। ନିୟମିତ ଟ୍ରେନ ସେବା ସହିତ ତୀର୍ଥଯାତ୍ରୀମାନେ ନିକଟବର୍ତ୍ତୀ ଅଞ୍ଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରୁ ଟ୍ରେନ ଯାତ୍ରା କରିବା ପାଇଁ ରେଳ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବାଲୁଗାଁ, ଯାଜପୁର, କେନ୍ଦୁଝର ରୋଡ୍, ଯଖପୁରା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝରଗଡ଼, ଢେଙ୍କାନାଳ, ସମ୍ବଲପୁର, ରାୟଗଡ଼ା, ଟିଟିଲାଗଡ଼, ବଲାଙ୍ଗୀର ଆଦି ସହରରୁ ପ୍ରୟାଗରାଜକୁ ଟ୍ରେନ୍ ଚଳାଚଳ କରିଥିଲା। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ସେବା ସମେତ ୧୫ହଜାରରୁ ଅଧିକ ଟ୍ରେନର ପରିଚାଳନା କରାଯାଇଥିବାବେଳେ ରେଳପଥ ବୋର୍ଡ ଅଧ୍ୟକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସତୀଶ କୁମାର ରେଳସେବାର ତଦାରଖ ଦାୟିତ୍ୱ ନେଇଥିଲେ। ରେଳପଥ ପକ୍ଷରୁ ବିକଳ୍ପ ଟିକେଟ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ତୀର୍ଥଯାତ୍ରୀଙ୍କୁ ସେମାନଙ୍କ ଯାତ୍ରା ସମୟରେ ଆଶ୍ରୟ ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦିଅଯାଇଥିଲା।

# ଜଙ୍ଗଲ ବିଭାଗ ପକ୍ଷରୁ ଆର୍‌ଏସିପି ଅଦାଲତ



ଭୁବନେଶ୍ୱର, ୨୭।୨ (ବନ୍ଦନା ସେଠୀ)

**ଦ୍ୱିତୀୟ ଦିନରେ ୨୫୬ ଆବେଦନ ଗ୍ରହଣ**

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅରଣ୍ୟ ଭବନ ସମ୍ମିଳନୀ କକ୍ଷରେ ଚାଲିଥିବା ଆର୍‌ଏସିପି ଅଦାଲତର ଗୁରୁବାର ଦ୍ୱିତୀୟ ଦିନରେ ମୋଟ ୨୫୬ଟି ଆବେଦନ ଗ୍ରହଣ କରାଯାଇଥିଲା। ଆର୍‌ଏସିପିରୁ ବଞ୍ଚିତ ବନ ବିଭାଗର ସମସ୍ତ ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ କର୍ମଚାରୀ ନିଜ ଅଭିଯୋଗ ରଖିଥିଲେ। କୋରାପୁଟ, ସମ୍ବଲପୁର, ରାଉରକେଲା ବନ ବିଭାଗ ସମେତ ମୁଖ୍ୟ ବନ ସଂରକ୍ଷକ, ତାଲିମ ଏବଂ ବିକାଶ ପ୍ରତିଷ୍ଠାନ କଟକ ଏବଂ ନନ୍ଦନକାନନ ନିର୍ଦ୍ଦେଶକ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରୁ କର୍ମଚାରୀମାନେ ସେମାନଙ୍କ ଅଭିଯୋଗର ସମାଧାନ ପାଇଁ ଆସିଥିଲେ। ଏଥିରେ ପ୍ରାୟ ସମସ୍ତ ସର୍କଲର କର୍ମଚାରୀମାନେ ଯୋଗଦେଇଥିଲେ। ସହାୟକ ଡକ୍ୟୁମେଣ୍ଟଗୁଡ଼ିକର ଉପଯୁକ୍ତ ଯାଞ୍ଚ ପରେ ଆଗାମୀ ମାସ ମଧ୍ୟରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଅଦାଲତ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ସଚିବ ଦେବେନ କୁମାର ପ୍ରଧାନ, ସ୍ୱତନ୍ତ୍ର ସଚିବ ଧରମ ହାଁସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ଆର୍ଥିକ ପରାମର୍ଶଦାତା କଲ୍ୟାଣୀ ମାଲ୍ଲି, ବରିଷ୍ଠ ପ୍ରଶାସନିକ ଅଧିକାରୀ ସବିତା ମଲ୍ଲିକ ଅଦାଲତ କମିଟିରେ ସଦସ୍ୟ/ସଦସ୍ୟା ଭାବରେ ଏବଂ କମିଟିରେ ସଦସ୍ୟ ସଂଯୋଜକ ଭାବରେ ଯୁଗ୍ମ ସଚିବ ଦିନକୃଷ୍ଣ କର ଉପସ୍ଥିତ ଥିଲେ।

# ପ୍ରଶାସନକୁ ଦାୟୀ କଲା ପରିବାର

**ଲିଙ୍ଗରାଜ ମନ୍ଦିରରୁ ସେବାୟତ ଖସିପଡ଼ିବା ଘଟଣା**

ପୁରୁଣା ଭୁବନେଶ୍ୱର,୨୭।୨(ସୁବାସ ଚନ୍ଦ୍ର ପ୍ରଧାନ)

ମହାଶିବରାତ୍ରିରେ ଲିଙ୍ଗରାଜ ମନ୍ଦିର ଉପରକୁ ମହାଦୀପ ଉଠିବା ବେଳେ ସେବାୟତ ଯୋଗେନ୍ଦ୍ର ସମର୍ଥା ତଳକୁ ଖସିପଡ଼ିବା ଘଟଣାରେ ପ୍ରଶାସନକୁ ଦାୟୀ କରିଛନ୍ତି ପରିବାର। ଏନେଇ ଆହତ ଯୋଗେନ୍ଦ୍ରଙ୍କ ପୁଅ ଅଶ୍ୱିନୀ ସମର୍ଥା କୁହନ୍ତି, ତାଙ୍କ ବାପା ଦୀର୍ଘ ୩୦ବର୍ଷ ହେବ ଠାକୁରଙ୍କ ଏହି ସେବା କରିଆସୁଥିଲେ ମଧ୍ୟ ଏଭଳି ଅଘଟଣ କେବେ ଘଟି ନ ଥିଲା। ମଶାଲରେ ଘିଅ ଅଧିକ ପରିମାଣର ରହିଥିଲା। ଏଥିସହ ଦେଉଳ ଉପରକୁ ଉଠିବା ରାସ୍ତାରେ ପ୍ରଶାସନ ବାଲି ନ ପକାଇବାରୁ ପାଦରେ ଘିଅ ଲାଗିବାରୁ ତାଙ୍କ ବାପା ପଡ଼ିଯାଇଥିଲେ। ଅନ୍ୟପଟେ ଏନେଇ ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର କୁହନ୍ତି, ମହାଦୀପ ଉଠିବା ସମୟରେ ମନ୍ଦିରରେ କେବେ ବାଲି ପକାଯିବା ଦେଖିନାହିଁ ବୋଲି ସେ କହିଛନ୍ତି।

# ୟୁଜିସି ଚିଠା ରେଗୁଲେଶନ ପ୍ରତ୍ୟାହାର ଦାବିରେ ଧାରଣା

**ରାଜ୍ୟପାଳଙ୍କୁ ଭେଟିଲେ ଏଆଇଏସ୍‌ଇସି ପ୍ରତିନିଧି**

ଭୁବନେଶ୍ୱର,୨୭।୨(ସୁଚିସ୍ମିତା ସାହୁ)



ରାଜଭବନ ସମ୍ମୁଖରେ ଏଆଇଏସ୍‌ଇସି ପକ୍ଷରୁ ଧାରଣା ଦିଆଯାଇଛି।

ୟୁଜିସି ଚିଠା ରେଗୁଲେଶନ ୨୦୨୫ ପ୍ରତ୍ୟାହାର ସହିତ ୪ବର୍ଷିଆ ଡିଗ୍ରୀ କୋର୍ସ ବାତିଲ କରିବା ଏବଂ ଖାଲି ପଡିଥିବା ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ ଦାବିରେ ଗୁରୁବାର ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି (ଏଆଇଏସ୍‌ଇସି) ଓଡ଼ିଶା ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକରେ ଥିବା ୨୦୦୩ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୧୩୦୭ ପଦବୀ ଖାଲି ପଡିଥିବା ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା। ସରକାର ଏସବୁ ପଦବୀ ପୂରଣ ନ କରି ଓଲଟା ୪ବର୍ଷିଆ ଡିଗ୍ରୀ କୋର୍ସ ଲାଗୁ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିବ ବୋଲି ବକ୍ତାମାନେ କହିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବହିର୍ଗତ ବ୍ୟକ୍ତିଙ୍କୁ ଶିକ୍ଷାନୁଷ୍ଠାନର କୁଳପତି କରିବା ସହିତ ଚୟନ ପ୍ରକ୍ରିୟାକୁ କେନ୍ଦ୍ର ସରକାର ନିଜ ହାତକୁ ନେବାକୁ ସେମାନେ ଦୃଢ ବିରୋଧ କରିଥିଲେ। ଅଧ୍ୟାପକ, ପ୍ରଫେସର ନିଯୁକ୍ତି ପାଇଁ ପୂର୍ବରୁ ଥିବା ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରିବା ଦ୍ୱାରା ନିମ୍ନ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିବିଶେଷ ନିଯୁକ୍ତି ପାଇବେ, ଯାହାଦ୍ୱାରା ପାଠପଢ଼ା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ। ସେହିପରି ଦେଶ ସାରା ଲକ୍ଷାଧିକ ଅଧ୍ୟାପକ ପଦବୀ ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟରେ ଖାଲି ପଡିଛି। କଣ୍ଟ୍ରାକ୍ଟୁଆଲ ନିଯୁକ୍ତିରେ ପାଠପଢା ଚାଲିଛି। ତେଣୁ ଉଚ୍ଚଶିକ୍ଷାକୁ ଏଭଳି ମାରାତ୍ମକ ଆକ୍ରମଣରୁ ବଞ୍ଚାଇବା ପାଇଁ ଏଆଇଏସ୍‌ଇସିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକ, ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ସମ୍ପାଦକ ସୁବାସ ନାୟକଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିଥିଲେ। ରାଜ୍ୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ।

ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ସାମାଜିକ କର୍ମୀ ଆଡ୍‌ଭୋକେଟ ବିଶ୍ୱପ୍ରିୟ କାନୁନ୍‌ଗୋ, ଏଆଇଏସ୍‌ଇସିର ସର୍ବଭାରତୀୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଫେସର ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ୪ ରେଳ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ୪ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି।

କର୍ତ୍ତବ୍ୟ ସମୟରେ ଅସାଧାରଣ କାର୍ଯ୍ୟଦକ୍ଷତା, ସଚେତନତା, ସତର୍କତା ଏବଂ ତତ୍ପରତା ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ୪ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଆୟୋଜିତ ସମାରୋହରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ପ୍ରମୁଖ ନିରାପତ୍ତା ଅଧିକାରୀଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ କୋରାପୁଟ ଷ୍ଟେଶନର ବରିଷ୍ଠ ସହାୟକ ଲୋକୋ ପାଇଲଟ ମୁଖରାଜ ମୀନା, ଚିମିଡିପାଲି ଷ୍ଟେଶନର ଗ୍ୟାଙ୍ଗ୍ ନମ୍ବର ୧୦ର ଟ୍ରାକ୍ ମେଣ୍ଟେନର-୪ ସିଙ୍ଗାମପାଲି ଭେଙ୍କଟ କ୍ରିଷ୍ଣା, ଆରଣ୍ଡ ଷ୍ଟେଶନର ଟ୍ରାଫିକ ପଏଣ୍ଟସମ୍ୟାନ ରମେଶ ମହାନନ୍ଦ ଏବଂ ସିମାଞ୍ଚଳମ୍ ଷ୍ଟେଶନର ବରିଷ୍ଠ ଗୁଡ୍‌ସ ଟ୍ରେନ ମ୍ୟାନେଜର ଚାଲୁମୁରି ରମଣା ନାଇଡ। ଏହି ଅବସରରେ ଫୁଙ୍କୱାଲ କହିଛନ୍ତି, ପ୍ରତ୍ୟେକ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତତା ଯାତ୍ରୀ ସୁରକ୍ଷା ଓ ଦକ୍ଷ ଟ୍ରେନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କାର୍ଯ୍ୟକ୍ଷେତ୍ରରେ ସମସ୍ତ ରେଳ କର୍ମଚାରୀ ଏମାନଙ୍କ ଭଳି ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ।

इंडियन बैंक Indian Bank
इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର,
କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା, ପିତା: କୃଷ୍ଣ ଚନ୍ଦ୍ର ବେହେରା, ୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା), ପିତା: ଭରତ ବେହେରା / ଗ୍ୟାରେଣ୍ଟିଦାତା: ଲିଲି ବେହେରା, ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିଉପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | କୃଷ୍ଣ ଚନ୍ଦ୍ର ବେହେରା, ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ମୋ ବସ୍ ଚାଳକଙ୍କ ପାଇଁ ସୁବାହକ ପ୍ରଶିକ୍ଷଣ ଆରମ୍ଭ

**ଭୁବନେଶ୍ୱର, ୨୭।୨ (ବନ୍ଦନା ସେଠୀ)**

ମୋ ବସ୍ ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଅଧୀନରେ କାର୍ଯ୍ୟରତ ସମସ୍ତ ବସ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ସହାୟତାରେ ସୁବାହକ ରେସିଡେନ୍ସିଆଲ ରିଫ୍ରେସର ତାଲିମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ତାଲିମ ଛତିଆ, ବ୍ରହ୍ମପୁର ଏବଂ ଆଇଡିଟିଆର୍ ବଣେଇଠାରେ ଅନୁଷ୍ଠିତ ହୋଇଛି। ଏଥିରେ ନିରାପଦ ଡ୍ରାଇଭିଂ ଅଭ୍ୟାସ ଓ ସଡ଼କ ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରି ବସ୍ ଚାଳକ ବା କ୍ୟାପ୍ଟେନ୍‌ମାନଙ୍କର ଦକ୍ଷତା ବିକାଶ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ୩ଦିନ ଧରି ହେବାକୁ ଥିବା ଏହି ସୁବାହକ ପ୍ରଶିକ୍ଷଣରେ ଚାଳକମାନଙ୍କୁ ଡ୍ରାଇଭିଂ କୌଶଳରେ ଉନ୍ନତି ଏବଂ ଗାଡ଼ି ଚାଳନା ସମୟରେ ସମ୍ଭାବ୍ୟ ଦୁର୍ଘଟଣାକୁ କିପରି ରୋକାଯାଇପାରିବ ତାହା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ୍ ରିସର୍ଚ୍ଚ (ଆଇଡିଟିଆର୍) ସହଯୋଗରେ ପ୍ରତିଟି ବ୍ୟାଚ୍‌ରେ ୩୦ଜଣ ଚାଳକଙ୍କୁ ପ୍ରଶିକ୍ଷଣରେ ଅନ୍ତର୍ଭୁକ୍ତ କରାଯିବ। ପ୍ରଥମ ବ୍ୟାଚ୍‌ର ପ୍ରଶିକ୍ଷଣ ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ମୋଟ୍ ୨୫୦ଜଣ ଚାଳକ ଏହି ତାଲିମରେ ଅଂଶଗ୍ରହଣ କରିବେ।

# ସରୁନି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ

- ୨ ଥର ଅବଧି ଶେଷ ହେଲାଣି
- ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

**ବେଗୁନିଆ, ୨୭।୨ (ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲାଠାରେ ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟର ଦୁଇ ଥର ଅବଧି ଶେଷ ହୋଇଥିବା ବେଳେ କାର୍ଯ୍ୟ କରୁଥିବା ସଂସ୍ଥାକୁ ବିଭାଗ ପକ୍ଷରୁ ଦଣ୍ଡବିଧାନ ମଧ୍ୟ କରାଯାଇଛି। ଅନ୍ୟପଟେ ଏହି ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବାରୁ ଗତ ମଙ୍ଗଳବାର ବେଗୁନିଆ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ଷଷ୍ଠ ସାଧାରଣ ଅଧିବେଶନରେ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନକୁ ଦାୟୀ କରିଛନ୍ତି।

ସୂଚନାଥାଉ କି, କୁଶପଲ୍ଲାଠାରେ ଗୋଟିଏ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଉଛି। ଏଠାରୁ ୱାଟର ଟ୍ରିଟମେଣ୍ଟ ହୋଇ ଖୋର୍ଦ୍ଧା ବ୍ଲକର ୨୨ଟି ପଞ୍ଚାୟତ, ଜଟଣୀ ବ୍ଲକର ୧୦ଟି ଏବଂ ବେଗୁନିଆ ବ୍ଲକର ୫ଟି ପଞ୍ଚାୟତକୁ ପାନୀୟଜଳ ଯୋଗାଇ ଦିଆଯିବ। ତେବେ କୁଶପଲ୍ଲାଠାରେ ଚାଲିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ମହାନଦୀରୁ ପାଣି ଉଠାଯାଇ ପ୍ରତି ପଞ୍ଚାୟତରେ ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇ ଲୋକମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ସେଥିପାଇଁ ପ୍ରତି ପଞ୍ଚାୟତରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯିବା ସହ ଗାଁ ଦାଣ୍ଡ ଖୋଳାଯାଇ ପାଇପ୍ ବିଛାଯାଇଛି। ଏପରିକି ଗାଁ ଦାଣ୍ଡରେ ହୋଇଥିବା କଂକ୍ରିଟ ରାସ୍ତା ଖୋଳାଯାଇ ପାଇପ୍ ବିଛା ହେବା ପରେ ରାସ୍ତା ମରାମତି ନ ହେବାରୁ ଖାଲଖମା ରହିଛି। ଏନେଇ



ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ।

ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ଗ୍ରାମକୁ ପାଣି ପାଇପ୍ ସଂଯୋଗ ହୋଇ ପାରିନାହିଁ। ଯେଉଁଠି ବି ହୋଇଛି ରକ୍ଷଣାବେକ୍ଷଣ ଅଭାବ ଏବଂ ଦୀର୍ଘଦିନ ଧରି ବ୍ୟବହାର ନ ହୋଇ ପଡ଼ିରହିବା ଯୋଗୁ କେତେକ ସ୍ଥାନରେ ପାଇପ୍ ନଷ୍ଟ ହୋଇଗଲାଣି ତ' ଆଉ କେଉଁଠି ଚୋରି ହୋଇଗଲାଣି। ପାଇପ୍ ଚୋରି ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିବା ନଜିର ରହିଛି। କେବେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଖରାଦିନ ପୂର୍ବରୁ ଲୋକମାନେ କିପରି ମେଗା ପାନୀୟଜଳ ଯୋଗାଣର ସୁବିଧା ପାଇପାରିବେ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଖୋର୍ଦ୍ଧା ଉପଖଣ୍ଡ ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାହୁ କୁହନ୍ତି, ଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଠିକାସଂସ୍ଥା ଅବହେଳା କରୁଛି। ଏଥିପାଇଁ ବିଭାଗ ପକ୍ଷରୁ ଉକ୍ତ ସଂସ୍ଥା ଉପରେ ଦଣ୍ଡବିଧାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରମ୍ବାର କାର୍ଯ୍ୟ ଶେଷ କରିବାର ଅବଧି ବୃଦ୍ଧି କରିବା ପାଇଁ ଉକ୍ତ ସଂସ୍ଥା ଆବେଦନ କରୁଛି। ତେବେ କାର୍ଯ୍ୟ କେବେ ଶେଷ ହେବ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କହିପାରିବେ ବୋଲି ସେ କହିଛନ୍ତି।

## 'ମହୋତ୍ସବ ନୂତନ ପିଢ଼ିଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନରେ ସହାୟକ ହୁଏ'



କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

**ବେଗୁନିଆ, ୨୭।୨ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ବଡ଼ପଦର ଗ୍ରାମର ଆରାଧ୍ୟ ଲୋକେଶ୍ୱର ଦେବଙ୍କ ପୀଠରେ ଜାଗର ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୀତେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ମଲ୍ଲୀପଦର ଆମ ଗାଁ ମହୋତ୍ସବର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ପଣ୍ଡା ଏବଂ ଅଖିଳ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ନୂତନ ପିଢ଼ିଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସରପଞ୍ଚ ସୁନନ୍ଦା ବରାଳ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ, ପାଇକ ଆଖଡ଼ା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ସମ୍ପାଦକ ଦୀପକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଲାଇବ୍ରେରି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

**ବେଗୁନିଆ, ୨୭।୨ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଲାଇବ୍ରେରି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉକ୍ତ ଗୁରୁକୁଳର ପ୍ରତିଷ୍ଠାତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାମ୍ବିୟମ ନେଟ୍‌ୱାର୍କସର ଉପାଧ୍ୟକ୍ଷ ବି. କୁଞ୍ଜୁକୁଞ୍ଜୁ ମୁଖ୍ୟଅତିଥି ଏବଂ ବରିଷ୍ଠ ନିର୍ଦ୍ଦେଶକ ସନ୍ଦୀପ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁରୁକୁଳ ଲାଇବ୍ରେରି ଗୃହର ନିର୍ମାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଦୟାନନ୍ଦ ଏଜୁକେଶନ ଟ୍ରଷ୍ଟ ସହ ଏକ କର୍ପୋରେଟ ସିଏସ୍ଆର ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ବଳରେ କାମ୍ବିୟମ ନେଟୱାର୍କସ ପ୍ରକଳ୍ପ ପାଇଁ ପାଣ୍ଠି ପ୍ରଦାନ କରିବା ସହ ଆଗାମୀ ୬ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଉତ୍ତମ ଶୈକ୍ଷିକ ପରିବେଶରେ ଜ୍ଞାନ ଆହରଣ କରି ଏକ ସୁଶକ୍ତ ସମାଜ ଗଠନ କ୍ଷେତ୍ରରେ ଏହି ଅନୁଷ୍ଠାନ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଶେଷରେ ଆଦର୍ଶ ଗୁରୁକୁଳର ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## 'ମାନବାଧିକାର କର୍ମୀ ସମାଜ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଇଥାନ୍ତି'



ସମ୍ମେଳନରେ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୨୭।୨ (ସୌମ୍ୟରଞ୍ଜନ ରାଉତ)**

### ଓଡ଼ିଶା ମାନବାଧିକାର ସମ୍ମେଳନ

ମାନବାଧିକାର କର୍ମୀ ସମାଜ ପରିବର୍ତ୍ତନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସେମାନଙ୍କ ନିଷ୍ଠା ଓ ଉଦ୍ୟମ ବଳରେ ବହୁ ପୀଡ଼ିତ ନ୍ୟାୟ ପାଇବାକୁ ସକ୍ଷମ ହୋଇପାରୁଛନ୍ତି ବୋଲି ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ପକ୍ଷରୁ ଗୁରୁବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ଓଡ଼ିଶା ମାନବାଧିକାର ସମ୍ମେଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ମାନବାଧିକାରର ଏକ ବିଶାଳ କ୍ଷେତ୍ର ରହିଛି। ତାକୁ ସାଧାରଣ ଲୋକେ ଜାଣିବା ଦରକାର। ଜାତୀୟ ମାନବାଧିକାର କମିଶନର ଲୋଗୋରେ ଲେଖା ରହିଛି ବା ମୂଳ ସଂଜ୍ଞା ହେଉଛି 'ସର୍ବେ ଭବନ୍ତୁ ସୁଖିନଃ'। ଏହାକୁ ପାଳନ କରିବାକୁ ହେଲେ ଆମେ ଉପାନ୍ତ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟାର ଶୁଣାଣିକରି ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରିବାର ବ୍ୟବସ୍ଥା ଆମେ କରିବାକୁ ନିଷ୍ପତ୍ତି ନେଇସାରିଛୁ। ଖୁବ୍‌ଶୀଘ୍ର ଏହା ଆରମ୍ଭ ହେବ ବୋଲି ଜଷ୍ଟିସ ଷଡ଼ଙ୍ଗୀ କହିବା ସହ ମାନବାଧିକାର କର୍ମୀଙ୍କ ନିଷ୍ଠାକୁ ପ୍ରଶଂସା କରିଥିଲେ। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଅଧ୍ୟକ୍ଷ ମନୋଜ ଜେନା ସଭାପତିତ୍ୱ କରି ଉପସ୍ଥିତ ମାନବାଧିକାର କର୍ମୀଙ୍କୁ ତୃଣମୂଳ ସ୍ତରରେ ଘଟୁଥିବା ମାନବାଧିକାର ଉଲ୍ଲଂଘନ ଘଟଣାକୁ ସାମ୍ନାକୁ ଆଣି ପୀଡ଼ିତଙ୍କୁ ନ୍ୟାୟ ଦେବାପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନ ଭଳି ବର୍ତ୍ତମାନ ମଧ୍ୟ ସାଧାରଣ ଲୋକଙ୍କୁ ମାନବାଧିକାର ପ୍ରଦାନ ପାଇଁ ଆମକୁ ମାନବାଧିକାର ସ୍ୱାଧୀନତା ଆନ୍ଦୋଳନ ଜାରି ରଖିବାକୁ ପଡିବ ବୋଲି କହିଥିଲେ। ଜାତୀୟ ମାନବାଧିକାର ଆୟୋଗ ଗଠନର ୩୦ବର୍ଷ ମଧ୍ୟରେ ସମୁଦାୟ ୨୨.୪୮ ଲକ୍ଷ ମାମଲା ଦାୟର ହୋଇ ୨୨.୪୧ କେସ୍ ଫଇସଲା ହୋଇ ମୋଟ ୨୩୦ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ରାଶି କ୍ଷତିପୂରଣ ଦିଆଯାଇଛି। ଓଡ଼ିଶାରୁ ପାଖାପାଖି ୯୦ ହଜାରରୁ ଉର୍ଦ୍ଧ୍ୱ ମାମଲା ଦାୟର ହୋଇଥିବା କହିଥିଲେ। ଏହି ଅବସରରେ ସେ ଜଷ୍ଟିସ ଷଡ଼ଙ୍ଗୀଙ୍କ ନିକଟରେ ମାନବାଧିକାର କର୍ମୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ, ମାନବାଧିକାର କର୍ମୀଙ୍କୁ ସମ୍ମାନ ପ୍ରଦାନର ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଶିକ୍ଷା ବ୍ୟବସ୍ଥାରେ ମାନବାଧିକାର ପାଠ୍ୟକ୍ରମର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଥିଲେ। ସାମ୍ବାଦିକ ରବି ଦାସ କହିଲେ, ମାନବାଧିକାର କ୍ଷେତ୍ରରେ ନ୍ୟାୟ ପାଇଥିବା ଅନେକ ଉଦାହରଣ ସମ୍ପର୍କିତ ସନ୍ଦର୍ଭକୁ ପୁସ୍ତକ ମାଧ୍ୟମରେ ସମସ୍ତ ପଞ୍ଚାୟତ ଓ ସହରାଞ୍ଚଳ ଲୋକ ପ୍ରତିନିଧିଙ୍କୁ ବ୍ୟାପକ ସଚେତନତା କରାଇପାରିଲେ ସେମାନେ ମଧ୍ୟ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଦକ୍ଷ ହୋଇ ସହାୟକ ହୋଇପାରିବେ। ପୂର୍ବତନ ମହିଳା ଆୟୋଗ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି କହିଲେ, ଲକ୍ଷ ଲକ୍ଷ ମହିଳା ନିଖୋଜ ହେବା ଏକ ବଡ଼ ସମସ୍ୟା। ମାନବାଧିକାର କମିଶନ ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ପାଇଁ ସରକାରଙ୍କୁ ସୁପାରିସ କରିବାକୁ ସେ ଅନୁରୋଧ କରିଥିଲେ।

## ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟର ପ୍ରତିଷ୍ଠା ଦିବସ

**ଟାଙ୍ଗୀ, ୨୭।୨ (ରଘୁନାଥ ସାହୁ)**

ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟର ୬୭ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସୁଶାନ୍ତ କୁମାର ଦାଶ ଯୋଗଦେଇଥିଲେ। ଏହି ଅବସରରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସରୁ ଅବସର ନେଇଥିବା ଡା.ପ୍ରଭାତ କୁମାର ସାହୁ, ସେବିକା ରଞ୍ଜିତା ମହାନ୍ତି, ଉତ୍ତମ ନୃତ୍ୟ ପରିବେଷଣ ପାଇଁ ଚାନ୍ଦପୁରର ଦୁଇଟି ଘରୋଇ ଅନୁଷ୍ଠାନ ସହ ହସ୍ପିଟାଲର ୪ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା.ପ୍ରତାପ କୁମାର ଚିନରା ବିବରଣୀ ପାଠ କରିଥିଲେ। ଖାଉଟି ଅଦାଲତର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର ଏବଂ ସାମାଜିକ କର୍ମୀ ବାବୁଲାଲ ଅଗ୍ରୱାଲ ଚାନ୍ଦପୁର ସ୍ୱାସ୍ଥ୍ୟ ନିବାସକୁ ଏକ ମେଡିକାଲ କଲେଜରେ ପରିଣତ କରିବା ପାଇଁ ଦାବି ରଖିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେଡିକାଲର ଅଧୀକ୍ଷକ ଡା.ତ୍ରିଲୋଚନ ବାରିକ ଅନୁପସ୍ଥିତ ରହିଥିବାରୁ ବାଚସ୍ପତି ପାଢ଼ୀ ବିରକ୍ତି ପ୍ରକାଶ କରିବା ସହ ଏହି ଚିକିତ୍ସାଳୟକୁ ମେଡିକାଲ କଲେଜରେ ପରିଣତ କରିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଆଇନ ସଚେତନତା ଶିବିର




ଶିବିରରେ ଉପସ୍ଥିତ ଅତିଥି ଏବଂ ଆଇନଜୀବୀ।

**ଖୋର୍ଦ୍ଧା, ୨୭।୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା କୋର୍ଟ ତାଲୁକ ଆଇନସେବା ପକ୍ଷରୁ ସ୍ଥାନୀୟ ବଣିଆଟାଙ୍ଗୀସ୍ଥିତ ଏକ ଘରୋଇ କଲେଜରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଥମ ଅତିରିକ୍ତ ଜିଲାଜଜ୍ ରଞ୍ଜୁଲତା ଲେଙ୍କା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍ ସୁଷମା ସ୍ୱାଇଁ ସିଭିଲ ଜଜ୍ (ବରିଷ୍ଠ) ରାଜେଶ ରୋଶନ ନନ୍ଦ, ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ସଂଗ୍ରାମ ବଡ଼ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ମହିଳାମାନେ କିଭଳି ଯୌନ ଶୋଷଣର ଶିକାର ହେଉଛନ୍ତି, ତା'ର ନିରାକରଣ ନେଇ ଆଇନରେ କ'ଣ ବ୍ୟବସ୍ଥା ରହିଛି ତାହା ପିଲାମାନଙ୍କୁ ବକ୍ତାମାନେ ବୁଝାଇଥିଲେ। ଶେଷରେ ବ୍ରଜ ମୋହନ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ବସନ୍ତ ଶତପଥୀ ସଂଯୋଜନା କରିଥିଲେ। କଲେଜ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ୪ ରେଳ କର୍ମଚାରୀ ସମ୍ମାନିତ



ଅତିଥିଙ୍କ ଗହଣରେ ସମ୍ମାନିତ ରେଳ କର୍ମଚାରୀମାନେ।

**ଭୁବନେଶ୍ୱର, ୨୭।୨ (ଅନୁରାଧା ମହାରଣା)**

କର୍ତ୍ତବ୍ୟ ସମୟରେ ଅସାଧାରଣ କାର୍ଯ୍ୟଦକ୍ଷତା, ସଚେତନତା, ସତର୍କତା ଏବଂ ତତ୍ପରତା ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ୪ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଆୟୋଜିତ ସମାରୋହରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ପ୍ରମୁଖ ନିରାପତ୍ତା ଅଧିକାରୀଙ୍କ ଉପସ୍ଥିତିରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ କୋରାପୁଟ ଷ୍ଟେଶନର ବରିଷ୍ଠ ସହାୟକ ଲୋକୋ ପାଇଲଟ ମୁଖରାଜ ମୀନା, ଟିମିଡିପାଲି ଷ୍ଟେଶନର ଗ୍ୟାଙ୍ଗ୍ ନମ୍ବର ୧୦ର ଟ୍ରାକ୍ ମେଣ୍ଟେନର-୪ ସିଙ୍ଗାମପାଲି ଭେଙ୍କଟ କ୍ରିଷ୍ଣା, ଆରଣ୍ଡ ଷ୍ଟେଶନର ଟ୍ରାଫିକ ପଏଣ୍ଟସମ୍ୟାନ ରମେଶ ମହାନନ୍ଦ ଏବଂ ସିମାଞ୍ଚଳମ୍ ଷ୍ଟେଶନର ବରିଷ୍ଠ ଗୁଡ୍‌ସ ଟ୍ରେନ ମ୍ୟାନେଜର ଚାଲୁମୁରି ରମଣା ନାଇଡ। ଏହି ଅବସରରେ ଫୁଙ୍କୱାଲ କହିଛନ୍ତି, ପ୍ରତ୍ୟେକ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତତା ଯାତ୍ରୀ ସୁରକ୍ଷା ଓ ଦକ୍ଷ ଟ୍ରେନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କାର୍ଯ୍ୟକ୍ଷେତ୍ରରେ ସମସ୍ତ ରେଳ କର୍ମଚାରୀ ଏମାନଙ୍କ ଭଳି ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ।

## 'ରାଜ୍ୟ ସରକାର ଅନୁସୂଚିତ ବର୍ଗଙ୍କୁ ଅଣଦେଖା କରୁଛନ୍ତି'

**ଭୁବନେଶ୍ୱର, ୨୭।୨ (ବନ୍ଦନା ସେଠୀ)**

### ରାଜଭବନ ସମ୍ମୁଖରେ ଧାରଣା ଦେବ ମୂଳନିବାସୀ ୟୁନାଇଟେଡ୍ ଫୋରମ

ରାଜ୍ୟରେ କ୍ରମାଗତ ଭାବେ ଅନୁସୂଚିତ ବର୍ଗଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ସମ୍ବେଦନଶୀଳ ଘଟଣାର ସମାଧାନ ପାଇଁ ବାରମ୍ବାର ରାଜ୍ୟ ସରକାର ଏବଂ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ହୋଇପାରୁ ନ ଥିବା ମୂଳନିବାସୀ ୟୁନାଇଟେଡ୍ ଫୋରମ ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁବାର ବୁଦ୍ଧମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଅଭିଯୋଗ କରିବା ସହ ରାଜ୍ୟରେ ଆଦିବାସୀ ସରକାର ମୂଳନିବାସୀଙ୍କ ସାମ୍ବିଧାନିକ ଅଧିକାର ଓ ନ୍ୟାୟ ବିରୋଧରେ ରହିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କହିଛନ୍ତି। ଏଥିସହ ସମସ୍ତ ସ୍କୁଲରେ ଏକ ପ୍ରକାର ସିବିଏସ୍‌ଇ ପାଠ୍ୟକ୍ରମ ସହ ସିଲାବସ୍‌ରେ ସମ୍ବିଧାନ ଓ ଆମ୍ବେଦକରଙ୍କ ବିଷୟରେ ପଢାଯିବା ଲାଗି ବ୍ୟବସ୍ଥା କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏନେଇ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସମ୍ମିଳନୀରେ ସ୍ଥିର ହୋଇଛି।

ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା କହିଛନ୍ତି, ୧୯୮୨ରୁ ଚନ୍ଦକା ଡମପଡାକୁ ଅଭୟାରଣ୍ୟ ଭାବେ ସରକାର ଘୋଷଣା କରିଥିଲେ ହେଁ ଏଠାରେ ପିଢ଼ି ପରେ ପିଢ଼ି ବସବାସ କରୁଥିବା ଢୋଲକାଠ, ନୂଆକୂଅ, ବେହେଣ୍ଟାସାହି, ପିଠାଖିଆ ଏବଂ ଡାଆଣିଗାଡ଼ିଆ ଆଦି ୫ଖଣ୍ଡ ଗ୍ରାମର ଆଦିମ ଅଧିବାସୀଙ୍କୁ ଏଯାବତ୍ ଅନ୍ୟତ୍ର ଥଇଥାନ କରିବାରେ ସଫଳ ହୋଇନାହାନ୍ତି। ଖୋର୍ଦ୍ଧା ଜିଲା ନିଜିଗଡ଼ ତାପଙ୍ଗ ବାଘଟାଙ୍ଗୀ ଗ୍ରାମର ଭୂମିହୀନ ଆଦିବାସୀ ପ୍ରଜାଙ୍କ ଜୀବନଜୀବିକା ପାଳନ୍ତିଥିବା କାଜୁ ଜଙ୍ଗଲ କାଟି ପଥର ଖନନ ବନ୍ଦ କରିବା, ଖୋର୍ଦ୍ଧା ଜିଲା ଦଧିମାଛଗାଡ଼ିଆ ଗ୍ରାମ ନିକଟ 'ମାଣ୍ଡିଆ ତଇଲା' ପାହାଡ଼ରେ ଡିନାମାଇଟ୍ ବିସ୍ଫୋରଣ ବନ୍ଦ କରିବା, ଗଞ୍ଜାମ ଜିଲାର ଜଗନ୍ନାଥ ପ୍ରସାଦ ତୁଲଡ଼ି, ଯାଜପୁର ଜିଲାର ବ୍ୟାସନଗର ଚୂନଭାଟି ପ୍ଲଟ୍‌ରୁ ଘର ଭଙ୍ଗା, ଦାନଗଦୀ ଉଛବାଲିରେ ଆଦିବାସୀଙ୍କୁ ବିସ୍ଥାପିତ, ଘରୋଇ ଶିଳ୍ପସଂସ୍ଥା ଓ ଠିକା ଏଜେନ୍ସିରେ ଆଦିବାସୀ ଓ ଦଳିତମାନଙ୍କୁ ୪୦% ଭାଗ ସ୍ଥାନ ସଂରକ୍ଷଣ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ସଙ୍ଗଠନର ଇନ୍ଦ୍ରଜିତ୍ ବିଡ଼ିକା, ଦୈତାରୀ ନାୟକ, ପ୍ରକାଶ ନାୟକ, ପ୍ରଦ୍ୟୁମ୍ନ ନାୟକ, ସୁପ୍ରଭା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବତତ୍ତ୍ୱ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

**ଖୋର୍ଦ୍ଧା, ୨୭।୨ (ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ପରିସରରେ ପ୍ରତିଷ୍ଠିତ ଭକ୍ତେଶ୍ୱର ମହାଦେବଙ୍କୁ ମହାଶିବରାତ୍ରି ଉପଲକ୍ଷେ ଅଭିଷେକ କରାଯାଇ ଶିବମହିମା କୀର୍ତ୍ତନ କରାଯାଇଥିଲା। ସଂଘ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ଶିବତତ୍ତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖି କହିଥିଲେ, ବୈଷ୍ଣବ ମତରେ ଭଗବାନ ଶିବ ହେଉଛନ୍ତି ପରମ ବୈଷ୍ଣବ। ସେ ସର୍ବଦା ରାମ ନାମ ପଞ୍ଚମୁଖରେ କୀର୍ତ୍ତନ କରନ୍ତି। ମହାଦେବଙ୍କ ବିଭୁକୃପା ବିନା ଶ୍ରୀବିଷ୍ଣୁଙ୍କୁ ପ୍ରାପ୍ତ ଅସମ୍ଭବ। ଏହି ଅବସରରେ ଭାଗବତ, ରାମଚରିତ ମାନସ, ଚୈତନ୍ୟ ଭାଗବତରୁ ଆଲୋଚନା କରିଥିଲେ। ଶ୍ରୀଲିଙ୍ଗରାଜଙ୍କ ସ୍ତୁତି ପାଠ କରାଯାଇଥିଲା। ଏଥିରେ ବୋଧାୟନ ମହାରାଜ, ବ୍ରଜ ବାବା, ନାରାୟଣ ପଣ୍ଡା, ଗୋପବନ୍ଧୁ ପଣ୍ଡା, ଜଗଦୀଶ ପଟ୍ଟନାୟକ, ବନ୍ଦିତା ରାଣୀ ପଟ୍ଟନାୟକ, କାଦମ୍ବିନୀ ସାମନ୍ତରାୟ, ସନ୍ତୋଷୀ ସାହୁ, ଯୋଗେଶ୍ୱର ସିଂହ ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ପରିଚାଳନା କରିଥିଲେ।

## ୟୁଜିସି ଟିଠା ରେଗୁଲେଶନ ପ୍ରତ୍ୟାହାର ଦାବିରେ ଧାରଣା

**ଭୁବନେଶ୍ୱର, ୨୭।୨ (ସୁଚିସ୍ମିତା ସାହୁ)**

### ରାଜ୍ୟପାଳଙ୍କୁ ଭେଟିଲେ ଏଆଇଏସ୍‌ଇସି ପ୍ରତିନିଧି

ୟୁଜିସି ଟିଠା ରେଗୁଲେଶନ ୨୦୨୫ ପ୍ରତ୍ୟାହାର ସହିତ ୪ବର୍ଷିଆ ଡିଗ୍ରୀ କୋର୍ସ ବାତିଲ କରିବା ଏବଂ ଖାଲି ପଡିଥିବା ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ ଦାବିରେ ଗୁରୁବାର ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି (ଏଆଇଏସ୍‌ଇସି) ଓଡ଼ିଶା ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି। ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକରେ ଥିବା ୨୦୦୩ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୧୩୦୭ ପଦବୀ ଖାଲି ପଡିଥିବା ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ପିଲାଙ୍କ ପାଠପଢ଼ାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା। ସରକାର ଏସବୁ ପଦବୀ ପୂରଣ ନ କରି ଓଲଟା ୪ବର୍ଷିଆ ଡିଗ୍ରୀ କୋର୍ସ ଲାଗୁ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ ବୋଲି ବକ୍ତାମାନେ କହିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟରେ ଶିକ୍ଷା ବହିର୍ଗତ ବ୍ୟକ୍ତିଙ୍କୁ ଶିକ୍ଷାନୁଷ୍ଠାନର କୁଳପତି କରିବା ସହିତ ଚୟନ ପ୍ରକ୍ରିୟାକୁ କେନ୍ଦ୍ର ସରକାର ନିଜ ହାତକୁ ନେବାକୁ ସେମାନେ ଦୃଢ ବିରୋଧ କରିଥିଲେ। ଅଧ୍ୟାପକ, ପ୍ରଫେସର ନିଯୁକ୍ତି ପାଇଁ ପୂର୍ବରୁ ଥିବା ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରିବା ଦ୍ୱାରା ନିମ୍ନ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିବିଶେଷ ନିଯୁକ୍ତି ପାଇବେ, ଯାହାଦ୍ୱାରା ପାଠପଢ଼ା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ। ସେହିପରି ଦେଶ ସାରା ଲକ୍ଷାଧିକ ଅଧ୍ୟାପକ ପଦବୀ ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟରେ ଖାଲି ପଡିଛି। କଣ୍ଟ୍ରାକ୍ଟୁଆଲ ନିଯୁକ୍ତିରେ ପାଠପଢା ଚାଲିଛି। ତେଣୁ ଉଚ୍ଚଶିକ୍ଷାକୁ ଏଭଳି ମାରାତ୍ମକ ଆକ୍ରମଣରୁ ବଞ୍ଚାଇବା ପାଇଁ ଏଆଇଏସ୍‌ଇସିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକ, ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ସମ୍ପାଦକ ସୁବାସ ନାୟକଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଧାରଣାରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ସୁଧୀର ପଟ୍ଟନାୟକ, ଆଡ୍‌ଭୋକେଟ ବିଶ୍ୱପ୍ରିୟ କାନୁନ୍‌ଗୋ, ପ୍ରଫେସର ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା, ପିତା: କୃଷ୍ଣ ଚନ୍ଦ୍ର ବେହେରା, ୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା), ପିତା: ଭରତ ବେହେରା / ଗ୍ୟାରେଣ୍ଟିଦାତା: ଲିଲି ବେହେରା, ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | କୃଷ୍ଣ ଚନ୍ଦ୍ର ବେହେରା, ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

**ଏସ୍‌ସିବି ମେଡିକାଲ: ରିଂରୋଡ୍ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତ ହେବ**

କଟକ,(ଶିକ୍ଷା ପ୍ରିୟଦର୍ଶନୀ): ଏସ୍‌ସିବି ମେଡିକାଲର ମଙ୍ଗଳାବାଗ ଗେଟ୍ ନିକଟରୁ ରିଂରୋଡ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତ ହେବ। ଏଥିପାଇଁ ଏସ୍‌ସିବିର ମଙ୍ଗଳାବାଗ ଗେଟ୍‌ରୁ ରିଂରୋଡ ପର୍ଯ୍ୟନ୍ତ ଥିବା ରାସ୍ତାର ବାମ ପାର୍ଶ୍ୱ ଜମି ଅଧିଗ୍ରହଣ କରାଯିବ। ଉକ୍ତ ରାସ୍ତା ଦେଇ ୬୩ ଡିସିମିଲ ବେସରକାରୀ ଜମି ରହିଛି। ଉକ୍ତ ଜମି ଅଧିଗ୍ରହଣ ବାବଦକୁ ଜମି ମାଲିକଙ୍କୁ ସରକାରଙ୍କ ପକ୍ଷରୁ ୩କୋଟି ୬୬ ଲକ୍ଷ ୬୮ ହଜାର ୬୧୪ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏକ ଚିଠିରୁ ଜଣାପଡିଛି।

# ବ୍ୟାଟେରି ଗାଡ଼ି ମିଳିଲାନି, ଷ୍ଟ୍ରେଚରରେ ବୁହାହେଲେ ରୋଗୀ

**କଟକ,୨୭।୨(ଶିକ୍ଷା ପ୍ରିୟଦର୍ଶିନୀ)**

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ଏପରି କି ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ବ୍ୟବସ୍ଥା କରୁଛନ୍ତି। ତଥାପି ଅଧିକାଂଶ ସମୟରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁନାହିଁ। ଏଭଳି ଅବ୍ୟବସ୍ଥା ଗୁରୁବାର ଏସ୍‌ସିବି ମେଡିକାଲରେ ଦେଖିବାକୁ ମିଳିଛି। ବ୍ୟାଟେରି ଗାଡ଼ି ସୁବିଧା ନ ମିଳିବାରୁ ରୋଗୀଙ୍କୁ ସମ୍ପର୍କୀୟମାନେ ଷ୍ଟ୍ରେଚରରେ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ବୋହି ନେଇଥିଲେ।

ସୂଚନା ଅନୁଯାୟୀ, ଯାଜପୁର ରୋଡ଼ ଅଞ୍ଚଳର ବାପୁନି ପୃଷ୍ଟି ଗୁରୁତର ହୋଇ ୩ ଦିନ ହେବ ଏସ୍‌ସିବି ମେଡିକାଲର ଅର୍ଥୋପେଡିକ୍ ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ବାମ ପଟ ଗୋଡ଼ରେ ଆଘାତ ହେବାରୁ ଚାଲିବା କଷ୍ଟକର ହୋଇପଡ଼ିଥିଲା। ଡାକ୍ତରଙ୍କ



ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି।

ପରାମର୍ଶ ମୁତାବକ ଏକ୍ସ-ରେ ଆବଶ୍ୟକ କରୁଥିବାବେଳେ ରଞ୍ଜନରଶ୍ମୀ ବିଭାଗକୁ ନେବା ପାଇଁ ତାଙ୍କ ସମ୍ପର୍କୀୟ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ। ପ୍ରାୟ ଦୁଇଘଣ୍ଟା ପରେ ବ୍ୟାଟେରି ଗାଡ଼ି ପହଞ୍ଚି ବାପୁନିଙ୍କୁ ଅର୍ଥୋପେଡିକ୍ ବିଭାଗରୁ ନେଇ ରଞ୍ଜନରଶ୍ମି ବିଭାଗରେ ଛାଡ଼ିଥିଲା। ସେଠାରେ ଏକ୍ସ-ରେ କରିବା ପରିବର୍ତ୍ତେ କାଜୁଆଲ୍‌ଟିକୁ ନେବା ପାଇଁ ସେଠାକାର କର୍ମଚାରୀ କହିଥିଲେ। ରଞ୍ଜନରଶ୍ମି ବିଭାଗରୁ ବାପୁନିଙ୍କୁ କାଜୁଆଲ୍‌ଟିକୁ ନେବା ପାଇଁ ତାଙ୍କ ସମ୍ପର୍କୀୟ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ଗାଡ଼ି ଆସି ନ ଥିଲା। ଫଳରେ ତାଙ୍କ ସମ୍ପର୍କୀୟମାନେ ମେଡିକାଲରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟଙ୍କୁ ସାହାଯ୍ୟ ମାଗି ଷ୍ଟ୍ରେଚରରେ ବୋହି କାଜୁଆଲ୍‌ଟିକୁ ନେଇଥିଲେ।

**ଏସ୍‌ସିବି ମେଡିକାଲ**

ଅପରପକ୍ଷରେ ମେଡିକାଲରେ ୧୫ଟି ବ୍ୟାଟେରି ଗାଡ଼ି ରୋଗୀସେବାରେ ନିୟୋଜିତ ରହିଛି। ହେଲେ ଏହା ରୋଗୀଙ୍କ ଆବଶ୍ୟକତା ପୂରଣ କରିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଆଉ ୨୫ଟି ବ୍ୟାଟେରି ଗାଡ଼ି ଆଣିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ବ୍ୟବସ୍ଥା କରିଛନ୍ତି। କିଛିଦିନ ତଳେ ସାଇକେଲରେ ରୋଗୀ ବୁହା ହେବା ଘଟଣା ନଜରକୁ ଆସିବା ପରେ ମେଡିକାଲରେ ବ୍ୟାଟେରି ଗାଡ଼ି ପରିଚାଳନା କରୁଥିବା କର୍ମଚାରୀଙ୍କୁ ମେଡିକାଲ କର୍ତ୍ତୃପକ୍ଷ ତାଗିଦା କରିଥିଲେ। ଏପରି କି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ, ସେ ନେଇ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଦିନ କେଇଟା ପରେ ପୁଣି ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏନେଇ ମେଡିକାଲ କୁଳସଚିବ ସୁବାସ ରାଏଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଦେଢ଼ଘଣ୍ଟା ପରେ ମା'ବାପାଙ୍କୁ ଫେରିପାଇଲେ ଆକାଶ


ଏସ୍‌ସିବି ମେଡ଼ିକାଲ ସୁରକ୍ଷା କର୍ମୀ ଶିଶୁକୁ ପଚରାଉଚରା କରୁଛନ୍ତି।

**କଟକ,୨୭।୨(ଶିକ୍ଷା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲର କାଜୁଆଲ୍‌ଟି ସମ୍ମୁଖରେ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏକୁଟିଆ ବସି ରହିଥିବା ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ଆକାଶ ପ୍ରଧାନ(୭)ଙ୍କୁ ମେଡିକାଲ କର୍ମଚାରୀ ଓ ସୁରକ୍ଷା କର୍ମୀ ଉଦ୍ଧାର କରି ତାଙ୍କ ମା'ବାପାଙ୍କ ପାଖରେ ଛାଡ଼ିଛନ୍ତି। ସେମାନଙ୍କର ଏଭଳି କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ବଡ଼ଚଣା ଅଞ୍ଚଳର ଲକ୍ଷ୍ମୀ ପ୍ରଧାନ ୩ ଦିନ ହେବ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ମେଡିକାଲର ରଞ୍ଜନରଶ୍ମି ବିଭାଗକୁ ପରୀକ୍ଷା ପାଇଁ ସ୍ୱାମୀ ଓ ଦୁଇ ପିଲାଙ୍କ ସହ ସେ ଯାଉଥିଲେ। ଏହି ସମୟରେ ତାଙ୍କର ୪ ବର୍ଷର ସାନପୁଅକୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଗୋଡ଼ରେ ଆଘାତ ଲାଗିବାରୁ କାଜୁଆଲ୍‌ଟିରେ ତାଙ୍କର ଚିକିତ୍ସା କରାଇବା ପରେ ଲକ୍ଷ୍ମୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିଜର ପରୀକ୍ଷା କରାଇବା ପାଇଁ ଯାଇଥିଲେ। ହେଲେ ଅନ୍ୟମନସ୍କ ହୋଇ ତାଙ୍କ ବଡ଼ପୁଅ ଆକାଶଙ୍କୁ କାଜୁଆଲ୍‌ଟି ସମ୍ମୁଖରେ ଛାଡ଼ି ଚାଲି ଯାଇଥିଲେ। ପୂର୍ବାହ୍ନ ୧୦ଟାରୁ ଆକାଶ ସେଠାରେ ଅପେକ୍ଷା କରିଥିଲେ। ହେଲେ ମା'ବାପା ନ ଆସିବାରୁ ସେ ଭୟଭୀତ ହୋଇ ପଡ଼ିଥିଲେ। ଦୀର୍ଘ ସମୟ ଲକ୍ଷ୍ୟ କରିବା ପରେ ସେଠାରେ ଥିବା ଲୋକମାନେ ଆକାଶଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏହି ଶିଶୁପୁତ୍ରକୁ କେହି ଛାଡ଼ି ଚାଲିଯାଇଥିବା ଖବର ଚାରିଆଡ଼େ ବ୍ୟାପିଯିବା ପରେ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। ମେଡିକାଲର ୩ ଜଣ ସୁରକ୍ଷାକର୍ମୀ ସେଠାରେ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ ଆକାଶଙ୍କୁ ତାଙ୍କ ମା'ବାପାଙ୍କ ବିଷୟରେ ପଚାରିଥିଲେ। ପରେ ଆକାଶ ନିଜ ପାଖରେ ଥିବା ଦୁଇଟି ଆଧାର କାର୍ଡ ସେମାନଙ୍କୁ ଦେଇଥିଲେ। ସେଥିରେ ଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରିବାରୁ ତାହା ଆକାଶଙ୍କ ମା'ବାପାଙ୍କର ନୁହେଁ ବୋଲି ଜଣାପଡ଼ିଥିଲା। ଫଳରେ ଆକାଶଙ୍କୁ ସ୍ଥାନୀୟ ଫାଣ୍ଡିକୁ ନେବାବେଳେ ମେଡିକାଲର ଜଣେ କର୍ମଚାରୀ ତାଙ୍କୁ ପୂର୍ବରୁ ତାଙ୍କ ମା'ବାପାଙ୍କ ସହିତ ଦେଖିଥିବା ଜଣାଇଥିଲେ। ତାଙ୍କୁ ନେଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ତାଙ୍କ ମା'ବାପାଙ୍କ ନିକଟରେ ପହଞ୍ଚିଥିଲେ।

**ଏସ୍‌ସିବି ମେଡିକାଲରେ ମହାନତା ଦେଖାଇଲେ କର୍ମଚାରୀ, ସୁରକ୍ଷା କର୍ମୀ**

ଅପରପକ୍ଷରେ ସାନପୁଅ ଆହତ ହେବା ଓ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଅପେକ୍ଷା କରିବା ସହ ବଡ଼ପୁଅ ଆକାଶଙ୍କୁ ନ ପାଇ ଲକ୍ଷ୍ମୀ ଭାଙ୍ଗି ପଡ଼ିଥିଲେ। ପ୍ରାୟ ସାଢ଼େ ୧୧ଟା ସମୟରେ ମେଡିକାଲର ସୁରକ୍ଷାକର୍ମୀ ଓ କର୍ମଚାରୀ ଆକାଶଙ୍କୁ ନେଇ ତାଙ୍କ ନିକଟରେ ପହଞ୍ଚିଥିବାରୁ ଲକ୍ଷ୍ମୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୋଟିଏ ପଟେ ମେଡିକାଲର କେତେଜଣ କର୍ମଚାରୀ, ସୁରକ୍ଷାକର୍ମୀ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା ଖବର ଅନେକ ସମୟରେ ନଜରକୁ ଆସିଛି। ହେଲେ ସେଥିମଧ୍ୟରୁ କେତେଜଣ ସୁରକ୍ଷାକର୍ମୀ, କର୍ମଚାରୀଙ୍କ ଏଭଳି ସାହାଯ୍ୟ ଓ ସହଯୋଗ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## ସଂକ୍ଷେପରେ

### ୨ ବଖରା ଜଳିଗଲା

**ଖୁଣ୍ଟୁଣୀ,୨୭।୨(ସଚ୍ଚିଦାନନ୍ଦ ପଣ୍ଡା)**

ଗୁରୁଡିଝାଟିଆ ପଞ୍ଚାୟତର ସାଉରିଆ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ନାରାୟଣ ନାଏକଙ୍କ ୨ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଆସବାବପତ୍ର ପୋଡିଯାଇଛି। ନିଆଁ ଲାଗିବାବେଳେ ନାରାୟଣଙ୍କ ପରିବାର ଘରେ ନଥିଲେ। ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳାଇ ଏକ ସିମେଣ୍ଟ କମ୍ପାନୀର ଅଗ୍ନିଶମ ଭ୍ୟାନ୍‌କୁ ଡାକି ନିଆଁକୁ ଆୟତ୍ତ କରିଥିଲେ।

### ଧାର୍ମିକ ସ୍ଥଳରେ ଚାବି ପକାଇବାକୁ ନେଇ ବିବାଦ

**କଟକ ସଦର,୨୭।୨(ସୁଶାନ୍ତ କୁମାର ଜେନା)**

୪୨ ମୌଜା ଥାନା ଅନ୍ତର୍ଗତ ରାଉତରାପୁର ଗ୍ରାମର ଏକ ଧାର୍ମିକ ସ୍ଥଳରେ ଚାବି ପକାଇବାକୁ ନେଇ ଗୁରୁବାର ବିବାଦ ଉପୁଜିଥିଲା। ସକାଳେ ଧାର୍ମିକ ସ୍ଥଳର କେୟାରଟେକର ଚାବି ପକାଇ ବାହାରକୁ ଯାଇଥିଲେ। ହେଲେ ଅନ୍ୟ ଲୋକମାନେ ଏହାକୁ ବିରୋଧ କରିଥିଲେ, ଯାହାକୁ ନେଇ ଠେଲାପେଲା ହୋଇଥିଲା। ସମ୍ପୃକ୍ତ କେୟାରଟେକରଙ୍କ ପକ୍ଷରୁ ଥାନାରେ ଏନେଇ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା(ନଂ.୬୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାର ଆପୋସ ସମାଧାନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି।

### ପୂର୍ବତନ କର୍ପୋରେଟର ମହମ୍ମଦ ଆୟୁବଙ୍କ ପରଲୋକ

**କଟକ,୨୭।୨(କାର୍ତ୍ତିକ ସାହୁ)**



କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଗତ ୩୩ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ଡ. ମହମ୍ମଦ ଆୟୁବଙ୍କର ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କାବୁ ଭାଇ ନାମରେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଖବରପାଇ ସିଏମ୍‌ସି ମେୟର ସୁବାସ ସିଂ ତାଙ୍କ ବାସଭବନରେ ପହଞ୍ଚି ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ମେୟରଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୁବଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ଶୋକସଭା ହୋଇଥିଲା। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ ରାଉତ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ, ଏ. ଶ୍ରୀଦେବୀ, ମୋନାଲିସା ଦାସ, କର୍ପୋରେଟର ବିକାଶ ରଞ୍ଜନ ବେହେରା ଓ ରବିନାରାୟଣ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ପଦ୍ମଭୂଷଣ ମନୋଜ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଓ କଥାକାର ଦେବବ୍ରତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଧବଳେଶ୍ୱର ପୀଠରୁ ଚୋରି, ୨ ମହିଳା ଗିରଫ

**ଖୁଣ୍ଟୁଣୀ,୨୭।୨(ସଚ୍ଚିଦାନନ୍ଦ ପଣ୍ଡା)**

ଚୋରି ଅଭିଯୋଗରେ ଗୁରୁଡ଼ିଝାଟିଆ ପୋଲିସ ୨ ଜଣ ମହିଳାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଜସ୍ଥାନର ଗସଙ୍ଗା ବେନ୍ ଗୋସାଇ ଓ ଗୁଜରାଟର ମଙ୍ଗଳା। ସୂଚନା ଅନୁଯାୟୀ, ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠରେ ବୁଧବାର ଜାଗରଯାତ୍ରାବେଳେ ଭିଡ଼ର ସୁଯୋଗ ନେଇ କଟକର ସୁଚିତ୍ରା ସାହୁଙ୍କ ଭ୍ୟାନିଟ୍ ଭିତରୁ ଏକ ମନିପର୍ସକୁ ୨ ଅଭିଯୁକ୍ତା ମହିଳା ନେଇ ପଳାଉଥିଲେ। ଏହି ସମୟରେ ସୁଚିତ୍ରା ପାଟି କରିବାରୁ ସେଠାରେ ଥିବା ଲୋକମାନେ ସମ୍ପୃକ୍ତା ମହିଳା ଦ୍ୱୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସେମାନଙ୍କଠାରୁ ମନିପର୍ସରେ ଥିବା ୮୦୦ ଟଙ୍କା, ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୭/୨୫) ରୁଜୁ ହୋଇଛି।

# ହାତୀକୁ ଦେଖି ଗଛ ଉପରେ ଚଢ଼ିଗଲେ ୨ ବାଇକ୍ ଆରୋହୀ

**ଖୁଣ୍ଟୁଣୀ, ୨୭।୨(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ବନାଞ୍ଚଳରେ ଏବେ ହାତୀଙ୍କ ଦୌରାତ୍ମ୍ୟ ବଢ଼ିଛି। ଗୁରୁବାର ସନ୍ଧ୍ୟା ୬ଟାରେ ହାତୀ ହାବୁଡ଼ରୁ ୨ ଜଣ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୋଳଥପଙ୍ଗି ଗ୍ରାମର ଅମରେନ୍ଦ୍ର ରାଉତ ଓ ତାଙ୍କ ଶଳୁ ଗଣେଶ ପ୍ରଧାନ ଏକ ବାଇକ୍‌ରେ ଡେରା ଗ୍ରାମରୁ କୋଳଥପଙ୍ଗି ଗ୍ରାମକୁ ଆସୁଥିଲେ। ଏହି ସମୟରେ ଡେରା-ମସ୍ଥପୁର ରାସ୍ତାର ଏକ ହର୍ବାଲ ଗାର୍ଡେନ ସମ୍ମୁଖରେ ହଠାତ୍ ଜଙ୍ଗଲ ମଧ୍ୟରୁ ୨ଟି ହାତୀ ରାସ୍ତା ଉପରକୁ ପଳାଇ ଆସିଥିଲେ। ହାତୀକୁ ଦେଖି ସେମାନେ ଭୟଭୀତ ହୋଇ ପାଖରେ ଥିବା ଏକ ଗଛ ଉପରକୁ ଚଢ଼ି ଯାଇଥିଲେ। ପରେ ଅମରେନ୍ଦ୍ର ଏ ସମ୍ପର୍କରେ ମୋବାଇଲ ଯୋଗେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କୁ ଜଣାଇଥିଲେ। ସାହୁ ତୁରନ୍ତ ଫରେଷ୍ଟର ସରୋଜ ପଣ୍ଡା, ପ୍ରମୋଦ ସେନାପତିଙ୍କ ସହ ହାତୀ ଘଉଡାଳିଙ୍କୁ ନେଇ ସେଠାରେ ପହଞ୍ଚିଥିଲେ। ବାଣ ଓ ସାଉଣ୍ଡ ଦେଇ ହାତୀକୁ ଘଉଡାଇବା ପରେ ଗଛ ଉପରୁ ଦୁହିଁଙ୍କୁ ଉଦ୍ଧାର କରି ଘରେ ଛାଡ଼ିଥିଲେ। ସେହିପରି ବୁଧବାର ରାତିରେ ଡେରା ଗ୍ରାମର ପ୍ରତାପ ସ୍ୱାଇଁ କାମ ସାରି ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ହର୍ବାଲ ଗାର୍ଡେନ ନିକଟରେ ଏକ ଦନ୍ତାହାତୀ ରାସ୍ତା ଉପରକୁ ଆସୁଥିବା ଦେଖି ପ୍ରତାପ ଭୟରେ ଜଙ୍ଗଲ ଭିତରକୁ ପଳାଇଥିଲେ। ବନ ବିଭାଗ ଉକ୍ତ ସାଇକେଲ ଉଦ୍ଧାର କରି ତାଙ୍କୁ ଫେରାଇଥିଲା। ତେବେ ରିପୋର୍ଟ ଲେଖାହେବା ବେଳକୁ ବନ ବିଭାଗ କର୍ମଚାରୀ ୨ଟି ଭ୍ୟାନ୍‌ରେ ପାଟ୍ରୋଲିଂ କରୁଥିବା ଜଣାପଡିଛି।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ କୋର୍ଟ ଚାଲାଣ

**ଚୌଦ୍ୱାର,୨୭।୨(ଆଶୁତୋଷ ଦାସ)**

ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ପାଇକରାପୁର ଗ୍ରାମର ଅଭୟ କୁମାର ଦାସ(୪୪)। ପୋଲିସ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ନାବାଳିକା ଜାଗରଯାତ୍ରା ଦେଖିବାକୁ ମନ୍ଦିରକୁ ଯାଇଥିଲେ। ସେ ଏକୁଟିଆ ଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ନିକଟସ୍ଥ ଏକ ନିକାଞ୍ଚନ ଜାଗାକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୭/୨୫) ରୁଜୁ କରିଥିଲା।

# ବିଜ୍ଞାନ ସୋସାଇଟିର ବାର୍ଷିକ ଉତ୍ସବ

**କଟକ,୨୭।୨(ଶିକ୍ଷା ପ୍ରିୟଦର୍ଶିନୀ)**

ଖ୍ରୀଷ୍ଟ କଲେଜରେ ବିଜ୍ଞାନ ସୋସାଇଟିର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଏହାକୁ ଉଦ୍‌ଘାଟନ କରି ବିଜ୍ଞାନର ଅଗ୍ରଗତି ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ପ୍ରଫେସର ଡା. ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଦେବାଶିଷ ମହାପାତ୍ର ଯୋଗଦେଇଥିଲେ। ବିଜ୍ଞାନ ସୋସାଇଟିର ସଦସ୍ୟ ଡ. ସ୍ୱାତି ମହାନ୍ତି, ଅଧ୍ୟାପିକା ମିତାଞ୍ଜଳି ଜେଠୀ, ଅଧ୍ୟାପିକା ରଚିତା ସାନ୍ତରା, ଅଧ୍ୟାପକ ସତ୍ୟବ୍ରତ ମିଶ୍ର, ଶୁଭାଶିଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ସୋସାଇଟିର ଆବାହକ ଡ. ଆଲୋକ ମିଶ୍ର ଅତିଥି ପରିଚୟ ଏବଂ ଡ. ଆନନ୍ଦିନୀ ରାଉତ ଧନ୍ୟବାଦ ଦେଇଥିଲେ।

# 'ସ୍ମାର୍ଟ କୃଷିକୁ ଆଗକୁ ବଢ଼ାଇବ ୫ଜି ସମର୍ଥିତ ଜଳବାୟୁ'

**କଟକ,୨୭।୨(କାର୍ତ୍ତିକ ସାହୁ)**

ସ୍ମାର୍ଟ କୃଷି ସ୍ଥାୟିତ୍ୱ ଏବଂ ସ୍ଥିରତା ପାଇଁ କୃଷି-ପରିବେଶକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ। ବାସ୍ତବରେ ସ୍ମାର୍ଟ କୃଷିକୁ ୫ଜି ସମର୍ଥିତ ଜଳବାୟୁ ହିଁ ଆଗକୁ ବଢ଼ାଇବ ବୋଲି କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଆୟୋଜିତ ୩ ଦିନିଆ ପୂର୍ବାଞ୍ଚଳ ଆଞ୍ଚଳିକ କୃଷିମେଳାର ଗୁରୁବାର ପ୍ରଥମ ଦିନରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ପ୍ରଥମ ଦିନର କାର୍ଯ୍ୟକ୍ରମରେ ଧାନ-ଆଧାରିତ କୃଷି ପ୍ରଣାଳୀରେ ଜଳବାୟୁ-ସ୍ମାର୍ଟ ସମାଧାନକୁ ପ୍ରୋତ୍ସାହିତ କରିବା ଉପରେ ବ୍ୟାବହାରିକ ଆଲୋଚନା ହୋଇଥିଲା। ଲାଇଭ ପ୍ରଦର୍ଶନ ଏବଂ ପାରସ୍ପରିକ କ୍ରିୟାଶୀଳ ଅଧିବେଶନରେ ଅଂଶଗ୍ରହଣକାରୀ ଚାଷୀମାନଙ୍କୁ ଏ ସଂକ୍ରାନ୍ତରେ ବିଶେଷଜ୍ଞ ଅବଗତ କରାଇଥିଲେ। ୫ଜି-ସକ୍ଷମ ଡିଜିଟାଲ ଉପକରଣ, ଠିକ୍ କୃଷି କୌଶଳ, ଜଳବାୟୁ-ପ୍ରତିରୋଧୀ ଫସଲ କିସମ ଏବଂ ସ୍ମାର୍ଟ ଜଳସେଚନ ବ୍ୟବସ୍ଥା ସହିତ ଚାଷୀମାନେ ପରିଚିତ ହୋଇଥିଲେ। ଏହି କୌଶଳ ପ୍ରୟୋଗ ଦ୍ୱାରା ଚାଷୀମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ



କୃଷିମେଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

ହ୍ରାସ କରିବା ସହ ଧାନ ଉତ୍ପାଦନକୁ ବୃଦ୍ଧି କରିପାରିବେ। ସେହିପରି ଅନ୍ୟ ଏକ ଅଧିବେଶନରେ ଚାଷୀମାନେ ବୈଜ୍ଞାନିକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଆଧୁନିକ କୃଷି ପଦ୍ଧତି ଏବଂ ଏହି କ୍ଷେତ୍ରରେ ଆହ୍ୱାନଗୁଡ଼ିକ ଉପରେ ଚାଷୀମାନେ ପଚାରିଥିବା ବିଭିନ୍ନ ପ୍ରଶ୍ନର ସମାଧାନ ବିଶେଷଜ୍ଞମାନେ କରିଥିଲେ।

ଏହି ଅବସରରେ ପ୍ରଦର୍ଶନୀ ଷ୍ଟଲଗୁଡ଼ିକରେ ଅତ୍ୟାଧୁନିକ କୃଷି ସାମଗ୍ରୀ, ଯନ୍ତ୍ରପାତି, ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା ଏବଂ ମାର୍କେଟିଂ ଆଦିର ସମାଧାନ ସୂତ୍ର ପ୍ରଦର୍ଶିତ ହୋଇଥିଲା। ଏହା ଚାଷୀଙ୍କୁ ଦକ୍ଷତା ଏବଂ ଲାଭ ବୃଦ୍ଧି କରିପାରୁଥିବା ଉପକରଣଗୁଡ଼ିକର ପ୍ରତ୍ୟକ୍ଷ ଅନୁଭବ ପ୍ରଦାନ କରିଥିଲା। ମେଳାରେ ସ୍ପଟ୍ କୁଇଜ୍ କାର୍ଯ୍ୟକ୍ରମ ଜରିଆରେ ପୁରସ୍କାର ପାଇବା ଉପସ୍ଥିତ ଲୋକଙ୍କୁ ସକ୍ରିୟ ଅଂଶଗ୍ରହଣ କରି ଜ୍ଞାନପ୍ରାପ୍ତି ପାଇଁ ଉତ୍ସାହିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ଉଚ୍ଚ ଉତ୍ପାଦନ ଏବଂ ଲାଭଦାୟକତା ପାଇଁ ପୁନର୍ଜନ୍ମ କୃଷିରେ ନବସୃଜନ ଶୀର୍ଷକ ଏକ ଜାତୀୟ

**ପୂର୍ବାଞ୍ଚଳ ଆଞ୍ଚଳିକ କୃଷି ମେଳା ଆରମ୍ଭ**

ସେମିନାର ଆୟୋଜିତ ହୋଇଥିଲା। ଭୁବନେଶ୍ୱରର ଭାରତୀୟ ଜଳ ପରିଚାଳନା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅର୍ଜାମଦତ୍ତ ଷଡ଼ଙ୍ଗୀ ଯୋଗଦେଇ କୃଷକ-ଅନୁକୂଳ ୫ଜି ପ୍ରଯୁକ୍ତିବିଦ୍ୟା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରକଳ୍ପ ଏବଂ ମାର୍କେଟିଂ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡ. ରବୀନ୍ଦ୍ର ସାହୁ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସମ୍ଭାବନା ଏବଂ ପଦକ୍ଷେପ ଉପରେ ବକ୍ତୃତା ଦେଇଥିଲେ। କୃଷକଙ୍କ ଆୟ ବୃଦ୍ଧି ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ପାଇଁ ମୂଲ୍ୟ ବୃଦ୍ଧି, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ବଜାର ସଂଯୋଗୀକରଣର ଗୁରୁତ୍ୱ ଉପରେ ସେ ବିଶେଷ ଆଲୋଚନା କରିଥିଲେ। କୃଷି ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ କୃଷି ପଦ୍ଧତିରେ ଉନ୍ନତି ଅନୁସନ୍ଧାନ କରିବାକୁ ଆଗ୍ରହୀ ହୋଇ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ଚାଷୀ, ଗବେଷକ, ନୀତି ନିର୍ଦ୍ଧାରକ, କୃଷି-ଉଦ୍ୟୋଗୀ ଏବଂ ଶିଳ୍ପ ବିଶେଷଜ୍ଞମାନେ ବହୁ ସଂଖ୍ୟାରେ ଯୋଗଦେଇଛନ୍ତି।

# ମୋ ବସ୍ ପଛରେ ପିଟିହେଲା ଅଟୋ, ଚାଳକ ଗୁରୁତର

**କଟକ,୨୭।୨(କାର୍ତ୍ତିକ ସାହୁ)**

ପୁରୀଘାଟ ଥାନା ନିକଟସ୍ଥ ଗଣେଶଘାଟ ସମ୍ମୁଖ ରାସ୍ତାରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ମୋ ବସ୍‌ରେ ପଛରେ ଏକ ଅଟୋ ପିଟି ହୋଇଯାଇଛି। ଅଟୋର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଉପରତେଲେଙ୍ଗାବଜାର ବୁରୁଜସାହିର ବୃନ୍ଦାବନ ଦାସ(୩୮)। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁସାରେ, ମୋ ବସ୍‌ଟି ଜିଲାପାଳଙ୍କ କାର୍ଯ୍ୟାଳୟ ଗଡ଼ା ପାଖରୁ କେତେଜଣ ଯାତ୍ରୀଙ୍କୁ ଧରି ଦ୍ରୁତଗତିରେ ଖାନ୍‌ନଗର ମଲାଚଣ୍ଡିଆ ଛକ ଆଡକୁ ଆସୁଥିଲା। ଏହା ପଛରେ ଅଟୋଟି ମଧ୍ୟ ଆସୁଥିଲା। କୌଣସି କାରଣ ପାଇଁ ମୋ


ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଅଟୋ, ମୋ ବସ୍।

ବସ୍ ଚାଳକ ଗଣେଶଘାଟ ସମ୍ମୁଖରେ ବ୍ରେକ୍ ଦେଇ ହଠାତ୍ ବସ୍‌କୁ ଅଟକାଇଥିଲେ। ଫଳରେ ପଛରେ ଆସୁଥିବା ଅଟୋ ଭାରସାମ୍ୟ ହରାଇ ସେଥିରେ ପିଟି ହୋଇଯାଇଥିଲା। ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୁରୀଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଦୁର୍ଘଟଣାଗ୍ରସ୍ତ ଅଟୋକୁ ଥାନାରେ ରଖାଯାଇଛି। ରିପୋର୍ଟ ଲେଖାଯିବାବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, **୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: |

କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

# ଭାର୍ଗବୀ ନଦୀରୁ ନାବାଳକଙ୍କ ମୃତଦେହ ଜବତ

ବଲଙ୍ଗା,୨୭।୨(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ନିକଟ ମାଟି ସାହି ଗ୍ରାମ ପାଖ ଭାର୍ଗବୀ ନଦୀରୁ ଗୁରୁବାର ପୋଲିସ ଜଣେ ନାବାଳକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଚନ୍ଦ୍ରାଦେଇପୁର ବିଶ୍ୱାଳସାହି ଗ୍ରାମର ବଳରାମ ବିଶ୍ୱାଳଙ୍କ ମାନସିକ ବିକାରଗ୍ରସ୍ତ ପୁଅ ଶିବପ୍ରସାଦ ବିଶ୍ୱାଳ (୧୩)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଶିବପ୍ରସାଦ ବୁଧବାର ମଧ୍ୟାହ୍ନରେ ଘରୁ ଦାଣ୍ଡକୁ ଯାଇ କୁଆଡ଼େ ନିଖୋଜ ହୋଇଯାଇଥିଲେ। ଗୁରୁବାର ପୂର୍ବାହ୍ନରେ ଗାଁ ଲୋକେ ଶୌଚ ହେବାକୁ ନଦୀକୁ ଯାଇଥିବାବେଳେ ଶିବପ୍ରସାଦଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପୋଲିସ ସେଠାରେ ପହଞ୍ଚିଥିଲା।

# ଘରେ ବିସ୍ଫୋରଣ, ୨ ପିଲା ଗୁରୁତର

## ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ କୁମାରବସ୍ତ ଗ୍ରାମରେ ଗୁରୁବାର ବାଣ ବିସ୍ଫୋରଣ ଘଟି ୨ଜଣ ପିଲା ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜଟଣୀ ବେଲପଡ଼ା ଗ୍ରାମର ଦେବେନ୍ଦ୍ର ମହାପାତ୍ର ଓରଫ ସାଇ(୯) ଏବଂ ନାରୁଣୀ ଥାନା ଅନ୍ତର୍ଗତ ଦେଓଗାଁର ଶୁଭସ୍ମିତା ଛାଟୋଇ(୮)। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଦ୍ୱୟଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବାଣ ବିସ୍ଫୋରଣର କାରଣ ଅସ୍ପଷ୍ଟ ରହିଛି। ପୋଲିସ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ବାଣ ବିସ୍ଫୋରଣ ଅତି ଭୟଙ୍କର ଥିଲା ବୋଲି କହିଛି।

ପୋଲିସ ସୂଚନା ମୁତାବକ, ଜାଗର ଥିବାରୁ କୁମାରବସ୍ତ ଗ୍ରାମର ତାପସ ମଙ୍ଗରାଜଙ୍କ ଭଣଜା ଓ ଭାଣିଜୀ ମାମୁଘରକୁ ବୁଲିବାକୁ ଆସିଥିଲେ। ତାଙ୍କ ତଳ ଘରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଚାଲିଛି। ଜାଗରରେ ଫୁଟାଇବା ପାଇଁ ଆସିଥିବା ବାଣକୁ ଠାକୁର ଘରେ ରଖାଯାଇଥିଲା। ଗୁରୁବାର ମଧ୍ୟାହ୍ନରେ ପିଲାମାନେ ଠାକୁର ଘର ଛାତ ବାରଣ୍ଡାରେ ଖେଳୁଥିଲେ। ଏହି ସମୟରେ ବାଣ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଠାକୁର ଘର କବାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ନିକଟରେ ଥିବା ଏକ ପ୍ଲାଷ୍ଟିକ ଜାର, ଅନ୍ୟ ସାମଗ୍ରୀ ଛିନ୍ନଛତ୍ର ହୋଇଯାଇଥିଲା। ଏହି ସମୟରେ ସେଠାରେ ଖେଳୁଥିବା ୩ଜଣଙ୍କ ଉପରେ ବାଣ ନିଆଁଝୁଲ ପଡ଼ି ସେମାନଙ୍କ ଗୋଡ଼ହାତ ପୋଡ଼ିଯାଇଥିଲା। ବାଣ ବିସ୍ଫୋରଣ ଶବ୍ଦ ଏବଂ ପିଲାଙ୍କ ଚିତ୍କାର ଶୁଣି ପରିବାର ଓ ଆଖପାଖ ଲୋକେ ଦୌଡ଼ି ଆସିଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ସେମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ଜଣଙ୍କର ଗୋଡ଼ ଏବଂ ଅନ୍ୟ ଜଣଙ୍କର ଛାତି, ପେଟ ପୋଡ଼ିଯାଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଉଭୟ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପଟେ ଜଣେ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି। ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ଗାୟତ୍ରୀ ମିଶ୍ର ପହଞ୍ଚି କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା, ଏହାର ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ବିସ୍ଫୋରଣ ସ୍ଥଳ ସ୍ଥିତି ଅନୁଧ୍ୟାନ କରିବା ସହ ପ୍ଲାଷ୍ଟିକ ଖଣ୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।




ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମେଳା ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ମିଶନ ଶକ୍ତି ମେଳା ମଞ୍ଚରେ ଗୁରୁବାର କଳାକାରମାନେ ଦାସକାଠିଆ ପରିବେଷଣ କରୁଛନ୍ତି।

# ମହିଳା ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

କଟକ,୨୭।୨(କାର୍ତ୍ତିକ ସାହୁ)

ଦରଘାବଜାର ଥାନା ଅଞ୍ଚଳର ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ମହିଳା ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଅଳକା ରଥ(୩୭)। ବେକରେ ବେଡ୍‌ଶିଟ୍ ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେ ଘର ଭିତରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏଥିସହ ଘର ଭିତରୁ ଜବତ ହୋଇଥିବା ଏକ ଡାଏରିକୁ ପୋଲିସ ଅନୁଧ୍ୟାନ କରୁଛି। ମୃତକଙ୍କ ମୋବାଇଲର କଲ୍‌ଡିଟେଲ ରେକର୍ଡ(ସିଡିଆର୍) ମଗାଯାଇଛି। ସିଡିଆର୍ ଅନୁଧ୍ୟାନ ପରେ ମୃତ୍ୟୁର ଜଣାପଡିବ ଆଇଆଇସି ରାକେଶ ବେହେରା କହିଛନ୍ତି।

ସୂଚନା ଅନୁସାରେ, ଡାକ୍ତର ଅଳକା ରଥ ଦରଘାବଜାର ଥାନା ଅନ୍ତର୍ଗତ ତିନିକୋଣିଆ ବଗିଚା ଅଞ୍ଚଳରେ ରହୁଥିଲେ। ସେ ରହୁଥିବା କୋଠାର ତଳ ମହଲାରେ ତାଙ୍କର ଏକ ଲେଡିଜ କ୍ଲିନିକ୍ ଆଣ୍ଡ୍ କେୟାର ରହିଛି। ୨୦୨୨ ମସିହାରୁ ଅଳକାଙ୍କ ବିବାହ ବିଚ୍ଛେଦ ହୋଇଥିଲା। ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅଳକା ଘର ଭିତରେ ବେକରେ ବେଡ୍‌ସିଟ୍ ବାନ୍ଧି ଫ୍ୟାନରେ ଝୁଲିପଡ଼ିଥିଲେ ବୋଲି ପରିବାର ଲୋକେ ପୋଲିସକୁ କହିଛନ୍ତି। ଅଳକାଙ୍କ ଭାଇ ସଞ୍ଜୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୦୨୫) ରୁଜୁ କରିଛି।

# ରାଜ୍ୟରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିବ ବର୍ଦ୍ଧିତ ଭତ୍ତା

ନିମାପଡ଼ା,୨୭।୨(ବିଚିତ୍ରାନନ୍ଦ ସାହୁ)

ସାରା ରାଜ୍ୟରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩ ହଜାର ୫୦୦ ଟଙ୍କା ଲେଖାଏ ବର୍ଦ୍ଧିତ ଭତ୍ତା ଯୋଗାଇ ଦିଆଯିବ। ନିମାପଡ଼ା ବ୍ଲକର ୪ ହଜାର ୫୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ଭତ୍ତା ମିଳିବ। ଗୁରୁବାର ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଭତ୍ତା ବଣ୍ଟନ ଶିବିରରେ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବୃଦ୍ଧାବୃଦ୍ଧଙ୍କ ମୁହଁରେ ହସ ଫୁଟାଇବାକୁ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଅଭିନବ ପରିକଳ୍ପନା ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟକ୍ରିଷ୍ଣା ସ୍ୱାଇଁ, ବରିଷ୍ଠ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୩୦ଟି ପଞ୍ଚାୟତର ୩୬୩ ହିତାଧିକାରୀଙ୍କ ସମେତ ୧୧୨ ଜଣ ନୂତନ ହିତାଧିକାରୀଙ୍କୁ ମିଶାଇ ମୋଟ ୪୭୫ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଭତ୍ତା ବାଣ୍ଟିଥିଲେ। ସମାରୋହରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ନିମାପଡ଼ା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା।




ନିମାପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଭତ୍ତା ବଣ୍ଟନ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଅନ୍ୟ ଅତିଥି।

# ଧରାପଡ଼ିଲେ ୨ ଗ୍ରାହକ, ରାଣୀ ମହୁମାଛି ସମେତ ୩ ମହିଳା

## ବାଦାମବାଡ଼ିରେ ସେକ୍ସ ର୍‍ୟାକେଟ ଠାବ

କଟକ,୨୭।୨(କାର୍ତ୍ତିକ ସାହୁ)

ବାଦାମବାଡ଼ି ଥାନା ଅଞ୍ଚଳର ଏକ ଭଡାଘରେ ସେକ୍ସ ର୍‍ୟାକେଟ୍ ଠାବ ହୋଇଛି। ଗୁରୁବାର ଅପରାହ୍ନରେ ପୋଲିସ ସେଠାରେ ଚଢ଼ାଉ ଦୁଇଜଣ ଗ୍ରାହକ, ସେକ୍ସ ର୍‍ୟାକେଟ ଚଳାଉଥିବା ରାଣୀ ମହୁମାଛି ସମେତ ୩ ଜଣ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହେବା ପରେ ରାଣୀ ମହୁମାଛି ଓ ଦୁଇ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଅଧିକ ପଚରାଉଚରା ପରେ ୩ ଅଭିଯୁକ୍ତଙ୍କୁ ପୋଲିସ ଧାରା ୩୫ରେ ନୋଟିସ ଦେଇ ଛାଡ଼ି ଦେଇଛି। ସେହିପରି ଉଦ୍ଧାର ଦୁଇ ମହିଳାଙ୍କୁ ପୋଲିସ ଛାଡ଼ି ଦେଇଛି।

ସୂଚନା ଅନୁସାରେ, କାଠଯୋଡ଼ି ରିଂବନ୍ଧର ଖାନ୍‌ନଗର ଜଗନ୍ନାଥ ମନ୍ଦିର ସମ୍ମୁଖ ବିକାଶ ଭବନ ଗଡ଼ାଠାରୁ କିଛି ଦୂର ଏକ ଭଡ଼ା ଘରେ ଅନୈତିକ କାରବାର ଚାଲିଥିବା ନେଇ ସ୍ଥାନୀୟ ଲୋକେ ପୋଲିସ ନିକଟରେ ଅଭିଯୋଗ କରିଆସୁଥିଲେ। ପୋଲିସ ସେହି ଭଡ଼ା ଘର ଉପରେ ନଜର ରଖିଥିଲା। ଗୁରୁବାର ଅପରାହ୍ନରେ ଉକ୍ତ ଘରେ ଏକାଧିକ ଯୁବକ ଓ ମହିଳା ଥିବା ସୂଚନା ମିଳିବା ପରେ ପୋଲିସ ଟିମ୍ ସେଠାରେ ତୁରନ୍ତ ଚଢ଼ାଉ କରିଥିଲା। ଚଢ଼ାଉବେଳେ ଘର ଭିତରୁ ଦୁଇ ଯୁବକ ଓ ଦୁଇ ମହିଳା ଅସଂଯତ ଅବସ୍ଥାରେ ଧରାପଡ଼ିଥିଲେ। ଦୁଇ ମହିଳାଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ। ଏହି ସେକ୍ସ ର୍‍ୟାକେଟ୍‌ର ରାଣୀ ମହୁମାଛି ମଧ୍ୟ ପୋଲିସ ହାତରେ ଧରାପଡ଼ିଥିଲେ। ଘର ମଧ୍ୟରୁ କିଛି ଆପତ୍ତିଜନକ ଜିନିଷ ଜବତ ହୋଇଛି। ତେବେ ସେକ୍ସ ର୍‍ୟାକେଟ୍‌ର ମୁଖ୍ୟ ସହିତ ଦୁଇ ଗ୍ରାହକ ଓ ଦୁଇ ମହିଳାଙ୍କ ଘର କଟକ ସହରରେ। ଉକ୍ତ ଦୁଇ ମହିଳାଙ୍କୁ ରାଣୀ ମହୁମାଛି ଅର୍ଥ ଲୋଭ ଦେଖାଇ ଅନୈତିକ କାର୍ଯ୍ୟରେ ସାମିଲ କରିଥିବା ତଦନ୍ତରୁ ଜଣାପଡ଼ିଛି। ବାଦାମବାଡ଼ି ଥାନା ଆଇଆଇସି ଅଜୟ ରାଉଳ କହିଛନ୍ତି, ଉକ୍ତ ଭଡ଼ା ଘର ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

METROSELFIE@GMAIL.COM



@ ଦୀପ୍ତିରଞ୍ଜନ



@ ହରନାରାୟଣ



@ ପ୍ରଶାନ୍ତ



@ ସୌମ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦନ୍ତା ମୃତ



କୁଲାଇଲୋ ବିରିବୋଲୁଅ କ୍ରଶର ପଡ଼ିଆରେ ହାତୀର ମୃତଦେହ ପଡ଼ିଛି।

ଆଠଗଡ଼,୨୭।୨(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ବନଖଣ୍ଡ ସଦର ବନାଞ୍ଚଳ ଅନ୍ତର୍ଗତ କୁଲାଇଲୋ ବିରିବୋଲୁଅ କ୍ରଶର ପଡ଼ିଆରେ ବୁଧବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ହାତୀଟି ୩୨ରୁ ୩୫ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ହାତୀର ମୃତଦେହ ପଡ଼ିଥିବା ସ୍ଥାନରୁ ପ୍ରାୟ କିଛି ଦୂରରେ ଥିବା କ୍ରଶରକୁ ଆଠଗଡ-ଖୁଣ୍ଟୁଣି ୩୩ କେଭି ଲାଇନରୁ ବିଦ୍ୟୁତ୍ ଯୋଗାଣ ପାଇଁ ୧୧ କେଭି ଲାଇନ ଟଣାଯାଇଥିବା ଜଣାପଡ଼ିଛି। ପ୍ରାୟ ୪ ବର୍ଷ ହେବ ଉକ୍ତ କ୍ରଶରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲେ ମଧ୍ୟ ୧୧ କେଭି ଲାଇନ୍ ଯାଇଥିବା ତାରକୁ ଖୋଲା ଯାଇ ନ ଥିଲା। ଏହି ତାରକୁ କେବଳ ୩୩ କେଭି ଲାଇନରୁ ବିଚ୍ଛିନ୍ନ କରି ଦିଆଯାଇଥିଲା। ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବାରୁ ଏଠାରୁ ବିଦ୍ୟୁତ୍ କଣ୍ଡକ୍ଟର ଖୋଲିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଟାଟା ପାୱାର ଓ ବନ ବିଭାଗକୁ ବାରମ୍ବାର ଦାବି କରାଯାଇଥିଲା। ଏହାସତ୍ତ୍ୱେ ଉଭୟ ବିଭାଗ ଏହାକୁ ଅଣଦେଖା କରିଥିବାରୁ ବୁଧବାର ରାତିରେ ହାତୀ ମୃତ୍ୟୁଘଟଣା ଘଟିଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। କ୍ରଶର ମଧ୍ୟକୁ ଯାଇଥିବା ୧୧ କେଭି ବିଦ୍ୟୁତ୍ କଣ୍ଡକ୍ଟରରେ ଅନାବନା ଲତାରେ ଘୋଡ଼ାଇ ଦିଆଯାଇଥିଲା ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ବୁଧବାର ବିଳମ୍ବିତ ରାତିରେ ଉକ୍ତ ଅଞ୍ଚଳ ଦେଇ ହାତୀଟି ଯାଉଥିବାବେଳେ ଲତାଗୁଡ଼ିକୁ ଖାଇବା ଲାଗି ଶୁଣ୍ଢରେ ଟାଣି ଦେଇଛି। ଫଳରେ ବିଦ୍ୟୁତ୍ ପ୍ରବାହ ହେଉଥିବା ୩୩ କେଭି ଲାଇନ କଣ୍ଡକ୍ଟରଗୁଡ଼ିକ ଟାଣି ହୋଇ ୧୧ କେଭି କଣ୍ଡକ୍ଟର ସଂସ୍ପର୍ଶରେ ଆସି ସେଥିରେ ବିଦ୍ୟୁତ୍ ପ୍ରବାହ ହୋଇଛି। ଏହି ବିଦ୍ୟୁତ୍ ସଂସ୍ପର୍ଶରେ ଦନ୍ତା ଆସିବାରୁ ତାର ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ଖବରପାଇ ଗୁରୁବାର ସକାଳୁ ଆଠଗଡ ଟାଟା ପାୱାର ଉଚ୍ଚ ଅଧିକାରୀ, ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାୟକଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଆଠଗଡ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇ ଜଙ୍ଗଲ ମଧ୍ୟରେ ପୋତି ଦିଆଯାଇଛି। ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରା, ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ଟାଟା ପାୱାର ଆଠଗଡ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ, ସହକାରୀ ବନ ସଂରକ୍ଷକ, ଖୁଣ୍ଟୁଣି ନୀଳମାଧବ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକ ପରେ ଅଗ୍ରାଧିକାର ଭିତ୍ତିରେ ଅଚଳ ଲାଇନର କଣ୍ଡକ୍ଟରଗୁଡ଼ିକୁ ଏପ୍ରିଲ ୧୫ ତାରିଖ ସୁଦ୍ଧା ଖୋଲିଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ଶେଷ ପରେ ଏହି ଘଟଣାପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖୋରା ସୂଚନା ଦେଇଛନ୍ତି।

# ମାର୍ଚ୍ଚ ୨୯ରେ ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ

ଭୁବନେଶ୍ୱର,୨୭।୨(ସତ୍ୟଜିତ୍ ରାଉତ) - ଏ ବର୍ଷ ମଧ୍ୟ ରାଜ୍ୟରେ ଓକିଲ ସଂଘ ନିର୍ବାଚନ ଗୋଟିଏ ତାରିଖରେ ହେବ। ମାର୍ଚ୍ଚ ୨୯ରେ ଏହି ନିର୍ବାଚନ କରିବାକୁ ସ୍ଥିର କରାଯାଇଛି। ନିର୍ବାଚନ ପାଇଁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି। ସଂଘ ସମ୍ପାଦକ ଦୀପକ ଦାଶ ଏନେଇ ଗୁରୁବାର ସୂଚନା ଦେଇ କହିଛନ୍ତି, ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ୍ ନିୟମ ଅନୁଯାୟୀ ରାଜ୍ୟରେ ଗୋଟିଏ ଦିନ ସବୁ ଓକିଲ ସଂଘର ନିର୍ବାଚନ ହେବ। ଏଥିପାଇଁ ମାର୍ଚ୍ଚ ୫ରୁ ୭ ଯାଏ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବ। ମାର୍ଚ୍ଚ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଗ୍ରହଣ କରାଯିବ। ୧୩ ତାରିଖରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ମାର୍ଚ୍ଚ ୨୯ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏ ନିର୍ବାଚନ କରାଯିବ। ସେହିଦିନ ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯିବ। ୪୧୦୦ରୁ ଊର୍ଦ୍ଧ୍ୱ ଭୋଟର ଏହି ନିର୍ବାଚନରେ ଅଂଶଗ୍ରହଣ କରିବେ ବୋଲି ଦୀପକ କହିଛନ୍ତି।

# ବ୍ୟବସ୍ଥିତ ଢଙ୍ଗରେ ଓମ୍‌ଫେଡ୍‌କୁ ସଶକ୍ତ କରାଯିବ: ମନ୍ତ୍ରୀ

## ଅରିଲୋ ପ୍ଲାଣ୍ଟରେ ଲାଗିଲା ସିସିଟିଭି

- କମ୍ପାନୀର ମୁଖ୍ୟଦ୍ୱାରରେ ଖୁଚୁରା ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ
- ଲାବରେଟୋରି, ଷ୍ଟାଫ କ୍ୱାର୍ଟର୍ସ, ଗେଷ୍ଟ ହାଉସ୍ ନିର୍ମାଣ ଯୋଜନା

ବାରଙ୍ଗ,୨୭।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅରିଲୋସ୍ଥିତ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଓମ୍‌ଫେଡ୍‌ରେ ଗୁରୁବାରଠାରୁ ସିସିଟିଭି କାର୍ଯ୍ୟକ୍ଷମ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ମତ୍ସ୍ୟ, ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହାସହ ଓମ୍‌ଫେଡ୍ ପକ୍ଷରୁ କମ୍ପାନୀର ମୁଖ୍ୟ ଦ୍ୱାରରେ ଏକ ଖୁଚୁରା ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ପ୍ଲାଣ୍ଟ ପରିସରରେ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୬୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଏଥିପାଇଁ ଏକ କଣ୍ଟ୍ରୋଲ ରୁମ୍ କରାଯାଇ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ କେତେ ଦୁଗ୍ଧ ଆସିଲା, କେତେ ପ୍ରକ୍ରିୟାକରଣ ହେଲା, କେଉଁ କେଉଁ ଉତ୍ପାଦ କେତେ ପ୍ରସ୍ତୁତ ହେଲା, କେତେ ବଜାରକୁ ଗଲା ଆଉ କେତେ ମହଜୁଦ ରହିଲା, କିଏ କେଉଁ କାମ କରୁଛି ଆଦି ସବୁ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖାଯିବ। ଏହାକୁ ଭୁବନେଶ୍ୱରସ୍ଥିତ ଶହୀଦନଗର ମୁଖ୍ୟାଳୟରେ ନିଜେ ପରିଚାଳନା ନିର୍ଦ୍ଦେଶକ ତଦାରଖ କରିବା ନେଇ ବ୍ୟବସ୍ଥା ହୋଇଛି। ପର୍ଯ୍ୟାୟକ୍ରମେ ସ୍ଥିତିକୁ ଦେଖି ଅଧିକ ସଂଖ୍ୟକ ସିସିଟିଭି କ୍ୟାମେରା ଲଗାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଓମ୍‌ଫେଡ୍ ପ୍ରତି ରାଜ୍ୟବାସୀଙ୍କ ଯେଉଁଭଳି ଭାବେ ଆସ୍ଥା ଓ ବିଶ୍ୱାସ ରହିଛି, ଏହାକୁ ବ୍ୟବସ୍ଥିତ ଢଙ୍ଗରେ ସଶକ୍ତ କରିବାକୁ ସମସ୍ତ ପ୍ରକାର ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ଆଗକୁ ଓମ୍‌ଫେଡ୍ କିପରି ଲୋକଙ୍କୁ ଭଲ ସେବା ଯୋଗାଇବ, ସମସ୍ତଙ୍କ ପାଖରେ ପହଞ୍ଚିପାରିବ ଏବଂ ଉତ୍ତମ ମାନର ଉତ୍ପାଦ ଏହାର ଲକ୍ଷଲକ୍ଷ ଗ୍ରାହକଙ୍କୁ ଯୋଗାଇ ଦେଇପାରିବ, ସେନେଇ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ଓମ୍‌ଫେଡ୍ ପ୍ରତ୍ୟେକ ଉତ୍ପାଦର ଗୁଣାତ୍ମକମାନରେ କୌଣସି ସାଲିସ କରିବ ନାହିଁ। ଏବେ ଜଗନ୍ନାଥଙ୍କ ମନ୍ଦିରରେ ଓମ୍‌ଫେଡ୍ ଘିଅ ଲାଗି ହେଉଛି। ଓମ୍‌ଫେଡ୍‌କୁ ସଶକ୍ତ ଏବଂ ପୁନର୍ଗଠନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆମ ସରକାର ଆସିବା ପରେ ଓମ୍‌ଫେଡ୍‌କୁ ବ୍ୟବସ୍ଥିତ ଢଙ୍ଗରେ ଗଢ଼ିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଅରିଲୋଠାରେ ଲାବରେଟୋରି, ଷ୍ଟାଫ କ୍ୱାର୍ଟର୍ସ, ଗେଷ୍ଟ ହାଉସ କରାଯିବ। ଓମ୍‌ଫେଡ୍‌ର ରାଜ୍ୟରେ ଯେଉଁ ମର୍ଯ୍ୟାଦା ରହିଛି, ତାହାକୁ ବଜାୟ ରଖିବାକୁ ଯାହା ଦରକାର ତାହା ସବୁ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ଏହି ଅବସରରେ ଓମ୍‌ଫେଡ୍‌ର ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଜେନେରାଲ ମ୍ୟାନେଜର (ଉତ୍ପାଦନ) ସୌମେନ୍ଦ୍ର ଭୌମିକ, ସହକାରୀ ପରିଚାଳକ (ଆଇଟି) ଜିତେନ୍ଦ୍ର ବରାଡ଼, ଅରିଲୋସ୍ଥିତ ପ୍ଲାଣ୍ଟ ପରିଚାଳକ, ବରିଷ୍ଠ ଅଧିକାରୀ ଓ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଓମ୍‌ଫେଡ୍‌ରେ ସିସିଟିଭି କାର୍ଯ୍ୟକ୍ଷମ ହେବାକୁ ମତ୍ସ୍ୟ, ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି।

# ବିସ୍ଥାପିତ ସମସ୍ୟା, ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବି

## ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ



**ରୋହିତ ଯୋଶେଫ୍ ତିର୍କୀ**
ବୀରମିତ୍ରପୁର (ସୁନ୍ଦରଗଡ଼)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ (ବିଜେଡି) ବିଧାୟକ ରୋହିତ ଯୋଶେଫ୍ ତିର୍କୀ। ୨୦୨୪ ନିର୍ବାଚନରେ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶଙ୍କର ଓରାମଙ୍କୁ ୬,୮୮୪ ଖଣ୍ଡ ଭୋଟରେ ପରାସ୍ତ କରି ନିର୍ବାଚିତ ହୋଇଥିଲେ। ପ୍ରଥମ ଥର ବିଧାୟକ ହୋଇଥିବା ରୋହିତଙ୍କୁ ୮୪,୧୧୬ ଖଣ୍ଡ ଭୋଟ ମିଳିଥିବା ବେଳେ ଶଙ୍କରଙ୍କୁ ୭୭,୨୩୨ଖଣ୍ଡ ଭୋଟ ମିଳିଥିଲା। ବିଜେଡି ମଧ୍ୟ ପ୍ରଥମ ଥର ପାଇଁ ଉକ୍ତ ନିର୍ବାଚନମଣ୍ଡଳୀକୁ ଦଖଲ କରିବାରେ ସଫଳ ହୋଇଛି।

ରୋହିତ ୯ ଜୁଲାଇ ୧୯୮୯ରେ ରାଉରକେଲା କୋଏଲନଗର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ଦୁଇ ଥର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍), ଥରେ ଲେଖାଏ ସ୍ୱାଧୀନ ଓ ସମତା କ୍ରାନ୍ତି ଦଳରୁ ମୋଟ ୪ଥର ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ବିଧାୟକ ହୋଇଥିବା ଜିଲାର ଟାଣୁଆ ନେତା ଜର୍ଜ ତିର୍କୀଙ୍କ ପୁଅ ରୋହିତ। ଜର୍ଜଙ୍କ ୩ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ରୋହିତ ୩ୟ। ତାଙ୍କର ଶିକ୍ଷା ରାଉରକେଲାରୁ ଆରମ୍ଭ ହୋଇଥିଲା। ସେ ହମିରପୁରସ୍ଥିତ ସେଣ୍ଟ୍ ପଲ୍ ସ୍କୁଲରୁ ୧୦ମ ଏବଂ ସେକ୍ଟର-୨ ଡିସୌଜା ସ୍କୁଲରୁ ଦ୍ୱାଦଶ ପାଠ୍ୟକ୍ରମ ଶେଷ କରିଥିଲେ। ପରେ ସେ କୋଲକାତାସ୍ଥିତ ଡନ୍ ବସ୍କୋ ଶିକ୍ଷାନୁଷ୍ଠାନରୁ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା କରିଥିଲେ। ଶିକ୍ଷା ଶେଷ ହେବା ପରେ ସେ ପିତାଙ୍କ ରାଜନୈତିକ କ୍ୟାରିୟର ଦେଖି ପ୍ରଭାବିତ ହୋଇଥିଲେ। ସେ ୨୦୧୯ରେ ସକ୍ରିୟ ରାଜନୀତିକୁ ଆସିବା ପରେ ପ୍ରଥମ କରି ଜାତୀୟ କଂଗ୍ରେସରୁ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଟିକେଟ ପାଇ ଲଢ଼ିଥିଲେ। ହେଲେ ଭାଜପା ପ୍ରାର୍ଥୀ ଶଙ୍କର ଓରାମଙ୍କଠାରୁ ସେ ପରାସ୍ତ ହୋଇଥିଲେ। ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟରତ ଥିଲେ। ବିଭିନ୍ନ ସମୟରେ ମଣିପୁର ପ୍ରସଙ୍ଗ, ସ୍ଥାନୀୟ ଶିଳ୍ପ ବୀରମିତ୍ରପୁର ଷ୍ଟୋନ୍ ଲାଇମ୍ (ବିଏସ୍ଏଲ)ରେ ସ୍ଥାନୀୟ ନିଯୁକ୍ତି ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲେ। ୨୦୨୩ରେ ରୋହିତ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିଲେ। ୨୦୨୪ରେ ବିଜେଡି ତାଙ୍କୁ ଟିକେଟ ଦେଇଥିଲା। ଇସ୍ପାତ କାରଖାନାରେ ସକ୍ରିୟ ଶ୍ରମିକ ନେତା ଭାବେ ଗାଙ୍ଗପୁର ମଜଦୁର ମଞ୍ଚ (ଜେଏମ୍ଏମ୍)ରେ ସେ କାର୍ଯ୍ୟକାରୀ ସଭାପତି ହୋଇଥିଲେ। ୨୦୨୪ରେ ତାଙ୍କ ମଞ୍ଚ ମେଣ୍ଟ କରି କାରଖାନାରେ ବିଜୟ ଲାଭ କରିଥିଲା। ପିଲାଟି ବେଳୁ ଫୁଟବଲ, ବାସ୍କେଟବଲ୍ ଓ ଅନ୍ୟ କ୍ରୀଡ଼ାରେ ତାଙ୍କର ରୁଚି ଥିଲା। ରୋହିତ ୨୦୦୮ରେ ଜାମସେଦପୁରରେ ଆୟୋଜିତ ଆଇସିଏସ୍ଇ ବୋର୍ଡ ଇଣ୍ଟର ସ୍କୁଲ ଜାତୀୟ ପ୍ରତିଯୋଗିତାରେ ହର୍ଡଲ୍ସ, ଟ୍ରିପଲ ଜମ୍ପ ଏବଂ ଫୁଟବଲ ଖେଳରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିଲେ।

ବିଧାୟକ କହନ୍ତି:

ତୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବା ତାଙ୍କର ପ୍ରଥମ ଲକ୍ଷ୍ୟ। ଆଜିକାଲିର ଯୁବପିଢ଼ି ଉଚ୍ଚଶିକ୍ଷିତ ହୋଇଥିବା ସତ୍ତ୍ୱେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ଓ ପନିପରିବା ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ବିସ୍ଥାପିତ ଓ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେବା ପାଇଁ ସେ ପ୍ରତିବଦ୍ଧ। ଆଧୁନିକ ମେଟାଲିକ୍ସକୁ ପୁନଃ କାର୍ଯ୍ୟକ୍ଷମ କରିବା, ରାଉରକେଲା ଇସ୍ପାତ କାରଖାନାରେ ନିଯୁକ୍ତି ତଥା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ କରିବା ଦିଗରେ କାର୍ଯ୍ୟ ଜାରି ରଖିବେ। ନୂଆଗାଁରେ ନୂତନ ତହସିଲ କାର୍ଯ୍ୟାଳୟ, ବିଶ୍ରା ବ୍ଲକ୍‌ର ଏକ ପଞ୍ଚାୟତରେ ହାଇସ୍କୁଲ ସ୍ଥାପନ, ସ୍ୱତନ୍ତ୍ର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସ୍ଥାପନ ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ନେଇ ବିଧାନସଭାରେ ସ୍ୱର ଉତ୍ତୋଳନ କରାଯାଇଛି, ଯାହାର ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପିତା ଜର୍ଜ ତିର୍କୀଙ୍କୁ ରୋଲ୍ ମଡେଲ୍ ଭାବେ ଗ୍ରହଣ କରିଆସିଛନ୍ତି ବୋଲି ରୋହିତ କହିଛନ୍ତି।

– ରିପୋର୍ଟ: **ସଙ୍ଗୀତା ଜେନା**
**ରାଉରକେଲା**

# ଭାଜପା ଆଡ଼େ ଢଳୁଛନ୍ତି ଉଦ୍ଧବ, ଦୂରେଇ ଯାଉଛନ୍ତି ଶିନ୍ଦେ

## ରୋଚକ ସ୍ଥିତିରେ ମହାରାଷ୍ଟ୍ର ରାଜନୀତି



ଦେବେନ୍ଦ୍ର ଫଡନବିସ



ଉଦ୍ଧବ ଠାକ୍‌ରେ



ଏକନାଥ ଶିନ୍ଦେ

ନୂଆଦିଲ୍ଲୀ, ୨୭।୨

ମହାରାଷ୍ଟ୍ରରେ ଭାଜପା, ଶିବସେନା ଏବଂ ଏନ୍‌ସିପି ଅଜିତ୍ ପାୱାରଙ୍କ ମହାଯୁତି ମେଣ୍ଟ ସରକାର ଚାଲିଛି। ଅନ୍ୟପକ୍ଷରେ ବିରୋଧୀ ମହା ବିକାଶ ଅଘାଡିରେ ଉଦ୍ଧବଙ୍କ ଶିବସେନା, କଂଗ୍ରେସ ଓ ଶରଦ ପାୱାରଙ୍କ ଏନ୍‌ସିପି ରହିଛନ୍ତି। ନୂଆ ସରକାର ଗଠନ ଦିନୁ ରାଜ୍ୟ ରାଜନୀତି ଚଳଚଞ୍ଚଳ ରହିଛି। ଏପରି କି କୌଣସି ମୁହୂର୍ତ୍ତ ବିଭିନ୍ନ ଚର୍ଚ୍ଚା ହେବାରୁ ଫିକାପଡୁନି। କେଉଁଠି ନା କେଉଁଠି ସରକାର ଭିତରେ କିମ୍ବା ବାହାରେ ଭିନ୍ନ ଭିନ୍ନ ଆଲୋଚନା ଲାଗି ରହିଛି। ସଦ୍ୟ ଘଟଣାକ୍ରମ ଦେଖିଲେ ବିରୋଧୀ ପକ୍ଷରେ ଥିବା ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ମହାଯୁତିରେ ଶିବସେନାର ଏକନାଥ ଶିନ୍ଦେ ଅସନ୍ତୁଷ୍ଟ ଥିବା ଲକ୍ଷ୍ୟକରି ଉଦ୍ଧବ ନୂଆ ଗୋଟି ଚାଳନା ଆରମ୍ଭ କରିଛନ୍ତି ବୋଲି ରାଜନୈତିକ ମହଲରେ ଫୁସୁରଫାସର ଚାଲିଛି।

ଏକଦା ଭାଜପା ସହ ଉଦ୍ଧବଙ୍କ ଶିବସେନା ମେଣ୍ଟ କରି ସରକାର ଗଠନ କରିଥିଲା। ସମୟକ୍ରମେ ଉଚ୍ଚାକାଂକ୍ଷା କରିବାରୁ ଉଦ୍ଧବ ଭାଜପାରୁ ଦୂରେଇ ଯାଇ କଂଗ୍ରେସ ସହ ମିଶି ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଥିଲେ। ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ନିଜ ଦଳକୁ ସଙ୍ଗଠିତ କରିବାରେ ବିଫଳ ହୋଇଥିଲେ। ଫଳରେ ଶିବସେନା ଭିତରେ ଫାଟ ହେଲା ଓ ଏକନାଥ ଶିନ୍ଦେଙ୍କୁ ସମର୍ଥନ ଜଣାଇ ଭାଜପା ସେଠାରେ ସରକାର ଗଢ଼ିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଦିନେ ମୁଖ୍ୟମନ୍ତ୍ରୀ ଥିବା ଦେବେନ୍ଦ୍ର ଫଡନବିସ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ଏକନାଥ ଶିନ୍ଦେଙ୍କୁ ମୁଖ୍ୟ ଚଉକିରେ ବସିବାର ସୁଯୋଗ ମିଳିଥିଲା। ୨୦୨୪ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ସର୍ବାଧିକ ଆସନ ଜିଣିବାରୁ ଦେବେନ୍ଦ୍ର ପୁନଶ୍ଚ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ସେହି ଆସନ ପାଇଁ ଭାଜପା ଓ ଶିବସେନା ମଧ୍ୟରେ ଜୋରସୋର ଟଣାଓଟରା ହୋଇଥିଲା। ଚଉକି ମୋହ ଛାଡ଼ିପାରି ନ ଥିବା ଶିନ୍ଦେ ସରକାର ଗଠନ ପାଇଁ ସବୁ କାର୍ଯ୍ୟ ଚୂଡ଼ାନ୍ତ ହେଉଥିବା ବେଳେ ନିଜ ଗାଁକୁ ଚାଲିଯାଇଥିଲେ ଓ ଅସୁସ୍ଥ ଥିବା ବିଷୟ ଜଣାଇଥିଲେ। ଶିନ୍ଦେଙ୍କ ସେତେବେଳର ଆଚରଣ ଭାଜପାକୁ ଆଦୌ ଗ୍ରହଣୀୟ ହୋଇ ନ ଥିଲା। କେବଳ ମେଣ୍ଟ ଧର୍ମକୁ ରକ୍ଷାକରି ଭାଜପା ସରକାର ଗଠନ ବେଳେ ଶିନ୍ଦେ ଏବଂ ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଆସନ ଦିଆଯାଇଥିଲା। ହେଲେ ଶିନ୍ଦେ ଅସନ୍ତୁଷ୍ଟ ଥିବା ଲକ୍ଷ୍ୟ କରାଯାଇଥିଲା। ଏଭଳି ସ୍ଥିତିରୁ ଫାଇଦା ଉଠାଇବାକୁ ଯାଇ ୨୫ ଫେବୃଆରୀରେ ଉଦ୍ଧବ ଠାକ୍‌ରେ ତାଙ୍କ ମୁଖପତ୍ର 'ସାମ୍‌ନା'ର ସମ୍ପାଦକୀୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଶିନ୍ଦେଙ୍କୁ ସମାଲୋଚନା କରିଛନ୍ତି। ଶିନ୍ଦେ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ବିଭିନ୍ନ ପ୍ରକଳ୍ପ ପାଇଁ କରିଥିବା ଫିକ୍ସିଂ ଓ ଦଲାଲି କାର୍ଯ୍ୟ ବିଷୟରେ ଏଥିରେ ଉଲ୍ଲେଖ କରିଥିଲେ।

ଦେବେନ୍ଦ୍ରଙ୍କ ସହ ଶିନ୍ଦେଙ୍କ ସମ୍ପର୍କ ଭଲ ନ ଥିବା ନିକଟରେ ଘଟିଥିବା କେତେକ ଘଟଣାରୁ ବେଶ୍ ଜଣାପଡ଼ିଛି। ୨୦୨୭ରେ ନାସିକ୍ କୁମ୍ଭମେଳା ସକାଶେ ହୋଇଥିବା ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଫଡନବିସ ଯୋଗ ଦେଇଥିବା ବେଳେ ଶିନ୍ଦେ ସେଥିରେ ଅନୁପସ୍ଥିତ ରହିବା ସରକାରରେ ସବୁକିଛି ଠିକ୍ ଚାଲିନାହିଁ ବୋଲି ବାର୍ତ୍ତା ବାହାରକୁ ଯାଇଥିଲା। ଅନ୍ୟ ଏକ ଘଟଣାରେ ଗୃହ ବିଭାଗ ଦାୟିତ୍ୱରେ ଥିବା ଫଡନବିସ ଶିବସେନାର ୨୦ ବିଧାୟକଙ୍କଠାରୁ ପୋଲିସ ସୁରକ୍ଷା ହଟାଇ ନେବା ବିଷୟ ମଧ୍ୟ ଚର୍ଚ୍ଚାକୁ ଆସିଛି।

ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ପାଇଁ ୨୦୨୪ରେ ହୋଇଥିବା ନିର୍ବାଚନରେ ଭାଜପା ଏକାକୀ ୧୩୨ ଆସନ ଜିତିଥିବା ବେଳେ ଶିବସେନା ୫୭ ଓ ଅଜିତ ପାୱାରଙ୍କ ଏନ୍‌ସିପି ୪୧ ଆସନ ଅକ୍ତିଆର କରିଥିଲେ। ଅପରପକ୍ଷରେ ବିରୋଧୀ ମହା ବିକାଶ ଅଘାଡିର ଉଦ୍ଧବଙ୍କ ଶିବସେବା ୨୦, କଂଗ୍ରେସ ୧୬ ଓ ଶରଦ ପାୱାରଙ୍କ ଏନ୍‌ସିପି ୧୦ ସିଟ୍ ପାଇଥିଲେ।

ଏବର ରାଜନୈତିକ ଆଲୋଚନାକୁ ଦେଖିଲେ ଉଦ୍ଧବ ଯଦି ବାସ୍ତବରେ ଫଡନବିସ୍‌ଙ୍କ ଆଡ଼କୁ ଯାଆନ୍ତି, ତାହା ହେଲେ ସିନ୍ଦେଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହେବ। ଗଣମାଧ୍ୟମରେ ଫଡନବିସ ଓ ସିନ୍ଦେଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଯାଇଥିବା ନେଇ ହେଉଥିବା ଆଲୋଚନାକୁ ଖୋଦ୍ ଶିନ୍ଦେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଭାଜପା ସହିତ ତାଙ୍କ ଦଳର କୌଣସି ମତଭେଦ ନାହିଁ। ପୁଣି କେନ୍ଦ୍ର ସରକାରରେ ଭାଜପାର ସିଟ୍ ସଂଖ୍ୟା କମ୍ ଥିବାରୁ ଦଳ ସହଯୋଗୀ ସଂଖ୍ୟା ବଢ଼ାଇବାକୁ ଆଶା ରଖିବା ସ୍ୱାଭାବିକ। ଏମିତି ଦେଖିଲେ ଉଦ୍ଧବ ଭାଜପାର ଦୀର୍ଘ ବର୍ଷର ମିତ୍ର ରହିଥିଲେ। ଯଦି ପରିବର୍ତ୍ତିତ ସ୍ଥିତିରେ କିଛି ନୂଆ ହେବାକୁ ଯାଉଛି, ତାହା ହେଲେ ସମୟ ଓ ସୁଯୋଗକୁ ଭାଜପା ହାତଛଡ଼ା କରିବ ନାହିଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେବେ ଆଗକୁ କ'ଣ ଘଟୁଛି ତା' ଉପରେ ଏବେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଆଜି ଯୋଗଦେବେ ନଡ୍ଡା

## ରାଜ୍ୟ ସଭାପତି ପଦକୁ ନେଇ କରିପାରନ୍ତି ଆଲୋଚନା

ଭୁବନେଶ୍ୱର/କୋଣାର୍କ, ୨୭।୨
(ସୁନିତ୍ ମିଶ୍ର/ଜ୍ୟୋତିରାଜ ମହାନ୍ତି)



ଭୁବନେଶ୍ୱର ବିମାନ ବନ୍ଦରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପାର ବରିଷ୍ଠ ନେତାମାନେ ସ୍ୱାଗତ କରୁଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗୁରୁବାର ସନ୍ଧ୍ୟାରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି କୋଣାର୍କ ଯାଇଛନ୍ତି। ସେଠାରେ ସେ ରାତ୍ରିଯାପନ କରିବେ। ଶୁକ୍ରବାରଠାରୁ ପୁରୀରେ ପ୍ରଥମ ଥର ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେଥିରେ ନଡ୍ଡା ଯୋଗଦେବେ। ସନ୍ଧ୍ୟାରେ ଭୁବନେଶ୍ୱର ଫେରି ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ବୋଲି ଦଳର ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

ନଡ୍ଡା ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ଭାଜପାର ଶତାଧିକ କର୍ମୀ ସ୍ୱାଗତ କରିବା ଲାଗି ଆଗୁଆ ପହଞ୍ଚିଥିଲେ। ପାରମ୍ପରିକ ନାଚଗୀତରେ ତାଙ୍କୁ ପାଛୋଟି ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ ସିଂ ତୋମାର, ୨ଦିନ ତଳେ ଉପମୁଖ୍ୟମନ୍ତ୍ରୀ ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ବିମାନବନ୍ଦର ଠାରେ ନଡ୍ଡାଙ୍କୁ ସ୍ୱାଗତ ଜଣାଇଥିଲେ। ତେବେ ନିକଟରେ ଦଳର ରାଜ୍ୟ ସଭାପତି ନିର୍ବାଚନ ହେବାକୁ ଯାଉଛି। ବରିଷ୍ଠ ନେତାମାନଙ୍କ କହିବାନୁଯାୟୀ, କୌଣସି ସମୟରେ ରାଜ୍ୟ ସଭାପତି ନିର୍ବାଚନ ହୋଇପାରେ। ତେବେ ନଡ୍ଡା ଶୁକ୍ରବାର ଭାଜପା ନେତାମାନଙ୍କ ବୈଠକ ଡକାଇବା ପରେ ଏନେଇ କିଛି ଚୂଡ଼ାନ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ୨ଦିନ ତଳେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ଘରେ ଭାଜପାର ଏକ ଶୀର୍ଷସ୍ତରୀୟ ସାଙ୍ଗଠନିକ ବୈଠକ ବସିଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ଚୁଗ୍ ପ୍ରମୁଖ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବୈଠକ ପରେ ଖୁବ୍‌ଶୀଘ୍ର ନୂଆ ରାଜ୍ୟ ସଭାପତି ନିଯୁକ୍ତ ହୋଇଯିବେ ବୋଲି ଚୁଗ୍ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ। ତେଣୁ ଏହାର ୨ଦିନ ପରେ ନଡ୍ଡା ଆସିବା ରାଜ୍ୟ ସଭାପତି ପଦକୁ ନେଇ ମାନସମନ୍ଥନ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ତଣ୍ଟି କାଟିଦେଲେ ବି ଭାଜପାରେ ମିଶିବିନି: ଅଭିଷେକ ବାନାର୍ଜୀ

କୋଲକାତା, ୨୭।୨ (ପି.ଟି.)



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଗୁରୁବାର ଭଙ୍ଗା ପକାଇଛନ୍ତି ତାଙ୍କ ପୁତୁରା ଅଭିଷେକ ବାନାର୍ଜୀ। ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ କହିଛନ୍ତି, ସେ ଜଣେ ଶୃଙ୍ଖଳିତ ସୈନିକ। ମମତା ହେଉଛନ୍ତି ତାଙ୍କ ନେତା। ତାଙ୍କ ତଣ୍ଟି କାଟିଦେଲେ ବି ସେ ଟିଏମ୍‌ସିଠାରୁ ପୃଥକ ହୋଇ ଭିନ୍ନ ରାଜନୈତିକ ଦଳ ଗଢ଼ିବେ ନାହିଁ କିମ୍ବା ଭାଜପାରେ ମିଶିବେ ନାହିଁ। ନିର୍ବାଚନ ପାଖେଇ ଆସିଲେ ବିରୋଧୀ ଦଳଗୁଡ଼ିକ ଏଭଳି ଅପପ୍ରଚାର କରିଥାନ୍ତି। ନିକଟରେ ଟିଏମ୍‌ସିର ସାଙ୍ଗଠନିକ କାର୍ଯ୍ୟକ୍ରମଗୁଡ଼ିକରେ ଅଭିଷେକଙ୍କ ଅନୁପସ୍ଥିତିକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।

# ଲିଙ୍ଗରାଜ ମନ୍ଦିରରେ ସେବାୟତ ଆହତ ଘଟଣାକୁ ନେଇ ରାଜନୀତି

ଭୁବନେଶ୍ୱର, ୨୭।୨ (ସୁନିତ୍ ମିଶ୍ର)

- ତ୍ରୁଟି ପାଇଁ ସରକାର ଦାୟୀ: ଭକ୍ତ ଦାସ
- ଠାକୁରଙ୍କ ନୀତିରେ ତ୍ରୁଟି ରହିବାରୁ ଏପରି ଘଟୁଛି: ଅନନ୍ତ
- ଠାକୁରଙ୍କୁ ନେଇ ରାଜନୀତି ଠିକ୍ ନୁହେଁ: ବାବୁ ସିଂ

ମହାଶିବରାତ୍ରିରେ ଲିଙ୍ଗରାଜ ମନ୍ଦିର ଉପରକୁ ମହାଦୀପ ଉଠିବା ସମୟରେ ସେବାୟତ ଯୋଗେନ୍ଦ୍ର ସମର୍ଥ ତଳକୁ ଖସିପଡିବା ଘଟଣାକୁ ନେଇ ରାଜ୍ୟ ରାଜନୈତି ଜୋର୍ ଧରିଛି। ଏହି ଘଟଣାରେ ବିରୋଧୀ ରାଜ୍ୟ ସରକାରଙ୍କୁ ଦୋଷ ଦେବା ଆରମ୍ଭ କରିଛନ୍ତି। ଅନ୍ୟପଟେ ଶାସକ ଦଳ ସଦସ୍ୟ କିନ୍ତୁ ପାଲଟା ଏହି ଘଟଣାକୁ ନେଇ ବିଜେଡି ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି। ବୁଧବାର ରାତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାପିଟାଲ ହସ୍ପିଟାଲ ଯାଇ ଆହତ ସେବାୟତଙ୍କୁ ଭେଟିଥିବା ବେଳେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ତାଙ୍କୁ ସାକ୍ଷାତ କରିଛନ୍ତି।

ଭକ୍ତ ଚରଣ ଦାସ ଆହତ ସେବାୟତଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏଭଳି ଅଘଟଣ ଘଟିବା ଦୁଃଖଦାୟକ। ଭୁବନେଶ୍ୱରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ବିଶ୍ୱବିଖ୍ୟାତ। ଏଣୁ ମୁଖ୍ୟମନ୍ତ୍ରୀ ନିଜେ ଏହି ଘଟଣାର ଗୁରୁତ୍ୱ ଉପଲବ୍ଧିକରି ତୁରନ୍ତ ତଦନ୍ତ କରିବା ଆବଶ୍ୟକ। ପୁରୀ ରଥଯାତ୍ରାରେ ପ୍ରଭୁ ବଳଭଦ୍ର ପଡ଼ିଯାଇଥିଲେ। ମାତ୍ର ସରକାର ସେ ଉପରେ କ'ଣ ତଦନ୍ତ କଲେ ତାହା ଏପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ଲିଙ୍ଗରାଜଙ୍କ ସେବକ ଯୋଗେନ୍ଦ୍ର ବାବୁ ୩୦ ବର୍ଷ ଧରି ଏହି କାର୍ଯ୍ୟ କରୁଥିଲେ। ମାତ୍ର କ'ଣ ଅବ୍ୟବସ୍ଥା ହେଲା ଯାହାଫଳରେ ସେ ପଡ଼ିଗଲେ। ଅଭିଯୋଗ ହେଉଛି, ସେ ଯେଉଁ ଶିଡ଼ିରେ ଯାଉଥିଲେ ସେଥିରେ ବାଲି ଦିଆଯାଏ, ଯାହାଫଳରେ ତେଲ ଲାଗିଲେ ମଧ୍ୟ ଖସୁ ନ ଥିଲା। ମାତ୍ର ଏଥର ବାଲି ଦିଆଯାଇ ନାହିଁ। ଏହି ତ୍ରୁଟି ପାଇଁ ସରକାର ଦାୟୀ ଏବଂ ଆହତ ଯୋଗେନ୍ଦ୍ର ସମର୍ଥଙ୍କୁ ସରକାର କ୍ଷତିପୂରଣ ବାବଦକୁ ଅର୍ଥ ବ୍ୟବସ୍ଥା କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

ବିଜେଡି ବିଧାୟକ ଅନନ୍ତ ଜେନା କହିଛନ୍ତି, ପୁରୀ ରଥଯାତ୍ରା ସମୟରେ ବଳଭଦ୍ର ପଡ଼ିଯିବା ଘଟଣା ଠାରୁ ଏହା ଆରମ୍ଭ ହୋଇଥିଲା, ଏବେ ଲିଙ୍ଗରାଜଙ୍କ ମନ୍ଦିରରେ ତ୍ରୁଟି ଦେଖିବାକୁ ମିଳିଛି। କିଛି ଠାକୁରଙ୍କ ନୀତିରେ ତ୍ରୁଟି ରହିବା ଯୋଗୁ ଏଭଳି ଘଟଣା ଘଟୁଛି। ତେଣୁ ଆଗକୁ ଏନେଇ ସଜାଗ ରହିବାର ଆବଶ୍ୟକତା ଥିବା ଅନନ୍ତ କହିଛନ୍ତି।

ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ଏହି ଘଟଣାକୁ ନେଇ ରାଜନୀତି କରିବା ଠିକ୍ ନୁହେଁ। ପ୍ରଭୁଙ୍କ ଆଶୀର୍ବାଦରୁ ବଡ଼ ଅଘଟଣ ଘଟିନାହିଁ। ମେୟର ଦ୍ୱିପ୍ରହର ସମୟରେ ଯେତେବେଳେ ଭିତରକୁ ଯିବାକୁ ଅନୁରୋଧ କଲେ ତାଙ୍କୁ ମନା କରିଥିଲେ। ପ୍ରବଳ ଗହଳ ହୋଇଥିବା ଯୋଗୁ ଭିତରକୁ ଯିବା ଠିକ୍ ହେବ ନାହିଁ ବୋଲି କହିଥିଲେ। ମନ୍ଦିର ଚାରିପଟେ ବୁଲି କେଉଁଠି ଅସୁବିଧା କ'ଣ ରହିଛି ତାହା ଦେଖି ଏହାର ସମାଧାନ କରିବାକୁ ଚେଷ୍ଟା କରିବା ବୋଲି କହିଥିଲେ। ଘଣ୍ଟାଏ ଧରି ମେୟର, ଜିଲାପାଳ, ଡିସିପି ମଧ୍ୟ ସେଠାରେ ବସିଥିଲେ। ଯାହା ତ୍ରୁଟି ରହିଥିଲା ସେନେଇ ସେଠାରେ ଆଲୋଚନା, ପର୍ଯ୍ୟାଲୋଚନା ହୋଇପାରିଥାଆନ୍ତା। ଯଦି ମେୟର ଭାବୁଥିଲେ କେଉଁଠି ଭୁଲ୍ ରହିଛି ବୋଲି ତେବେ ଜଣାଇପାରିଥାଆନ୍ତେ। ମେୟର କ'ଣ ପ୍ରଶାସନର ପାର୍ଟ ନୁହନ୍ତି କି ବୋଲି ବାବୁ ସିଂ ପ୍ରଶ୍ନ କରିଛନ୍ତି।

# ଏମ୍‌ପି, ବିଧାୟିକାଙ୍କ ମଧ୍ୟରେ କଥା କଟାକଟି

**ଧାନ କଟ୍‌ନି ଛଟନିକୁ ନେଇ ଦଶରଥପୁର ପଞ୍ଚାୟତ ସମିତି ବୈଠକରେ ଉତ୍ତେଜନା**

ଦଶରଥପୁର/ ଝୁମ୍ପୁରୀ, ୨୭।୨
(ସୁଶାନ୍ତ କୁମାର ବେହୁରିଆ/ ସରୋଜ ନାୟକ):



ବୈଠକରେ ଏମ୍‌ପି ଏବଂ ବିଧାୟିକାଙ୍କ ମଧ୍ୟରେ ହଟ୍ଟଗୋଳ ଚାଲିଛି।

ଯାଜପୁର ଜିଲା ଦଶରଥପୁର ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ପରିଷଦ ବୈଠକ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ ହୋହଲ୍ଲା ଓ ହଟଗୋଳ ହୋଇଛି। ଧାନ କଟ୍‌ନି ଛଟନିକୁ ନେଇ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ମଧ୍ୟରେ କଥା କଟାକଟି ହୋଇଛି। ପରେ ଉତ୍ତେଜନା ପ୍ରକାଶ ପାଇଛି। ଏଥିରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନଷ୍ଟ ହେବାପରେ ପ୍ରକୃତ ପ୍ରସଙ୍ଗ ଆଲୋଚନା ହୋଇ ନ ପାରି ବୈଠକ ଶେଷ ହୋଇଛି।

ବିଡିଓ ଆକାଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ବିଜେଡିର ୩ ଜିଲା ପରିଷଦ ସଭ୍ୟାଙ୍କ ସହ ୩୫ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ।

ପ୍ରଥମରୁ ଏଜେଣ୍ଡାରେ ଥିବା ପ୍ରସଙ୍ଗକୁ ଛାଡ଼ି ଧାନ କଟ୍‌ନି ଛଟନିକୁ ନେଇ ବିଧାୟିକା ପ୍ରମିଳା ମଲ୍ଲିକ ଏମ୍‌ପିଙ୍କୁ ପ୍ରଶ୍ନ ପଚାରିଥିଲେ। ତେବେ ଅଭିଯୋଗ ଆସିଲେ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏମ୍‌ପି କହିବା ସହ ଆମ ଦଳର ଏଠି ବିଧାୟକ ନ ଥିବାରୁ ଦଳ ଏଠାରେ ଧାନ କିଣାରେ କେହି ମୁଣ୍ଡ ଖେଳାଉ ନ ଥିବା ଉତ୍ତର ରଖିଥିଲେ। ଏହାପରେ ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଧାୟିକା ପ୍ରମିଳାଙ୍କ ସହ ଯାଜପୁର ବିଧାୟିକା ସୁଜାତା ଏହାକୁ ବିରୋଧ କରିଥିଲେ। ସେମାନେ କହିଥିଲେ, ଏମ୍‌ପି ଭାବେ ସବୁ ଚାଷୀଙ୍କର ସ୍ୱାର୍ଥ ରକ୍ଷା କରିବା ତାଙ୍କର କର୍ତ୍ତବ୍ୟ। ହେଲେ ବିଧାୟକ ନ ଥିବାରୁ କର୍ତ୍ତବ୍ୟ ଭୁଲି ଏପରି କଥା କହିବା ଆଦୌ ସମୀଚୀନ ନୁହେଁ ବୋଲି କହି ପ୍ରତିବାଦ କରିଥିଲେ। ଏହି ସମୟରେ ୬ ନମ୍ବର ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ୭ ନମ୍ବର ଜିଲା ପରିଷଦ ସଭ୍ୟା ନୀନାରାଣୀ ସାମଲ, ୫ ନମ୍ବର ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ବିରୁହାଁ ସମିତିସଭ୍ୟ ଲକ୍ଷ୍ମୀକାନ୍ତ ସାମଲ, ସୁସୁଆ ସରପଞ୍ଚ ବୃନ୍ଦାବନ ସାମଲ, ଚଷାଖଣ୍ଡ ସରପଞ୍ଚ ପ୍ରତିଭା ମଲ୍ଲିକ, ବିରଜାପୁର ସରପଞ୍ଚ ନିରାକାର ସାହୁ ପ୍ରମୁଖ ହଠାତ୍ ଏମ୍‌ପି ବସିଥିବା ପୋଡିୟମ ନିକଟକୁ ଆସି ପ୍ରତିବାଦ କରିବା ସହ ତାଚ୍ଛଲ୍ୟ କରି ବିଭିନ୍ନ ପ୍ରକାର ଭାଷା ପ୍ରୟୋଗ କରିଥିଲେ। ଏପରି ହଟଗୋଳ ଦୃଶ୍ୟକୁ ବିଧାୟିକା ବିରୋଧ କରିବା ପରିବର୍ତ୍ତେ ଉପଭୋଗ କରୁଥିବାବେଳେ ଅନ୍ୟ ସରପଞ୍ଚ, ସମିତି ସଭ୍ୟମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଘଟଣାକୁ ଦେଖୁଥିଲେ। ଉତ୍ତେଜିତ ସଦସ୍ୟଙ୍କ ସହ ଏମ୍‌ପିଙ୍କ କଥା କଟାକଟି କିଛିସମୟ ଚାଲିବା ପରେ କେତେଜଣ ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ୍ କର୍ମଚାରୀ ବୁଝାଶୁଝା କରି ଉତ୍ତେଜିତ ଥିବା ସଭ୍ୟମାନଙ୍କୁ ନିଜ ଆସନକୁ ନେଇ ବସାଇଥିଲେ। ମାତ୍ର ଅଳ୍ପସମୟ ପାଇଁ ବୈଠକ ଅନୁଷ୍ଠିତ ହୋଇ ଶେଷ ହୋଇଥିଲା।

# ବିଜେଡି ନେତାଙ୍କୁ ଦେଖି ମଞ୍ଚରୁ ପଳାଇଲେ ମହାଲିଙ୍ଗ

ଲୋଇସିଂହା, ୨୭।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାନଟିକା ଜଳେଶ୍ୱର ପୀଠରେ ଶିବରାତ୍ରି ମେଳା ମହାସମାରୋହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହେଲେ ସନ୍ଧ୍ୟାରେ ଉକ୍ତ ପୀଠରେ ଆୟୋଜିତ ଜଳେଶ୍ୱର ମହୋତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ନ ଦେଇ ଫେରିଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଜଳେଶ୍ୱର ମହୋତ୍ସବକୁ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ନିମନ୍ତ୍ରିତ ହୋଇଥିଲେ। କିନ୍ତୁ ମହୋତ୍ସବ ମଞ୍ଚରେ କେବଳ ବିଜେଡିର ଅତିଥି ଉପସ୍ଥିତ ଥିବା ଏବଂ ମୁଖ୍ୟଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ଆସନ ଖାଲି ନ ଥିବାରୁ ମନ୍ତ୍ରୀ ମହାଲିଙ୍ଗ ଅସନ୍ତୋଷ ବ୍ୟକ୍ତ କରି ଫେରିଯାଇଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ, ସାନଟିକା ଗ୍ରାମସ୍ଥିତ ପ୍ରସିଦ୍ଧ ଜଳେଶ୍ୱର ପୀଠରେ ଜଳେଶ୍ୱର ମହୋତ୍ସବରେ ତାଙ୍କ ଶେଷ କାର୍ଯ୍ୟକ୍ରମ ରହିଥିଲା। ଲୋଇସିଂହା ବ୍ଲକର ବୁରୋମୁଣ୍ଡା ଗ୍ରାମରେ ଚାଲିଥିବା ମେଳାରେ ଯୋଗଦେଇ ଫେରିଲା ବେଳକୁ ମନ୍ତ୍ରୀ ପହଞ୍ଚିବାରେ ବିଳମ୍ବ ହେବ ଜାଣି ଆୟୋଜକଙ୍କ ତରଫରୁ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା।

ବିଦ୍ୟୁତ୍ ଦର ୧ ପଇସା ବଢ଼ିଲେ ହେବ ଆନ୍ଦୋଳନ: କଂଗ୍ରେସ

# ବିଦ୍ୟୁତ୍ ଦର ୧ ପଇସା ବଢ଼ିଲେ ହେବ ଆନ୍ଦୋଳନ: କଂଗ୍ରେସ

ଭୁବନେଶ୍ୱର, ୨୭।୨ (ସୁନିତ୍ ମିଶ୍ର)

ବିଦ୍ୟୁତ୍ ଦେୟ ୧ ପଇସା ବୃଦ୍ଧି କରାଗଲେ ଆଗକୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ। ସାଧାରଣ ବିଦ୍ୟୁତ୍ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ। ଭାଜପା କ୍ଷମତାକୁ ଆସିଲେ ତୁରନ୍ତ ୩୦୦ ୟୁନିଟ୍ ବିଜୁଳି ମାଗଣା ଯୋଗାଇଦେବ ବୋଲି ନିର୍ବାଚନୀ ଘୋଷଣା କରିଥିଲା। ପୁଣି ଥରେ ଭାଜପା ପକ୍ଷରୁ କୁହାଗଲା 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୋଫତ ବିଜୁଳି ଯୋଜନା' ମାଧ୍ୟମରେ ଖାଉଟିଙ୍କୁ ବିଜୁଳି ଯୋଗାଇ ଦିଆଯିବ। ୮ ମାସର ଶାସନ ପରେ ବିକ୍ଷମତାସୀନ ଭାଜପା ସରକାର ନିଜ ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛନ୍ତି। ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବା ପରିବର୍ତ୍ତେ ଏବେ ବିଜୁଳି ଦେୟ ୟୁନିଟ୍ ପିଛା ୧୨.୪୨ ପଇସା ବୃଦ୍ଧି ପାଇଁ ଓଇଆର୍‌ସିଙ୍କ ପାଖରେ ଟିପିସିଓଡିଏଲ୍‌ର ପ୍ରସ୍ତାବ ବୋଲି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ଟିପିସିଓଡିଏଲ୍‌ର ପକ୍ଷରୁ ଦର୍ଶାଯାଇଛି ଆସନ୍ତା ବର୍ଷ ପାଇଁ ଗ୍ରୀଡ୍‌କୋଠାରୁ ଅଧିକ ୧୩୧୦ ନିୟୁତ ୟୁନିଟ୍ ବିଜୁଳି ଅଧିକ କ୍ରୟ ହେବ। ସମୁଦାୟ ୧୩୮୨୩ ନିୟୁତ ୟୁନିଟ୍ ବିଜୁଳି କ୍ରୟ କରିବାକୁ ୪୬୮୮.୩୬ କୋଟି ଟଙ୍କା ପୈଠ ହେବ। ଟାଟା ପାୱାର ପକ୍ଷରୁ ଆହୁରି ମଧ୍ୟ ଦର୍ଶାଯାଇଛି, ବିତରଣ କ୍ଷତି ୨୩୭୪ ୟୁନିଟ୍ ହେବ ଯାହା ୧୭.୧୭ ପ୍ରତିଶତ । ଅବଶିଷ୍ଟ ୧୧୪୪୯ ନିୟୁତ ୟୁନିଟ୍ ଉପଭୋକ୍ତାଙ୍କୁ ବିକ୍ରୟ କରାଯିବ। ରାଜସ୍ୱ ଆବଶ୍ୟକତା ସମୁଦାୟ ୬୮୬୨.୫୪୨୦ କୋଟି ଟଙ୍କା ଆକଳନ ହୋଇଥିବା ବେଳେ ୬୭୨୦.୩୯ କୋଟି ଟଙ୍କା ଆଦାୟ ହେବ। ସୁତରାଂ ୧୪୨.୧୫ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ରହିବ ବୋଲି ଦର୍ଶାଇ କ୍ଷତି ଭରଣା ପାଇଁ ୟୁନିଟ୍ ପିଛା ୧୨.୪୨ ପଇସା ବଢ଼ାଇବାକୁ ଟିପିସିଓଡିଏଲ୍ ପ୍ରସ୍ତାବ ଦେଇଛି। କାନୁନ୍‌ଗୋ ଅଭିଯୋଗ କରିଛନ୍ତି, ୨୦୨୩-୨୪ ପାଇଁ ଆୟୋଗ ନିର୍ଦ୍ଧାରିତ କରିଥିବା ଶୁଳ୍କଠାରୁ ଟାଟା ୟୁନିଟ୍ ପିଛା ପ୍ରାୟ ୨୮ ପଇସା ଅଧିକ ଆଦାୟ କରିଛି ଯାହା ଫଳରେ ୨୪୬.୪୭ ଲକ୍ଷ ଟଙ୍କା ଅଧିକ ପାଇଛି। ତେଣୁ ବିଦ୍ୟୁତ୍ ଆଇନ ୨୦୦୩ ଧାରା ୬୨ (୬) ଅନୁସାରେ ଟାଟା ଉପଭୋକ୍ତାଙ୍କୁ ସୁଧ ସହ ଅର୍ଥ ଫେରସ୍ତ କରୁ। ଏଭଳି ପରିସ୍ଥିତି ସ୍ଥଳେ ଟିପିସିଓଡିଏଲ୍‌ର ବିଦ୍ୟୁତ୍ ଦେୟ ପ୍ରସ୍ତାବ ଏକ କ୍ଷୋଭର ପ୍ରସଙ୍ଗ। ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ୍ ମାଗଣା ବିଜୁଳିର ବ୍ୟବସ୍ଥା କରନ୍ତୁ ଏବଂ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ମନୋବୃତ୍ତିରୁ ସରକାର ନିବୃତ୍ତ ରୁହନ୍ତୁ ବୋଲି ସେ କହିଛନ୍ତି।

# ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ

ଦେବଗଡ଼,୨୭।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଡୁଙ୍ଗାମାଳ ଗ୍ରାମର ବିଜୟ ମୁଣ୍ଡାଙ୍କ ୧୭ବର୍ଷର ନାବାଳକ ପୁଅ ଅମିତଙ୍କ ମୃତଦେହ ବୁଧବାର ନିକଟସ୍ଥ ଜଙ୍ଗଲରୁ ଜବତ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ତ୍ରିକୋଣୀୟ ପ୍ରେମରୁ ଅମିତଙ୍କୁ ହତ୍ୟା କରାଯାଇଥିବା ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସୁଶୀଳ ମୁଣ୍ଡା(୨୪) ଓ ତାଙ୍କ ସହଯୋଗୀ ଅମନ ନାୟକ(୨୬)ଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ରଶି ଏବଂ ଅମିତଙ୍କ ମୋବାଇଲ ଜବତ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଦେବଗଡ଼ ଜିଲା ଏସ୍‌ପି ମିଶ୍ର ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜଣେ ଝିଅଙ୍କୁ ଅମିତ ଓ ସୁଶୀଳ ଭଲ ପାଉଥିଲେ। ତେବେ ସମ୍ପୃକ୍ତା ଝିଅଙ୍କଠାରୁ ଦୂରେଇ ଯିବାକୁ ସୁଶୀଳ ଏକାଧିକବାର ଅମିତଙ୍କୁ ବୁଝାଇଥିଲେ ହେଁ ଏଥିରେ ଅମିତ ରାଜି ହୋଇ ନ ଥିଲେ। ଫଳରେ ସୁଶୀଳ ଅମିତଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ଗତ ସୋମବାର ରାତି ପ୍ରାୟ ୧୦ଟାରେ ସୁଶୀଳ କଥାହେବା ବାହାନାରେ ଅମିତଙ୍କୁ ଫୋନ ଯୋଗେ ଡାକିଥିଲେ। ସୁଶୀଳଙ୍କ ଫୋନ କଲ୍ ପାଇ ଅମିତ ଆସିବାରୁ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସୁଶୀଳ ଏବଂ ତାଙ୍କ ସହଯୋଗୀ ଅମନ ରଶିରେ ଅମିତଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ଏହାପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଅଳ୍ପ ଦୂରକୁ ବୋହିନେଇ ଜଙ୍ଗଲ ମଧ୍ୟରେ ଫିଙ୍ଗି ଦେଇ ତା'ଉପରେ ଶୁଖିଲା ପତ୍ର ଢାଙ୍କି ଦେଇଥିଲେ। ସେହିପରି ଅମିତଙ୍କ ମୋବାଇଲ ଫୋନ ମଧ୍ୟ ନେଇଯାଇଥିଲେ। ଅନ୍ୟପକ୍ଷେ ଶୌଚ ହେବା ପାଇଁ ଯାଉଛି କହି ଏକ ଢାଳ (ଗଡୁ) ଧରି ଘରୁ ବାହାରିଥିବା ଅମିତ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଏ ନେଇ ମଙ୍ଗଳବାର ରାତିରେ ପରିବାର ଲୋକେ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ବୁଧବାର ସକାଳ ପ୍ରାୟ ୮ଟାରେ ନିକଟସ୍ଥ ଜଙ୍ଗଲରେ ଅମିତଙ୍କ କ୍ଷତାକ୍ତ ମୃତଦେହ ପଡିଥିବା ଏବଂ ଏହାକୁ ଶୁଖିଲା ପତ୍ରରେ ଢଙ୍କା ଯାଇଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। କୁଣ୍ଢେଇଗୋଳା ଥାନା ଅଧିକାରୀ ଦାୟିତ୍ୱରେ ଥିବା ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଏକ ପ୍ରକାର ସ୍ପଷ୍ଟ ଜଣାପଡୁଥିବା ବେଳେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଓ ଡିଏସ୍‌ପି ପବିତ୍ର କିଷାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିଥିଲେ। ସେହିପରି ଅଧିକ ତଦନ୍ତ ନିମନ୍ତେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ତଦନ୍ତ ବେଳେ ଏହି ଘଟଣାରେ ସମ୍ପୃକ୍ତ ସନ୍ଦେହରେ ପୋଲିସ ମଙ୍ଗଳବାର ସୁଶୀଳ ଓ ସହଯୋଗୀ ଅମନଙ୍କ ସମେତ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ସମୟରେ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଶୁଶୀଳ ତା'ର ସହଯୋଗୀ ଅମନ ସହିତ ମିଶି ରଶି ସାହାଯ୍ୟରେ ତଣ୍ଟିଚିପି ଅମିତଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସେମାନଙ୍କ ସ୍ୱୀକାରୋକ୍ତି ଆଧାରରେ ପୋଲିସ ଅମନଙ୍କ ଘରୁ ହତ୍ୟା କାଣ୍ଡରେ ବ୍ୟବହୃତ ରଶି ଓ ଅମିତଙ୍କ ମୋବାଇଲ ଫୋନ ଜବତ କରିଥିଲା। ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

- ୨ ଗିରଫ, ବ୍ୟବହୃତ ରଶି, ମୋବାଇଲ ଫୋନ ଜବତ
- ନାବାଳକଙ୍କୁ ହତ୍ୟାକରି ପତ୍ର ଘୋଡ଼ାଇବା ଘଟଣାର ପର୍ଦ୍ଦାଫାଶ

# କୋଟିଏ ଟଙ୍କାର ଗଞ୍ଜେଇ ଜବତ


ଜବତ ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ ଓ ଗିରଫ ଅଭିଯୁକ୍ତ।

ପାରଳାଖେମୁଣ୍ଡି,୨୭।୨(ଗିରିଧାରୀ ପରିଛା)

ଗଜପତି ଜିଲା ଅଡବାରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିବା ବେଳେ ଏନେଇ ସୁରାକ ପାଇ ଅବକାରୀ ବିଭାଗ ଚଢ଼ାଉ କରି ୩ କୁଇଣ୍ଟାଲରୁ ଉର୍ଦ୍ଧ୍ୱ (୩୮୪ କେଜି) ଗଞ୍ଜେଇ ଜବତ କରିଛି। ବ୍ୟବହୃତ ପିକ୍‌ଅପ୍ ଭ୍ୟାନକୁ ମଧ୍ୟ ଜବତ କରାଯାଇଛି। ଭ୍ୟାନରେ ୮ଟି ପ୍ୟାକେଟରେ ଏହି ଗଞ୍ଜେଇ ଥିଲା। ଏହାର ବଜାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଖବରରୁ ଜଣାପଡିଛି, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ତିନିଦିନ ଧରି ଏହି ଗଞ୍ଜେଇ ଚାଲାଣ ଉପରେ ନଜର ରଖିଥିଲେ। ଗୁରୁବାର କାଶୀନଗରଠାରୁ ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ବେଳେ ପିକ୍‌ଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଯାଞ୍ଚ ବେଳେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଡ୍ରାଇଭର କୁରା ଦଣ୍ଡସେନାଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ଅଡବା ନିକଟସ୍ଥ ଗୁରୁଝଲ ଗ୍ରାମରେ। ଏଥିରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ କୁହାଯାଉଥିବା ୨ ଜଣ ଫେରାର ହୋଇଯାଇଥିବା ଅବକାରୀ ଅଧୀକ୍ଷକ ପ୍ରଦୀପ ସାହୁ କହିଛନ୍ତି। ଚଢାଉ ଟିମ୍‌ରେ ଦୁର୍ଯ୍ୟୋଧନ ଦିଗାଲ, ପ୍ରସନ୍ନ ପଟେଲ ସାମିଲ ଥିଲେ।

# ମହିଳାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

## ଗଛରୁ ଝୁଲନ୍ତା ମୃତଦେହ ଜବତ

ସାକ୍ଷୀଗୋପାଳ,୨୭।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବାଟିଗୋରଡ଼ା ଗ୍ରାମରେ ମନୋରମା ପରିଡ଼ା (୪୨)ଙ୍କୁ ଯୌତୁକ ନିର୍ଯାତନା ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଭାଇ ତ୍ରିଲୋଚନ ମୁଦୁଲି ଏନେଇ ଗୁରୁବାର ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ସ୍ୱାମୀ ପ୍ରମୋଦ କୁମାର ପରିଡ଼ା ବାରମ୍ବାର ମନୋରମାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ବୁଧବାର ରାତିରେ ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ନେଇ ତ୍ରିଲୋଚନ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୬୧/୨୦୨୫) ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ନିକଟସ୍ଥ ଏକ ଓଉ ଗଛରୁ ମନୋରମାଙ୍କ ଝୁଲନ୍ତା ମୃତଦେହ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସଂଗ୍ରାମ କେଶରୀ ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, କଟକ ଜିଲା ସଦର ଥାନା ଅଞ୍ଚଳ ନାରଙ୍ଗପଡ଼ା ଗ୍ରାମର ମନୋରମା ୨୦୦୬ ମସିହାରେ ପ୍ରମୋଦଙ୍କୁ ବିବାହ କରିଥିଲେ। ତେବେ ୫ ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରି ସ୍ୱାମୀ ତାଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# ସ୍ୱାମୀଙ୍କୁ ବାନ୍ଧିଲେ, ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟିଲେ ୮ ଭରି ସୁନା



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

## ଦୋକାନ ବଜାର ବନ୍ଦ, ରାସ୍ତାରୋକୋ

ବାଲିଗୁଡା,୨୭।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ଅଞ୍ଚଳରେ ଚୋରଙ୍କ ପାର୍ଦୁଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାରମ୍ବାର ଚୋରି, ଡକାୟତି, ଲୁଟତରାଜ, ରାହାଜାନି କରି ସେମାନେ ପୋଲିସକୁ ଚାଲେଞ୍ଜ ଦେଉଛନ୍ତି। ବୁଧବାର ମଧ୍ୟରାତ୍ରିରେ ତୁମୁଡିବନ୍ଧ ଅଞ୍ଚଳରେ ଏକ ବଡଧରଣର ଚୋରି ଘଟିଛି। ଏକ ପରିବାରରେ ଚୋରମାନେ ପଶି ସ୍ୱାମୀଙ୍କୁ ବାନ୍ଧି ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୮ ଭରି ସୁନା ଅଳଙ୍କାର ଏବଂ ନଗଦ ଏକ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଖବରରୁ ଜଣାପଡିଛି, ଡ. ଆମ୍ବେଡ଼କର ଛକ ବାସିନ୍ଦା ପୀତାମ୍ବର ସାହୁଙ୍କ ଘରେ ବୁଧବାର ରାତିରେ ୪/୫ ଜଣ ମୁଖାଧାରୀ ଦୁର୍ବୃତ୍ତ ପଶି କବାଟ ପିଟି ଡାକିଥିଲେ। ରାତି ଅଧରେ କେହି କବାଟ ପିଟୁଥିବାରୁ ପୀତାମ୍ବର କବାଟ ଖୋଲି ନ ଥିଲେ। ଚୋରମାନେ କବାଟ ଭାଙ୍ଗି ଭିତରେ ପଶିଥିଲେ। ପ୍ରଥମେ ପୀତାମ୍ବରଙ୍କ ପାଟିକୁ ସେଲୋଟେପ୍‌ରେ ବନ୍ଦ କରି ପଛପଟକୁ ଦୁଇ ହାତ ବାନ୍ଧି ଦେଇଥିଲେ। ପରେ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଘରେ ଥିବା ସବୁ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ପୋଲିସ ଶିବରାତ୍ର ପାଇଁ ମନ୍ଦିର ନିକଟରେ ପଇଁତରା ମାରୁଥିବା ବେଳେ ପୀତାମ୍ବରଙ୍କ ଘରୁ ଏପରି ବଡଧରଣର ଚୋରି ହେବା ପୋଲିସ ପ୍ରତି ଚୋରମାନଙ୍କ ଖୋଲା ଚାଲେଞ୍ଜ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହା ଜାଣିବା ପରେ ବାଲିଗୁଡା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ତୁମୁଡିବନ୍ଧରେ ବଣିକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଦୋକାନ ବଜାର ବନ୍ଦ କରି ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତାରୋକୋ କରାଯାଇଥିଲା। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବାଲିଗୁଡ଼ା ଏସ୍‌ଡିପିଓ ରାମେନ୍ଦ୍ର ପ୍ରସାଦ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ତୁମୁଡିବନ୍ଧ ଗ୍ରାମବାସୀ ଓ ବଣିକ ସଂଘ ସହ ଆଲୋଚନା କରି ଏହି ଡକାୟତି ଘଟଣାର ତଦନ୍ତ କରିବା, ଅଞ୍ଚଳରେ ପାଟ୍ରୋଲିଂ କଡାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ସନ୍ଧ୍ୟାରେ ପୀତାମ୍ବର ଘରୁ ଚୋରି ସମ୍ପର୍କରେ ବାଲିଗୁଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଜଳେଶପଟ୍ଟା ସ୍ଥିତ ଜଳେଶ୍ୱର ଶୈବ ପୀଠରେ ଶିବରାତ୍ରି ପାଳନ ହେଉଥିବାରୁ ସେଠାରେ ରାତି ତମାମ ଗହଳି ଲାଗି ରହିଥିଲା। ଏଥିପ୍ରତି ଟିକେ ବି ଭୟ ନ କରି ଚୋରମାନେ ପୀତାମ୍ବରଙ୍କ ଘରକୁ ଟାର୍ଗେଟ୍ କରି ପଶିଥିଲେ। ସେହିପରି ୨୦୨୩ ଏପରି ଶିବରାତ୍ରିରେ ମେଡିକାଲ ସମ୍ମୁଖ ଝୁନା ପରିଡ଼ାଙ୍କ ଘରୁ ଏକ ବଡ଼ ଧରଣର ଚୋରି ହୋଇଥିଲା।

# ନିଶା ବେପାରୀ ବିଭୂତିଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୭।୨(ସୂର୍ଯ୍ୟକାନ୍ତ ବେହେରା)

ଚୋରା ଚାଲାଣବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତମାଣ୍ଡୋ ଥାନାଞ୍ଚଳରୁ ୧ କୋଟିରୁ ଅଧିକ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ଏହି ମାମଲାର ରାୟ ୪ ବର୍ଷ ପରେ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ କୋର୍ଟରେ ଗୁରୁବାର ପ୍ରକାଶ ପାଇଛି। ଏଥିରେ ସଂପୃକ୍ତ ଥିବା ନିଶା ବେପାରୀ ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ବିଭୂତି ଭୂଷଣ ଜେନାଙ୍କୁ ବିଚାରପତି ବନ୍ଦନା କର ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୧ ଲକ୍ଷ ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ୧୨ଜଣ ସାକ୍ଷୀ ଓ ୨୯ ଜଣଙ୍କ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମ ଏହି ମାମଲାର ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁନ୍ ୧ରେ ବିଭୂତି ଓ ସହଯୋଗୀ ଅଜୟ ମହାପାତ୍ର ମୋଟରସାଇକେଲରେ ବ୍ରାଉନସୁଗାର ନେଇ ତମାଣ୍ଡୋ ଥାନା ଅନ୍ତର୍ଗତ କଳିଙ୍ଗ ବିହାର ରାସ୍ତାରେ ଯାଉଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଧରାପଡିଥିଲେ। ଯାଞ୍ଚବେଳେ ବିଭୂତି ଓ ଅଜୟଙ୍କ ପାଖରୁ ୧ କେ.ଜି. ବ୍ରାଉନସୁଗାର ମିଳିଥିଲା। ଏହାର କୌଣସି ବୈଧ ପ୍ରମାଣ ଦେଖାଇ ନ ପାରିବାରୁ ଏସ୍‌ଟିଏଫ ମାମଲା ନଂ ୧୭/୨୦୨୦ ରୁଜୁ କରି ଉଭୟଙ୍କୁ ଗିରଫ ପରେ ଜେଲ ପଠାଇଥିଲା। ତେବେ ଅଜୟ ହାଇକୋର୍ଟରୁ ବେଲ ପାଇ ଜେଲରୁ ବାହାରିବା ପରେ ପୁଣି ନିଶା କାରବାର କରୁଥିଲେ। ପୁରୀ ପୋଲିସ ଦ୍ୱାରା ଗିରଫ ହୋଇ ଏବେ ସେ ଜେଲରେ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ଅର୍ଥାତ୍ ୨୦୨୪ ମେ ୯ରେ ଏସ୍‌ଟିଏଫ୍ ଦ୍ୱାରା ରସୁଲଗଡ ଅଞ୍ଚଳରୁ ୭ କେଜି ବ୍ରାଉନସୁଗାର ଜବତ ମାମଲାରେ ବାଲେଶ୍ୱରର ୩ଜଣ ଅଭିଯୁକ୍ତଙ୍କୁ ଏହି କୋର୍ଟ ୨୦ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି।

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ମାମଲା

# ରେଲ୍‌ୱେ ଷ୍ଟେଶନରୁ ୯କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

## ଜଣେ ଗିରଫ

ବାଲୁଗାଁ,୨୭।୨(ସଂଗ୍ରାମ ପାଇକରାୟ): ବାଲୁଗାଁ ରେଲ୍‌ୱେ ପୋଲିସ ବୁଧବାର ଗଞ୍ଜାମ ଜିଲା ଖଲ୍ଲିକୋଟ ଷ୍ଟେଶନର ୨ନମ୍ବର ପ୍ଲାଟଫର୍ମରେ ଚଢ଼ାଉ କରି ୯କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ସାଗର ଗୌଡ଼(୨୪)। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯୮ହଜାର ଟଙ୍କା ହେବ ବୋଲିବିଭାଗ ପକ୍ଷରୁଆକଳନ କରାଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁଠାରୁ ବ୍ରହ୍ମପୁର ମଧ୍ୟରେ ବିଭିନ୍ନ ଟ୍ରେନରେ ରାଜ୍ୟ ବାହାରକୁ ବେଆଇନଭାବେ ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ବୁଧବାର ସନ୍ଧ୍ୟାରେ ବାଲୁଗାଁ ରେଳ ସୁରକ୍ଷା ବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଖଲ୍ଲିକୋଟ ଷ୍ଟେଶନରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇଟି ଟ୍ରଲି ବ୍ୟାଗ ଧରି ଟ୍ରେନକୁ ଅପେକ୍ଷାରତ ସାଗରଙ୍କ ଗତିବିଧି ନେଇ ସନ୍ଦେହ ହୋଇଥିଲା। ଉକ୍ତ ବ୍ୟାଗକୁ ତଲାସିବାରେ ୩ଟି ପ୍ୟାକେଟରେ ଥିବା ଗଞ୍ଜେଇ ଜବତ କରାଯିବା ସହ ସାଗରଙ୍କୁ ଗିରଫ କରାଯାଇଥିଲା। ରେଲ୍‌ୱେ ପୋଲିସ ଜବତ ଗଞ୍ଜେଇ ସହ ଅଭିଯୁକ୍ତଙ୍କୁ ଗୁରୁବାର ଜିଆରପିକୁ ହସ୍ତାନ୍ତର କରିଥିଲା। ବ୍ରହ୍ମପୁର ଜିଆର୍‌ପି (ନଂ.୨୯/୨୫)ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିରି ତୋରାଣି,**
**ବେଦୀରେ ବସିଲେ ତିନି ପରାଣି।**

ବ୍ରାହ୍ମଣ ସାଧାରଣତଃ ବେଦି ଉପରେ ଯୁବକ ଓ ଯୁବତୀଙ୍କ ମଧ୍ୟରେ ବିବାହ କରାଇଥାଏ। ତେବେ ବେଦି ଉପରେ ଗର୍ଭବତୀ କନ୍ୟା ସହ ଯୁବକର ବିବାହ ଅନୁଷ୍ଠିତ ହେବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥିର ହୋଇକରି ନ ଶୁଣିବା ନରେ,**
**ଥୋଇଲି ମାଇପ ଯାହାର ଘରେ,**
**ଥୟ ନୁହଇଁ ଯାହାଙ୍କ ବଚନ,**
**କହେ ଦନାଇ ଏ ବଡ଼ ହୀନ।**

ଧୈର୍ଯ୍ୟ ସହକାରେ କଥା ନ ଶୁଣିବା ବ୍ୟକ୍ତିର ଖରାପ ଗୁଣକୁ ବୁଝାଇଥାଏ। ଘରେ ବିବାହିତା ପତ୍ନୀ ଥାଇ ରକ୍ଷିତା ରଖିଥିବା ବ୍ୟକ୍ତିକୁ ଚରିତ୍ରହୀନ ବୋଲାଇଥାଏ। ସେହିପରି ମିଥ୍ୟା ବଚନକାରୀ ତଥା ମୂଲ୍ୟହୀନ କଥା କହୁଥିବା ବ୍ୟକ୍ତି ହୀନ ପ୍ରକୃତିର ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପାରିବାରିକ କଳହର କରୁଣ ପରିଣତି

## ବାପାଙ୍କୁ ହତ୍ୟା କଲେ ପୁଅ

ଶେରଗଡ଼,୨୭।୨(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଗୁରୁବାର ରାତି ୧୦ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅର ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଶେରଗଡ଼ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି ଶେରଗଡ଼ ନିକଟସ୍ଥ ଡାକରଡା ଗ୍ରାମରେ ତାରିଣୀ ମଳିକ(୬୦) ସପରିବାର ବସବାସ କରନ୍ତି। ରାତି ୧୦ଟାରେ କୌଣସି କାରଣକୁ ନେଇ ପୁଅ ଯୁଗଳ(୩୨)ଙ୍କ ସହ ତାରିଣୀଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁଗଳ ଏକ ଟାଙ୍ଗିଆ ଆଣି ବାପାଙ୍କ ବେକକୁ ଏକ ଚୋଟ ପକାଇଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ଆଣିବାକୁ ଉଦ୍ୟମ କରିବା ବେଳେ ତାରିଣୀଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ଯୁଗଳଙ୍କୁ ଥାନାକୁ ନେଇ ଅଟକ ରଖିଛି।

# ମହିଳାଙ୍କୁ ହାଣି ଟଙ୍କା, ଅଳଙ୍କାର ନେଇଗଲେ

## ନାୟକାଣିଡିହୀରେ ସଶସ୍ତ୍ର ଡକାୟତି

ବାସୁଦେବପୁର/ ସାବରଙ୍ଗ,୨୭।୨ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନାୟକାଣିଡିହୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଘରେ ପଶି ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଜଣେ ମହିଳାଙ୍କୁ ଭୁଜାଲିରେ ହାଣି ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ଆକ୍ରମଣରେ ଗୁରୁତର ମହିଳା ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ନାୟକାଣିଡିହୀ ଥାନା ପୋଲିସ ଗୁରୁବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିବା ବେଳେ କାହାକୁ ଗିରଫ କରାଯାଇପାରି ନାହିଁ।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଦୁଇଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଓ ଭୁଜାଲି ଧରି ନାୟକାଣିଡିହୀ ଗ୍ରାମର ପରମେଶ୍ୱର ସାହୁଙ୍କ ଘରେ ପଶି ତାଙ୍କ ବୋହୂ ଲକ୍ଷ୍ମୀପ୍ରିୟା ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାପରେ ଘରେ ଥିବା ଗଡ୍‌ରେଜରୁ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ନେଇଯାଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କୁ ଘର ମଧ୍ୟରୁ ପରିବାର ଲୋକେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ବୃତ୍ତମାନେ ଘର ଭିତରେ ପ୍ରବେଶ କରି ଅନ୍ୟ କୋଠରିର କବାଟଗୁଡ଼ିକୁ ବାହାରୁ ଝଞ୍ଜିର ଦେଇ ଦେଇଥିଲେ। ଏଭଳି ଘଟଣା ନାୟକାଣିଡିହୀ ଗ୍ରାମରେ ଭୟର ବାତାବରଣ ଖେଳାଇ ଦେଇଛି। ସେହିପରି ଏହି ପଞ୍ଚାୟତ ସଂଲଗ୍ନ କରଞ୍ଜଆଡ଼ିଆ ପଞ୍ଚାୟତ ରହିମପୁର ଗ୍ରାମର ବ୍ରହ୍ମାନନ୍ଦ ଦାସ ଓ ରବୀନ୍ଦ୍ର ମହାନ୍ତିଙ୍କ ଘରୁ ଚୋରି ହୋଇଛି। ଚୋରମାନେ ସେମାନଙ୍କ ଘରେ ପଶି ସୁନା, ରୁପା ଅଳଙ୍କାର ଓ ଅନ୍ୟ କେତେକ ସାମଗ୍ରୀ ଚୋରି କରି ନେଇଛନ୍ତି। ଡକାୟତି ଘଟଣାରେ ପରମେଶ୍ୱରଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୪୨/୨୫) ଓ ଚୋରି ନେଇ ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ଅନ୍ୟ ଏକ ମାମଲା (ନଂ.୪୩/୨୫) ରୁଜୁ କରାଯାଇଛି। ଘଟଣାରେ ସ୍ଥାନୀୟ କୌଣସି ଲୋକଙ୍କ ସମ୍ପୃକ୍ତି ଅଛି କି ନାହିଁ କିମ୍ବା ଏହା କୌଣସି ପେସାଦାର ଅପରାଧୀଙ୍କ କାର୍ଯ୍ୟ, ତାହା ପୋଲିସ ତଦନ୍ତ କରୁଛି।


ଭଦ୍ରକ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

**ନିବେଶକ ନିରୁତ୍ସାହିତ**

ମୁମ୍ବାଇ: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୦ (୧୦.୩୧) ପଏଣ୍ଟ ବୃଦ୍ଧି ଘଟି ୭୪,୬୧୨(୭୪,୬୧୨.୪୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୨ (୨.୫୦) ପଏଣ୍ଟ ହ୍ରାସ ଘଟି ୨୨,୫୪୫ (୨୨,୫୪୫.୦୫) ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖଣି ଶିଳ୍ପରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ଗୁରୁତ୍ୱ

**ଭୁବନେଶ୍ୱର,୨୭।୨ (ଅଭୟ ଦାଶ)**

ଫ୍ୟୁଚର୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ତଥା ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାଶନାଲ ଏକ୍ସପୋ ୨୦୨୫ ମାର୍ଚ୍ଚ ୬ ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରିକି ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ସ୍କିଲ୍ କାଉନସିଲ୍ ଅଫ୍ ମାଇନିଂ ସେକ୍ଟର୍ ଏବଂ ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିଆମ ଏଣ୍ଟରପ୍ରାଇଜ (ଓଏଏସ୍ଏମ୍ଇ)ର ମିଳିତ ସହଯୋଗରେ ଏହି ୪ ଦିନିଆ ପ୍ରଦର୍ଶନୀ ଆୟୋଜିତ ହେବାକୁ ଯାଉଛି। ଏହି ଏକ୍ସପୋରେ ଏନ୍‌ଜିଓ ପାର୍ଟନର ଭାବେ ହେଲ୍ପ, ଇଣ୍ଡି ଟ୍ରି ଏବଂ ନଲେଜ୍ ପାର୍ଟନର ଭାବେ ଅନ୍ୱେଷୀ ଫାଉଣ୍ଡେଶନ ସହଯୋଗ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରଠାରେ

**ମାର୍ଚ୍ଚ ୬ରୁ ୩ୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାଶନାଲ ଏକ୍ସପୋ**

ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫ୍ୟୁଚରେକ୍ସ ଗ୍ରୁପ୍ ସିଏମ୍‌ଡି ସ୍ୱାମୀ ପ୍ରେମ୍ ଅନ୍ୱେଷୀ,ଡ. ତପନ କୁମାର ଚାନ୍ଦ, ଆଇଆଇଜି ଗ୍ରୁପର ନିର୍ଦ୍ଦେଶକ ସୁଧାଂଶୁ ଶେଖର ମହାନ୍ତି,ଫ୍ୟୁଚରେକ୍ସ ଗ୍ରୁପ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ଏବଂ ଇକ୍ୱିପେଜ ଇନଫ୍ରାକୋର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀର ଆଭିମୁଖ୍ୟ ଓ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ଚଳିତ ବର୍ଷର ଏକ୍ସପୋରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ ଏବଂ ତାଇୱାନର ପ୍ରତିଯୋଗୀମାନେ ସାମିଲ ହୋଇ



ପ୍ରେମ୍ ଅନ୍ୱେଷୀ

ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସମାଧାନ ପ୍ରଦର୍ଶନ କରିବେ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗୀମାନେ ଖଣି କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ୍ କରାଯାଇଥିବା ଅଭିନବ ଉପକରଣ ଏବଂ ସେବା ପ୍ରଚଳନ କରିବେ। ଏହି କାର୍ଯ୍ୟକ୍ରମ ସମଗ୍ର ଭାରତ ଏବଂ ବିଦେଶରୁ ବ୍ୟବସାୟିକ ପ୍ରତିନିଧି ଦଳ ଏବଂ କ୍ରେତାମାନଙ୍କୁ ଆକୃଷ୍ଟ କରିବ, ଯାହା ଭାରତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକୁ ନେଟ୍‌ୱର୍କ କରିବା ଏବଂ ଅର୍ଥପୂର୍ଣ୍ଣ ଭାଗୀଦାରି ସ୍ଥାପନ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରିବ। ସେହିଭଳି ଗତ ସଂସ୍କରଣରେ ୧୦୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ଖଣି ଓ ଭିତ୍ତିଭୂମି ସମାଧାନର ଚାହିଦା ବଢୁଥିବାରୁ ଚଳିତ ବର୍ଷ ବ୍ୟବସାୟ ପରିମାଣ ୩ ଗୁଣ ବୃଦ୍ଧି ପାଇ ୩,୦୦୦କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆୟୋଜକଙ୍କ ପକ୍ଷରୁ ଆକଳନ କରାଯାଇଛି। ଏହି ପ୍ରଦଶନୀରେ ବ୍ୟାପକ ଅଂଶଗ୍ରହଣ ଏବଂ ଯୋଗଦାନ ସୁଯୋଗ ସହିତ ୨୫% ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଶିଳ୍ପପତି, ସରକାରୀ ପ୍ରତିନିଧି, ନୀତି ନିର୍ଦ୍ଧାରକ ଏବଂ ନିଷ୍ପତ୍ତି ଗ୍ରହଣକାରୀଙ୍କ ସମେତ ୨୫୦ରୁ ଅଧିକ ବ୍ୟବସାୟିକ ଏବଂ ପର୍ଯ୍ୟଟକଙ୍କ ଆକଳନ କରାଯାଇଥିବାବେଳେ ଏହି ଏକ୍ସପୋ ଭାରତର ଖଣି କ୍ଷେତ୍ରରେ ଅଭିବୃଦ୍ଧି ଏବଂ ଅଭିନବତାର ଏକ ପ୍ରମୁଖ ଚାଳକ ହେବାକୁ ଯାଉଛି। ଏହି ପ୍ରଦର୍ଶନୀରେ ୧୦ରୁ ଅଧିକ ଦେଶର ପ୍ରତିନିଧିଙ୍କ ସମେତ ୩୦୦ରୁ ଅଧିକ ଗ୍ଲୋବାଲ କମ୍ପାନୀ, ୭୦୦୦ରୁ ଅଧିକ ପଞ୍ଜୀକରଣ, ୩୫ରୁ ଅଧିକ ବିଶିଷ୍ଟ ସ୍ପିକର,୫,୦୦,୦୦୦ ବର୍ଗଫୁଟ (ଶୋ'କେସ୍ ଏରିଆ) ସାମିଲ ରହିଛି। ସେହିପରି ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ, କର୍ନାଟକ, ତାମିଲନାଡୁ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଗୋଆ ସମେତ ଅନେକ ଭାରତୀୟ ରାଜ୍ୟ ସେମାନଙ୍କର ଖଣି ଓ ଭିତ୍ତିଭୂମି କାର୍ଯ୍ୟକଳାପ ପାଇଁ ଜଣାଶୁଣା ରହିଛନ୍ତି। ଏହି ଏକ୍ସପୋରେ ସକ୍ରିୟ ଭାବେ ସେହିସବୁ ରାଜ୍ୟ ଅଂଶ ଗ୍ରହଣ କରିବେ। ଉକ୍ତ ରାଜ୍ୟଗୁଡ଼ିକ ସେମାନଙ୍କର ଆଞ୍ଚଳିକ ସାମର୍ଥ୍ୟ ଉପରେ ଆଲୋକପାତ କରିବେ ଏବଂ ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ସହଯୋଗ ସୁଯୋଗର ସୁଯୋଗ ଖୋଜିବେ।

# ତୁହିନକାନ୍ତ ପରବର୍ତ୍ତୀ ସେବି ମୁଖ୍ୟ

**ନୂଆଦିଲ୍ଲୀ,୨୭।୨**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ପରବର୍ତ୍ତୀ ମୁଖ୍ୟ ଭାବେ ବରିଷ୍ଠ ପ୍ରଶାସକ ଏବଂ ବର୍ତ୍ତମାନର କେନ୍ଦ୍ର ଅର୍ଥ ସଚିବ ତୁହିନକାନ୍ତ ପାଣ୍ଡେ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି ଗୁରୁବାର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ବର୍ତ୍ତମାନର ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ସ୍ଥାନରେ ପାଣ୍ଡେ ନିଯୁକ୍ତ ହେବେ ବୋଲି ଜଣାପଡିଛି। ସେହିଭଳି ୨୦୨୫ ଫେବୃଆରୀ ୨୮ରୁ ପାଣ୍ଡେ ଆସନ୍ତା ୩ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ ବୋଲି କେନ୍ଦ୍ରୀୟ ନିଯୁକ୍ତି କମିଟିର ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱୀକୃତି ପ୍ରଦାନ କରିଛନ୍ତି।

ସେହିପରି ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ଅଧିକାରୀ ପାଣ୍ଡେ ଉଭୟ ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଅପରପକ୍ଷରେ ପାଣ୍ଡେ କେନ୍ଦ୍ର ସରକାରଙ୍କ ଦିପମ ଏବଂ ଅର୍ଥ ବିଭାଗରେ ବିଗତ କିଛି ବର୍ଷ ହେବ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି।



ତୁହିନକାନ୍ତ ପାଣ୍ଡେ

# ଟିପିସିଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୨**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ପକ୍ଷରୁ ନୈତିକତା ସପ୍ତାହର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଟାଟା ଗ୍ରୁପର ପ୍ରତିଷ୍ଠାତା ଜାମ୍‌ସେଦଜୀ ନୁସେରୱାନଜୀ ଟାଟାଙ୍କ ଜୟନ୍ତୀ ଅବସରରେ ୨୦୨୫ ଫେବୃଆରୀ ୨୪ରୁ ନୈତିକତା ସପ୍ତାହ-୨୦୨୫ ପାଳିତ ହୋଇଛି। ନୈତିକ ବ୍ୟବସାୟ ଅଭ୍ୟାସ, ସଚ୍ଚୋଟତା ଏବଂ ସ୍ୱଚ୍ଛତା ପ୍ରତି ଟିପିସିଓଡିଏଲ୍‌ର ଅତୁଟ ପ୍ରତିବଦ୍ଧତାକୁ ଏହି ଉତ୍ସବ ଦୋହରାଉଛି। ଏହି କାର୍ଯ୍ୟକ୍ରମକୁ ଟିପିସିଓଡିଏଲ୍‌ର ସିଇଓ ତଥା ପ୍ରମୁଖ ନୈତିକ ଅଧିକାରୀ ଅରଭିନ୍ଦ୍ ସିଂହ ଉଦ୍‌ଘାଟନ କରିଥିବାବେଳେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ନୈତିକ ନେତୃତ୍ୱ ଏବଂ ଟାଟା ଗ୍ରୁପର ମୂଳ ମୂଲ୍ୟବୋଧକୁ ସୁଦୃଢ଼ କରିବା ଉପରେ ଏକ ସପ୍ତାହବ୍ୟାପୀ ଆଲୋଚନା ଆରମ୍ଭ ହୋଇଥିଲା। ସର୍ବୋଚ୍ଚସ୍ତରର ଗଭର୍ନାନ୍ସ ଏବଂ ବିଶ୍ୱାସ ବଜାୟ ରଖିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇ ଟିପିସିଓଡିଏଲ୍‌ର ସମସ୍ତ ସର୍କଲ, ଡିଭିଜନ ଏବଂ ଆନୁଷଙ୍ଗିକ କାର୍ଯ୍ୟାଳୟରେ ନୈତିକତାର ଶପଥ ପାଠ କରାଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ତଥା ପ୍ରଧାନ ନୈତିକ ଅଧିକାରୀ ଅରଭିନ୍ଦ୍ ସିଂହ କହିଛନ୍ତି, ଟିପିସିଓଡିଏଲ୍‌ରେ ନୈତିକତା କେବଳ ଏକ ପ୍ରତିଶ୍ରୁତି ନୁହେଁ, ଏହା ଏକ ଜୀବନଶୈଳୀ। ଯାହା ଆମ କର୍ମଚାରୀଙ୍କଠାରୁ ଆରମ୍ଭ କରି ବିକ୍ରେତା, ଯୋଗାଣକାରୀ ଏବଂ ଆମେ ସେବା କରୁଥିବା ସମୁଦାୟ ପର୍ଯ୍ୟନ୍ତ ବିସ୍ତାରିତ। ନିରନ୍ତର ଏବଂ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଦୈନିକ ନୈତିକ ମୂଲ୍ୟବୋଧ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ।




ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ଜାମ୍‌ସେଦଜୀ ନୁସେରୱାନଜୀ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ବନ୍ତାରାକୁ ଜାତୀୟ 'ପ୍ରାଣୀମିତ୍ର'ପୁରସ୍କାର

**ମୁମ୍ବାଇ,୨୭।୨**

ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ଅନନ୍ତ ଅମ୍ବାନୀଙ୍କ 'ବନ୍ତାରା'କୁ ନିକଟରେ ଜାତୀୟ 'ପ୍ରାଣୀମିତ୍ର'ପୁରସ୍କାର ଦିଆଯାଇଛି। ଭାରତ ସରକାରଙ୍କ ଦ୍ୱାରା 'କର୍ପୋରେଟ୍' ବର୍ଗରେ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ସର୍ବୋଚ୍ଚ ସମ୍ମାନ 'ପ୍ରାଣୀମିତ୍ର' ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ରାଧାକୃଷ୍ଣ ମନ୍ଦିର ହସ୍ତୀ କଲ୍ୟାଣ ଟ୍ରଷ୍ଟର ଅସାଧାରଣ ଅବଦାନ ପାଇଁ ବନ୍ତାରାକୁ ଏହି ପୁରସ୍କାର ମିଳିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ବିଭାଗର ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବନ୍ତାରା ହେଉଛି, ହାତୀମାନଙ୍କର ଉଦ୍ଧାର, ଚିକିତ୍ସା ଏବଂ ଆଜୀବନ ଯତ୍ନ ପାଇଁ ଏକ ଉତ୍ସର୍ଗୀକୃତ ସାମାଜିକ ପ୍ରତିଷ୍ଠାନ। ୯୯୮ ଏକର ପରିମିତ ଜମିରେ ଗଢି ଉଠଇଥିବା ଏହି କେନ୍ଦ୍ରରେ ୨୪୦ରୁ ଅଧିକ ଉଦ୍ଧାର ହୋଇଥିବା ହାତୀ ରହିଛନ୍ତି। ବନ୍ତାରାର ସିଇଓ ଭିଭାନ କର୍ନି କହିଛନ୍ତି, ଏହି ପୁରସ୍କାର ସେହି ଅସଂଖ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ, ଯେଉଁମାନେ ଭାରତର ପଶୁମାନଙ୍କର ସୁରକ୍ଷା ଏବଂ ଯତ୍ନନେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଏପରିକି ବନ୍ତାରାରେ ପଶୁମାନଙ୍କର ସେବା କରିବା କେବଳ ଏକ କର୍ତ୍ତବ୍ୟ ନୁହେଁ,ଏହା ଆମର ଧର୍ମ ଓ ସେବା ହୋଇଥିଲାବେଳେ ଆମେ ଆଗାମୀ ପିଢ଼ିମାନଙ୍କ ପାଇଁ ଭାରତର ସମୃଦ୍ଧ ଜୈବ ବିବିଧତାର ରକ୍ଷା କରିବାର ଆମ ମିଶନରେ ଅଥକ ପ୍ରୟାସ ଜାରି ରଖିବୁ।



ଅନନ୍ତ ଅମ୍ବାନୀ

# ଆଇକ୍ୟୁଓର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୭।୨**

ଆଇକ୍ୟୁଓର ବହୁ ପ୍ରତୀକ୍ଷିତ ସ୍ମାର୍ଟଫୋନ ତଥା ନୂତନ ଉତ୍ପାଦ 'ଆଇକ୍ୟୁଓ ନିଓ ୧୦ ଆର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୧୧ରେ ଲଞ୍ଚ ହେବାକୁ ଥିବା ଏହି ମଡେଲ ଯୁବ ଉପଭୋକ୍ତା, ମୋବାଇଲ୍ ଗେମର ଏବଂ ଟେକ୍ ଉତ୍ସାହୀମାନଙ୍କ ପାଇଁ ଡିଜାଇନ କରାଯାଇଛି। ଏପରିକି ଏହା ଏହା ଶକ୍ତିଶାଳୀ କାର୍ଯ୍ୟଦକ୍ଷତା, ଅଲ୍ଟ୍ରା-ସ୍ମୁଥ୍ ଗେମିଂ, ଦୀର୍ଘସ୍ଥାୟୀ ବ୍ୟାଟେରି ଲାଇଫ୍ ଏବଂ ଏକ ଇମର୍ସିଭ୍ ଡିସ୍‌ପ୍ଲେ ଅଭିଜ୍ଞତା ପ୍ରଦାନ କରିବ, ଯାହା ସେମାନଙ୍କର ଦ୍ରୁତଗତିର ଜୀବନଶୈଳୀ ସହ ତାଳଦେଇପାରିବ। ଏହାର ମୂଳରେ ଆଇକ୍ୟୁଓ ନିଓ ୧୦ଆର ସ୍ନାପଡ୍ରାଗନ ୮ଏସ୍ ଜେନ୍‌୩ ପ୍ରୋସେସର୍ ଦ୍ୱାରା ପରିଚାଳିତ ହେଉଛି। ଏପରିକି ଉନ୍ନତ ୪ଏନ୍ଏମ୍ ଟିଏସ୍ଏମ୍‌ସି ପ୍ରକ୍ରିୟା ପ୍ରଯୁକ୍ତିବିଦ୍ୟା ଉପରେ ନିର୍ମିତ, ଉଚ୍ଚ ଦକ୍ଷତା ଏବଂ ଦ୍ରୁତ କାର୍ଯ୍ୟଦକ୍ଷତା ପ୍ରଦାନ କରିବ।


**Marriage Anniversary**



Arpita Singh (Foney)
Soumya Ranjan Dash (Sikan)

Happy 1st Anniversary with a love as strong as yours this is just the first of many more anniversary.

D-3100


# ଇଡିଆଇଆଇ ପକ୍ଷରୁ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ




ଉଦ୍‌ଘାଟନ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ନୂଆଦିଲ୍ଲୀ,୨୭।୨**

ଭାରତୀୟ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ (ଇଡିଆଇଆଇ)ର ବହୁ ପ୍ରତୀକ୍ଷିତ କର୍ମଶାଳା ତଥା ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ ଗୁରୁବାରଠାରୁ ପ୍ରତିଷ୍ଠାନର ଅହମଦାବାଦ କ୍ୟାମ୍ପସରେ ଅନୁଷ୍ଠିତ ହେଉଛି। ଉଦ୍ୟୋଗ ଉପରେ ତିନିଦିନିଆ ସମ୍ମିଳନୀ ୨୦୨୫ ଫେବୃଆରୀ ୨୮ରେ ସମାପ୍ତ ହେବ। ଏଥିରେ ବିଭିନ୍ନ ଗବେଷକ, ଶିକ୍ଷାବିତ ଓ ବୃତ୍ତିଧାରୀମାନେ ଯୋଗ ଦେଇ ଉଦ୍ୟୋଗ ବିକାଶ ଉପରେ ଗବେଷଣା ଅଧ୍ୟୟନ ଓ ନିଷ୍କର୍ଷ ବାଣ୍ଟିବାରେ ସହାୟକ ହେବ। ଏହି ସମ୍ମିଳନୀରେ ଉଦ୍ୟୋଗିତାର ଗୁରୁତ୍ୱ ଓ ଅଭ୍ୟାସ, ଶିକ୍ଷା, ଇକୋସିଷ୍ଟମ, ମନସ୍ତତ୍ତ୍ୱ, ଏମ୍ଏସ୍ଏମ୍ଇ ଉଦ୍ୟୋଗିତା, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ, ଷ୍ଟାର୍ଟଅପ ତଥା ନବସୃଜନ, ସବୁଜ ଓ ସ୍ଥାୟୀ ଉଦ୍ୟୋଗ, ପରିବାର ବ୍ୟବସାୟ ଉପରେ ୯ଟିରୁ ଅଧିକ ଦେଶର ବିଦ୍ୱାନଙ୍କ ଦ୍ୱାରା ୧୮୪ଟି ଗବେଷଣା ପତ୍ର ଓ ଅଧ୍ୟୟନ ଉପସ୍ଥାପନା କରାଯାଇଥିଲା। ମୁଖ୍ୟ ଅତିଥି ପ୍ର. ଡ. ଟିଭି ରାଓ, ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଟିଭି ରାଓ ଲର୍ନିଂ ସିଷ୍ଟମ ପ୍ରା. ଲି. ଓ ଭାରତୀୟ ପରିଚାଳନା ସଂସ୍ଥାନ, ଅହମଦାବାଦର ପୂର୍ବତନ ପ୍ରଫେସରଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ସମାବେଶକୁ ସମ୍ବୋଧିତକରି ଇଡିଆଇଆଇର ମହାନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଳା କହିଥିଲେ, ଦ୍ୱିବାର୍ଷିକ ସମ୍ମିଳନୀ କ୍ରମାଗତ ଭାବରେ ବିଶ୍ୱବ୍ୟାପୀ ଗବେଷକ ଓ ଶିକ୍ଷକମାନଙ୍କୁ ସେମାନଙ୍କ ଚିନ୍ତାଧାରା ଓ ନବସୃଜନ ବାଣ୍ଟିବା ପାଇଁ ଏକ ମଞ୍ଚ ପ୍ରସ୍ତୁତ କରିଛି।

# ବିଏ ସହ ଆପଲ୍‌ର ବୁଝାମଣା

**ନୂଆଦିଲ୍ଲୀ,୨୭।୨**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆପଲ ଇଣ୍ଡିଆ ଏବଂ ଭାରତୀ ଏୟାରଟେଲ୍ (ବିଏ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରି କି ବିଏ ତା'ର ଗ୍ରାହକମାନଙ୍କ ନିକଟରେ ବହୁ ପ୍ରଶଂସିତ ଆପଲ୍ ଟିଭି ପ୍ଲସ ଷ୍ଟ୍ରିମିଂ ସେବା ଏବଂ ଆପଲ୍ ମ୍ୟୁଜିକ୍ ସେବା ପହଞ୍ଚାଇବା ପାଇଁ ଏହି ରଣନୈତିକ ଭାଗୀଦାରି ଆରମ୍ଭ କରିଛି, ସମସ୍ତ ଘରୋଇ ୱାଇଫାଇ ଗ୍ରାହକମାନେ ଆପଲ୍ ଟିଭି ପ୍ଲସର ଆକର୍ଷଣୀୟ ବିଷୟବସ୍ତୁଗୁଡିକୁ ଷ୍ଟ୍ରିମ୍ କରିବାର ବିକଳ୍ପ ଅନ୍ତର୍ଭୁକ୍ତ ହେବ। ଏହା ବ୍ୟତୀତ ୯ ଟଙ୍କାର ଆରମ୍ଭ ହେଉଥିବା ନୂତନ ପ୍ଲାନରେ ପୋଷ୍ଟପେଡ୍ ଗ୍ରାହକମାନେ ଆପଲ୍ ଟିଭି ପ୍ଲସ ଆକ୍ସେସ୍ ପାଇପାରିବେ ଏବଂ ଭାରତୀୟ ଓ ବିଶ୍ୱସ୍ତରୀୟ ମ୍ୟୁଜିକ୍‌ର ଏକ ବିଶାଳ ଲାଇବ୍ରେରୀ ସହିତ ୬ ମାସର ମାଗଣା ଆପଲ୍ ମ୍ୟୁଜିକ୍ ଉପଭୋଗ କରିବେ। ଭାରତୀ ଏୟାରଟେଲ୍‌ର ସିଏମ୍‌ଓ ଏବଂ ସିଇଓ ସିଦ୍ଧାର୍ଥ ଶର୍ମା କହିଛନ୍ତି, ଆପଲ୍‌ର ଉଚ୍ଚ ପ୍ରଶଂସିତ ଭିଡିଓ ଏବଂ ମ୍ୟୁଜିକ୍ ବିଷୟବସ୍ତୁଗୁଡ଼ିକୁ କେବଳ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ଏହି ବୁଝାମଣା ସ୍ୱାକ୍ଷର କରିଛୁ। ଏହି ବୁଝାମଣା ଆମର ବହୁ ଲକ୍ଷ ଘରୋଇ ୱାଇଫାଇ ଏବଂ ପୋଷ୍ଟପେଡ଼ ଗ୍ରାହକଙ୍କୁ ଏକ ଅସାଧାରଣ ସୁଯୋଗ ପ୍ରଦାନ କରିବ, ଯାହା ସେମାନଙ୍କୁ ଆପଲ୍‌ର ପ୍ରିମିୟମ ବିଷୟବସ୍ତୁ କ୍ୟାଟାଲଗ୍ ଆକ୍ସେସ୍ ପ୍ରଦାନ କରିବ। ଆପଲ୍ ଇଣ୍ଡିଆର କଣ୍ଟେଣ୍ଟ ଆଣ୍ଡ ସର୍ଭିସେସ୍ ନିର୍ଦ୍ଦେଶିକା ଶାଲିନୀ ପୋଦାର କହିଛନ୍ତି, ଆମର ସର୍ବୋତ୍ତମ ସଙ୍ଗୀତ ସେବା ପାଇଁ ଏୟାରଟେଲ ସହ ଭଗୀଦାରି କରି ଆମେ ବେଶ୍ ଉତ୍ସାହିତ ଅଛୁ। ଆପଲ୍ ସହିତ ବିଏର ଏହି ରଣନୈତିକ ଭାଗୀଦାରି ପ୍ଲାଟଫର୍ମର ଗ୍ରାହକମାନଙ୍କୁ ପ୍ରିମିୟମ, ଆକର୍ଷଣୀୟ ଡ୍ରାମା ଏବଂ କମେଡି, ଫିଚର, ଫିଲ୍ମ, ଗ୍ରାଉଣ୍ଡ ବ୍ରେକିଂ ଡକ୍ୟୁମେଣ୍ଟାରୀ ଏବଂ ଶିଶୁ ଓ ପାରିବାରିକ ମନୋରଞ୍ଜନର ଏକ ସ୍ୱତନ୍ତ୍ର ଆକ୍ସେସ୍ ପ୍ରଦାନ କରିବ।


# Classified Everyday

**0674-2580101, 9692975378**



**REAL ESTATE**

**SALE**

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437054765, 9853035888.** D-3095

**Residential plot 60x35=2100sft. with compound wall East facing near Phulanakhara, Cuttack, 12 K.M. from BBSR 2500000/- on instalment for poor buyers. 7809525452.** D-76421

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243




To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Positively health benefited spa by expert therapist. 7750040475. D-76199

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I have lost my MEO class 4 CoC No.- 95Z 36028, issued by Directorate General of Shipping, Govt. Of India. If found please contact Tanmaya Senapati, Mob: 8698094459, plot No.- 4809, Lane-11, Gouri Nagar, Bhubaneswar- 751002, Odisha. D-3101

**AFFIDAVIT**

I, Meheboob Khan/ Maheboob Khan, Son of- Babu Khan, Vill:- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN- 755005, Odisha declare by this affidavit No.- 429 dtd- 24.02.2025 that now onwards I shall be known as Mahboob Khan for all future purposes. D-3093

I, Nazma Khatun, Wife of- Mahboob Khan, Vill:- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN- 755005 declare by this affidavit No.- 433 dtd- 24.02.2025 that now onwards I shall be known as Nazma Khatoon for all future purposes. D-3092

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Executive Magistrate, Kantabanji, bearing No.- 206(1), on dtd 27.02.2025 I, Surekha Kumbhar @ Mina Kumbhar unmarried, D/o- Brundaban Kumbhar of Village/ P.O./ P.S.- Kantabanji, Dist.- Balangir, Odisha do hereby declare that in the PPO of my father Brundaban Kumbhar my name is mentioned as "SUREKHA KUMBHAR" as family members but in my Aadhaar Card No.- xxxx xxxx 3013 my nick name is mentioned as "Mina Kumbhar" where as Surekha Kumbhar and Mina Kumbhar, D/o- Brundaban Kumbhar is one and same person and I am unmarried daughter. D-3096

By virtue of an affidavit sworn before the Executive Magistrate, Dharmasala dated 27.02.2025 I Sanjukta Nayak, Address: At- Achyutapur, P.O./ P.S.- Dharmasala, Dist.- Jajpur, Odisha- 755008 declare that I have changed my name from Sanjuta Nayak to Sanjukta Nayak. Henceforth, I shall be known as Sanjukta Nayak for all purposes. D-3099

By virtue of an affidavit before the Executive Magistrate, Bhubaneswar, vide No.- 20, dtd. 27.02.2025, I, Bulei Pagad, S/o- Gurubari Pagad, resident of At- Saripur, P.O./P.S.- Balipatana, Dist.- Khordha, PIN- 752102, Odisha declare that Subash Chandra Pagad and Bulei Pagad is one and same person i.e. myself. Henceforth, I shall be known as Bulei Pagad for all future purposes. D-75837

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମାରାଥନ ପାଇଁ ବିଶେଷଜ୍ଞଙ୍କ ଟିପ୍ସ



**ମାରାଥନରେ ଭାଗ ନେବାକୁ ଗଲେ ଆଖପାଖରେ ଥିବା ବ୍ୟକ୍ତି ହଠାତ୍ ବିଶେଷଜ୍ଞଙ୍କ ଭଳି ପରାମର୍ଶ ଦେଇଥାନ୍ତି। ବନ୍ଧୁମାନେ ଇନ୍‌ଷ୍ଟାଗ୍ରାମରେ ଥିବା ବିଭିନ୍ନ କୌଶଳ ଫରୱାର୍ଡ କରନ୍ତି। କିନ୍ତୁ ଏହି କ୍ଷେତ୍ରରେ ଏଲିଟ ଆଥଲେଟ ଓ ସଫଳ କୋଚ୍‌ଙ୍କ ଭଳି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନିଆଯିବା ଉଚିତ। ୪ ଥରର ଅଲିମ୍ପିଆନ ଏଲିଶ ମ୍ୟାକକୋଲଗାନ, ବିଶ୍ୱ ଓ ଅଲିମ୍ପିକ ଚାମ୍ପିୟନ ଟ୍ରାଇଥଲେଟ ଆଲେକ୍ସ ୟି, ଅଗ୍ରଣୀ ଅଲ୍‌ଟ୍ରାରନର ଓ ରେଡ ବୁଲ୍ ଆଥଲେଟ ଟମ୍ ଇଭାନ୍ସ ଓ ସ୍ପୋର୍ଟ୍ସ ସାଇଣ୍ଟିଷ୍ଟ ଜୋନାଥନ ରବିନସନଙ୍କ ଟିପ୍ସକୁ ନେଇ ବିଶେଷ ଉପସ୍ଥାପନା...**

ମାରାଥନରେ ଦୌଡ଼ିବା ବେଳେ ଦୁର୍ଘଟଣାକୁ ଏଡ଼ାଇ ଦିନଟିକୁ ଉପଭୋଗ କରିବା ସହ ନିଜ ଟାଇମିଂରେ ଉନ୍ନତି ଆଣିବା ପାଇଁ ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। କେହି ମାରାଥନରେ ଭାଗ ନେବାକୁ ଗଲେ ଆଖପାଖରେ ଥିବା ସମସ୍ତେ ହଠାତ୍ ବିଶେଷଜ୍ଞଙ୍କ ଭଳି ପରାମର୍ଶ ଦେଇଥାନ୍ତି। ପରିବାର ବର୍ଗ ଅଯାଚିତ ପରାମର୍ଶ ଦିଅନ୍ତି। ବନ୍ଧୁମାନେ ଇନ୍‌ଷ୍ଟାଗ୍ରାମରେ ଥିବା ବିଭିନ୍ନ କୌଶଳ ଫରୱାର୍ଡ କରନ୍ତି। କିନ୍ତୁ ଏହି କ୍ଷେତ୍ରରେ ଏଲିଟ ଆଥଲେଟ ଓ ସଫଳ କୋଚଙ୍କ ଭଳି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନିଆଯିବା ଉଚିତ। ମାରାଥନରେ ପ୍ରଥମ ଥର ଭାଗ ନେଉଥିବା ଆଥଲେଟ ଓ ନିୟମିତ ଭାଗ ନେଉଥିବା ଆଥଲେଟଙ୍କ ଟାଇମିଂରେ ସୁଧାର କରିବା ଲାଗି ଟ୍ରେନିଂଠାରୁ ଆରମ୍ଭ କରି କେଉଁଭଳି ପୋଷାକ ପିନ୍ଧିବା କଥା, କ'ଣ କ'ଣ ଖାଇବା ଉଚିତ ସେ ସମ୍ପର୍କରେ ୪ ଥରର ଅଲିମ୍ପିଆନ ଓ କୋରୋସ ଆଥଲେଟ ଏଲିଶ ମ୍ୟାକକୋଲଗାନ, ବିଶ୍ୱ ଓ ଅଲିମ୍ପିକ ଚାମ୍ପିୟନ ଟ୍ରାଇଥଲେଟ ଆଲେକ୍ସ ୟି, ଅଗ୍ରଣୀ ଅଲ୍‌ଟ୍ରାରନର ଓ ରେଡ ବୁଲ୍ ଆଥଲେଟ ଟମ୍ ଇଭାନ୍ସ ଓ ସ୍ପୋର୍ଟ୍ସ ସାଇଣ୍ଟିଷ୍ଟ ଜୋନାଥନ ରବିନସନଙ୍କ ଟିପ୍ସ ପ୍ରଣିଧାନଯୋଗ୍ୟ।

## ରେସ୍ ଦିନ କିଛି ବି ନୂଆ କରିବା ଉଚିତ ନୁହେଁ

ମାରାଥନ ଧାବକମାନେ କରୁଥିବା ଭୁଲ୍ ମଧ୍ୟରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାର ପଛର କାରଣ ମଧ୍ୟ ଅତି ସରଳ। ରେସ୍ ଦିନ ଲାଗି ଧାବକମାନେ ଖୁବ୍ ଉତ୍ସାହିତ ଥାଆନ୍ତି। ସାଧାରଣତଃ ଆଥଲେଟମାନେ ନୂଆ ଜୋତା କିମ୍ବା ଏନର୍ଜି ଡ୍ରିଙ୍କ୍ସ କିଣିଥାନ୍ତି। କିନ୍ତୁ ବିଶେଷଜ୍ଞମାନେ ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି। ରେସ୍ ଦିନ ସକାଳୁ କିଛି ବି ନୂଆ କିମ୍ବା ଭିନ୍ନ କରିବା ଉଚିତ ନୁହେଁ। କିଛି ଭିନ୍ନ ଖାଦ୍ୟ କିମ୍ବା ଡ୍ରିଙ୍କ କିମ୍ବା ମୁହଁରେ ଜେଲ ଲଗାଇବା ଉଚିତ ନୁହେଁ। ନୂଆ ଜୋତା, ମୋଜା କିମ୍ବା ପୋଷାକ ପିନ୍ଧିବା କଥା ନୁହେଁ। ନିଜର ପୂର୍ବ ରୁଟିନକୁ ଜାରି ରଖିବା ଉଚିତ ବୋଲି ମ୍ୟାକକୋଲଗାନ କହିଛନ୍ତି।

ମୁଁ ଓ ମୋ ସାଥୀ ଅନ୍‌ଲାଇନ କୋଚିଂ ଦେଉ। ଲୋକେ ଏଭଳି ଜାଲରେ ପଡ଼ନ୍ତି। ଲୋକେ ଉତ୍ସାହିତ ହୋଇ ପୂର୍ବରୁ କଦାପି ଦେଖି ନ ଥିବା ଜୋତା, ଏନର୍ଜି ଡ୍ରିଙ୍କ୍ ଓ ଜେଲ୍ କିଣିନିଅନ୍ତି। ଏହାଦ୍ୱାରା କେବଳ ଧାବକଙ୍କ ବିପର୍ଯ୍ୟୟ ହିଁ ହୋଇଥାଏ। ଟ୍ରେନିଂ ବେଳେ ପରୀକ୍ଷା ନିରୀକ୍ଷା କରାଯାଇ ପାରିବ, କିନ୍ତୁ ରେସ୍ ଦିନ ନୁହେଁ। ରେସ୍ ଦିନ ଯାହାବି ବ୍ୟବହାର ହେବ ତାହାକୁ କିଛି ସପ୍ତାହ ଧରି ବ୍ୟବହାର କରିଥିବା ଉଚିତ ବୋଲି ମ୍ୟାକକୋଲଗାନ କହିଛନ୍ତି।

## ଭଲଭାବେ ପ୍ରସ୍ତୁତି ଆବଶ୍ୟକ

ମାରାଥନର ଅର୍ଥ ପାର୍କରେ ଚାଲିବା ନୁହେଁ। ଏଥିଯୋଗୁ ଶରୀର ଉପରେ ଖୁବ୍ ଚାପ ପଡିଥାଏ। ତେଣୁ ଏଗୁଡ଼ିକୁ ସମ୍ମୁଖୀନ ହେବାପାଇଁ ମାରାଥନର ଭଲଭାବେ ପ୍ରସ୍ତୁତ ରହିବା ଆବଶ୍ୟକ। ଏହାର ଅର୍ଥ ମାରାଥନର ଏଥିଲାଗି ନିଜକୁ ଦୀର୍ଘଦିନଧରି ପ୍ରସ୍ତୁତ କରିବା ଉଚିତ। ଧୀରେ ଧୀରେ ଟ୍ରେନିଂ ବୋଝ ବଢ଼ାଇବା ଦରକାର।

ଅଧିକାଂଶ ଲୋକ ମାରାଥନ ଲାଗି ନିଜକୁ ଗୋଟିଏ କି ଦୁଇ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିପାରିବେ ନାହିଁ। ଏଥିଲାଗି ପାଖାପାଖି ୨୦ ସପ୍ତାହ ଧରି ଯୋଜନା ମୁତାବକ ଟ୍ରେନିଂ କରିବା ଦରକାର। କିନ୍ତୁ ଏହା ପରିସ୍ଥିତି ଉପରେ ନିର୍ଭର କରେ। ଯଦି ଜଣେ ପୂର୍ବରୁ କଦାପି ରେସ୍ କରିନାହିଁ ତେବେ ପ୍ରତିବର୍ଷ ମାରାଥନରେ ଭାଗ ନେଉଥିବା ବ୍ୟକ୍ତି ଅପେକ୍ଷା ଅଧିକ କଷ୍ଟ ଅନୁଭବ କରିବ। ମାରାଥନ ଲାଗି ଯେତେ ଅଧିକ ଟ୍ରେନିଂ କରିବେ, ସେତେ ଭଲ।

## ପୁଷ୍ଟିକର ଖାଦ୍ୟ

ଭୁଲ୍ କିମ୍ବା ଆବଶ୍ୟକତାଠାରୁ ଅଧିକ ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ହୋଇପାରେ। ଏଥିଯୋଗୁ କେଉଁ ଖାଦ୍ୟ କେତେ ପରିମାଣରେ ଗ୍ରହଣ କରାଯିବ, ସେଥିଲାଗି ଉପଯୁକ୍ତ ଯୋଜନା ଦରକାର। ଆମେ ସ୍ପୋର୍ଟ୍ସ ଡ୍ରିଙ୍କ୍ସ ଉପରେ ଅଧ୍ୟୟନ କରିଛୁ। ଯେଉଁ ଡ୍ରିଙ୍କ୍ସ କିମ୍ବା ଖାଦ୍ୟ ତୁମକୁ ଭଲ ଲାଗିବ ତାହାକୁ ଗ୍ରହଣ କରିବା ଉଚିତ। ନ ହେଲେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ ହେବ। ତୁମେ କ'ଣ ଖାଇବାକୁ ଯାଉଛ, ତାହାର ଯୋଜନା କରିବା ଦରକାର ଏବଂ ରେସ୍ ପୂର୍ବରୁ ତାହାକୁ ବ୍ୟବହାର କରିବା ଉଚିତ। ତୁମେ ଅସୁସ୍ଥ ନ ହୋଇ କେତେ ପରିମାଣରେ ଖାଦ୍ୟ କିମ୍ବା ଡ୍ରିଙ୍କ୍ସ ଗ୍ରହଣ କରିପାରିବ, ତାହା ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏନର୍ଜି ଡ୍ରିଙ୍କ୍ସ ହଜମ କରିପାରିବେ ନାହିଁ। ଏହାକୁ ବ୍ୟବହାର କରିବା ଦ୍ୱାରା କିଛି ଲୋକଙ୍କର ପେଟରେ ଯନ୍ତ୍ରଣା ଏବଂ ଡାଇରିଆ ମଧ୍ୟ ହୋଇପାରେ, ଯାହାକି ମାରାଥନ ଧାବକଙ୍କୁ କୌଣସି ଫାଇଦା ଦେବ ନାହିଁ। ତୁମେ ଅଧିକ ଖାଦ୍ୟ ଖାଇପାରିବ ନାହିଁ କିମ୍ବା ଆବଶ୍ୟକତାଠାରୁ କମ୍ ଖାଇ ପାରିବ ନାହିଁ। ଏଥିଯୋଗୁ ରବିନସନ ରେସ୍ ପୂର୍ବରୁ ଏବଂ ରେସ୍ ବେଳେ ଶ୍ୱେତସାର ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି। ଏହାଦ୍ୱାରା ତୁମ ଶରୀରର ଓଜନ ବଢ଼ିବ ନାହିଁ। କିନ୍ତୁ ମାଂସପେଶୀରେ ଆବଶ୍ୟକ ଥିବା ଗ୍ଲାଇକୋଜେନ ପରିମାଣ ବୃଦ୍ଧି ପାଇବ।

ରେସ୍ ଦିନ ଇଭେଣ୍ଟ ଆରମ୍ଭ ହେବାର ୩ରୁ ୪ ଘଣ୍ଟା ପୂର୍ବରୁ ୧୦୦ରୁ ୨୦୦ ଗ୍ରାମ୍ ଶ୍ୱେତସାର ଯୁକ୍ତ ଖାଦ୍ୟ ଖାଇବା ଉଚିତ। ରେସ୍ ଆରମ୍ଭ ହେବାର ୧୫ରୁ ୨୦ ମିନିଟ ପୂର୍ବରୁ ୨୦ରୁ ୩୦ ଗ୍ରାମ୍ ଶ୍ୱେତସାର ଖାଦ୍ୟ ସହିତ ୯୦ରୁ ୧୮୦ ଏମ୍‌ଏଲ୍ ପାଣି ପିଇବା ଉଚିତ। ଏହି ସମୟରେ ଏନର୍ଜି ଜେଲ୍ ବ୍ୟବହାର କରାଯାଏ। ରେସ୍ ଦିନ ଶ୍ୱେତସାର ଭରି ରହିଥିବା ଖାଦ୍ୟ ଯଥା ଧଳା ଚାଉଳ, ଧଳା ବ୍ରେଡ, ରନ୍ଧା ଫଳ, ପନିପରିବା ଓ ଆଳୁ, ପାଚିଲା କଦଳୀ, ରାଇସ କେକ୍, ମହୁ, ଜୁସ ଖାଇବା ଉଚିତ।

## ଉପଯୁକ୍ତ ଜୋତା ବ୍ୟବହାର

ଆଖିକୁ ଭଲ ଦେଖାଯାଉଥିବା ଜୋତା ଆଥଲେଟଙ୍କ ଫିଟନେସ ସ୍ତରକୁ ବୃଦ୍ଧି କରେ ନାହିଁ। କିନ୍ତୁ ରେସ୍ ଦିନ ଉପଯୁକ୍ତ ଜୋତା ପିନ୍ଧିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ଲୋକ ସେମାନଙ୍କ ଲାଗି ଉପଯୁକ୍ତ ନଥିବା ଜୋତା ପିନ୍ଧନ୍ତି। ଅନଲାଇନରେ ଦେଖିଥିବା ଜୋତା ଆଖିକୁ ଭଲ ଦେଖାଯାଇ ପାରେ। କିନ୍ତୁ ଦୌଡ଼ିବା ଲାଗି ତାହାକୁ ବ୍ୟବହାର କରିବା ଉଚିତ ହୋଇ ନ ପାରେ। ଏଥିଯୋଗୁ ଅନେକ ଜୋତା ଦୋକାନରେ ଏବେ ଟ୍ରେଡମିଲ ରଖାଯାଉଛି, ଯାହାକି ତୁମକୁ ଉଚିତ ଜୋତା ଖୋଜିବାରେ ସାହାଯ୍ୟ କରିବ। କେଉଁ ଭଳି ପାଣିପାଗ ବା ପରିବେଶରେ ରେସ୍ ହେବାକୁ ଯାଉଛି, ତାହାକୁ ଦୃଷ୍ଟିରେ ରଖି ପୋଷାକ ପିନ୍ଧିବା ଦରକାର ବୋଲି ମ୍ୟାକକଲଗାନ କହିଛନ୍ତି।

## ଷ୍ଟ୍ରେନ୍ଥ ଟ୍ରେନିଂ

ଅନେକ ଡିଷ୍ଟାନ୍ସ ରନର ଚିନ୍ତା କରିପାରନ୍ତି ଯେ, ସେମାନଙ୍କୁ ଷ୍ଟ୍ରେନ୍ଥ ଟ୍ରେନିଂର ଆବଶ୍ୟକତା ନାହିଁ। କିନ୍ତୁ ମୋ ମତରେ ଇଞ୍ଜୁରୀରୁ ଦୂରେଇ ରହିବା ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କିଛି ନ କରିବାଠାରୁ କିଛି କରିବା ଭଲ ବୋଲି ମୁଁ ପରାମର୍ଶ ଦେବି। ତୁମେ ମୋଟା ମାଂସପେଶୀ ଚାହିଁ ନ ପାର କିନ୍ତୁ ମାଂସପେଶୀର ସହନଶୀଳତା ବୃଦ୍ଧି କରିବା ଲାଗି ୱାର୍କଆଉଟ କରିବା ଉଚିତ ବୋଲି ରବିନସନ କହିଛନ୍ତି। ଏ ସମ୍ପର୍କରେ ଅଲିମ୍ପିକ ଟ୍ରାଇଥଲନ ଚାମ୍ପିୟନ ଆଲେକ୍ସ ୟି କହିଛନ୍ତି, ଆଣ୍ଠୁ ତଳକୁ ମାଂସପେଶୀକୁ ମଜଭୁତ କରିବା ପାଇଁ ମୁଁ ସପ୍ତାହକୁ ଦୁଇ ଥର ୬୦ରୁ ୭୦ ମିନିଟ ପାଇଁ ଷ୍ଟ୍ରେନ୍ଥ ଟ୍ରେନିଂ କରେ। ଯାହା ଫଳରେ ମୁଁ ଯେଉଁ ମାଇଲେଜରେ ଦୌଡୁଛି, ତାହାକୁ ସହି ପାରିବି। ଏଥିଲାଗି ପ୍ଲାଙ୍କ ଭଳି ୱାର୍କଆଉଟ କରିବା ପସନ୍ଦ କରେ।


ଆଲେକ୍ସ ୟି'

## କ୍ରସ୍ ଟ୍ରେନିଂ

କ୍ରସ୍ ଟ୍ରେନିଂର ଅର୍ଥ ହେଉଛି ବିଭିନ୍ନ ପ୍ରକାରର ଏକ୍ସରସାଇଜକୁ ଟ୍ରେନିଂ ଯୋଜନାରେ ସାମିଲ କରିବା। ଉଦାହରଣ ସ୍ୱରୂପ ଷ୍ଟ୍ରେନ୍ଥ ଟ୍ରେନିଂ। କ୍ରସ୍ ଟ୍ରେନିଂ କରିବା ଦ୍ୱାରା ଆହତ ହେବାର ସମ୍ଭାବନା ହ୍ରାସ ପାଏ। ମାରାଥନ ଲାଗି ପ୍ରସ୍ତୁତ ହେଲା ବେଳେ ସର୍ବଦା ଦୌଡ଼ିବା ଦରକାର ନାହିଁ। ତୁମେ ଏରୋବିକାଲି ଟ୍ରେନିଂ କରିପାରିବ। ଏଥିରେ ସାଇକ୍ଲିଂ, ଆକୁଆ ଜଗିଂ, କାର୍ଡିଓ ଭଳି ଏକ୍ସରସାଇଜ ସାମିଲ ରହିଛି। କ୍ରସ ଟ୍ରେନିଂ କାର୍ଡିଓଭାସ୍କୁଲାର ସିଷ୍ଟମକୁ ଫାଇଦା ପ୍ରଦାନ କରେ। ଆଥଲେଟମାନେ ମାରାଥନ ପୂର୍ବରୁ ପ୍ରତ୍ୟେକ ସପ୍ତାହରେ ଏକ ଅତିରିକ୍ତ ଏରୋବିକ ସେସନକୁ ସାମିଲ କରନ୍ତି। ସେମାନେ ନିଜ ଶରୀର ଉପରେ ଅଧିକ ବୋଝ ନ ପକାଇ କାର୍ଡିଓଭାସ୍କୁଲାର ସିଷ୍ଟମକୁ ସଶକ୍ତ କରିବା ଲାଗି ସାଇକ୍ଲିଂ ଭଳି କ୍ରସ ଟ୍ରେନିଂ କରନ୍ତି।

## ପିରାମିଡ ଭଳି ପ୍ରସ୍ତୁତି

ମାରାଥନ ଲାଗି ପିରାମିଡ ଭଳି ପ୍ରସ୍ତୁତି କରିବା ଦରକାର। ପିରାମିଡ ଶେଷରେ ବିଶ୍ରାମ, ରିକଭରି, ଶୋଇବା, ହାଇଡ୍ରେଶନ ଓ ନ୍ୟୁଟ୍ରିଶନ ରହିବ। ଯଦି ମୂଳଦୁଆ ଠିକ୍ ରହିବ, ତେବେ ତାହା ଉପରେ ତୁମେ ସବୁ କିଛି କରିପାରିପାରିବ। ଯଦି ତୁମ ଖାଇବା ଓ ଶୋଇବା ଠିକ୍ ନାହିଁ ଏବଂ ତୁମେ ରିକଭର କରୁନାହଁ, ତେବେ ତୁମ ଜୋତା କେତେ ଆଖିଦୃଶିଆ କିମ୍ବା କୌଣସି ସ୍ପୋର୍ଟ୍ସ ଡ୍ରିଙ୍କ୍ସ ତୁମକୁ ଫାଇଦା ଦେବ ନାହିଁ। କାରଣ ତୁମ ପ୍ରଦର୍ଶନ ମୂଳଦୁଆ ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ ତୁମେ ଦୀର୍ଘ ସମୟ ଧରି ଦୌଡ଼ିବା ପରେ କୌଣସି ପ୍ରକାର ଖାଦ୍ୟ ନ ଖାଇ ପରଦିନ ତୁମେ ସିଧାସଳଖ ଟ୍ରେନିଂ କଲେ, ତୁମକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ତୁମ ପାଖରେ ବଳ ଅଭାବ ରହିବ। ମାରାଥନ ଲାଗି ପ୍ରସ୍ତୁତ ହେଲା ବେଳେ ଯଥେଷ୍ଟ ଖାଦ୍ୟ ଓ ନିଦ୍ରାର ଆବଶ୍ୟକତା ରହିଛି। ଏହାଦ୍ୱାରା ପ୍ରଦର୍ଶନରେ ସୁଧାର ଆସିବ ଓ ଆହତ ହେବାର ଆଶଙ୍କା ହ୍ରାସ ପାଇବ।

## ଚତୁରତାର ସହ ଟ୍ରେନିଂ

ଯଦି ତୁମେ ଟ୍ରେନିଂ ସୁଧାର ଆଣିବାକୁ ଚାହୁଁଛ, ତେବେ ଡାଟା ଏବଂ ଟ୍ରାକିଂକୁ ବନ୍ଧୁ କରିବାକୁ ପଡ଼ିବ। ଆଥଲେଟମାନେ ସ୍ମାର୍ଟୱାଚ ଓ ପିନ୍ଧାଯାଉଥିବା ଯନ୍ତ୍ର ସହିତ ଟ୍ରେନିଂ କରିବା ଦରକାର। ଏଥିରୁ ତୁମକୁ ତୁମ ଗତି ଜଣାପଡ଼େ। ଲୋକେ ଆମ ନିକଟକୁ ଆସନ୍ତି, ଆମେ କିଛି ପରୀକ୍ଷା କରୁ। ସେହି ତଥ୍ୟ ଆଧାରରେ ସେମାନେ କେବେ ମାରାଥନ ଲାଗି ପ୍ରସ୍ତୁତ ହେବେ ଆମେ କହିପାରିବୁ। ସେହି ତଥ୍ୟ ଆଧାରରେ ସେମାନେ କେବେ ଟ୍ରେନିଂ କରିବା ଦରକାର ଏବଂ କେବେ ଓ କେତେ ବିଶ୍ରାମ ନେବା ଦରକାର ଆମେ ଜଣାଉ। ମୋ ମତରେ ଏଥିରୁ ସେମାନଙ୍କୁ ଖୁବ୍ ଲାଭ ମିଳେ। ଏଥିରୁ ସେମାନେ ନିଜ ପ୍ରଦର୍ଶନରେ ସୁଧାର ମଧ୍ୟ ଆଣିପାରିବେ ବୋଲି ରବିନସନ କହିଛନ୍ତି।

## ଧୀରେ ଧୀରେ ଗତି ବଢ଼ାନ୍ତୁ

ଏବେ ଘଣ୍ଟାରେ ଭଲ ଜିପିଏସ୍ ବ୍ୟବହାର ହେଉଥିବାରୁ ଆଥଲେଟଙ୍କୁ ହୁପ ଭଳି ହାଇ-ଟେକ ଟ୍ରାକର୍ସ ବ୍ୟବହାର କରିବାକୁ ପଡୁନାହିଁ। ରେସ୍‌ରେ ଦ୍ରୁତ ଗତିରେ ଦୌଡ଼ି ନିଜ ବଳ ଶେଷ କରିବା ବଦଳରେ ରେସ୍‌ର ପର୍ଯ୍ୟାୟ ଅନୁଯାୟୀ ଗତି ବଢ଼ାଇବା ଦରକାର। ରେସ୍ ଆରମ୍ଭରୁ ଧିମା ଓ ଶେଷ ପର୍ଯ୍ୟାୟରେ ଗତିରେ ବୃଦ୍ଧି କରିବାର ଆବଶ୍ୟକତା ରହିଥାଏ। ଏହାଦ୍ୱାରା ମାରାଥନ ଧାବକଙ୍କ ଟାଇମିଂରେ ୧୦ ମିନିଟର ବ୍ୟବଧାନ ଆସିଥିବା ରବିନସନ ପ୍ରକାଶ କରିଛନ୍ତି।

## ଦୃଢ଼ ମାନସିକତା

ଏକ ମାରାଥନ ୨ରୁ ୬ ଘଣ୍ଟା ଧରି ଚାଲିଥାଏ। ନିଜ ଭାବନାରେ ରହିବା ପାଇଁ ଏହା ଖୁବ୍ ଦୀର୍ଘ ସମୟ। ଏଥିଯୋଗୁ ଫିନିସ ଲାଇନରେ ପହଞ୍ଚିବା ପାଇଁ ସଶକ୍ତ ଶରୀର ଓ ଦୃଢ଼ ମାନସିକତା ଦରକାର। ଏ ସମ୍ପର୍କରେ ଅଲ୍‌ଟ୍ରାରନର ଟମ୍ ଇଭାନ୍ସ ପରାମର୍ଶ ଦେଇଛନ୍ତି ଯେ, ମାରାଥନରେ ଦୌଡ଼ିଲା ବେଳେ ଆଥଲେଟ ଉଚିତ ମାଇଣ୍ଡସେଟ୍‌ରେ ରହିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମୋ ମତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କାରଣକୁ ଖୋଜିବା। ମୁଁ କାହିଁକି ମାରାଥନରେ ଦୌଡ଼ିବାର କଷ୍ଟ କରୁଛି। ଯଦି ତୁମ ପାଖରେ ଏକ ଦୃଢ଼ କାରଣ ରହିଛି, ତେବେ ତୁମ ଲାଗି ରେସ୍ ଶେଷ କରିବାର ବିଶେଷ ସମ୍ଭାବନା ରହିଛି। ଏହା ପଛରେ ଶ୍ରେଷ୍ଠ ଟାଇମିଂ ହାସଲ କରିବା କିମ୍ବା କୌଣସି ପ୍ରିୟଜନଙ୍କ ଲାଗି ଦୌଡ଼ିବା କିମ୍ବା ଚ୍ୟାରିଟି ଲାଗି ଟଙ୍କା ଯୋଗାଡ଼ କଲା ଭଳି କାରଣ ହୋଇପାରେ। ବଡ଼ ଦୂରତ୍ୱକୁ ଅତିକ୍ରମ କରି ମାରାଥନର ନିଜକୁ ପ୍ରମାଣିତ କରିବା ସହ ସେ କେତେ ସମର୍ଥ ଅନ୍ୟମାନଙ୍କୁ ଦେଖାଇ ଦେଇଥାଏ।



# ଭାରତ କ୍ରିକେଟ ପାଇଁ ଶୁଭ ସଙ୍କେତ


ନିର୍ମଳ କୁମାର ମିଶ୍ର

**ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମା ଫର୍ମକୁ ଫେରିବା ସହ ଶୁବମନ ଗିଲ୍ ଏବେ ଭାରତର ବ୍ୟାଟିଂ ମେରୁଦଣ୍ଡ ସାଜିଛନ୍ତି। ଯୁବ ପେସ୍ ବୋଲରଙ୍କ ସହ ସ୍ପିନରମାନେ ଟିମ୍ ଇଣ୍ଡିଆକୁ ଆଗେଇନେବାକୁ ପ୍ରତିଶ୍ରୁତିବଦ୍ଧତା ଦେଖାଇଛନ୍ତି। ଏହା ଭାରତୀୟ କ୍ରିକେଟ ପାଇଁ ଶୁଭ ସଙ୍କେତ ନିଶ୍ଚିତ...**

କ୍ରିକେଟ ଜଗତରେ ଏବେ ଚାମ୍ପିୟନ୍ସ ଟ୍ରଫିର ରୋମାଞ୍ଚକୁ ନେଇ ଚର୍ଚ୍ଚା ବଢ଼ିଛି। ଏହା ମାର୍ଚ୍ଚ ୯ରେ ସମାପ୍ତ ହେବ। ଏହାର ପ୍ରାୟ ୨ସପ୍ତାହ ପରେ ଆଇପିଏଲ୍ ଲଢ଼େଇ ଆରମ୍ଭ ହେବ। ଏହି ଲିଗ୍ ପାଖାପାଖି ୨ମାସ ଧରି ଚାଲିବ। ଏହା ପରେ ଭାରତ ୫ଟିକିଆ ଟେଷ୍ଟ ପାଇଁ ଜୁନରେ ଇଂଲଣ୍ଡ ଗସ୍ତ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଜୁନ ୨୦ରୁ ଆରମ୍ଭ ହେବ। ଭାରତ ପାଇଁ ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଚତୁର୍ଥ ସଂସ୍କରଣର ପ୍ରଥମ ସିରିଜ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ୦-୩ରେ ପରାସ୍ତ ହେବା ଓ ଅଷ୍ଟ୍ରେଲିଆଠାରୁ ୧-୩ରେ ଟେଷ୍ଟ ସିରିଜ ହାରିବା ଦ୍ୱାରା ଭାରତ ପ୍ରଥମଥର ଡବ୍ଲ୍ୟୁଟିସି ଫାଇନାଲ ଖେଳିବାକୁ ବଞ୍ଚିତ ହେଲା। ଏଥିପାଇଁ ବିସିସିଆଇ ରେଡ୍ ବଲ ଫର୍ମାଟ୍‌ର ଦଳୀୟ ସନ୍ତୁଳନ ଉପରେ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଭଲ ପ୍ରଦର୍ଶନ କରୁଛି। ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତିରେ ସ୍ପିନ୍ ଷ୍ଟ୍ରେନ୍ଥକୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ଆଇସିସି ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି ରୋହିତ ବାହିନୀ। ଦୁଇଟି ସହଜସାଧ୍ୟ ବିଜୟ ହାସଲ କରି ପ୍ରଥମ ଦଳଭାବେ ସେମିଫାଇନାଲରେ ପହଞ୍ଚି ଯାଇଛି ଟିମ୍ ଇଣ୍ଡିଆ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟି୨୦ ବିଶ୍ୱକପ ଚାମ୍ପିୟନ ହୋଇଥିବା ଭାରତ ପାଇଁ ଏହି ଟ୍ରଫି ବେଶ୍ ଗୁରୁତ୍ୱବହନ କରୁଛି। ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଫର୍ମକୁ ନେଇ ବହୁ ଚର୍ଚ୍ଚା କରାଯାଇଥିଲା। ସେମାନଙ୍କ ଅବସରକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ସୋସିଆଲ ମିଡିଆରେ ସେମାନଙ୍କର ବିଫଳତାର କାହାଣୀ ବାରମ୍ବାର ପ୍ରକାଶ କରାଯିବା ସହ ପୂର୍ବତନ ଖେଳାଳି ଓ ବର୍ତ୍ତମାନର ଭାଷ୍ୟକାରମାନେ ଏ ସମ୍ପର୍କରେ ବିଭିନ୍ନ ମତ ଦେଇ ଆସୁଥିଲେ। ମାତ୍ର ଇଂଲଣ୍ଡ ବିପକ୍ଷ ଟି୨୦ ଓ ଏକଦିବସୀୟ ସିରିଜ ଏବଂ ଚଳିତ ଚାମ୍ପିୟନ୍ସ ଟ୍ରଫିରେ ସେମାନଙ୍କର ପ୍ରଦର୍ଶନ ସମାଲୋଚକମାନଙ୍କ ମୁହଁ ବନ୍ଦ କରିଦେଇଛି। ଚଳିତ ଚାମ୍ପିୟନ୍ସ ଟ୍ରଫିରେ ୫ଜଣ ସ୍ପିନରଙ୍କୁ ନେଇ ଖେଳିବା, ମହମ୍ମଦ ସାମିଙ୍କ ଫିଟନେସ, ହର୍ଷିତ ରାଣାଙ୍କ ପରି ନବାଗତ ପେସ୍ ବୋଲରଙ୍କୁ ଦଳରେ ସାମିଲ କରିବା, ରିଷଭ ପନ୍ତଙ୍କୁ ଖେଳିବାର ସୁଯୋଗ ନ ଦେବା, ମହମ୍ମଦ ସିରାଜଙ୍କୁ ଅଣଦେଖା କରିବା ପରି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ମାତ୍ର ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଓ ଫର୍ମକୁ ପ୍ରତ୍ୟାବର୍ତ୍ତନ, ପାକିସ୍ଥାନ ବିପକ୍ଷରେ ବିରାଟ କୋହଲିଙ୍କ ଶତକ ସହ ଏକାଧିକ ରେକର୍ଡ ଏବଂ ଭାରତୀୟ କ୍ରିକେଟର ପ୍ରିନ୍ସ ଶୁବମନ ଗିଲ୍ ଏବଂ ଶ୍ରେୟସ ଆୟାରଙ୍କ ଚମକପ୍ରଦ ଫର୍ମ ଭାରତ ପାଇଁ ଶୁଭ ସଙ୍କେତ ରୂପେ ପ୍ରତୀୟମାନ ହୋଇଛି।

ଇତି ମଧ୍ୟରେ ବିସିସିଆଇ ଆଇପିଏଲ୍‌ର ୧୮ତମ ସଂସ୍କରଣ ପାଇଁ ତାରିଖ ଘୋଷଣା କରିଛି। ତେବେ ହ୍ୱାଇଟ ବଲ ଫର୍ମାଟ ପାଇଁ ଯେପରି ରେଡ୍ ବଲ ଫର୍ମାଟ ଅବହେଳିତ ନ ହୁଏ, ସେଥିପାଇଁ ବିସିସିଆଇ ଗୁରୁତ୍ୱ ଦେଇଛି। ଏହା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ବେଶ୍ ଉପଯୋଗୀ ରହିବ। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୪ରେ ଶେଷ ହେବ। ୨୦୦୭ରୁ ଇଂଲଣ୍ଡରେ ଭାରତ ଟେଷ୍ଟ ମ୍ୟାଚ ସିରିଜ ଜିତିନାହିଁ।

ଚଳିତ ଚାମ୍ପିୟନ୍ସ ଟ୍ରଫିରେ ରୋହିତ ଶର୍ମା ୧୧୦୦୦ ଓ ବିରାଟ କୋହଲି ୧୪୦୦୦ ରନ ପୂରଣ କରିବା ସହିତ ଭାରତୀୟ କ୍ରିକେଟର ପ୍ରିନ୍ସ ରୂପେ ପରିଚିତ ଶୁଭମନ ଗିଲ୍ ଏକଦିବସୀୟରେ ୮ମ ଶତକ ଅର୍ଜନ କରିଛନ୍ତି। ଭାରତୀୟ ମିଡିଲ ଅର୍ଡର ଓ ଟେଲ ଏଣ୍ଡରର୍ସମାନଙ୍କ ବ୍ୟାଟିଂ ଦକ୍ଷତା ଟିମ୍ କମ୍ବିନେଶନକୁ ବେଶ୍ ସନ୍ତୁଳିତ କରିଛି। ଆଉ କିଛି ବର୍ଷ ପରେ ଭାରତୀୟ କ୍ରିକେଟର ୩ଟି ଫର୍ମାଟ୍‌ରେ ବ୍ୟାପକ ପରିବର୍ତ୍ତନ ହୋଇପାରେ। ଯଶସ୍ୱୀ ଜୟସ୍ୱାଲ, ଅଭିଷେକ ଶର୍ମା, ଶିବମ୍ ଦୁବେ, ତିଲକ ବର୍ମା, ପ୍ରଭସିମରନ ସିଂ, ସାଇ ସୁଦର୍ଶନ, ରିୟାନ ପରାଗ, ଆୟୁଷ ବଦୋନୀ, ଅଭିଷେକ ପୋରେଲ, ବରୁଣ ଚକ୍ରବର୍ତ୍ତୀ, ରଜତ ପଟିଦାରଙ୍କ ପରି ଖେଳାଳି ଭାରତୀୟ କ୍ରିକେଟର ଭବିଷ୍ୟତଭାବେ ଉଭା ହୋଇଛନ୍ତି। ରବି ବିଷ୍ଣୋଇ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ବରୁଣ ଚନ୍ଦ୍ରବର୍ତ୍ତୀ, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, ଯେଜୁଭେନ୍ଦ୍ର ଚହଲ ବର୍ତ୍ତମାନ ଭାରତୀୟ କ୍ରିକେଟର ୩ଟି ଫର୍ମାଟରେ ସ୍ପିନର ରୂପେ ଅଧିକ ସୁଯୋଗ ପାଉଛନ୍ତି। ୩ ଫର୍ମାଟ୍‌ରୁ ରବିଚନ୍ଦ୍ରନ ଅଶ୍ୱିନୀ ଅବସର ନେବା ପରେ ତାଙ୍କ ସ୍ଥାନପୂରଣ ପାଇଁ ଯୁବ ସ୍ପିନରମାନେ ଆଗକୁ ଆସିଛନ୍ତି।

ବିଶ୍ୱସ୍ତରୀୟ ବ୍ୟାଟର୍ସ ସୃଷ୍ଟି କରିବା ସହିତ ନୂଆ ସ୍ପିନର ସୃଷ୍ଟି କରିବାରେ ଭାରତ ଅଗ୍ରଣୀ ଭୂମିକା ନେଇଛି। ଯଦିବା ବର୍ତ୍ତମାନ ସମୟରେ ଭାରତ ଅନେକ କ୍ୱାଲିଟି ପେସ୍ ବୋଲର ସୃଷ୍ଟି କରିଛି ତଥାପି ସ୍ପିନରମାନେ ଘରୋଇ ସିରିଜଗୁଡିକରେ ପ୍ରଭାବୀ ରହିଛନ୍ତି। ରିଷ୍ଟ ସ୍ପିନର କୁଲଦୀପ ଯାଦବ ଯେ କୌଣସି ପିଚ୍‌ରେ ଉଇକେଟ ନେବାର ଦକ୍ଷତା ରଖିଛନ୍ତି। ବର୍ତ୍ତମାନ ଭାରତୀୟ କ୍ରିକେଟରେ ଅନେକ ଯୁବ ସ୍ପିନର ଘରୋଇ କ୍ରିକେଟ ମାଧ୍ୟମରେ ଚମତ୍କାର ପ୍ରଦର୍ଶନ କରିବା ସହିତ ସୁଯୋଗ ଅପେକ୍ଷାରେ ରହିଛନ୍ତି। ସୌରାଷ୍ଟ୍ରର ଧର୍ମେନ୍ଦ୍ର ସିଂ ଜାଡେଜା, ଜମ୍ମୁ ଓ କଶ୍ମୀର ବୋଲର ପରଭେଜ ରସୁଲ, ଜୟନ୍ତ ଯାଦବ, ଜାଜଲ ସକ୍ସେନା ଏବଂ ଝାଡଖଣ୍ଡର ଶାହାବାଜ ନଦୀମଙ୍କ ପରି ଫିଙ୍ଗର ସ୍ପିନରମାନେ ସେମାନଙ୍କର ପ୍ରଦର୍ଶନ ମାଧ୍ୟମରେ ବ୍ରେକ୍ ପାଇବା ପାଇଁ ଅପେକ୍ଷାରତ। ବିହାରର ମୟଙ୍କ ଯାଦବ, ଜମ୍ମୁ ଓ କଶ୍ମୀର ଫାଷ୍ଟ ବୋଲର ଉମ୍ରାନ ମଲିକ, ମହାରାଷ୍ଟ୍ରର ମୁକେଶ ଚୌଧୁରୀ, ଉତ୍ତର ପ୍ରଦେଶର ଯଶ ଦୟାଲ, ଦିଲ୍ଲୀ ପେସ ବୋଲର ସିମରଜିତ୍ ସିଂଙ୍କ ପରି ବୋଲର ଭାରତୀୟ ପେସ୍ ବୋଲିଂର ଭାର ବହନ କରିବା ପାଇଁ ସକ୍ଷମ। ମାତ୍ର ଉମ୍ରାନ ମଲିକ, ମୟଙ୍କ ଯାଦବଙ୍କ ସମ୍ଭାବନା ଅଧିକ ରହିଥିବା ବେଳେ ସେମାନଙ୍କ ଆଘାତ ଜନିତ ସମସ୍ୟା ଲାଗିରହୁଛି। ଆଇପିଏଲ୍‌ର ୧୮ତମ ସଂସ୍କରଣରୁ ମଧ୍ୟ ଅନେକ ଯୁବ କ୍ରିକେଟର ଉଭୟ ବ୍ୟାଟିଂ ଓ ବୋଲିଂରେ ସୃଷ୍ଟି ହେବେ। ଭାରତୀୟ କ୍ରିକେଟ ପାଇଁ ଏହା ଶୁଭ ସଙ୍କେତ।


ବିରାଟ କୋହଲି

**ଲର୍ଗ**

ପାକ୍‌କୁ ହରାଇ
ରୋହିତ ଏଣ୍ଡ କୋ
ଅଧା ଟ୍ରଫି ଗଲା ଜିତି
ଚାମ୍ପିୟନ୍ସ ଟ୍ରଫିର ଏ ଲିଗ୍ ମ୍ୟାଚରେ
ବିରାଟ ରଖିଲା ଖ୍ୟାତି
ବିରାଟ ବି ତା'ର ସାଥୀ
ଟପ୍ ଅର୍ଡର ବୁଡ଼ିଗଲା ବେଳେ ଟୋକା
ମଙ୍ଗ ସମ୍ଭାଳଇ ନାତି।

ପାକିସ୍ତାନ ଫ୍ୟାନ କହନ୍ତି ଇଣ୍ଡିଆ
ଟିମ୍ ବାଘ ଆମେ ଛେଳି
ଆଉ କିଏ ଟିଭି,
ମୋବାଇଲ ଭାଙ୍ଗେ
ରେଫରି-କ୍ୟାପଟେନ କଳି
ବରଷା ବି ଦେଲା ଗାଳି
ବିଜୟର ସ୍ୱାଦ ନ ପାଇ ଆଉଟ
ଆୟୋଜକ ଖାଏ ବଳି।

ଗ୍ରହ ମନ୍ଦ ହେଲେ ଭଲ ମଣିଷଠିଁ
ପଡ଼ିଯିବା ପରି ପୋକ
ରିଜୱାନକୁ ଭରସା
ଅଦିନ ବରଷା
ବଢ଼ାଇଲା ପାକ୍ ଦୁଃଖ
ନିଜ କଥା ନିଜେ ଦେଖ
ଚାମ୍ପିୟନ୍ସ ଟ୍ରଫି ଜିତିବାକୁ ଟିମ୍
କଙ୍ଗାରୁଠୁଁ କଳା ଶିଖ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୮/୨୦୨୫ Bhubaneswar, Friday, February 28/ 2025

# ଏଜି ହକି: ଓଡ଼ିଶା ୫–୨ରେ ବିଜୟୀ

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ହକି ପ୍ରତିଯୋଗିତାର ତୃତୀୟ ଦିବସରେ ଗତ ଥର ଚାମ୍ପିୟନ ଓଡ଼ିଶା ୫–୨ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରଭାବ ବିସ୍ତାର କରି ୩–୦ରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା ଏବଂ ଉଭୟ ଦଳ ୨ଟି ଲେଖା ଗୋଲ ସ୍କୋର କରିଥିଲେ। ପ୍ରଶାନ୍ତ ତିର୍କୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପରାଜୟ ସତ୍ତ୍ୱେ ବେଙ୍ଗଲ ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଉଭୟ ଦଳ ଫାଇନାଲରେ ମୁହାଁମୁହିଁ ହେବେ। ଭାରତୀୟ ମହିଳା ହକି ଦଳର ସଦସ୍ୟା ତଥା ଅଲିମ୍ପିଆନ ନେହା ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ଦାସ, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ଯୁଗ୍ମ ସଚିବ ବିଜୟ ନାୟକ ଓ ଉପସଚିବ ସ୍ୱରୂପ ସାହୁ ଯୋଗ ଦେଇ ଏପରି ଏକ ପ୍ରତିଯୋଗିତା ଆୟୋଜନ ପାଇଁ ଏଜି ଓଡ଼ିଶାକୁ ପ୍ରଶଂସା କରିଥିଲେ।



ଅତିଥି ପ୍ଲେୟର୍ ଅଫ୍ ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ଲେଅଫ୍ ଆଶାରେ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୭।୨ (ଅନାଦି କର)**

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫସି ଶୁକ୍ରବାର ତା'ର ପରବର୍ତ୍ତୀ ଇଣ୍ଡିଆନ ସୁପର ଲିଗ (ଆଇଏସଏଲ) ମ୍ୟାଚରେ ମହମ୍ମଡାନ ଏସସିକୁ ଭେଟିବ। ପ୍ଲେଅଫରେ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ଥିବା ଓଡ଼ିଶା ଏଫସିକୁ ଏହି ମ୍ୟାଚରୁ ସମ୍ପୂର୍ଣ୍ଣ ୩ ପଏଣ୍ଟ ଦରକାର। ଦଳ ଏବେ ପଏଣ୍ଟ ଟେବୁଲରେ ୨୯ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି। ଓଡ଼ିଶା ଏଫସିର ପ୍ଲେଅଫ ଖେଳିବା ସ୍ୱପ୍ନ ଏବେ ବି ଉଜ୍ଜୀବିତ ରହିଛି। କିନ୍ତୁ ପ୍ଲେଅଫରେ ସ୍ଥାନ ପକ୍କା କରିବା ପାଇଁ ଦଳକୁ ତା'ର ଅନ୍ତିମ ଦୁଇ ଲିଗ ମ୍ୟାଚରେ ନିଶ୍ଚିତ ବିଜୟ ଦରକାର। ସସପେନସନ କାରଣରୁ ଫଲ, ଅହମ୍ମଦ ଜାହୋ ଓ ହୁଗୋ ବୌମୋଅସଙ୍କ ଭଳି ପ୍ରମୁଖ ଖେଳାଳିଙ୍କ ବିନା ସେର୍ଗିଓ ଲୋବେରାଙ୍କ ଦଳକୁ ମହମ୍ମଡାନ ବିପକ୍ଷ ମ୍ୟାଚରେ କଷ୍ଟକର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ମହମ୍ମଡାନ ଏଫସି ଓ ଓଡ଼ିଶା ଏଫସି ମଧ୍ୟରେ ପୂର୍ବରୁ ଖେଳାଯାଇଥିବା ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଚଳିତ ସିଜନରେ ସଂଘର୍ଷ କରୁଥିବା ମହମ୍ମଡାନ ଏଫସି ୧୧ ପଏଣ୍ଟ ସହ ପଏଣ୍ଟ ଟେବୁଲର ସର୍ବନିମ୍ନରେ ରହିଛି।

ଆମେ କିଛି ଖେଳାଳିଙ୍କ ଅନୁପସ୍ଥିତି ଅନୁଭବ କରିବୁ। କିନ୍ତୁ ଏବେ ବି ଆମ ପାଖରେ ଏକ ଦଳ ଅଛି। ମୋର ଆମ ଖେଳାଳିଙ୍କ ଉପରେ ଭରସା ଅଛି ଏବଂ ଯେଉଁମାନେ ଉପଲବ୍ଧ ଅଛନ୍ତି, ସେମାନଙ୍କୁ ଆମେ ପ୍ରାଥମିକତା ଦେବୁ। ହଁ, ଆମର କିଛି ଖେଳାଳି ସସପେଣ୍ଡ ହୋଇଛନ୍ତି। କିନ୍ତୁ ଆମକୁ ସମାଧାନ ଖୋଜିବାକୁ ପଡ଼ିବ। ଆମେ ଆମର ଗତ ୪ରୁ ୩ ମ୍ୟାଚରେ ୧୦ ଖେଳାଳିଙ୍କ ସହିତ ମ୍ୟାଚ ଖେଳିଛୁ। ଜଣେ କୋଚ ଭାବେ ଆମ ଦଳ ମ୍ୟାଚ ଲାଗି ପ୍ରସ୍ତୁତ ଥିବା ନିଶ୍ଚିତ କରିବି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ ଲୋବେରା କହିଛନ୍ତି। ସେହିଭଳି ଦଳୀୟ ଖେଳାଳି ରହିମ ଅଲୀ ପ୍ରକାଶ କରିଛନ୍ତି ଯେ, ଗତ ମ୍ୟାଚରେ ଆମ ଖେଳାଳିଙ୍କ ଏନର୍ଜି ଓ ମନୋଭାବ ଖୁବ ଭଲ ରହିଥିଲା। ଆମେ ତାହା ଜାରି ରଖିବୁ ଏବଂ ଭଲ ଫଳାଫଳ ଲାଗି ଆଶା ରଖିଛୁ। ଆମେ ଆମର ଅନ୍ତିମ ଘରୋଇ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ। ଆମକୁ ୩ ପଏଣ୍ଟ ଅଧିକାର କରିବା ପାଇଁ ଘରୋଇ ପ୍ରଶଂସକଙ୍କ ସମର୍ଥନ ଦରକାର।



ମୁଖ୍ୟ କୋଚ ସେର୍ଗିଓ ଲୋବେରାଙ୍କ ସହିତ ଖେଳାଳି ରହିମ ଅଲୀ।

## ଆଜିର ଚାମ୍ପିୟନ୍ସ ଟ୍ରଫି ମ୍ୟାଚ

ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ
ସ୍ଥାନ: ଲାହୋର ସମୟ: ଅପରାହ୍ନ ୨:୩୦
ପ୍ରସାରଣ: ସ୍ପୋର୍ଟ୍ସ-୧୮, ଷ୍ଟାର ସ୍ପୋର୍ଟ୍ସ

# ପାକିସ୍ତାନ ଅଭିଯାନ ଶେଷ

**ରାୱଲପିଣ୍ଡି, ୨୭।୨ (ପି.ଟି.):** ବାଂଲାଦେଶ ଓ ଆୟୋଜକ ପାକିସ୍ତାନ ମଧ୍ୟରେ ଗୁରୁବାର ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ବର୍ଷା ବାଧକ ସାଜିଥିଲା। ଲଗାଣ ବର୍ଷା ଯୋଗୁ ମ୍ୟାଚରେ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ମ୍ୟାଚ ରେଫରି ଧାର୍ଯ୍ୟ ସମୟଠାରୁ ଦୁଇ ଘଣ୍ଟା ଧରି ଅପେକ୍ଷା କରିବା ପରେ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏ ପଏଣ୍ଟ ପ୍ରଦାନ କରାଯାଇଛି। ଏଥିଯୋଗୁ ଆୟୋଜକ ପାକିସ୍ତାନ ବିନା ବିଜୟରେ ଚାମ୍ପିୟନ୍ସ ଟ୍ରଫି ଅଭିଯାନ ଶେଷ କରିଛି। ଉଭୟ ଦଳ ପ୍ରଥମ ଦୁଇ ମ୍ୟାଚରେ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ପୂର୍ବରୁ ବିଦାୟ ନେଇସାରିଥିଲେ। ଦୀର୍ଘ ୨୯ ବର୍ଷ ପରେ ଆଇସିସି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ପାକିସ୍ତାନ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିଲା। କିନ୍ତୁ ଦଳ ବିନା ବିଜୟରେ ଅଭିଯାନ ଶେଷ କରିଛି। ପାକିସ୍ତାନ ତା'ର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୬୦ ରନରେ ଏବଂ ଦ୍ୱିତୀୟ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା।

# ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ ଘୋଷିତ

**ଭୁବନେଶ୍ୱର, ୨୭।୨ (ଅନାଦି କର)**

ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୫ ତାରିଖରୁ ହେବାକୁ ଥିବା ୨୩ ବର୍ଷରୁ କମ ମହିଳା ଦିନିକିଆ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଲାଗି ଗୁରୁବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଆସନ୍ତା ୫ ତାରିଖରେ ତା'ର ପ୍ରଥମ ମ୍ୟାଚରେ ମେଘାଳୟକୁ ଭେଟିବ। ଏହାପରେ ଓଡ଼ିଶା ୭ରେ ସୌରାଷ୍ଟ୍ର, ୯ରେ ହରିୟାଣା, ୧୧ରେ କେରଳ ଓ ୧୩ରେ ପଞ୍ଜାବକୁ ଭେଟିବ। ସମସ୍ତ ମ୍ୟାଚ ପୁଡୁଚେରୀରେ ଖେଳାଯିବ।

ଓଡ଼ିଶା ଦଳ: ଅଲିସ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ ଅଧିନାୟିକା), ସୁଭ୍ରା ଏନ ସ୍ୱାଇଁ, ଜୟସି ନାୟକ, ତାନବି ରଞ୍ଜନା (ଉଇକେଟକିପର), ଅଙ୍କିତା ଗିରି, ଜି. ଏମ ଅଳକାନନ୍ଦା, କୁସୁମ ତିରିୟା, ଜ୍ୟୋତି କେ ପ୍ରସାଦ, ସ୍ୱର୍ଣ୍ଣଲତା ନାୟକ, ଭବାନୀ ଧାଡା, ସୋନାଲୀ ହେମ୍ବ୍ରମ, ନମ୍ରତା ସ୍ୱାଇଁ, ପ୍ରିୟଙ୍କା ବର୍ମା, କାଳାଂଶୀ ଧୃତିୟା ଓ ସୂର୍ଯ୍ୟାସାନ୍ତା ସ୍ୱାଇଁ।

# ନିରପେକ୍ଷ ଭେନ୍ୟୁରେ ଏସିଆ କପ୍ କ୍ରିକେଟ

**ନୂଆଦିଲ୍ଲୀ, ୨୭।୨ (ପି.ଟି.):** ଚଳିତବର୍ଷ ସେପ୍ଟେମ୍ବରରେ ଏସିଆ କପ୍ ସମ୍ଭବତଃ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯାଇପାରେ। କାରଣ ଭାରତ ଏହି ଟୁର୍ନାମେଣ୍ଟର ଆୟୋଜନ ଅଧିକାର ପାଇଛି। ଗତ ଅନ୍ତର୍ଜାତୀୟ ଦିନିକିଆ ଫର୍ମାଟରେ ଏସିଆ କପ୍ ୨୦୨୩ରେ ଭାରତରେ ଅନୁଷ୍ଠିତ ୫୦–ଓଭର ବିଶ୍ୱକପ୍ ପୂର୍ବରୁ ଖେଳାଯାଇଥିଲା। ସେପ୍ଟେମ୍ବରରେ ହେବାକୁଥିବା ଏହି ଟୁର୍ନାମେଣ୍ଟ ୟୁଏଇ କିମ୍ବା ଶ୍ରୀଲଙ୍କାରେ ଖେଳାଯିବ ବୋଲି ଏସିଆନ କ୍ରିକେଟ କାଉନ୍ସିଲ ସୂତ୍ରରୁ ପ୍ରକାଶ।

# ଯୌତୁକ ନିର୍ଯାତନା ମାମଲା କଲେ ବକ୍ସର ସ୍ୱିଟି


ସ୍ୱାମୀ ଦୀପକ ହୁଡାଙ୍କ ସହ ସ୍ୱିଟି ବୁରା।

**ଚଣ୍ଡିଗଡ଼, ୨୭।୨ (ପି.ଟି.)**

ଅର୍ଜୁନ ପୁରସ୍କାର ବିଜେତା ଓ ପୂର୍ବତନ ବିଶ୍ୱ ଚାମ୍ପିୟନ ବକ୍ସର ସ୍ୱିଟି ବୁରା ଏସିଆଡ୍ ବ୍ରୋଞ୍ଜ ବିଜୟୀ କବାଡ଼ି ଖେଳାଳି ତଥା ସ୍ୱାମୀ ଦୀପକ ହୁଡାଙ୍କ ନାମରେ ଏକ ଯୌତୁକ ନିର୍ଯାତନା ମାମଲା ଦାଏର କରିଛନ୍ତି। ଦୀପକ ଓ ତାଙ୍କ ପରିବାର ଯୌତୁକ ପାଇଁ ତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଦୁହେଁ ୨୦୨୨ରେ ବିବାହ କରିଥିଲେ। ହରିୟାଣା ରାଜ୍ୟର ହିସାର ବାସିନ୍ଦା ହୁଡା ମଧ୍ୟ ଜଣେ ଅର୍ଜୁନ ପୁରସ୍କାର ବିଜେତା। ସ୍ୱିଟି ବୁରା ଫେବୃଆରୀ ୨୫ରେ ହିସାରସ୍ଥିତ ମହିଳା ପୋଲିସ ଥାନାରେ ଏକ ଏଫ୍ଆଇଆର୍ ଦେଇଥିଲେ। ଥାନା ଅଧିକାରୀ କହିଛନ୍ତି, ହୁଡାଙ୍କୁ ୨–୩ ଥର ନୋଟିସ ଦିଆଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଥାନାରେ ହାଜର ହେଉନାହାନ୍ତି। ସ୍ୱିଟି ବୁରାଙ୍କୁ ଏହି ପ୍ରସଙ୍ଗରେ ପଚରାଯିବାରେ ସେ କୌଣସି ଟିପ୍ପଣୀ ଦେବାକୁ ମନା କରିଦେଇଛନ୍ତି। ସ୍ୱିଟି ଥାନାରେ କରିଥିବା ଅଭିଯୋଗ ଅନୁସାରେ ଦୀପକ ଯୌତୁକରେ ଏକ ବିଳାସପୂର୍ଣ୍ଣ କାର୍ ଦାବି କରୁଛନ୍ତି। ସେ ଆହୁରି ମଧ୍ୟ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ ଅଧୀନରେ ଏହି ମାମଲା ରୁଜୁ ହୋଇଛି। ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟ ଦ୍ୱାରା ନିଷ୍ଠୁରତା ପ୍ରଦର୍ଶନ କଲେ ଏହି ମାମଲା ରୁଜୁ ହୋଇଥାଏ। ସୂଚନାଯୋଗ୍ୟ, ହୁଡା ୨୦୨୪ରେ ରୋହତକ ଜିଲାର ମେହମ ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ହାରିଯାଇଥିଲେ। ସେ ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ଜିତିଥିବା ଭାରତୀୟ କବାଡ଼ି ଦଳର ଜଣେ ସଦସ୍ୟ ଥିଲେ। ସେ ଆହୁରି ମଧ୍ୟ ପ୍ରୋ–କବାଡ଼ି ଲିଗ୍‌ରେ ଭାଗ ନେଇଥିଲେ।

# ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେଲେ ପିଟରସନ

**ନୂଆଦିଲ୍ଲୀ, ୨୭।୨ (ପି.ଟି.):** ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ପାଇଁ ପୂର୍ବତନ ଇଂଲଣ୍ଡ ଅଧିନାୟକ କେଭିନ ପିଟରସନ ଦିଲ୍ଲୀ କ୍ୟାପିଟାଲ୍ସର ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଏହି ୪୪ ବର୍ଷୀୟ ୨୦୧୪ରେ ଦଳର ଅଧିନାୟକ ଥିଲେ। ଆଇପିଏଲ୍‌ରେ ସେ ପ୍ରଥମ ଥର କୋଚିଂ ଦାୟିତ୍ୱ ନିର୍ବାହ କରିବାକୁ ଯାଉଛନ୍ତି। ପିଟରସନ ଏହି ଟି୨୦ ଲିଗ୍‌ରେ ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଜଣେ ଖେଳାଳି ଭାବେ ସ୍ଥାନ ପାଇଥିଲେ। ତାଙ୍କର ୨୦୦ ଟି୨୦ ମ୍ୟାଚର ଅଭିଜ୍ଞତା ରହିଛି। ପିଟରସନ ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ସନରାଇଜର୍ସ ହାଇଦ୍ରାବାଦ ଓ ପୁଣେ ଫ୍ରାଞ୍ଚାଇଜ୍ ତରଫରୁ ମୋଟ ୩୬ ଆଇପିଏଲ୍ ଗେମ୍ ଖେଳି ୧୦୦୧ ରନ ସଂଗ୍ରହ କରିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସରେ ସେ ହେମାଙ୍ଗ ବଦାନୀଙ୍କ ସହ ଯୋଗଦେବେ। ବଦାନୀ ଗତବର୍ଷ ଅକ୍ଟୋବରରେ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ସେହିପରି ମାଥ୍ୟୁ ମଟ୍ ଦଳର ସହକାରୀ କୋଚ୍, ମୁନାଫ ପଟେଲ ବୋଲିଂ କୋଚ୍ ଏବଂ ବେନୁଗୋପାଲ ରାଓ ଦଳର କ୍ରିକେଟ ନିର୍ଦ୍ଦେଶକ ରହିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ଥରେ ହେଲେ ଆଇପିଏଲ୍ ଟାଇଟଲ ଜିତିପାରି ନାହିଁ। ୨୦୨୦ରେ ସେମାନେ ଫାଇନାଲରେ ପ୍ରବେଶ କରି ମୁମ୍ବାଇ ଇଣ୍ଡିଆନ୍ସ ନିକଟରୁ ହାରିଯାଇଥିଲେ।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଗଗନେନ୍ଦୁଙ୍କୁ ଗୁରୁଦାୟିତ୍ୱ

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**



ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍ଆଇଏସ୍ୟୁ) ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜର୍ମାନୀରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଭାରତୀୟ ପ୍ରତିନିଧି ଦଳର ଉପମୁଖ୍ୟ ମନୋନୀତ ହୋଇଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ମାନେ ୧୮ଟି କ୍ରୀଡ଼ା ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପୂର୍ବରୁ ଜର୍ମାନୀର ଡୁସେଲଡର୍ଫରେ ଏପ୍ରିଲ ୬ରୁ ୧୧ ପର୍ଯ୍ୟନ୍ତ ସ୍ପ୍ରିଙ୍ଗ୍ ବୈଠକ ଅନୁଷ୍ଠିତ ହେବ। ଆଗକୁ ଆସୁଥିବା ଗେମ୍ସ ସମ୍ପର୍କରେ ପ୍ରସ୍ତୁତି ପାଇଁ ହେବାକୁଥିବା ଏହି ବୈଠକରେ ଗଗନେନ୍ଦୁ ପ୍ରତିନିଧି ଦଳର ମୁଖ୍ୟ ଭାବେ ଯୋଗଦେବେ। ଏପରି ଗୁରୁଦାୟିତ୍ୱ ପାଇବା ଗଗନେନ୍ଦୁଙ୍କ ପାଇଁ ନୂଆ କଥା ନୁହେଁ। ୨୦୨୩ରେ ଚାଇନାର ଚେଙ୍ଗଡୁରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସେ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଏଥିରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ୨୬ ପଦକ ପାଇଥିଲା। ଫଳରେ ୧୧୩ ଦେଶ ମଧ୍ୟରେ ଭାରତ ୭ମ ସ୍ଥାନ ଅଧିକାର କରିଥିଲା। ୨୦୧୯ରେ ନାପୋଲିରେ ଅନୁଷ୍ଠିତ ଗେମ୍ସରେ ସେ ଭାରତୀୟ ପ୍ରତିନିଧି ଦଳର ଉପମୁଖ୍ୟ ଥିଲେ। ସେହିପରି ୨୦୧୭ରେ ଚାଇନିଜ୍ ତାଇପେରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସେ ପ୍ରତିନିଧି ଦଳର ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜର୍ମାନୀରେ ଏଥର ଭାରତ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବ ବୋଲି ଗଗନେନ୍ଦୁ ଦୃଢ଼ ଆଶା ପୋଷଣ କରିଛନ୍ତି।

# ଯୁବା ବାସ୍କେଟବଲ ଜର୍ସି, ଟ୍ରଫି ଉନ୍ମୋଚିତ



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟ୍ରଫି ଓ ଜର୍ସି ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

ସନ୍‌ସାଇନ୍ ଯୁବ ଆସୋସିଏଶନ ଆନୁକୂଲ୍ୟରେ ୧୪ଶ ଓପନ ବାସ୍କେଟବଲ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଇମ୍ପାପାର୍କ ବାସ୍କେଟବଲ କୋର୍ଟରେ ଏହା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଲିଗ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଭାଗ ନେଉଥିବା ଦଳଗୁଡ଼ିକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଚାମ୍ପିୟନ ଦଳକୁ ଆକର୍ଷଣୀୟ ଟ୍ରଫି ସହ ୩୦,୦୦୦ ଓ ରନରଅପ୍ ଦଳକୁ ୨୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ଉପଦେଷ୍ଟା ସରୋଜ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଆଜିଠୁ ଆରମ୍ଭ, ଭାଗନେବେ ୧୨ ଦଳ

ପ୍ରତିଯୋଗିତା ମାଧ୍ୟମରେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ବାସ୍କେଟବଲର ପ୍ରଚାର ଓ ପ୍ରସାର ଏପରି ଏକ ଟୁର୍ନାମେଣ୍ଟ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଭାପତି ବିଶ୍ୱଜିତ ମହାନ୍ତି କହିଛନ୍ତି। ପ୍ରତିଯୋଗିତା ପାଇଁ ଗ୍ରୁପ୍ 'ଏ'ରେ ଛତିଶଗଡ଼ର କ୍ଲାଇମେଟ ଏକ୍ସଚେଞ୍ଜ ବିଭାଗ ସହିତ ଅଲ୍ ଷ୍ଟାର ୨୩ ଓ ପଶ୍ଚିମବଙ୍ଗର ମେଟ୍ରୋ ରେଲୱେ, ଗ୍ରୁପ୍ 'ବି'ରେ ଆୟୋଜକ ଯୁବା ବାସ୍କେଟବଲ କ୍ଲବ, ଆଉଟଲଜ୍ ଓ ଉଲ୍‌ଫ୍ସ ପ୍ୟାକ୍, ଗ୍ରୁପ୍ 'ସି'ରେ ଭିଲାଇର ସିଜି–୧୦, ଭୁବନେଶ୍ୱରର ଓ୍ୱା ବଲର୍ସ ଓ ପାନ୍ଥର୍ସ ଏବଂ ଗ୍ରୁପ୍ 'ଡି'ରେ ବିଳାସପୁରର ନିକେତନ ସ୍ପୋର୍ଟ୍ସ, ଝାଡ଼ଖଣ୍ଡର ଜେଏନ୍‌ବିଏ ଏବଂ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସ୍ଥାନ ପାଇଛି। ଟୁର୍ନାମେଣ୍ଟ ଅବସରରେ ଜାତୀୟ ସ୍ତରର ବାସ୍କେଟବଲ ଖେଳାଳି ଓମ୍ ସ୍ଥିତପ୍ରଜ୍ଞ, ପାରା ଜାଭେଲିନ୍‌ଥ ତାରକା କମଳାକାନ୍ତ, ଏସିଆନ କରାଟେକା ଅନ୍ୱେଷା ସୁବୁଦ୍ଧି ଓ ଜୁନିୟର ଏନ୍‌ବିଏ ବାସ୍କେଟବଲ ଖେଳାଳି ବାଦଲ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, କର୍ପୋରେଟର ରାଜ କିଶୋର ଦାଶ, ଟୁର୍ନାମେଣ୍ଟ ସଂଯୋଜକ ଆଦର୍ଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମିଥୁନ ବିଷୋଇ, ମନୋରଞ୍ଜନ ଗରାବଡୁ, ସିଦ୍ଧାର୍ଥ ଦାଶ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନାଭାରାଙ୍କ ସହ ଡ୍ର’ ରଖିଲେ ପ୍ରଜ୍ଞାନନ୍ଦ

**ପ୍ରାଗ୍, ୨୭।୨ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ଚେକ୍ ରିପବ୍ଲିକର ଡେଭିଡ ନାଭାରାଙ୍କ ସହ ତାଙ୍କ ଗେମ୍ ଡ୍ର’ ରଖି ପଏଣ୍ଟ ବଣ୍ଟାଆରା କରିଛନ୍ତି। ଅନ୍ୟଜଣେ ଭାରତୀୟ ଅରବିନ୍ଦ ଚିଥାମ୍ବରମ ଅନ୍ୟ ଜଣେ ସ୍ଥାନୀୟ ଷ୍ଟାର ଖେଳାଳି ଏନ୍‌ଗୁୟେନ ଥାଇ ଦାଇ ଭାନଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ବିଶ୍ୱଚାମ୍ପିୟନଶିପ୍ ବେଳେ ଡି. ଗୁକେଶଙ୍କ ଟିମ୍‌ର ଅଂଶବିଶେଷ ଥିବା ଜର୍ମାନୀର ଭିନ୍‌ସେଣ୍ଟ କେମର ଟପ୍ ସିଡ୍ ଚାଇନାର ୱି ୟି'ଙ୍କୁ ପରାସ୍ତ କରି ଟୁର୍ନାମେଣ୍ଟରେ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ରାଉଣ୍ଡରେ ବିଜୟ ଲାଭ କରିଥିବା ଅନ୍ୟ ଜଣେ ଖେଳାଳି ହେଲେ ସାମ୍ ଶନକଲାଣ୍ଡ। ସେ ତୁର୍କୀର ଗୁରେଲ ଏଡିଜ୍‌ଙ୍କୁ ହରାଇ ଦେଇଛନ୍ତି।


**ଘୋଷଣା।**

**୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ**

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | – | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | – | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – | ଆଦ୍ୟାଶା ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – | ଆଦ୍ୟାଶା ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – | ତଥାଗତ ସତପଥୀ |
| | ଜାତୀୟତା | – | ଭାରତୀୟ |
| | ଠିକଣା | – | ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ଆଦ୍ୟାଶା ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ଆଦ୍ୟାଶା ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୫


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ